

# ଉତ୍କଳ ପ୍ରସଙ୍ଗ

Vol. XL V No. 3/4 UTKAL PRASANGA Regd. No. O-05/89
Licence No. C. R. N. P. 5—Licensed to post without Pre-Payment



ନୂଆଦିଲ୍ଲୀସ୍ଥିତ ଜବାହରଲାଲ୍ ନେହେରୁ ଷ୍ଟାଡ଼ିୟମରେ ଭାରତୀୟମ୍ ଉତ୍ସବ ୧୪ ନଭେମ୍ବର ୧୯୮୯

# ଉତ୍କଳ ପ୍ରସଙ୍ଗ

ମାର୍ଗଶିର ୧୯୧୧ ଶକାବ୍ଦ ୪୬ ଭାଗ ୫ମ ସଂଖ୍ୟା ଡିସେମ୍ବର ୧୯୮୯

**ସମ୍ପାଦନା ମଣ୍ଡଳୀ**

ନିର୍ଦ୍ଦେଶକ : ଶ୍ରୀ ଅଜିତ୍ କୁମାର ତ୍ରିପାଠୀ

ସମ୍ପାଦକ : ଶ୍ରୀ ବିଶ୍ୱଜିତ୍ ଦାସ

ସହ ସମ୍ପାଦକ : ପ୍ରହରାଜ ସତ୍ୟନାରାୟଣ ନନ୍ଦ

ସମ୍ପାଦନା ସହଯୋଗୀ : ଶ୍ରୀ ଶରତଚନ୍ଦ୍ର ସାମନ୍ତରାୟ

**ପ୍ରଚ୍ଛଦପଟ୍ଟ**

ଶ୍ରୀ ଅନନ୍ତ କୁମାର ପାଣ୍ଡେ

**ମୁଖ୍ୟ ସମ୍ପାଦକ**

ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ

**ପ୍ରକାଶନ :** ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

ବାର୍ଷିକ ଦେୟ : ଟ ୨୦.୦୦

ପ୍ରତି ଖଣ୍ଡ : ଟ ୨.୦୦

Type setting by Photo Type Setter process.

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଗୁଡ଼ିକ ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠବୋଲି ଭାବିବା ଉଚିତ ନୁହେଁ ।

**'ଉତ୍କଳ ପ୍ରସଙ୍ଗ'** ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ହେଁ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସମ୍ବନ୍ଧରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

**ମୁଦ୍ରଣ :** ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

# ସୂଚୀପତ୍ର


| | | |
|---|---|---|
| ଧର୍ମ ନିରପେକ୍ଷ ଭାରତବର୍ଷ | ଶ୍ରୀ ରାଜ କିଶୋର ରାୟ | ୧ |
| ଅବତାର ବରିଷ୍ଠାୟ | ମହାପାତ୍ର ନୀଳମଣି ସାହୁ | ୩ |
| ଭାରତୀୟ ସଂସ୍କୃତିବୋଧ | ଶ୍ରୀ ଗୋପାଳ ଚନ୍ଦ୍ର ମିଶ୍ର | ୮ |
| କେନ୍ଦୁପତ୍ର ଜାତୀୟକରଣ | ଶ୍ରୀ ଭାସ୍କର ଚନ୍ଦ୍ର ମହାପାତ୍ର | ୧୦ |
| ଶିକ୍ଷା ଓ ସେବା | ପ୍ରହରାଜ ସତ୍ୟନାରାୟଣ ନନ୍ଦ | ୧୪ |
| ଆଦିବାସୀ ଜୀବନଦର୍ଶନ ଓ ସଂସ୍କୃତି | ଡ: ଅମୂଲ୍ୟ ମହାପାତ୍ର | ୧୮ |
| ବିଦ୍ରୋହୀ ରାଜା ସୋମନାଥ ସିଂହ | ଡ: ଜଗନ୍ନାଥ ମହାନ୍ତି | ୨୧ |
| ସାର୍ଥକ ସ୍ୱପ୍ନ | | ୨୬ |
| ସମ୍ବାଦ ପରିକ୍ରମା | | ୨୮ |
| ଉପାନ୍ତ ଅଞ୍ଚଳର ଲୋକଗୀତ "ଲରିଅ" | ଶ୍ରୀ ଅଭିମନ୍ୟୁ ପ୍ରଧାନ | ୩୨ |
| ଗ୍ରାମେ ଗ୍ରାମେ ପରିବେଶ | ଡ: ନାରାୟଣ ହଜାରୀ ଏବଂ ଡ: ସୁବାସ ଚନ୍ଦ୍ର ହଜାରୀ | ୩୬ |
| ଓଡିଶାରେ ମତ୍ସ୍ୟ ବଂଶ | ଡ: ସତ୍ୟନାରାୟଣ ରାଜଗୁରୁ | ୩୯ |
| ସର୍ବନିମ୍ନ ମଜୁରୀ ଆଇନ୍ : ପ୍ରୟୋଜନ ଓ ପରିପାଳନ | ଶ୍ରୀ ମୁରାରି ଜେନା | ୪୧ |

# ମୋ ଦୃଷ୍ଟିରେ ....

ଶୀତ କାଳର ମଧ୍ୟ ଭାଗରେ "ଉତ୍କଳ ପ୍ରସଙ୍ଗ" ବିଭିନ୍ନ ପ୍ରବନ୍ଧର ସମାହାର ନେଇ ଏବଂ ପାଠକ ପାଠିକାମାନଙ୍କୁ ଅଭିନନ୍ଦନ ଜଣାଇ ଆଉ ଥରେ ଆତ୍ମ ପ୍ରକାଶ କରୁଅଛି ।

ଏହି ସଂଖ୍ୟା ପରିବେଶ, ଇତିହାସ, ଶିକ୍ଷା, ଆଦିବାସୀ ଜୀବନ, ଦର୍ଶନ ତଥା ସଂସ୍କୃତି ବିଷୟରେ ଲବ୍ଧ ପ୍ରତିଷ୍ଠ ଲେଖକମାନଙ୍କର ପ୍ରବନ୍ଧ ନେଇ ପରିପୁଷ୍ଟ ।

ବ୍ୟକ୍ତିଗତ ଭାବରେ ଏହି ସଂଖ୍ୟାଟି ମୁଖ୍ୟ ସମ୍ପାଦକଙ୍କର ଅନ୍ତିମ ସଂଖ୍ୟା । ଦୀର୍ଘ ଆଠ ବର୍ଷ ଧରି "ଉତ୍କଳ ପ୍ରସଙ୍ଗ"କୁ ଓଡ଼ିଶାର ଏକ ଶ୍ରେଷ୍ଠ ପତ୍ରିକା ଭାବରେ ପ୍ରତିଷ୍ଠା କରିବାକୁ ମୋର ଉତ୍ସାହ ଓ ଚେଷ୍ଟାର ଏଇଥର ଇତିଶ୍ରୀ । ଏହି ଆଠ ବର୍ଷ ଭିତରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କର ପ୍ରବନ୍ଧ ନିୟମିତ ଭାବରେ ପ୍ରତି ସଂଖ୍ୟାରେ ପ୍ରକାଶିତ ହୋଇଛି । ଏତଦ୍ ବ୍ୟତୀତ ଓଡ଼ିଶାର ଲବ୍ଧ ପ୍ରତିଷ୍ଠ ଓ ଖ୍ୟାତନାମା ସାହିତ୍ୟିକମାନଙ୍କର ପ୍ରବନ୍ଧ, କବିତା ଓ ରମ୍ୟ ରଚନା ଦ୍ୱାରା ଉତ୍କଳ ପ୍ରସଙ୍ଗର କାର୍ଯ୍ୟ ପରିପୁଷ୍ଟ ହୋଇଅଛି । ଅଗଣିତ ପାଠକ ପାଠିକାଙ୍କର ସୌହାର୍ଦ୍ଦ୍ୟ ଓ ଶ୍ରଦ୍ଧା ମୋର ଅନ୍ତରକୁ ପରିପୂର୍ଣ୍ଣ କରି ଦେଇଛି, ଶାରଦ ପୂର୍ଣ୍ଣିମାର ଚନ୍ଦ୍ର ଯେପରି ସାଗର ବକ୍ଷକୁ ପୂର୍ଣ୍ଣତା ଦାନ କରେ ଏବଂ ସେଥି ନିମନ୍ତେ ମୁଁ ସମସ୍ତଙ୍କ ନିକଟରେ କୃତଜ୍ଞ । ଶୁଭମସ୍ତୁ ।

# ଧର୍ମ ନିରପେକ୍ଷ ଭାରତବର୍ଷ

ଶ୍ରୀ ରାଜକିଶୋର ରାୟ

ଶତାବ୍ଦୀର ଶେଷ ପ୍ରାନ୍ତରେ ଧର୍ମାନ୍ଧତା ଯେନି ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଗଣହତ୍ୟା ଅନୁଷ୍ଠିତ ହେଉଛି । ଭାରତ ଶିକ୍ଷା ଦେଇ ଆସିଛି ଐକ୍ୟ ଓ ସଂହତି । ଦେଖାଯାଉଛି ଭାରତ ଯଦି ଧର୍ମ ନିରପେକ୍ଷତା ରକ୍ଷା ନକରି ପାରେ, ତେବେ ସେ ଧରାପୃଷ୍ଠରୁ ନିଶ୍ଚିହ୍ନ ହୋଇଯିବ ।

ଭାରତ ଏକ ମହାନ୍ ଦେଶ । ସବୁ ନଦୀ ସାଗର ସଙ୍ଗମରେ ଲୀନ ହୋଇଯିବା ଭଳି ଭାରତର ଜାତି, ସମ୍ପ୍ରଦାୟ, ଗୋଷ୍ଠୀ, ବିଭିନ୍ନ ଧର୍ମାବଲମ୍ବୀ, ବିଭିନ୍ନ ଭାଷାଭାଷୀ ଓ ବିଭିନ୍ନ ସଂସ୍କୃତିର ଉପାସକ ଏକତ୍ର ସହାବସ୍ଥାନ କରୁଛନ୍ତି । ଏହା ଏକ ବିଚିତ୍ର ଲୀଳା । ଏହି ବୈଚିତ୍ର୍ୟ ମଧ୍ୟରେ ଐକ୍ୟର ପ୍ରତିଷ୍ଠା ଭାରତର ଜୀବନ ଦର୍ଶନ । ଈଶ୍ୱରଙ୍କୁ ଭଜନ କରିବା ପାଇଁ ବହୁ ସରଣୀ ରହିଛି । ସତ୍ୟ, ସବୁ ଧର୍ମରେ ସତ୍ୟ । ସତ୍ୟର ବିନାଶ ନାହିଁ । କୌଣସି ଧର୍ମ ପଶୁତ୍ୱକୁ, ହିଂସାକୁ, ମିଥ୍ୟାକୁ ଆଶ୍ରୟ କରି ପ୍ରଚାର କରେ ନାହିଁ । ସତ୍ୟହିଁ ଈଶ୍ୱର, ଈଶ୍ୱରହିଁ ସତ୍ୟ, ସେ ଶ୍ରୀକୃଷ୍ଣ, ଯୀଶୁ, ମହମ୍ମଦ, ଯେ ହୁଅନ୍ତୁ, ବିଭିନ୍ନ ଉପାସନା ପନ୍ଥାରେ ଅଗ୍ରସର ହୋଇ ମୋକ୍ଷ ପ୍ରାପ୍ତି ହିଁ ମଣିଷ ଜୀବନର ଚରମ ଲକ୍ଷ୍ୟ ।

ସମାଜ ଆମର ବହୁ ଧର୍ମର ସମାଜ । ଭାଷା ଅନେକ, ସଂସ୍କୃତି ଅନେକ, ଚେତନା ଅନେକ । ମାତ୍ର ବହୁ ଜାତିର ସମାଜ ନୁହେଁ । ଆମର ଜାତି ମହାଭାରତୀୟ ଜାତି, ସେଥିରେ ଅଛନ୍ତି, ଆଦିବାସୀ, ବ୍ରାହ୍ମଣ, ଋଷି, ତପସ୍ୱୀ ସମସ୍ତେ ଅନ୍ତର୍ଭୁକ୍ତ । ଆଜିର ବିଶ୍ୱର ଗୁରୁପଦରେ ପ୍ରତିଷ୍ଠିତ ଏକମାତ୍ର ଭାରତବର୍ଷ । ଶ୍ରୀ ରାମକୃଷ୍ଣ, ବିବେକାନନ୍ଦ, ଅରବିନ୍ଦ ଭାରତବର୍ଷକୁ ବିଶ୍ୱର ଗୁରୁପଦରେ ରଖିଛନ୍ତି କେବଳ ତାହାର ଆଧ୍ୟାତ୍ମିକ ଚିନ୍ତନ ଯୋଗୁଁ । ସେ ପ୍ରଭୁରାଷ୍ଟ୍ର ଭଳି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ତାହା ସହିତ ସମକକ୍ଷ ହେବ ନାହିଁ, କି ଧନର ପରିମାପରେ ସେ ପାଶ୍ଚାତ୍ୟ ରାଷ୍ଟ୍ରଙ୍କ ସହିତ ଏକାଠି ହୋଇପାରିବ ନାହିଁ । ତଥାପି ଆଧୁନିକ ବୈଜ୍ଞାନିକ ବୈଷୟିକ ଜ୍ଞାନ ଗବେଷଣାରେ ସେ ପଛରେ ପଡ଼ିନାହିଁ ।

ଆଧୁନିକ ଯୁଗରେ ପ୍ରକୃତ ଶାନ୍ତି ନିର୍ଭରଶୀଳ ହୋଇ ରହିଛି ଅହିଂସା, ସହିଷ୍ଣୁତା, କରୁଣା, ପରଦୁଃଖ କାତରତା, ବୁଝାମଣା ତଥା ବିଭିନ୍ନ ଦର୍ଶନତତ୍ତ୍ୱ ଏବଂ ଜୀବନର ବିଭିନ୍ନ ମାର୍ଗ ମଧ୍ୟରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନତା । ବିଶ୍ୱ ଆଜି ଆବଶ୍ୟକ କରୁଛି ଅନୈକ୍ୟରେ ଐକ୍ୟ ଭାବ । ଭାରତର ଧର୍ମ ନିରପେକ୍ଷତା ହେଉଛି ବିଶ୍ୱର ଏକ ପ୍ରୟୋଜନ, କାରଣ ମାନବିକ ଉଦ୍‌ବର୍ତ୍ତନରୁ ବିଶ୍ୱର ଧର୍ମ ନିରପେକ୍ଷତା ହେଉଛି ଅବିଚ୍ଛେଦ୍ୟ । ଆନ୍ତର୍ଜାତିକ ପରସ୍ପର ନିର୍ଭରଶୀଳତାରୁ ଏହାକୁ ବିଚ୍ଛିନ୍ନ କରିହେବ ନାହିଁ । ମାନବିକ ଇତିହାସ ବହୁବାର ରକ୍ତରଞ୍ଜିତ ହୋଇଛି ସଂକୀର୍ଣ୍ଣ ମନୋଭାବାପନ୍ନ ଜାତୀୟତାବାଦଗୁଡ଼ିକ ଦ୍ୱାରା । ଏହାର କାରଣ ହେଲା ଜାତି ସହିତ ସମ୍ପ୍ରଦାୟକୁ ସମାନ କରିବା ଇଚ୍ଛା । ଜାତି ସହିତ ଧର୍ମକୁ, ଜାତି ସହିତ ଭାଷାକୁ ଓ ଜାତି ସହିତ ଜାତିଗତ ଭାବନାକୁ ସମାନ କରିବା ପ୍ରଚେଷ୍ଟାରେ ସବୁ ବିପନ୍ନ ହୋଇଯାଉଛି ।

ଭାରତର ଇତିହାସରେ ଦେଖିବାକୁ ମିଳେ ଯେ ଧର୍ମ ନିରପେକ୍ଷତା, ସହିଷ୍ଣୁତା ଓ ପରଦୁଃଖ କାତରତା ଶକ୍ତିଗୁଡ଼ିକ ସହିତ ସାମ୍ପ୍ରଦାୟିକତା, ମୌଳିକବାଦ ଓ ଧର୍ମାନ୍ଧତା ଶକ୍ତିଗୁଡ଼ିକର ସମୟେ ସମୟେ ସଂଘର୍ଷ ଘଟିଛି ଏବଂ ଶେଷରେ ଧର୍ମ ନିରପେକ୍ଷତାର ବିଜୟ ହୋଇଛି । ଧର୍ମ ନିରପେକ୍ଷତା କ'ଣ ? ଆମର ଆଧ୍ୟାତ୍ମିକ ଭାବନା ଆମ ସଂସ୍କୃତିର ପ୍ରଧାନ ଅଙ୍ଗ । ଆମର ନୈତିକ ମୂଲ୍ୟବୋଧ, ଉଚ୍ଚ ଆଦର୍ଶ, ଉଚ୍ଚମାନ, ଉଚ୍ଚ ଲକ୍ଷ୍ୟ ଓ ଶ୍ରେଷ୍ଠ ପରମ୍ପରାର ମୂଳ ଉତ୍ସ ହେଲା ଆମର ଆଧ୍ୟାତ୍ମିକତା । ଧର୍ମ ନିରପେକ୍ଷତାର ପ୍ରଧାନ ନୀତି ହେଉଛି – ସବୁ ଧର୍ମକୁ ସମାନ ଭାବରେ ସମ୍ମାନ ପ୍ରଦର୍ଶନ କରିବା । ସର୍ବ ଧର୍ମ ସମ ଭାବ । ଆମର ଦ୍ୱିତୀୟ ନୀତି ହେଉଛି : ସବୁ ଧର୍ମକୁ ସମାନ ଦୃଷ୍ଟିରେ ଦେଖିବା ଓ ସମାନ ଭାବରେ ସମ୍ମାନ ପ୍ରଦର୍ଶନ କରିବା । ଆମର ବିଶ୍ଳେଷଣ ଭାବ ଚେତନାରେ କେଉଁ ଧର୍ମ ନ୍ୟୁନ ନୁହେଁ କି କେଉଁ ଧର୍ମ ଶ୍ରେଷ୍ଠ ନୁହେଁ । ଭାରତରେ କୌଣସି ଗୋଟିଏ ଧାର୍ମିକ ସମ୍ପ୍ରଦାୟକୁ ସ୍ୱତନ୍ତ୍ର ସୁବିଧା ଦିଆଯାଏ ନାହିଁ । ଭାରତବର୍ଷରେ ହିନ୍ଦୁଧର୍ମାବଲମ୍ବୀଙ୍କ ସଂଖ୍ୟା ସବୁଠାରୁ ବେଶୀ । କିନ୍ତୁ ସ୍ୱତନ୍ତ୍ର ସୁବିଧା କି ସ୍ୱତନ୍ତ୍ର ବିଷୟକୁ ଏଥିପାଇଁ ସ୍ଥାନ ଦିଆଯାଏ ନାହିଁ । ଦେଶ ଧର୍ମଠାରୁ ଊର୍ଦ୍ଧ୍ୱରେ । ଧର୍ମ ଜୀବନ ଯାପନ ମଣିଷର ବ୍ୟକ୍ତିଗତ ଇଚ୍ଛା । ଜଣେ ଭାରତୀୟ ତାର ଇଚ୍ଛାନୁସାରେ ଯେ କୌଣସି ଧର୍ମକୁ ଗ୍ରହଣ କରିପାରେ, ଯେ କୌଣସି ଧର୍ମର ପ୍ରଚାର କରିପାରେ । ସେଥିରେ ଦେଶର କିଛି ଯାଏ ଆସେ ନାହିଁ । ସମସ୍ତଙ୍କୁ ସମାନ ସୁଯୋଗ ଦେବା, ସୁରକ୍ଷା ପ୍ରଦାନ କରିବା, ସମସ୍ତଙ୍କୁ ସମାନ ଉପକାର ମିଳିବା ଦିଗରେ ଧ୍ୟାନ ଦେବା ହେଉଛି

ଦେଶର ଦାୟିତ୍ୱ । ଦେଶ ପାଇଁ ସବୁ ଭାରତୀୟ ସମାନ, ଏଥିରେ ପାଟେର ଅନ୍ତର ନାହିଁ ।

ତୃତୀୟ ନୀତି ହେଉଛି : ଧର୍ମର ଉଚ୍ଚ ମୂଲ୍ୟବୋଧ । କିନ୍ତୁ ଏ ମୂଲ୍ୟବୋଧ ବ୍ୟକ୍ତିଗତ ଜୀବନରେ ବ୍ୟକ୍ତିକେନ୍ଦ୍ରିକ ହୋଇ ସୀମିତ ରହିବ । ରାଜନୀତି ସେତିକିବେଳେ କଳୁଷିତ ହୁଏ, ଯେତେବେଳେ ସେଥିରେ ଧର୍ମକୁ ସ୍ଥାନ ଦିଆଯାଏ । ରାଜନୀତିକୁ ଧର୍ମ ସହିତ ଜଡ଼ିତ କରିବା ହେଉଛି ଆମ ସଭ୍ୟତା ଓ ପରମ୍ପରାର ବିରୋଧୀ, ଆମ ସମ୍ବିଧାନର ପରିପନ୍ଥୀ ଓ ଦେଶର ଉଦ୍‌ବର୍ତ୍ତନର ଲଙ୍ଘନ । ୧୮୫୭ରୁ ୧୯୪୦ ଯାଏ ଯେଉଁ ସ୍ୱାଧୀନତା ସଂଗ୍ରାମ ଚାଲିଥିଲା, ସେତେବେଳେ କେବଳ ସାମ୍ପ୍ରଦାୟିକତା ମନୋଭାବାପନ୍ନ ଲୋକଙ୍କ ବ୍ୟତୀତ, ଆଉ ସମସ୍ତେ ଭାରତକୁ ମୁକ୍ତ କରିବା ପାଇଁ ଐକ୍ୟବଦ୍ଧ ଭାବରେ ସଂଗ୍ରାମ ଚଳାଇଥିଲେ ।


ଭାରତଛାଡ଼ ଆନ୍ଦୋଳନ ବେଳେ ସବୁ ଧର୍ମ ଓ ସବୁ ସମ୍ପ୍ରଦାୟର ତୁଙ୍ଗ ନେତାମାନେ କାରାଦଣ୍ଡ ଭୋଗ କରୁଥିଲେ ଏବଂ କେତେକ ଆତ୍ମଗୋପନ କରିଥିଲେ । ସେତିକିବେଳେ ମୁସଲିମ୍‌ଲିଗ୍ ଦ୍ୱାରା ଲାହୋର ପ୍ରସ୍ତାବ ଗୃହୀତ ହେଲା । ଏହା ଫଳରେ ସାମ୍ପ୍ରଦାୟିକ ମନୋଭାବାପନ୍ନ ଲୋକେ ଜାତୀୟ ଜୀବନ ପ୍ରବାହରେ ଭେଦଭାବ ସୃଷ୍ଟି କରିବାର ବୀଜ ବପନ କଲେ । ଲାହୋର ପ୍ରସ୍ତାବ ଗୃହୀତ ହେବାର ଏକ ଦଶନ୍ଧିରୁ କମ୍ ସମୟ ଭିତରେ ଭାରତ ବିଭାଜିତ ହେଲା । ଭଗବାନ କରନ୍ତୁ ଏ ବିଭାଜନ ଅନ୍ତିମ ବିଭାଜନ ହେଉ । ଧର୍ମ ନିରପେକ୍ଷତାକୁ ପ୍ରତିହତ କରି ସାମ୍ପ୍ରଦାୟିକତାର ଶକ୍ତିଗୁଡ଼ିକୁ ଉଜ୍ଜୀବିତ କରିବାକୁ ଦିଆଯିବ ନାହିଁ ।

ବେଦ ପୁରାଣରୁ ଆରମ୍ଭ କରି ଏ ଯାଏ ଧର୍ମ ନିରପେକ୍ଷତା ଆମର ଧ୍ୟେୟ ହୋଇଛି । ବସୁଧୈବ କୁଟୁମ୍ବକମ୍, ସାରା ପୃଥିବୀ ଏକ କୁଟୁମ୍ବିତାରେ ଆବଦ୍ଧ । ଏହି ଭାବନାକୁ ବୁଦ୍ଧ, ମହାବୀର, କେରଳରେ ଯିହୁଦୀଧର୍ମ, ସେଣ୍ଟ ଥୋମାସ୍ ଓ ଖ୍ରୀଷ୍ଟିଆନ୍ ଭାବକୁ ଆମେ ସ୍ୱାଗତ କଲୁ । ଜୋରାଷ୍ଟ୍ରିଆନିଜିମ୍, ପାର୍ଶୀ ସମ୍ପ୍ରଦାୟ, ଗୁରୁ ନାନକଙ୍କଠାରୁ ଆରମ୍ଭ କରି ଗୁରୁ ଗୋବିନ୍ଦ ସିଂହ ପର୍ଯ୍ୟନ୍ତ ଶିଖ ଗୁରୁମାନଙ୍କୁ ଆମେ ସ୍ୱାଗତ କଲୁ । ଇସ୍‌ଲାମ୍ ଓ କବୀର, ବାବା ଫରିଦ୍, ଶାହା ଅବ୍‌ଦୁଲ୍ ଲତିଫ୍, ଅମୀର ଖୁସ୍‌ରୋ ପରମ୍ପରାକୁ ସମନ୍ୱୟ ପ୍ରବାହରେ ପ୍ରବାହିତ କଲୁ । ଇସ୍‌ଲାମୀ ଉତ୍ସବରେ ହିନ୍ଦୁଙ୍କର ଯୋଗଦାନ, ହିନ୍ଦୁର ପୂଜା ପାର୍ବଣରେ ମୁସଲମାନଙ୍କ ସହଯୋଗ, ଏକାକାର ହୋଇଛି । ତେଣୁ ସାମ୍ପ୍ରଦାୟିକ ହିଂସା ଆଗେ ଯେତେ ପ୍ରବଳ ଥିଲା, ତାହା କମି ଆସିଛି । ହେଲେ ବି ସେ ବିଷ କିଛି ଅଂଶରେ ରହିଛି । ମଝିରେ ମଝିରେ ସାମାନ୍ୟ କଥା ବଚସାରେ ସାମ୍ପ୍ରଦାୟିକ ଗଣ୍ଡଗୋଳ ଦେଖାଦେଉଛି । ଗୃହଦାହ, ଜୀବନ ନାଶ ଘଟୁଛି ।

ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଶହୀଦ ହୋଇଗଲେ କେବଳ ସାମ୍ପ୍ରଦାୟିକତା-ବାଦର ଗୁଳିର ଶୀକାର ହୋଇ । ଧର୍ମ ନିରପେକ୍ଷତା ବିରୁଦ୍ଧରେ ଆହ୍ୱାନ କେବଳ ଯେ ଏକ କ୍ଷେତ୍ରରୁ ଆସୁଛି, ତାହା ନୁହେଁ, ଏହା ସବୁ ଧର୍ମରେ ଥିବା ଧର୍ମାନ୍ଧମାନଙ୍କ ଦ୍ୱାରା ବିଭିନ୍ନ ଉପାୟରେ ଗୃହ ଗଣ୍ଡଗୋଳରୁ ହିଁ ଉଦ୍ଭୂତ ହେଉଛି । ଉପଯୁକ୍ତ ବିଶ୍ୱାସ ଓ ଗଭୀର ଉଦାରତାର ସହ ସମ୍ବିଧାନର ସେହି ଧର୍ମ ନିରପେକ୍ଷ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାକୁ ପଡ଼ିବ । ଧର୍ମକୁ ରାଜନୀତି ସହିତ ମିଶାଇ ଦେଶରେ ଅରାଜକତା ସୃଷ୍ଟି କରିବାକୁ ଦିଆଯିବ ନାହିଁ । ଏଭଳି ନୀତିରେ ବିଶ୍ୱାସୀ ବ୍ୟକ୍ତିଙ୍କୁ ନିର୍ବାଚନରେ ଭାଗନେବା ପାଇଁ ବାରଣ କରିବା ଉଚିତ ।

ମନେପଡ଼େ ଏକ ଧର୍ମାନ୍ଧ ଉଦ୍‌ଭ୍ରାନ୍ତ ବ୍ୟକ୍ତି ଗାନ୍ଧୀଜୀଙ୍କୁ ଗୁଳି କରି ହତ୍ୟା କରିବା ପରେ ଧର୍ମ ନିରପେକ୍ଷବାଦକୁ ଅଗ୍ରଗାମୀ କରି ନେବାରେ ପଣ୍ଡିତ ଜବାହରଲାଲ ନେହେରୁ ହିଁ ପ୍ରଥମେ ଶକ୍ତିମାନ ହେଲେ । ଦେଶ ବିଚ୍ଛେଦ ସମୟରେ ସେ ରକ୍ତପାତର ସାମନା କରି ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କ ମନରେ ପୁନଃ ବିଶ୍ୱାସ ଜାଗରଣ କରାଇ ସଂଖ୍ୟାଧିକ ସମ୍ପ୍ରଦାୟର ସେହି ପୁରୁଣା ଓ କଠୋର ମନୋଭାବର ପରିବର୍ତ୍ତନ ଆଣିଥିଲେ ।

ବାଳଗଣ୍ଡି ସାହି,
ପୁରୀ ।



# ଅବତାର ବରିଷ୍ଠାୟ

*ମହାପାତ୍ର ନୀଳମଣି ସାହୁ*

ଓଁ ସ୍ଥାପକାୟଚ ଧର୍ମସ୍ୟ ସର୍ବଧର୍ମ ସ୍ୱରୂପିଣେ,
ଅବତାର ବରିଷ୍ଠାୟ ରାମକୃଷ୍ଣାୟତେ ନମଃ ।

ସନାତନ ଧର୍ମ ବିଶ୍ୱାସରେ "ଅବତାର" ତତ୍ତ୍ୱ ଏକ ସର୍ବ ଅବଶ୍ୟମ୍ଭାବୀ କଥା । ସନାତନ ଶବ୍ଦର ଅର୍ଥ ହେଲା — ଯାହା ସର୍ବ ପରିବର୍ତ୍ତନ ଭିତରେ ବି ସ୍ଥାୟୀ ହୋଇ ରହିଥାଏ । ଆତ୍ମା ହେଲେ ସନାତନ । କାରଣ ଶହ ଶହ କୋଟି କୋଟି ଦେହ ଭିତରେ ଆତ୍ମା ବିଦ୍ୟମାନ । ମାତ୍ର ଦେହ ସବୁ ଯଥା ସମୟରେ ବିନଷ୍ଟ ହୁଏ, ଅଥବା ପରିବର୍ତ୍ତିତ ହୁଏ । ମାତ୍ର ଆତ୍ମା ଅଜର, ଅମର । ସେହିପରି ସନାତନ ଧର୍ମର କଥା ହେଲା — ସ୍ଥାନ, କାଳ ଓ ପାତ୍ର ଅନୁଯାୟୀ ଧର୍ମର ନୀତି ବଦଳିଯାଏ, ଆଚରଣ ବଦଳିଯାଏ — ଆକାର ଆଙ୍ଗିକ ବଦଳିଯାଏ — ଆନୁଷ୍ଠାନିକତା ବଦଳିଯାଏ — ମାତ୍ର ଧର୍ମର ମୂଳତତ୍ତ୍ୱ ଓ ସତ୍ତ୍ୱ ସେହିପରି ଅପରିବର୍ତ୍ତନୀୟ ଥାଏ । ସଂସାର ପ୍ରତି ମୁହୂର୍ତ୍ତରେ ବଦଳି ଚାଲିଛି — ମଣିଷର ଜ୍ଞାନ, ବିଜ୍ଞାନ ଜୀବନ ମଧ୍ୟ ଘୋର ବେଗରେ ବଦଳି ଚାଲିଛି । ଅନନ୍ତ ରହସ୍ୟର ଦ୍ରୁତ ଗତିରେ ତା'ର ଦିଗ୍‌ବଳୟ ବଢ଼ାଇ ଚାଲିଛି । ଅନନ୍ତ ରହସ୍ୟର ଗୋଟିଏ ଗୋଟିଏ କବାଟ ନିତ୍ୟ ଖୋଲି ଖୋଲି ଯାଉଛି । ଯାହାକୁ ଆମେ ବସ୍ତୁ କହୁଛୁ — ସେ ବସ୍ତୁର ସ୍ୱରୂପ ଓ ସ୍ୱଧର୍ମ ମଧ୍ୟ ଅନ୍ୟ ବସ୍ତୁ ଓ ଭାବ ସମ୍ପର୍କରେ ଆସି ତାର ଗୁଣ ଓ ରୂପକୁ ବଦଳାଇ ଦେଉଛି । ସେହିପରି ଯାହାକୁ ଆମେ "ଭାବ" କହୁ ସେ ମଧ୍ୟ ଅନ୍ୟ ଭାବ ଓ ବସ୍ତୁ ସମ୍ପର୍କରେ ଆସି ତାର ସ୍ୱଗୁଣ ଓ ସ୍ୱରୂପ ବଦଳାଇ ଦେଲାଣି । ସେହିପରି ପ୍ରତି ଯୁଗରେ ଜୀବନ ମଧ୍ୟ ନୂଆ ନୂଆ ଆବଶ୍ୟକତାର ଦାବୀ କରୁଛି । ତାର କାରଣ କାଳ ଭଳି ଜୀବନ ମଧ୍ୟ ଏକ ପ୍ରବହମାନ ସ୍ରୋତ । ତାହା ଅନନ୍ତରୁ ଅନନ୍ତ ଆଡ଼କୁ ନିତ୍ୟ ଗତି କରୁଛି । ଯଦି ତାର ଗତି ସ୍ରୋତକୁ ବ୍ୟାହତ କରାଯାଏ ତେବେ ତାହା ଅଟକି ଯାଇ ହୁଏତ ସେହିଠାରେ ପଙ୍କିଳ ହୋଇ ଦିନେ ବିଲୁପ୍ତ ହୋଇଯିବ ବା ପୁନଶ୍ଚ ପଛକୁ ଫେରି ଅର୍ଦ୍ଧ ପଥରେ ବିଲୀନ ହୋଇଯିବ । ସେଥିପାଇଁ ବ୍ୟକ୍ତିଗତ ଜୀବନ ହେଉ ବା ସମଷ୍ଟିଗତ ଜୀବନ ହେଉ, ତାର ସ୍ରୋତ ଧାରାକୁ ଅବ୍ୟାହତ ରଖିବାକୁ ହେବ । ଯାହା କିଛି ଦିନେ ସତ୍ୟ ଥିଲା ଓ ଉପଯୋଗୀ ଥିଲା, ତାହାଠାରୁ ବୃହତ୍ତର ସତ୍ୟ ଓ ବୃହତ୍ତର ଉପଯୋଗୀତା ଯଦି ଜୀବନ ଆଗରେ ପହଞ୍ଚେ, ତେବେ ତାକୁ ଅବଶ୍ୟ ସ୍ୱୀକାର କରିବାକୁ ହେବ — ନଚେତ୍ ଗତି ବନ୍ଦ ହୋଇଯିବ ଏବଂ ଧ୍ୱଂସ ହେବା ଅନିବାର୍ଯ୍ୟ । ତା'ଛଡ଼ା ଯେଉଁ ସତ୍ୟ ମନୁଷ୍ୟ ହାତରେ ଧରାଦିଏ, ତାହା ପରମ ସତ୍ୟ ନୁହେଁ — ଆପେକ୍ଷିକ ସତ୍ୟ । ଆମେ କ୍ରମଶଃ ସତ୍ୟର ସିଢ଼ି ଧରି ଉର୍ଦ୍ଧ୍ୱତନ ସ୍ତରକୁ ଉଠି ଉଠି ଚାଲିଛୁ ଓ ଉର୍ଦ୍ଧ୍ୱତର ସତ୍ୟକୁ ପାଇ ପାଇ ଚାଲିଛୁ । ଏହାରି ନାମ ଗତି, ପ୍ରଗତି, ଅଗ୍ରଗତି । ଜୀବନ ଏହି ଧାରାରେ ଆଗକୁ ମାଡ଼ି ଚାଲିଛି ।

ମଣିଷର ଅଧ୍ୟାତ୍ମ ଜୀବନରେ ସେହି ଏକା କଥା । ମନୁଷ୍ୟ ଯେଉଁ ଦିନ "ଅନନ୍ତ" ରହସ୍ୟର ଇଙ୍ଗିତ ପାଇଲା — ସ୍ପର୍ଶ ପାଇଲା ବା ଧ୍ୱନି ଶୁଣିଲା — ସେହିଦିନୁଁ ତାର ଧର୍ମ ଜୀବନ ଆରମ୍ଭ ହୋଇଗଲା । ତାର ଈଶ୍ୱର କଳ୍ପନା ବା ଭାବ ଜାଗ୍ରତ ହେଲା । ସେ ଈଶ୍ୱରଙ୍କୁ ଖୋଜିଲା — ପରମକୁ ଖୋଜିଲା ଓ ଈଶ୍ୱରଙ୍କ ସହିତ ମିଳିତ ହେବାକୁ ବ୍ୟାକୁଳ ହେଲା । ଏହି ଆଧ୍ୟାତ୍ମ ବ୍ୟାକୁଳତା ହିଁ ସବୁ ଧର୍ମର ମୂଳ କଥା । ଜଣେ ଜଣେ ମହାପୁରୁଷ, ଆଦିଷ୍ଟ ପୁରୁଷ ବା ଅବତାର ପୁରୁଷ ଈଶ୍ୱର ଭାବକୁ ପ୍ରାପ୍ତ ହୋଇ ସେହି ଭାବକୁ ଜନସାଧାରଣରେ ଦାନ କଲେ । ଲୋକେ ତାକୁ ନିଜ ନିଜ ଜୀବନରେ ଅନୁସରଣ କଲେ । ମାତ୍ର କ୍ରମେ ତାହା ଏକ ସମ୍ପ୍ରଦାୟରେ ନିର୍ଦ୍ଦିଷ୍ଟ ଭାବେ ବନ୍ଧା ପଡ଼ିଗଲା । ଆଚାର ଓ ଆଙ୍ଗିକତା ସର୍ବସ୍ୱ ହୋଇ ତାହା ତାର ମୂଳ ଲକ୍ଷ୍ୟ ଅର୍ଥାତ୍ ଆଧ୍ୟାତ୍ମ ବ୍ୟାକୁଳତାକୁ ଭୁଲିଗଲା ଏବଂ ସେହି ଧର୍ମ ସମ୍ପ୍ରଦାୟ ଏକ ରାଜନୈତିକ ଦଳ ପରି ନିଜକୁ କେବଳ ଆନୁଷ୍ଠାନିକତାରେ ବନ୍ଦୀ କରି ଦେଲା — କିନ୍ତୁ ଅଧ୍ୟାତ୍ମ ସାଧନ କରିବାର କଥା ଆଉ ସେଥିରେ ରହିଲା ନାହିଁ । ଫଳରେ ବିଭିନ୍ନ ସମ୍ପ୍ରଦାୟ ଭିତରେ ଆପଣାର ସ୍ଥିତି ଲାଗି, ପ୍ରତିଷ୍ଠା ଲାଗି ରାଜନୈତିକ କଳହ ଓ ସଂଘର୍ଷ ପରି କେବଳ ବିଦ୍ୱେଷପୂର୍ଣ୍ଣ ସଂଘର୍ଷ ହିଁ ସୃଷ୍ଟି ହୋଇ ଚାଲିଲା ଓ ଆଜି ପର୍ଯ୍ୟନ୍ତ ଚାଲିଛି । ଆଜି ପୃଥିବୀରେ ଏହି ସାମ୍ପ୍ରଦାୟିକ ଧର୍ମ ହିଁ ସବୁ ଅନର୍ଥର ମୂଳ ହୋଇଛି । ଧର୍ମ ନାମରେ ହତ୍ୟା, ଲୁଣ୍ଠନ, ଶୋଷଣ ଚାଲିଆସିଛି । ଆଜି ଧର୍ମ ଓ ରାଜନୀତି ଏକା ରୀତିରେ ଓ ଏକ ଲକ୍ଷ୍ୟରେ ଚାଲିଛନ୍ତି । ଧନ, ଭୋଗ ଓ କ୍ଷମତା ଅର୍ଜନ ହିଁ ରାଜନୀତି ଓ ସାମ୍ପ୍ରଦାୟିକ ଧର୍ମଗୁଡ଼ିକର ମୂଳ କଥା ହୋଇଛି । ମଣିଷ ମଣିଷ ଭିତରେ ସାମ୍ୟ, ମୈତ୍ରୀ, ପ୍ରୀତି ଆଣିବାରେ ସାମ୍ପ୍ରଦାୟିକ ଧର୍ମଗୁଡ଼ିକ ଆଜି ବିଫଳ । ମଣିଷର ନିଜ ଭିତରେ ଆତ୍ମାନ୍ୱେଷଣ ଓ ଭାଗବତ-ପ୍ରାପକାମୀ ସୃଷ୍ଟି କରିବାରେ ମଧ୍ୟ ସାମ୍ପ୍ରଦାୟିକ ଧର୍ମଗୁଡ଼ିକ ଅପାରଗତା ପ୍ରମାଣ କରି

ପାରିଲାଣି । ଏପରିକି ମୂଲ୍ୟବୋଧ ନୈତିକତା, ଅହିଂସା, ସତ୍ୟନିଷ୍ଠା, ଦୟା କ୍ଷମା ଓ ସେବା ଆଦି ମହତ୍ ମାନବୀୟ ଗୁଣଗୁଡ଼ିକ ସୃଷ୍ଟି କରିବାରେ ବି ସାମ୍ପ୍ରଦାୟିକ ଧର୍ମଗୁଡ଼ିକର ଆଉ କ୍ଷମତା ନାହିଁ । ତେଣୁ ସାରା ପୃଥିବୀରେ ଆଜି ଦେଖା ଦେଇଛି ଏକ ଘୋର ବିପର୍ଯ୍ୟୟ, ଭୟଙ୍କର ସଙ୍କଟ ଓ ଆସନ୍ନ ବିପଦ । ଏଥିରୁ ମଣିଷ ଜାତିକୁ ରକ୍ଷା କରିବା ପାଇଁ କୌଣସି ପ୍ରକାର ଧାର୍ମିକ ପନ୍ଥା ଆଜି ପର୍ଯ୍ୟାପ୍ତ ନୁହେଁ ।

ସନାତନ ଧର୍ମ-ବିଶ୍ୱାସ କହେ – ମଣିଷ ଜାତିର ଏହି ଆଧ୍ୟାତ୍ମ ସଙ୍କଟ ବା ଧର୍ମ ସଙ୍କଟରେ ଭଗବାନ ମଣିଷକୁ ରକ୍ଷା କରିବା ପାଇଁ, ମଣିଷର ପ୍ରଗତିକୁ ସାହାଯ୍ୟ କରିବା ପାଇଁ ଓ ଏକ ନୂତନ ଯୁଗୋପଯୋଗୀ ଧର୍ମତତ୍ତ୍ୱ ଓ ଧର୍ମାଦର୍ଶ ମଣିଷ ଜାତକୁ ବଢ଼ାଇ ଦେବା ପାଇଁ, ଭଗବାନ ନିଜେ ମଣିଷ ହୋଇ ମଣିଷ ଭିତରକୁ ଓହ୍ଲାଇ ଆସନ୍ତି ଓ ମଣିଷ ଭିତରେ ମଣିଷ ଭଳି ରହି, ମଣିଷ ଭଳି ଦୁଃଖ ସୁଖ ଭୋଗି ନିଜ ଜୀବନରେ ଦିବ୍ୟତ୍ୱର ପ୍ରତିଷ୍ଠା କରନ୍ତି ଓ ମଣିଷକୁ ସେହି ରାହା ବା ବାଟ ଦେଖାଇ ଦିଅନ୍ତି ଏବଂ ଏହା ସଙ୍ଗେ ସଙ୍ଗେ ମଣିଷର ଅଗ୍ରଗତିରେ ପ୍ରତିରୋଧ ବା ପ୍ରତିବନ୍ଧକ ସୃଷ୍ଟି କରୁଥିବା ଶକ୍ତି-ଅପଶକ୍ତିଗୁଡ଼ିକୁ ମଧ୍ୟ ଧ୍ୱଂସ କରିଦିଅନ୍ତି ।

ସନାତନ ଧର୍ମ ବିଶ୍ୱାସରେ ଏହା ହିଁ ବାରମ୍ବାର ଘଟି ଆସିଛି । ଶ୍ରୀମଦ୍ ଭଗବତ ଗୀତାରେ ଶ୍ରୀକୃଷ୍ଣ ଭଗବାନ ତାଙ୍କର ସଖା ଅର୍ଜୁନଙ୍କୁ ଏହି ସତ୍ୟଟିକୁ ଖୁବ୍ ସ୍ପଷ୍ଟ ଭାବରେ କହିଛନ୍ତି । ଏହି ଭାବରେ ଲକ୍ଷ ଲକ୍ଷ ବର୍ଷର ମାନବ ଜୀବନରେ ସହସ୍ର ସହସ୍ର ଅବତାର ଆସିଛନ୍ତି । ଆମେ ମୁଖ୍ୟତଃ ଅତୀତର ଦଶଟି ଅବତାରଙ୍କୁ ଗ୍ରହଣ କରିଛୁ ଏବଂ ସେମାନଙ୍କ ମଧ୍ୟରୁ ପୁଣି ତିନିଜଣଙ୍କୁ ଆମେ ଆଜି ମଧ୍ୟ ଆମର ଆଧ୍ୟାତ୍ମ ଉପଯୋଗୀତା ଦୃଷ୍ଟିରୁ ଆରାଧନା କରୁଛୁ । ସେମାନେ ହେଲେ ଶ୍ରୀରାମଚନ୍ଦ୍ର, ଶ୍ରୀକୃଷ୍ଣଚନ୍ଦ୍ର ଓ ଗୌତମ ବୁଦ୍ଧ । ଏହି ତିନି ଅବତାର ଏବେବି ତାଙ୍କର ଆଧ୍ୟାତ୍ମ ଅବଦାନ ଦ୍ୱାରା ଆମକୁ ଈଶ୍ୱରଙ୍କ ପଥରେ ଅଗ୍ରସର କରାଉଛନ୍ତି । ସନାତନ ଧର୍ମ ବିଶ୍ୱାସୀମାନେ ଏହି ଅବତାର ପୁରୁଷମାନଙ୍କ ସହିତ ଆଉ କେତେଜଣ ଯୁଗ ପୁରୁଷ ବା ବିଶ୍ୱଜିତଙ୍କୁ ମଧ୍ୟ ଆଧ୍ୟାତ୍ମ ସାଧନାର ପଥ ପ୍ରଦର୍ଶକ ରୂପେ ମାନ୍ୟ କରନ୍ତି । ଈଶ୍ୱର ପୁତ୍ର ଯିଶୁଖ୍ରୀଷ୍ଟ, ମହାପୁରୁଷ ମହମ୍ମଦ, ଶ୍ରୀଚୈତନ୍ୟ, ଗୁରୁ ନାନକ, ସ୍ୱାମୀ ବିବେକାନନ୍ଦ ଓ ଏମାନଙ୍କ ଭଳି ଅନେକ ମହାତ୍ମାଙ୍କୁ ଯଥାର୍ଥ ସନାତନ ଧର୍ମ ବିଶ୍ୱାସୀମାନେ ଆଧ୍ୟାତ୍ମ ଗୁରୁ ରୂପେ ଗ୍ରହଣ କରିଆସନ୍ତି ।

ଅବତାରମାନଙ୍କ ଆବଶ୍ୟକତା ସମ୍ପର୍କରେ ଶ୍ରୀମଦ୍ ଭଗବତ ଗୀତାରେ ଯାହା କୁହାଯାଇଛି, ତାର ମର୍ମ ହେଲା–ଧର୍ମ ସଂସ୍ଥାପନା ଲାଗି ପରମେଶ୍ୱର ଊର୍ଦ୍ଧ୍ୱଲୋକରୁ ଏହି ଅଧଲୋକକୁ ଓହ୍ଲାଇ ଆସନ୍ତି । ଏହି ଧର୍ମ ସଂସ୍ଥାପନା ବ୍ୟାପାରଟି କ'ଣ ? ଏହା ହେଲା ମଣିଷର ସଭ୍ୟତା ଓ ସଂସ୍କୃତିର ଅଗ୍ରଗତିରେ ସହାୟକ ଯୁଗୋପଯୋଗୀ ସତ୍ୟର ଆଲୋକ । ସବୁ ଯୁଗର ସ୍ୱତନ୍ତ୍ର ଆବଶ୍ୟକତା ରହିଛି ଏବଂ ମଣିଷ ଜୀବନର ଧର୍ମ ଚେତନାରେ କ୍ରମବିକାଶରେ ସବୁ ଯୁଗରେ ଏକ ନୂତନ ଭାବ ବା ତତ୍ତ୍ୱ ବା ଧର୍ମ ମଣିଷ ହାତରେ ଅବତାରମାନେ ଧରାଇ ଦିଅନ୍ତି । ଶ୍ରୀରାମଙ୍କ ଅବତାରରେ ମଣିଷ ଚେତନାକୁ ପ୍ରବେଶ କଲା ଏକ ଶୃଙ୍ଖଳିତ, ନ୍ୟାୟନୀତି ପ୍ରତିଷ୍ଠ ପାରିବାରିକ, ସାମାଜିକ ପ୍ରୀତି–ବନ୍ଧନର ଭାବ । ଯାହା ଭିତରେ ରହିଲା – ତ୍ୟାଗର ଭାବ, ସେବାର ଭାବ, ମହତ୍ତ୍ୱ ବା ମର୍ଯ୍ୟାଦାର ଭାବ, ପୂର୍ଣ୍ଣ ସାତ୍ତ୍ୱିକତାର ଭାବ, ସତ୍ୟର ଭାବ, ଆତ୍ମ ସଂଯମର ଭାବ ଇତ୍ୟାଦି ଇତ୍ୟାଦି । ଅବତାର ପୁରୁଷ ରାମଚନ୍ଦ୍ର ତାଙ୍କ ନିଜ ଜୀବନରେ ସମସ୍ତ ମାନବୀୟ ଦୁଃଖ କଷ୍ଟ ବରଣ କରି ଏଗୁଡ଼ିକ ପ୍ରତିଷ୍ଠା କରି ମଣିଷକୁ ଦେଖାଇ ଦେଲେ । ସେହିପରି ଶ୍ରୀକୃଷ୍ଣ ଅବତାରରେ ମଣିଷ ପାଇଲା ଏକ ଉର୍ଦ୍ଧ୍ୱ ସ୍ତରର ପ୍ରେମ ଭାବ, ଆନନ୍ଦର ଭାବ, ସୌନ୍ଦର୍ଯ୍ୟର ଭାବ ଓ ରସବୋଧ । ବୁଦ୍ଧ ଅବତାରରେ ମଣିଷ ପାଇଲା ଅଫୁରନ୍ତ କରୁଣାର ଭାବ, ନିର୍ବାଣ ଭାବ, ସମବେଦନାର ଭାବ ଇତ୍ୟାଦି ଇତ୍ୟାଦି । ଈଶ୍ୱର ପୁତ୍ର ଯୀଶୁଖ୍ରୀଷ୍ଟ ମଣିଷକୁ ଦେଲେ ଆତ୍ମ ତ୍ୟାଗର ଭାବ, ପର ପାଇଁ ତ୍ୟାଗର ଭାବ, ଦୁଃଖୀ ଦୁର୍ବଳଙ୍କର ସେବାର ଭାବ, ସହାନୁଭୂତିର ଭାବ ଇତ୍ୟାଦି ଇତ୍ୟାଦି । ଶ୍ରୀଚୈତନ୍ୟଙ୍କ ଅବତାରରେ ମଣିଷ ପାଇଲା, ଭଗବାନଙ୍କୁ ପ୍ରେମ କରିବାର ଭାବ ଓ ତାଙ୍କ ପାଇଁ ସବୁ କିଛି ତ୍ୟାଗ କରି ତାଙ୍କୁ ପାଇବା ଲାଗି ପରମ ବ୍ୟାକୁଳତାର ଭାବ । ମହମ୍ମଦଙ୍କର ମଣିଷ ଜାତିକୁ ଆଧ୍ୟାତ୍ମ ଅବଦାନ ହେଲା – ଏକ ବୃହତ୍ତର ଗୋଷ୍ଠୀଗତ ବା ସାମାଜିକ ଜୀବନରେ ଭାତୃ ଭାବର ପ୍ରତିଷ୍ଠା ଓ ମୈତ୍ରୀ ଭାବର ପ୍ରତିଷ୍ଠା ଓ ଏକ ଈଶ୍ୱରଙ୍କଠାରେ ଅଚଳା ଭକ୍ତି ଓ ଆତ୍ମ ସମର୍ପଣ ।

ଆଜି ପର୍ଯ୍ୟନ୍ତ ମଣିଷ ଜାତି ଏହି ସବୁ ଅବତାରମାନଙ୍କର ଆଧ୍ୟାତ୍ମ ଅବଦାନକୁ ନେଇ ଈଶ୍ୱରଙ୍କ ପଥରେ ଗତି କରୁଛନ୍ତି । କିନ୍ତୁ ଊନବିଂଶ ଶତାବ୍ଦୀ ବେଳକୁ ସାରା ପୃଥିବୀରେ ସମଗ୍ର ମଣିଷ ସମାଜରେ ପୁଣି ଦେଖାଦେଲା ଏକ ଧର୍ମ ସଙ୍କଟ ବା ଆଧ୍ୟାତ୍ମ ଅଗ୍ରଗତିରେ ଏକ ପ୍ରତିବନ୍ଧକ । ସାମ୍ପ୍ରଦାୟିକ ଧର୍ମଗୁଡ଼ିକର ସଂକୀର୍ଣ୍ଣତା, ପରସ୍ପର ମଧ୍ୟରେ ବିଦ୍ୱେଷ, ଅସହିଷ୍ଣୁତା, ସାମାଜିକ ଅସମତା, କୁସଂସ୍କାର, ଭୋଗ ପ୍ରବଣତା, ଜଡ଼ବାଦୀ ସଂସ୍କୃତିର ଆକ୍ରମଣ, ନୈତିକ ଅଜ୍ଞତା, ପରମ ସତ୍ୟ ପାଇଁ ଅନ୍ୱେଷଣ ପରିବର୍ତ୍ତେ କ୍ଷୁଦ୍ର କ୍ଷୁଦ୍ର ଆପେକ୍ଷିକ ସତ୍ୟଗୁଡ଼ିକୁ ଜାବୁଡ଼ି ଧରିବା, ମିଥ୍ୟାଚାର, କପଟତା, ପ୍ରକୃତ ଈଶ୍ୱର ଭାବ ନପାଇ କେବଳ ବାହ୍ୟ ଆଡ଼ମ୍ବର ବିଗ୍ରହରେ ମାତି ରହିବା ପ୍ରଭୃତି ସବୁ ଧର୍ମରେ ବଢ଼ି ଗ୍ଭଲିବା ଫଳରେ ମଣିଷର ଅଗ୍ରଗତି ବ୍ୟାହତ ହେଲା ଓ ମଣିଷ ସଭ୍ୟତା ଓ ସଂସ୍କୃତି ଧ୍ୱଂସ ଆଡ଼କୁ ମୁହାଁଇ ଗ୍ଭଲିଲା । ଅତୀତରେ ଧର୍ମଗୁଡ଼ିକ ମଧ୍ୟରେ ଯେତିକି ମାତ୍ର ଆଲୋକ ଥିଲା ବା ଶକ୍ତି ଥିଲା – ତାହା ଏକ ଯୁଗର ପୁଞ୍ଜୀଭୂତ ଅଜ୍ଞାନ ଅନ୍ଧକାରକୁ ଦୂର କରିବାରେ ସମର୍ଥ ହେଲା ନାହିଁ । ବରଂ ସେତିକି କ୍ଷୀଣ ଆଲୋକ ମଣିଷକୁ ଏହି ଗାଢ଼ ଅନ୍ଧକାର ଭିତରେ ଆହୁରି ଅନ୍ଧ କରିଦେଲା । ଏହା କେବଳ ଭାରତବର୍ଷ ପାଇଁ ନୁହେଁ – ସମସ୍ତ ପୃଥିବୀରେ ସମଗ୍ର ମଣିଷ ଜାତି ପାଇଁ ଆସିଲା ଏକ ସାମୂହିକ ସଙ୍କଟ । ଏ କଥା ମଧ୍ୟ ସତ୍ୟ ଯେ, ପୃଥିବୀ ଆଉ ଆଗ ଭଳି ଛୋଟ ହୋଇନାହିଁ । ଊନବିଂଶ ଶତାବ୍ଦୀ ବେଳକୁ ବିଜ୍ଞାନର ମହା ମହା ଆବିଷ୍କାର ଓ ପ୍ରୟୋଗ ଫଳରେ ଦେଶ ଦେଶ ମଧ୍ୟରେ ଆଉ ଦୂରତା ରହିଲା ନାହିଁ । ଅର୍ଥନୈତିକ, ସାମାଜିକ ଓ ରାଜନୈତିକ ଦୃଷ୍ଟିରୁ ପ୍ରତ୍ୟେକ ଦେଶ ଅପର ଦେଶ ଉପରେ ନିର୍ଭରଶୀଳ ହେବାକୁ ବାଧ୍ୟ ହୋଇପଡ଼ିଲା । ବିଜ୍ଞାନ ମଣିଷ ମନରୁ ବହୁ କୁ-ସଂସ୍କାର ଓ ଅଜ୍ଞାନ ଦୂର କରିବା ସଙ୍ଗେ ସଙ୍ଗେ ମଣିଷକୁ ଅଧିକ କ୍ଷମତାଶାଳୀ କଲା ମଧ୍ୟ । ମଣିଷ ହାତକୁ ଆସିଲା ଅଧିକ ଧନ, ଐଶ୍ୱର୍ଯ୍ୟ, ଜୀବନକୁ ଉପଭୋଗ କରିବା ଲାଗି ପ୍ରଚୁର ଉପଭୋଗ୍ୟ ସାମଗ୍ରୀ ଓ ପ୍ରକୃତି ଉପରେ ପ୍ରଚଣ୍ଡ ଆଧିପତ୍ୟ । ଏ ସବୁ ଆସିଲା ସତ୍ୟ – ମାତ୍ର ସେହି ଅନୁପାତରେ ମଣିଷର ଅନ୍ତର ବା ଚିତ୍ତ ଅଧିକ ଶୁଦ୍ଧ ବା ଭଗବତ ଅଭିମୁଖୀ ହେଲା ନାହିଁ । ବରଂ ତା' ବଦଳରେ ମଣିଷର ସ୍ୱାର୍ଥପର ଭୋଗ ସ୍ପୃହା ଓ ଲିପ୍ସା ବଢ଼ିଗଲା । ମଣିଷ ଅଧିକ ବୁଦ୍ଧିସମ୍ପନ୍ନ ହେଲା । ମାତ୍ର ବୁଦ୍ଧିମାନ ପ୍ରାଣୀଟିଏ ପରି ବ୍ୟବହାର କଲା ନାହିଁ । ମଣିଷ ଯେ ପରମ ସତ୍ୟ, ପରମ ମଙ୍ଗଳ ଓ ପରମ ସୁନ୍ଦରଙ୍କୁ ପ୍ରାପ୍ତ ହେବା ଲାଗି ଜନ୍ମ ହୋଇଛି, ତାହା ମଣିଷର ସ୍ମୃତି ପଟରୁ ଲିଭିଗଲା । ସେହି ଅଭୀପ୍ସାର ଆଲୋକ ଲିଭିଗଲା ବା ସ୍ତିମିତ ହୋଇଗଲା । ତେଣୁ ପରସ୍ପର ଭିତରେ ବିଭେଦ, ବିଦ୍ୱେଷ, ଅସହିଷ୍ଣୁତା ଇତ୍ୟାଦି ବଢ଼ି ଗ୍ଭଲିଲା । ଅନ୍ୟ ଅର୍ଥରେ ମଣିଷ ଖୁବ୍ ଶକ୍ତିଶାଳୀ ହୋଇ ମଧ୍ୟ ସେହି ଶକ୍ତି ବଳରେ ନିଜକୁ ଧ୍ୱଂସ ଆଡ଼କୁ ମୁହାଁଇ ନେଲା । ପୃଥିବୀ ଭରିଗଲା ଅଶାନ୍ତି ଓ ନିରାନନ୍ଦରେ ।

ଏତିକିବେଳେ ହିଁ ଆବିର୍ଭାବ ହେଲା – ସେହି ପରମ ଯୁଗ ପୁରୁଷଙ୍କର – ଶ୍ରୀରାମକୃଷ୍ଣ ପରମହଂସ । ରାମକୃଷ୍ଣ କେବଳ ଭାରତବର୍ଷ ଲାଗି ଆସି ନଥିଲେ – କେବଳ ହିନ୍ଦୁ ଧର୍ମକୁ ରକ୍ଷା କରିବା ଲାଗି ଆସି ନଥିଲେ, ଏପରିକି ଗୋଟିଏ ନିର୍ଦ୍ଦିଷ୍ଟ ସମୟ ବା କାଳର ଦାବୀକୁ ପୂରଣ କରିବା ପାଇଁ ଆସି ନଥିଲେ, ସେ ଆସିଥିଲେ ସମଗ୍ର ଜଗତ ପାଇଁ ସବୁ ପ୍ରକାର ଧର୍ମ ବିଶ୍ୱାସୀମାନଙ୍କ ପାଇଁ ଏବଂ ଭବିଷ୍ୟତ କାଳ ଲାଗି । ସେ ଆସି ନଥିଲେ ଏକ ନିର୍ଦ୍ଦିଷ୍ଟ ଧର୍ମ ପ୍ରଚାର କରିବା ଉଦ୍ଦେଶ୍ୟରେ ବା ଗୋଟିଏ ନିର୍ଦ୍ଦିଷ୍ଟ ଧର୍ମଧାରାକୁ ସଂରକ୍ଷଣ କରିବା ଉଦ୍ଦେଶ୍ୟରେ । ସେ ଆସିଥିଲେ ସମଗ୍ର

ବିଶ୍ୱର ପ୍ରତିଟି ମଣିଷ ଭିତରେ ସନାତନ ଧର୍ମର ଭାବ, ଅଭିପ୍ସା ଓ ବ୍ୟାକୁଳତା ଜାଗ୍ରତ କରିବା ଉଦ୍ଦେଶ୍ୟରେ । ପ୍ରତିଟି ମଣିଷ ତା' ନିଜ ବାଟରେ, ତା' ନିଜ ନୀତିରେ, ନିଜ ରୁଚିରେ ଭଗବାନଙ୍କୁ ଖୋଜୁ ଓ ପାଉ । ପରମ ସତ୍ୟ, ପରମ ଶିବ ଓ ପରମ ମଙ୍ଗଳକୁ ଖୋଜୁ ଓ ପାଉ । ସେ ନିଜେ ନିଜ ଜୀବନରେ ସବୁ ପ୍ରକାର ଧର୍ମ ବିଶ୍ୱାସର ପ୍ରୟୋଗ ଓ ପରୀକ୍ଷା କରିଥିଲେ । ସାଧନା କରିଥିଲେ ଓ ସିଦ୍ଧ ହୋଇଥିଲେ । ହିନ୍ଦୁ ଧର୍ମର ବିଭିନ୍ନ ସାଧନ ମାର୍ଗରେ ସେ ସାଧନା କରି ସେହି "ଏକ ହିଁ" ଈଶ୍ୱରଙ୍କୁ ଅଧ୍ୟାତ୍ମ ଚେତନାର ବିଭିନ୍ନ ସ୍ତରରେ ପ୍ରାପ୍ତ ହୋଇଥିଲେ । ଶାକ୍ତ ମାର୍ଗରେ, ବୈଷ୍ଣବ ମାର୍ଗରେ, ତନ୍ତ୍ର ମାର୍ଗରେ, ଶୈବ ମାର୍ଗରେ ଓ ବେଦାନ୍ତ ମାର୍ଗରେ ସେ ଈଶ୍ୱରଙ୍କୁ ବିଭିନ୍ନ ରୂପରେ ସାକ୍ଷାତକାର କରିଥିଲେ । ଏପରିକି ସେ ଖ୍ରୀଷ୍ଟିଆନ୍ ଓ ଇସ୍‌ଲାମ୍ ଧାରାରେ ସାଧନା କରି ସେଇ ସେଇ ଧର୍ମଗତ ସିଦ୍ଧି ଲାଭ କରିଥିଲେ । ସେ କହିଥିଲେ – "ଯତ ମତ ତତ ପଥ" । ତେଣୁ ପୂର୍ଣ୍ଣାଙ୍ଗ ଧର୍ମ ସାଧନା ହେଲା – ସବୁ ପ୍ରକାର ଧର୍ମ ଓ ମତବାଦକୁ ନିଜ ଭିତରେ ଗ୍ରହଣ କରିବା ଓ ସେଇ ସେଇ ମତବାଦର ପଥରେ ଯଥା ନିୟମରେ ଗତି କରିବା । ଭଗବତ ଗୀତାରେ ଏହି କଥା ହିଁ କୁହାଯାଇଥିଲା । ଶ୍ରୀକୃଷ୍ଣ କହିଥିଲେ – ହେ ଅର୍ଜ୍ଜୁନ ! "ଯେ ଯଥାମାଂ ପ୍ରପଦ୍ୟନ୍ତେ, ତାଂ ତଥୈବ ଭଜାମ୍ୟହଂ" । ଅର୍ଥାତ୍ ହେ ଅର୍ଜ୍ଜୁନ ! ଯେ ମୋତେ ଯେଉଁପରି ଭାବରେ ଭଜନ କରେ ମୁଁ ତାକୁ ସେଇ ରୂପରେ ହିଁ ପ୍ରାପ୍ତ ହୁଏ । ମଣିଷର ଆତ୍ମା ଏକ ଓ ଅଭିନ୍ନ ହେଲେ ମଧ୍ୟ ତା'ର ଚିତ୍ତ ବୃତ୍ତି ବିଭିନ୍ନ । ଏକ ଆତ୍ମାକୁ ବିଭିନ୍ନ ଚିତ୍ତ ବୃତ୍ତିରେ ପ୍ରାପ୍ତ ହେବା ହିଁ ପୂର୍ଣ୍ଣାଙ୍ଗ ଧର୍ମ ସାଧନା । ସେଥିପାଇଁ ଆମ ଜାଗତିକ ଜୀବନରେ ବି ଯେଉଁ ବ୍ୟକ୍ତି ନିଜର ହୃଦୟ ସଙ୍ଗେ ବିଭିନ୍ନ ବନ୍ଧୁ ହୃଦୟର ମିଳନ ସମ୍ଭବ କରାଇ ପାରିଛି, ସେ ସେତିକି ପୂର୍ଣ୍ଣାଙ୍ଗ ମଣିଷ । ମଣିଷର ବିଚ୍ଛିନ୍ନତାବାଦୀ ଅହଙ୍କାର ତାକୁ ଅନ୍ୟଠାରୁ ପୃଥକ ରଖେ ଏବଂ ମଣିଷ ଏହି ପୃଥକତାବୋଧଜନିତ ଯନ୍ତ୍ରଣାରେ ନିତ୍ୟ ଘାରି ହେଉଥାଏ । ପ୍ରତିଟି ମତ ବା ଚିତ୍ତ ବୃତ୍ତିରେ ସେହି "ଏକ ହିଁ" ପରମ ପୁରୁଷଙ୍କର ବିବିଧ ପ୍ରକାଶ ଘଟିଥାଏ ଏବଂ ଈଶ୍ୱରକାମୀ ବ୍ୟକ୍ତି ଯଦି ବିଭିନ୍ନ ଚିତ୍ତ ବୃତ୍ତିରେ ଆଧାରିତ ଈଶ୍ୱରଙ୍କ ପ୍ରକାଶ ସହିତ ନିଜର ଚିତ୍ତ ବୃତ୍ତିକୁ ସଂସ୍ପୃକ୍ତ କରେ, ତେବେ ତା'ର ଈଶ୍ୱର–ଭାବବୋଧ–ବୈଚିତ୍ର୍ୟରେ ପୂର୍ଣ୍ଣତର ଉପଲବ୍ଧି ଆସିବ ହିଁ ଆସିବ । ଏହି ଅପର ହୃଦୟ ବା ଚିତ୍ତ ବୃତ୍ତି ସଙ୍ଗେ ସଂଯୁକ୍ତ ହେବା ହିଁ "ପ୍ରେମ" ଏବଂ ଏହା ଯେତେବେଳେ ଈଶ୍ୱର ଭାବରେ ଅନୁପ୍ରାଣିତ ହୁଏ, ସେତେବେଳେ ତାହା ପ୍ରେମ ଭକ୍ତିର ମର୍ଯ୍ୟାଦା ଲାଭ କରେ । ରାମକୃଷ୍ଣ ଦେବ ଏହି ବିଚିତ୍ର ଭାବ–ସାଧନାରେ "ପରମ ହଂସ" ହୋଇଥିଲେ ଏବଂ ଅପର ପାଇଁ ଏହି ଉନ୍ମୁକ୍ତ ଉଦାର ସାଧନ ମାର୍ଗ ଖୋଲି ଦେଇଥିଲେ । ତାଙ୍କର ଇଷ୍ଟଦେବୀ ଥିଲେ କାଳୀ । କିନ୍ତୁ ସାଧାରଣ ସଂକୀର୍ଣ୍ଣ ଧାର୍ମିକ ମଣିଷ, କାଳୀ କହିଲେ ଯାହା ବୁଝେ, ରାମକୃଷ୍ଣ ତାହା ବୁଝି ନଥିଲେ । କାଳୀଙ୍କ ଭିତରେ ସେ ଈଶ୍ୱରଙ୍କ ସମସ୍ତ ରୂପ, ଗୁଣ ଓ ଐଶ୍ୱର୍ଯ୍ୟକୁ ପ୍ରତ୍ୟକ୍ଷ କରିଥିଲେ ଏବଂ ଅନ୍ୟ ଦେବ ଦେବୀଙ୍କ ମଧ୍ୟରେ ବି ସେ ତାଙ୍କର କାଳୀଙ୍କୁ ଉପଲବ୍ଧି କରିଥିଲେ । ଆମ ଭିତରୁ କେତେକ ମଣିଷଙ୍କୁ ଭଲ ପାଉପାଉ ଭଗବାନଙ୍କୁ ଭଲପାଇ ବସନ୍ତି । ଅର୍ଥାତ୍ ମଣିଷ ଭିତରେ ହିଁ ଭଗବାନଙ୍କୁ ପ୍ରତ୍ୟକ୍ଷ କରନ୍ତି । ଆଉ କେତେକ ଭଗବାନଙ୍କୁ ଭଲ ପାଉପାଉ ମଣିଷକୁ ଭଲପାଇ ବସନ୍ତି ଏବଂ ଭଗବାନଙ୍କ ଭିତରେ ମଣିଷକୁ ପାଆନ୍ତି । ରାମକୃଷ୍ଣ ଏହି ଉଭୟ ପ୍ରେମରେ ସିଦ୍ଧ ଥିଲେ । ସେ ଶିବ ଜ୍ଞାନରେ ଜୀବକୁ ଓ ଜୀବ ଜ୍ଞାନରେ ଶିବଙ୍କୁ ଭଲ ପାଇଛନ୍ତି ଓ ସେବା କରିଛନ୍ତି । ତାଙ୍କ ଦୃଷ୍ଟିରେ କାଳୀ ଥିଲେ ପରମ ବ୍ରହ୍ମ ସ୍ୱରୂପିଣୀ ଏବଂ ଜଗତର ପ୍ରତ୍ୟେକ ବସ୍ତୁ ଓ ଜୀବ ମଧ୍ୟ ସେହି ଅରୂପ ନିର୍ଗୁଣ ପରମ ବ୍ରହ୍ମଙ୍କର ସାକାର ଓ ସଗୁଣ ବିକାଶ । ଏହି ଉପଲବ୍ଧି ମଧ୍ୟ ସେ ପାଇଥିଲେ ଓ ଅପର ପାଇଁ ମଧ୍ୟ ପଥ ନିର୍ଦ୍ଦେଶ କରି ଯାଇଥିଲେ । ସାଂସାରିକତା ଓ ସନ୍ନ୍ୟାସ ଏହି ଉଭୟ ମଧ୍ୟରେ ବିଭେଦ ଥିଲେ ବି ରାମକୃଷ୍ଣ ହିଁ ତା'ର ଭିତରେ ସମନ୍ୱୟ ବିଧାନ କରିଥିଲେ । ବସ୍ତୁତଃ ସାମ୍ୟ, ସମନ୍ୱୟ ଓ ଗ୍ରହଣଶୀଳତା ହିଁ ରାମକୃଷ୍ଣ ଅବତାରର ମୌଳିକ ଅବଦାନ । ରାମକୃଷ୍ଣ ଦେବ ପୃଥିବୀରେ ଆବିର୍ଭୂତ ହେଲା ପରେ ପରେ ହିଁ ପୃଥିବୀର ସକଳ ଧର୍ମରେ ଥିବା ସଂକୀର୍ଣ୍ଣ ପାଚେରୀ ଛାଉଁକୁ ଛାଉଁ ଭାଙ୍ଗିଗଲା ଏବଂ ସବୁ ଧର୍ମ ଭିତରେ ଏକ ମହା ସମନ୍ୱୟ ସମ୍ଭବ ହେଲା । ଅନ୍ୟ ଧର୍ମ ପ୍ରତି "ସହିଷ୍ଣୁତା" ବିଶେଷ ବଡ଼ କଥା ନୁହେଁ । ଅନ୍ୟ ଧର୍ମ ପ୍ରତି ଗ୍ରହଣଶୀଳତା ହିଁ ଯଥାର୍ଥ ଧାର୍ମିକ ସାଧନା । ଏହି ଗ୍ରହଣଶୀଳତା ଦ୍ୱାରା ହିଁ ଆମ ଭିତରର ଧର୍ମ ପ୍ରବୃତ୍ତି ପରିପୁଷ୍ଟ ହୁଅନ୍ତି ଓ ଗତିକ୍ଷମ ହୁଅନ୍ତି । ରାମକୃଷ୍ଣ ଅବତାର ହେବା ପୂର୍ବରୁ ବିଶେଷତଃ ରାମ ଓ କୃଷ୍ଣଙ୍କ ଆବିର୍ଭାବ ସମୟରେ ଏତେ ପ୍ରକାର ଧର୍ମ ବିଭେଦ ନଥିଲା ଓ ତଜ୍ଜନିତ ଧର୍ମ ସଙ୍କଟ ମଧ୍ୟ ନଥିଲା । କିନ୍ତୁ ହଜାର ହଜାର ବର୍ଷ ପରେ ପୃଥିବୀରେ ବିଭିନ୍ନ ଧର୍ମଧାରା ସୃଷ୍ଟି ହୋଇଗଲା ଏବଂ ସେଗୁଡ଼ିକ କ୍ରମଶଃ ସଂକୀର୍ଣ୍ଣ ହୋଇଗଲେ ଏବଂ ସେମାନଙ୍କ ମଧ୍ୟରେ ସଂଘର୍ଷର ସୂତ୍ରପାତ ହୋଇଗଲା । ରାମକୃଷ୍ଣ ଆବିର୍ଭାବ ପରେ ଏହି ସଂଘର୍ଷର ସମାଧାନ ପାଇଁ ବାଟ ଫିଟିଗଲା । ବିଶ୍ୱାସ ହୁଏ ଯେ, ଆଜି ନହେଲେ ବି ଅନ୍ତତଃ ଶହ ଶହ ବର୍ଷ ପରେ ମଣିଷ ଏହି ଗତିରୋଧକାରୀ ସଂକୀର୍ଣ୍ଣ ଧର୍ମାନ୍ଧତା ଓ ସଂଘର୍ଷରୁ ମୁକ୍ତି ପାଇବ ।

ରାମକୃଷ୍ଣ ଅବତାରତ୍ୱର ଆଉ ଏକ ଅବଦାନ ହେଲା – ମଣିଷ ମଣିଷ ଭିତରେ ସାମ୍ୟଭାବ ପ୍ରତିଷ୍ଠା କରିବା । ଧନୀ, ଗରିବ, ମୂର୍ଖ, ପଣ୍ଡିତ, ପୁଣ୍ୟବାନ, ପାପୀ, ଧାର୍ମିକ, ଅଧାର୍ମିକ, ସ୍ୱଦେଶୀ ଓ ବିଦେଶୀ, ନର ଓ ନାରୀ ସବୁ ପ୍ରତି ଏକ ସମଭାବର ଉପଲବ୍ଧି । ଏହି ସାମ୍ୟଭାବ ଉପଲବ୍ଧିର ବେଳ ଦେବଧୁ ଆସି ନଥିଲା । କିନ୍ତୁ ଏହା ହିଁ ଥିଲା ଯୁଗର ଦାବୀ । ପ୍ରଥମ କରି ରାମକୃଷ୍ଣ ଦେବହିଁ ଧାର୍ମିକ ସାଧନା ଭିତରେ ଏହା ପ୍ରତିଷ୍ଠା କଲେ । ଆଜି ଆମେ ଏହି ସାମ୍ୟଭାବକୁ ରାଜନୈତିକ ଓ ଅର୍ଥନୈତିକ କ୍ଷେତ୍ରରେ ପ୍ରୟୋଗ କରିବାକୁ ବସିଛୁ ।

ରାମକୃଷ୍ଣ ହିଁ ପ୍ରଥମ କରି ଲଜ୍ୟା, ଘୃଣା ଓ ଭୟ ବିବର୍ଜିତ ଏହି ମୁକ୍ତ ମଣିଷକୁ ସ୍ୱାଧୀନ ଭାବରେ ଅର୍ଥାତ୍ ବ୍ୟକ୍ତିଗତ ସ୍ୱାଧୀନତାରେ ଧର୍ମ ସାଧନା କରିବାକୁ ଅନୁମତି ପ୍ରଦାନ କଲେ । ପ୍ରତ୍ୟେକ ମଣିଷ ତାର ନିଜସ୍ୱ ପ୍ରକୃତିର ରୁଚି ଓ ଗତି ଅନୁଯାୟୀ ଭଗବାନଙ୍କୁ ଖୋଜିବ ଓ ପାଇବ – ଗୀତାର ଏହି ତତ୍ତ୍ୱକୁ ରାମକୃଷ୍ଣ ଦେବ ପରୀକ୍ଷା କରି ଦେଖାଇ ଦେଲେ ।

ବିଗତ ଯୁଗଗୁଡ଼ିକର ଅବତାରମାନଙ୍କ ପରି ରାମକୃଷ୍ଣ ଅଲୌକିକ ଓ ଐଶ୍ୱରୀକ ବିଭୂତିର ଅଧିକାରୀ ଥିଲେ ମଧ୍ୟ ଅର୍ଥାତ୍ ପାର୍ଥିବ ନିୟତିର ଦୁର୍ଲଙ୍ଘ୍ୟ ବିଧାନଗୁଡ଼ିକୁ ଭାଙ୍ଗିଦେଇ ପାରିବାର ଅଲୌକିକ ଦିବ୍ୟ କ୍ଷମତା ତାଙ୍କର ଥିଲେ ମଧ୍ୟ, ସେଗୁଡ଼ିକୁ ପାର୍ଥିବ ଜୀବନ କ୍ଷେତ୍ରରେ ବ୍ୟବହାର କରୁନଥିଲେ । ତାଙ୍କର ନିର୍ଦ୍ଦେଶ ଥିଲା, ପାର୍ଥିବ ନିୟତିର ସମସ୍ତ ପ୍ରହାରକୁ ହସି ହସି ସହ୍ୟ କର ଏବଂ ତା'ରି ଭିତରେ ଅନନ୍ୟ ଭାବ ଭଗବାନଙ୍କୁ ଖୋଜ ଓ ପାଅ । ସେ ସଂସାରକୁ ସ୍ୱୀକାର କରୁଥିଲେ । ସଂସାରରେ ଜାବତୀୟ ସମ୍ପର୍କ ଓ କର୍ତ୍ତବ୍ୟକୁ ମଧ୍ୟ ସ୍ୱୀକାର କରୁଥିଲେ । କିନ୍ତୁ ତାଙ୍କର ଉପଦେଶ ଥିଲା – "ଶେଉଳ ମାଛ ଯେପରି ପଙ୍କରେ ରହିଲେ ମଧ୍ୟ ପଙ୍କ ତା' ଦେହରେ ଲାଗେ ନାହିଁ, ଜଳ ବିନ୍ଦୁ ଯେପରି ପଦ୍ମ ପତ୍ରରେ ଥିଲେ ମଧ୍ୟ ଭେଦି ଯାଏ ନାହିଁ, ଦାସୀ ଯେପରି ମୁନିବର ପିଲାମାନଙ୍କର ସମସ୍ତ ପରିଚର୍ଯ୍ୟା କରୁଥିଲେ ବି, ତା' ମନ ଯେପରି ତା' ନିଜ ଗାଁରେ ଥିବା ନିଜ ପିଲାମାନଙ୍କ ଉପରେ ଥାଏ, ଶୋରିଷ ତେଲ ହାତରେ ଲଗାଇ ପଣସ ଖୋସା ଛଡ଼ାଇଲା ବେଳେ ଯେପରି ହାତରେ ଅଠା ଲାଗେ ନାହିଁ, ସେହିପରି ଈଶ୍ୱର ଅନୁରକ୍ତ ବ୍ୟକ୍ତି ନିର୍ଲିପ୍ତ ଭାବରେ ସଂସାରରେ ରହିବ, ମାତ୍ର ତା'ମନ ଈଶ୍ୱରଙ୍କ ପାଖେ ଥିବ ।"

ରାମକୃଷ୍ଣ ଦେବ ଥିଲେ ଏହି ସଂସାରର ଦୀନ, ଦୁଃଖୀ, ପାପୀ, ତାପୀ ଓ ପତିତମାନଙ୍କର ଈଶ୍ୱର । ସେଥିପାଇଁ ତାଙ୍କର ପରମଶିଷ୍ୟ ସ୍ୱାମୀ ବିବେକାନନ୍ଦ ଅବତାରମାନଙ୍କ ଭିତରେ ତାଙ୍କୁ ବରିଷ୍ଠ ବୋଲି ଯଥାର୍ଥରେ ଅଭିହିତ କରିଛନ୍ତି ।

ଶ୍ରୀଚୈତନ୍ୟଙ୍କର ଅବତାର ଧାରଣର ଉଦ୍ଦେଶ୍ୟ ଥିଲା — ରାଧା ଓ କୃଷ୍ଣଙ୍କର ମହାଭାବକୁ ଏକର ଅଙ୍ଗରେ ବା ସତ୍ତାରେ ଉପଲବ୍ଧି କରିବା ଓ କରାଇବାରେ ପଥ ନିର୍ଦ୍ଦେଶ ଦେବା । ଶ୍ରୀରାମକୃଷ୍ଣଙ୍କର ଅବତାର ଭିତରେ ସେହିଭଳି ଆମେ ରାମ ଚେତନା ଓ କୃଷ୍ଣ ଚେତନା ଏହି ଉଭୟ ଚେତନାର ସମନ୍ୱୟ ସାଧନା ଓ ସିଦ୍ଧି ଲକ୍ଷ୍ୟ କରିପାଉ । ଶ୍ରୀରାମକୃଷ୍ଣଙ୍କ ଦେହ ତ୍ୟାଗ ବିଷୟରେ ବିବେକାନନ୍ଦଙ୍କ ମନରେ ଜାଗିଥିବା ଏକ ପ୍ରଚ୍ଛନ୍ନ ସନ୍ଦେହର ଉତ୍ତର ଦେଇ ସେ ସ୍ପଷ୍ଟ ଭାବରେ କହିଥିଲେ — "ମନରେ ସଂଶୟ ରଖ ନାହିଁ । ତୁମର ଯେ ରାମ, ଯେ କୃଷ୍ଣ–ଇଦାନୀଂ ଏଇ ଦେହରେ ଶ୍ରୀରାମକୃଷ୍ଣ । କିନ୍ତୁ ତୁମର ବେଦାନ୍ତ ମତରେ ନୁହେଁ ।"

ପଣ୍ଡିତ ଜବାହରଲାଲ୍ ନେହେରୁ ରାମକୃଷ୍ଣଙ୍କ ପ୍ରସଙ୍ଗରେ କହିବାକୁ ଯାଇ କହିଛନ୍ତି — "ସାରା ମଣିଷ ଜାତି ଶେଷ ପର୍ଯ୍ୟନ୍ତ ତାଙ୍କ ପାଖେ କୃତଜ୍ଞ ରହିବ । କାରଣ ସେ ଆସମାନଙ୍କୁ ସ୍ୱାମୀ ବିବେକାନନ୍ଦଙ୍କ ଭଳି ପୁରୁଷ ସିଂହ ପ୍ରଦାନ କରିଛନ୍ତି ।" ପଣ୍ଡିତ୍‌ଜୀଙ୍କ ସହ ସ୍ୱର ମିଳାଇ ଆମେ ବି କହିବା, ଆମେ ସେହି ପୁରୁଷୋତ୍ତମଙ୍କ ପାଖରେ ଚିର କୃତଜ୍ଞ ରହିବୁ । କାରଣ, ସେ ଆପମାନଙ୍କୁ ସାରଦାମଣିଙ୍କ ପରି ଏକ ମହୀୟସୀ ଦିବ୍ୟ ନାରୀ ପ୍ରଦାନ କରିଛନ୍ତି । ଯୁଗ ପୁରୁଷ ମହାଯୋଗୀ ଶ୍ରୀଅରବିନ୍ଦ ରାମକୃଷ୍ଣଙ୍କ ସମ୍ପର୍କରେ କହିଛନ୍ତି — "ଏହି ମହାତ୍ମା ନିଜ ଶକ୍ତିରେ ଈଶ୍ୱରଙ୍କୁ ଜବରଦସ୍ତି ଏହି ପୃଥିବୀ ଉପରକୁ ଯୋଗାରି ଆଣିଥିଲେ ।"

ବିଶ୍ୱ ବିଖ୍ୟାତ ମନୀଷି "ରୋମାଁରୋଲାଁ" କହନ୍ତି — "ଯଦି ଏହି ବ୍ୟକ୍ତିଟିକୁ କେହି ପାଗଳ ବୋଲି ପ୍ରମାଣିତ କରେ, ତେବେ ସମଗ୍ର ମନୁଷ୍ୟ ଜାତିର ଚରମ ଲକ୍ଷ୍ୟ ହେବା ଉଚିତ୍ ଏହି ପାଗଳାମି ।"

ଯଦି କେହି ଗଭୀର ଭାବେ, ସୂକ୍ଷ୍ମ ଭାବେ ଏହି ଦୁଇଶହ ବର୍ଷର ପୃଥିବୀର ଘଟଣାବଳୀକୁ ପର୍ଯ୍ୟବେକ୍ଷଣ କରିବ, ତେବେ ତାକୁ ନିଶ୍ଚୟ ଅବବୋଧ ହେବ ଯେ, ରାମକୃଷ୍ଣ ଏହି ପୃଥିବୀରେ ଜନ୍ମ ହେଲା ପରଠାରୁ — ପୃଥିବୀର ଭାଗ୍ୟ ଅନ୍ୟ ଏକ ଦିଗକୁ ବଦଳି ବଦଳି ଚାଲିଛି । ମଣିଷ ହାତକୁ ଏକ ନୂତନ ସତ୍ୟର ମଶାଲ ଧରାଇ ଦିଆଗଲାଣି । ବିବେକାନନ୍ଦ ଏହାକୁ ଲକ୍ଷ୍ୟ କରି ବଜ୍ର କଣ୍ଠରେ ଘୋଷଣା କରିଥିଲେ — "ରାମକୃଷ୍ଣ ଅବତୀର୍ଣ୍ଣ ହେଲା ପରେ — ପୃଥିବୀକୁ ସତ୍ୟ ଯୁଗ ଆସିଗଲା ।"

ଶ୍ରୀରାମକୃଷ୍ଣଙ୍କ ଆବିର୍ଭାବର ଦେଢ଼ଶତ ବର୍ଷ ବିତିଗଲାଣି...... ।

ଆଜି ସମଗ୍ର ପୃଥିବୀରେ କିନ୍ତୁ ମଣିଷ ସମାଜ ପୂର୍ବାପେକ୍ଷା ଅଧିକତର ମାରାତ୍ମକ ସଙ୍କଟର ସମ୍ମୁଖୀନ ହୋଇଛି । ଯୁଗ ଯୁଗ ଧରି ନାନା ମତ ଓ ନାନା ପଥରେ ଅଗ୍ରଗତି କରି ଚାଲିଥିବା ମଣିଷର ଆଜି ହଠାତ୍ ଗତି ବନ୍ଦ ହୋଇ ଯାଉଥିବା ଭଳି ଲାଗୁଛି । ଫଳରେ ମଣିଷର ଦୁର୍ଗତି ବଢ଼ି ଚାଲିଛି — ପଶ୍ଚାଦ୍‌ଗତି ବଢ଼ି ଚାଲିଛି । ମଣିଷ ପ୍ରକୃତିର ନିମ୍ନ ଭାଗ ଆଜି ଅଧିକ ସକ୍ରିୟ, ଅଧିକ ସବଳ ହୋଇ ଉଠିଛି । ବିଜ୍ଞାନର ଆଳରେ, ରାଜନୀତିର ଆଳରେ, ଅର୍ଥନୀତିର ଆଳରେ ଏବଂ ସର୍ବୋପରି ମାରାତ୍ମକ ହେଲା — ଧର୍ମର ଆଳରେ ମଣିଷ ଆଜି ପଶୁଠାରୁ ନିର୍ବୋଧ ଆଚରଣ କରୁଛି — ରାକ୍ଷସଠାରୁ ଜଘନ୍ୟ ଓ ବିଭତ୍ସ ଆଚରଣ କରୁଛି । ଗୋଷ୍ଠୀ ଗୋଷ୍ଠୀ ଭିତରେ, ସମ୍ପ୍ରଦାୟ ସମ୍ପ୍ରଦାୟ ଭିତରେ, ଜାତି ଜାତି ଭିତରେ ଓ ଦେଶ ଦେଶ ଭିତରେ ଆଜି ଈର୍ଷା, ହିଂସା, ପ୍ରତିଦ୍ୱନ୍ଦ୍ୱିତା, ଅବିଶ୍ୱାସର ଘୋର ସ୍ନାୟୁ ଯୁଦ୍ଧ ଚାଲିଛି । ମଣିଷ ମଣିଷ ଭିତରେ ନୈକଟ୍ୟ ଅପେକ୍ଷା ବ୍ୟବଧାନ ବଢ଼ିଚାଲିଛି ଏବଂ ଏହାରି ଭିତରେ ପୁଣି ମଧ୍ୟଯୁଗୀୟ ଅନ୍ଧ ବିଶ୍ୱାସ, କୁସଂସ୍କାର, ତମୋଗୁଣ ଓ ମଝିରୀ ଭାବଗୁଡ଼ିକ ଉଜ୍ଜୀବିତ ହୋଇ ସହସ୍ର ଗୁଣରେ ବୃଦ୍ଧି ପାଇ ଚାଲିଛି । ଧର୍ମ ଭାବ ବା ଧର୍ମ ସାଧନାର ମୌଳିକ ଗୁଣ ଓ ଲକ୍ଷ୍ୟକୁ ଭୁଲିଯାଇ ସାରା ପୃଥିବୀର ଧର୍ମ ସମ୍ପ୍ରଦାୟଗୁଡ଼ିକ ଓ ଧର୍ମାଧ୍ୟକ୍ଷମାନେ ଆଜି ଧର୍ମକୁ ଏକ ରାଜନୈତିକ ଓ ବ୍ୟବସାୟିକ ପ୍ରତିଷ୍ଠାର ଯନ୍ତ୍ର ରୂପେ ବ୍ୟବହାର କରୁଛନ୍ତି । ବିଶ୍ୱାସ ଶୁଦ୍ଧ ଓ ଗଭୀର ହେବା ପରିବର୍ତ୍ତେ ଅଧିକ ଉଗ୍ର ଓ ଅସହିଷ୍ଣୁ ହୋଇ ଉଠିଛି ।

ଏହି ପରିପ୍ରେକ୍ଷୀରେ ଭାରତର ବର୍ତ୍ତମାନ ଅବସ୍ଥାକୁ ଚିନ୍ତା କଲେ ଘୋରିଅନ୍ଧ ଅନ୍ଧାର ଦେଖାଯାଉଛି । ଆଜି ସ୍ୱାମୀ ବିବେକାନନ୍ଦଙ୍କ ଭାରତବର୍ଷ, ଶ୍ରୀଅରବିନ୍ଦଙ୍କ ଭାରତବର୍ଷ, ରବିନ୍ଦ୍ରନାଥଙ୍କ ଭାରତବର୍ଷ, ଗାନ୍ଧିଜୀଙ୍କ ଭାରତବର୍ଷ ଖଣ୍ଡ ଖଣ୍ଡ ହୋଇ ତିନି ଭାଗରେ ବିଭକ୍ତ ହୋଇଛି ଓ ଏହାକୁ ଆହୁରି ଖଣ୍ଡ ଖଣ୍ଡ କରି ଚିର ଦିନ ପାଇଁ ଭାଙ୍ଗି ଦେବାକୁ ଅନ୍ୟ ଦେଶଗୁଡ଼ିକର ଓ ନିଜ ଦେଶର ଗୁପ୍ତ ଶତ୍ରୁମାନେ, ବିରୋଧୀ ଶକ୍ତିମାନେ ପ୍ରାଣପଣେ ଲାଗିପଡ଼ିଛନ୍ତି । ଅଖଣ୍ଡ ଭାରତର ଦୁଇ ବିଛିନ୍ନ ଅଂଶ ପାକିସ୍ତାନ ଓ ବଙ୍ଗଳାଦେଶ ନିଜକୁ ଇସ୍‌ଲାମ୍ ରାଷ୍ଟ୍ର ବୋଲି ଜାହିର କରିଛନ୍ତି । ଏବଂ ଅବଶିଷ୍ଟ ଭାରତବର୍ଷ ନିଜକୁ ଧର୍ମ ନିରପେକ୍ଷ ରାଷ୍ଟ୍ର ବୋଲି ଘୋଷଣା କରିଛି । ବର୍ତ୍ତମାନ ଭାରତର ପନ୍ଦର କୋଟିରୁ ଅଧିକ ମୁସଲମାନ୍ ଧର୍ମୀ ଓ ଚାରି କୋଟିରୁ ଅଧିକ ଖ୍ରୀଷ୍ଟିଆନ ଧର୍ମୀ ଅଧିବାସୀ ଅଛନ୍ତି । ଆଜି ଏହି ଭାରତରେ ହିଁ ପ୍ରକୃତ ଧର୍ମନିରପେକ୍ଷତାକୁ ଆମେ ପାଶ୍ଚାତ୍ୟ ସିକ୍ୟୁଲାର୍ ଅର୍ଥରେ ବୁଝିବା ନାହିଁ । ଧର୍ମ ନିରପେକ୍ଷତା ଅର୍ଥ ସବୁ ଧର୍ମ ପ୍ରତି ଉଦାସିନତା ନୁହଁ — ଏପରିକି ସବୁ ଧର୍ମ ପ୍ରତି ଏକ ଭଦ୍ର ଉଦାର ସହନଶୀଳତା ନୁହେଁ । ଭାରତବର୍ଷରେ ଧର୍ମ ନିରପେକ୍ଷତାର ଅର୍ଥ ହେଲା — ଏଠାରେ ସବୁ ଧର୍ମ ପ୍ରତି ଗ୍ରହଣଶୀଳତା । ଯୁଗାବତାର ଶ୍ରୀରାମକୃଷ୍ଣ ନିଜ ସାଧନା ଭିତରେ ଏହାକୁ ପ୍ରମାଣ କରି ସାରିଛନ୍ତି -- ଏହି ମହତ ସିଦ୍ଧି ଆସମାନଙ୍କୁ ଦାନ କରିଛନ୍ତି । ଜଣେ ହିନ୍ଦୁ ବା ମୁସଲମାନ୍ ବା ଖ୍ରୀଷ୍ଟିଆନ ନିଜ ଧର୍ମରେ ଥାଇ ମଧ୍ୟ ଅନ୍ୟ ଧର୍ମର ଈଶ୍ୱର ଉପଲବ୍ଧିକୁ ନିଜ ଭିତରେ ପାଇପାରେ । ରାମକୃଷ୍ଣଙ୍କର ନିର୍ଦ୍ଦେଶ ହେଲା — ହଜାର ହଜାର ବର୍ଷ ଧରି ଭଗବାନ ମଣିଷ ପ୍ରତି କୃପା ପ୍ରେମ ପରବଶ ହୋଇ ବିଭିନ୍ନ ରୂପରେ ଏ ପୃଥିବୀକୁ ଅବତରି ଆସିଛନ୍ତି — ତାଙ୍କର ପ୍ରିୟ ଦୂତ ଓ ବିଭୂତିମାନଙ୍କୁ ପଠାଇଛନ୍ତି । ଏହି ଭାବରେ ବିଭିନ୍ନ ଧର୍ମାଶ୍ରମ ଓ ଧର୍ମ ମାର୍ଗର ପ୍ରବର୍ତ୍ତନ ହୋଇଛି ଏବଂ ଆମେ ବର୍ତ୍ତମାନ ଯୁଗରେ ସେହି ସବୁ ଅବତାର ବା ମହାତ୍ମାମାନଙ୍କ ପ୍ରଦର୍ଶିତ ମାର୍ଗରେ ମିଳିମିଶି ସାଧନା କରିବା ଓ ପରମେଶ୍ୱରଙ୍କୁ ବିଭିନ୍ନ ଭାବରେ ଉପଲବ୍ଧି କରିବା । ତା' ଫଳରେ ଆମର ଈଶ୍ୱର ଉପଲବ୍ଧି ପୂର୍ଣ୍ଣତର ହେବ । ଈଶ୍ୱର, ଆଲ୍ଲା, ଗଡ୍ ଏ ସବୁ କେବଳ ଏକଂ ସଦ୍‌ବସ୍ତୁର ବିଭିନ୍ନ ଭାଷାରେ ନାମ ମାତ୍ର ନୁହଁ । ଏଥିରେ ମଧ୍ୟ ଦିବ୍ୟ–ଉପଲବ୍ଧିର ଭିନ୍ନତା ଅଛି ଏବଂ ଏହି ଭିନ୍ନତାକୁ ଆପଣା ଅନ୍ତର ଭିତରେ ଅଭିନ୍ନ ଭାବେ ଉପଲବ୍ଧି କଲେ ଯାଇ ଆମେ ଯଥାର୍ଥ ଧର୍ମ ପଥରେ ଅଗ୍ରସର ହୋଇପାରିବା ।

ପୃଥିବୀ ଓ ସମଗ୍ର ମାନବ ସମାଜ ପାଇଁ ରାମକୃଷ୍ଣଙ୍କର ଏହି ବାଣୀ ଓ ସିଦ୍ଧି ଅଭିପ୍ରେତ । ଆଜି ଯଦି ମାନବ ସମାଜ ଏହା ଗ୍ରହଣ ନକରେ, ତେବେ ଅବସ୍ଥା ଯାହା ହେଲାଣି, ମଣିଷ ସମାଜର ଧ୍ୱଂସ ଅନିବାର୍ଯ୍ୟ ।

କିନ୍ତୁ ଭାରତବର୍ଷରେ ହିଁ ପ୍ରଥମେ ସମଗ୍ର ଭାବରେ ଏହି ଭାବର ସାଧନା ପରୀକ୍ଷା ହେବ । ତାପରେ ଯାଇ ସାରା ମାନବ ସମାଜ ଏହାକୁ ଗ୍ରହଣ କରିବ । ତେଣୁ ଆଜି ଭାରତବର୍ଷର ପ୍ରତ୍ୟେକ ବ୍ୟକ୍ତି, ସେ ଯେଉଁ ଧର୍ମ ବିଶ୍ୱାସର ହୋଇଥାଉ ନା କାହିଁକି — ତାକୁ ଆଗ ନିଜ ଅନ୍ତରରେ ଓ ବାହ୍ୟ ଆଚରଣରେ ଏହି ଧର୍ମ ସମନ୍ୱୟ ଭାବକୁ ପ୍ରତିଷ୍ଠା କରିବାକୁ ପଡ଼ିବ । ଏହା ଏକ ନୂତନ ଧର୍ମ ଚେତନା ଏବଂ ଭାରତ ହିଁ ଏହି ସାଧନାର ନେତୃତ୍ୱ ନେବ । ଯଦି ଭାରତ ଏହା ନନେଇ ପାରେ — ତେବେ ଭାରତ ଧ୍ୱଂସ ହେବ ଏବଂ ଶ୍ରୀଅରବିନ୍ଦ ଯାହା କହିଛନ୍ତି — ଭାରତବର୍ଷ ଧ୍ୱଂସ ହେଲେ ମାନବ ଜାତି ମଧ୍ୟ ଧ୍ୱଂସର ସମ୍ମୁଖୀନ ହେବ । କିନ୍ତୁ ଆମର ଦୃଢ଼ ବିଶ୍ୱାସ — ଶ୍ରୀରାମକୃଷ୍ଣ ଭାରତର ଆତ୍ମଚେତନାରେ ବଞ୍ଚି ରହିଛନ୍ତି — ସ୍ୱାମୀ ବିବେକାନନ୍ଦ ଓ ମା'ଶାରଦାମଣି ମଧ୍ୟ ବଞ୍ଚି ରହିଛନ୍ତି ଏବଂ ଭାରତବର୍ଷର ନିୟତିକୁ ଅନ୍ତରାଳରେ ରହି ସେହି କଲ୍ୟାଣମୟ ଦିଗରେ ପରିଚାଳନା କରୁଛନ୍ତି । ତେଣୁ ନିରାଶ ହେବାର ନାହିଁ — ଭୟ ଆଶଙ୍କାର କିଛି କାରଣ ନାହିଁ । କିନ୍ତୁ ଆଜି ଆଉ ବସି ରହିଲେ ହେବ ନାହିଁ — ଶୋଇ ରହିଲେ ହେବ ନାହିଁ — କିମ୍ବା ପୁରାତନ ପଛାରେ ପୁରାତନ ବିଶ୍ୱାସକୁ ଧରି ମଣିଷର ନିୟତିକୁ

ପରିବର୍ତ୍ତନ କରିବାର ଚେଷ୍ଟା ଦ୍ୱାରା ଆଉ ଅଧିକ କାଳ କ୍ଷେପଣ କରିବା ବିଜ୍ଞତାର କାର୍ଯ୍ୟ ହେବ ନାହିଁ। ଯୁଗ ପୁରୁଷ ଶ୍ରୀରାମକୃଷ୍ଣଙ୍କ ଆଡ଼କୁ ସମସ୍ତେ ଦୃଷ୍ଟି ଫେରାନ୍ତୁ। ତାଙ୍କର ବାଣୀ ପ୍ରତି କାନ ଡେରନ୍ତୁ ଓ ତାଙ୍କର ନିର୍ଦ୍ଦେଶକୁ ଗ୍ରହଣ କରନ୍ତୁ। ଏତିକି ଆଜି ଆମର କାମନା ଓ ଧ୍ୟେୟ।

ଆଜି ସେହି ପରମ ପୁରୁଷ ତ୍ରାଣକର୍ତ୍ତା ଯୁଗାବତାରଙ୍କର ଶହେ ପଞ୍ଚାଶତମ ଜନ୍ମ ବର୍ଷରେ ତାଙ୍କ ଦିବ୍ୟ ପାଦପଦ୍ମରେ ଆମର କୋଟି କୋଟି ସକୃତଜ୍ଞ ବିନମ୍ର ପ୍ରଣତି।



# ଭାରତୀୟ ସଂସ୍କୃତିବୋଧ

ଶ୍ରୀ ଗୋପାଳ ଚନ୍ଦ୍ର ମିଶ୍ର ଶର୍ମା

ଏହି ପରମ ପୂଜ୍ୟା ଭାରତ ଆର୍ଯ୍ୟ ଭୂମିର ଇତିହାସ ଠିକ୍ ଭାବରେ ମୋଟେ ଲେଖାଯାଇ ନାହିଁ । ଯଦି ଇତିହାସ ଠିକ୍ ଭାବରେ ଲେଖା ଯାଇଥାନ୍ତା, ତେବେ କୌଣସି ଐତିହାସିକ ଆର୍ଯ୍ୟମାନେ କାସ୍ପିୟାନ ହ୍ରଦ କୂଳ ଆଡୁ ଆସି ଭାରତରେ ଅନୁପ୍ରବେଶ କରିଥିଲେ ବୋଲି ଲେଖି ନଥାନ୍ତେ କି ବେଦ ଶାସ୍ତ୍ର ଗୋଟିଏ ଆଦିମ ଯୁଗର କାବ୍ୟ ବୋଲି କହିନଥାନ୍ତେ । ଦୀର୍ଘ ୩୦୦ ବର୍ଷ କାଳ ବ୍ରିଟିଶ ଶାସନାଧୀନ ଥାଇ ଏ ଦେଶର ସଂସ୍କୃତିକୁ କି ବିକଳାଙ୍ଗ ଭାବରେ ରୂପାୟନ କରାଯାଇଛି ତାହା ଭାବିଲେ ଖୁବ୍ ଦୁଃଖ ଲାଗେ । ଯେଉଁ ବେଦ ଶାସ୍ତ୍ରକୁ ସମଗ୍ର ମାନବ ସମାଜ ପାଇଁ ପ୍ରୟୋଗ କରାଗଲେ ଅତ୍ୟନ୍ତ ସାର୍ବଭୌମ ବୋଲି ଗ୍ରହଣୀୟ ଓ ପରମ ଶ୍ରେଷ୍ଠ ସନାତନ ଧର୍ମର ପୋଷକ, ଧାରକ ଓ ବାହକ ବୋଲି ସୁପ୍ରମାଣିତ ଏବଂ ସେଥିରେ ଆର୍ଯ୍ୟ ଓ ଅନାର୍ଯ୍ୟ ଶବ୍ଦ ଯେ ବାରମ୍ବାର ଉଲ୍ଲେଖ କରାଯାଇଛି ଏ ବିଷୟରେ ଐତିହାସିକମାନେ ସମ୍ପୂର୍ଣ୍ଣ ଅନଭିଜ୍ଞ । ସେମାନେ ବୁଝିବା ଉଚିତ ଥିଲା ଯେ ଯେଉଁ ଭାରତ ଭୂମିର ଅଧିବାସୀ ସୃଷ୍ଟିର ପ୍ରାରମ୍ଭ କାଳରୁ ଆର୍ଯ୍ୟ ଚେତନା ତଥା ଅନାର୍ଯ୍ୟ ଚେତନା ବିଷୟରେ ସମ୍ୟକ୍ ଭାବରେ ଚେତନଶୀଳ, ତାକୁ ତାର ସଂସ୍କୃତିବୋଧ ବିଷୟରେ କେହି କେହି ଉପଦେଶ ଦେବା, ମନ୍ତବ୍ୟ ଦେବା ବା ମାର୍ଗ ଦର୍ଶନ କରେଇବା ନିତାନ୍ତ ଭ୍ରାନ୍ତ ତଥା ହାସ୍ୟାସ୍ପଦ ବୋଲି ବିବେଚିତ ହେବା ନିଶ୍ଚିତ । ଭାରତର ଇତିହାସ, ସଂସ୍କୃତି ବିଷୟ ହେଉ ବା ଧର୍ମ ହେଉ ବା ଲୋକାଚାର ହେଉ ଯେ କୌଣସି ବିଷୟରେ ଲେଖିବା ପୂର୍ବରୁ ଐତିହାସିକମାନେ ବେଦ, ଉପନିଷଦ, ଗୀତା, ଭାଗବତ, ରାମାୟଣ ଓ ମହାଭାରତ ପୁସ୍ତକମାନ ପଠନ କରିବା ଉଚିତ ଥିଲା । ଯେଉଁଥିରେ ଭାରତର ଇତିହାସ, ଧର୍ମ ଦର୍ଶନ, ଲୋକ ଚରିତ ସୁନ୍ଦର ଭାବେ ରୂପାୟନ କରାଯାଇଛି । ତାକୁ ଅଣଦେଖା ଅବହେଳା କରି ମନଇଚ୍ଛା ଇତିହାସ ଲେଖିବା ଫଳରେ ତାହା ନିଶ୍ଚିତ ଭାବେ ନିମ୍ନସ୍ତରୀୟ ବୋଲି ସୁପ୍ରମାଣିତ । ଏହି ସବୁ ପରମଶ୍ରେଷ୍ଠ ଶିକ୍ଷଣୀୟ ପୁସ୍ତକମାନଙ୍କରେ ଆର୍ଯ୍ୟ ଓ ଅନାର୍ଯ୍ୟ ଶବ୍ଦ ତଥା ଗୁଣିଚଳନି ବିଷୟରେ ସୁନ୍ଦର ସୁଶୃଙ୍ଖଳିତ ଭାବେ ସମାବେଶ କରାଯାଇଛି । ତଥାପି ଏ ଜାତିର ଇତିହାସକୁ ଭୁଲ ମାର୍ଗରେ ଲେଖି ଅଧୁନା ଲୋକ ସମାଜକୁ ବିଭ୍ରାନ୍ତିକର ତଥ୍ୟ ଯୋଗାଇ ପୁନରାୟ ସେହି ଭୁଲକୁ ଇତିହାସରେ ସ୍ଥାନ ଦେଇ କହୁଛନ୍ତି ଯେ "ଭାରତକୁ ଆର୍ଯ୍ୟମାନେ ସେହି କାସ୍ପିୟାନ ହ୍ରଦଆଡୁ ଆସି ଭାରତରେ ଅନୁପ୍ରବେଶ କରିଥିଲେ ।" ପାଠକେ ! ଶାସକେ ! ତଥାକଥିତ ଐତିହାସିକବର୍ଗ ! ଟିକିଏ ଭାରତୀୟ ଆର୍ଯ୍ୟ ଶାସ୍ତ୍ର ଉପରେ ନିଜର ଦୃଷ୍ଟିକୁ ନିକ୍ଷେପ କରିବେ କି ? ଯେଉଁ ସୃଷ୍ଟିର ପ୍ରାରମ୍ଭ କାଳରେ ବେଦ ଶାସ୍ତ୍ର ସୃଷ୍ଟି ହୋଇଥିଲା ସୁଶୃଙ୍ଖଳିତ ମାନବ ସମାଜ ପାଇଁ ସେଥିରେ ଯେଉଁ ଆର୍ଯ୍ୟ ଓ ଅନାର୍ଯ୍ୟ ଶବ୍ଦ ବ୍ୟବହାର ହୋଇଅଛି ତାହା କ'ଣ ତତ୍କାଳୀନ ଲୋକ ସମାଜ ପାଇଁ ପ୍ରଯୁଜ୍ୟ ନୁହେଁ କି ? କିନ୍ତୁ ଏହି ପରମପୂଜ୍ୟ ମାର୍ଗ ଦର୍ଶକ ବେଦ ଶାସ୍ତ୍ରକୁ ପ୍ରତ୍ୟାଖ୍ୟାନ କରାଯାଇ ସେହି ସମୟର ପାଶ୍ଚାତ୍ତ୍ୟ ମୂର୍ଖ ତଥା ଅଜ୍ଞାନି ଶାସକବର୍ଗଙ୍କୁ ସୁହାଇଲା ପରି ଇତିହାସ ଲେଖାଯାଇ ଭାରତର ବୈଦିକ ସଂସ୍କୃତିକୁ ଘୋର ଅପମାନ କରାଯାଇଅଛି । ବର୍ତ୍ତମାନର ଶାସକବର୍ଗ ଟିକିଏ ଏହିପରି ସତ୍ୟ, ମିଥ୍ୟା ପ୍ରତି ନିରୀକ୍ଷଣ କରି ଭାରତର ଆର୍ଯ୍ୟ ଜାତିର କୃଷ୍ଟି ପରମ୍ପରା, ସଂସ୍କୃତି ସମ୍ବଳିତ ତଥ୍ୟକୁ ଯୁକ୍ତିଯୁକ୍ତ କରି ଭାରତର ବାସ୍ତବ ଇତିହାସକୁ ଲେଖିବାର ବ୍ୟବସ୍ଥା କରିବେ କି ? ଏହିଠାରେ ସ୍ପଷ୍ଟ ଭାବେ କୁହାଯାଇପାରେ ଯେ ଯଦି କୌଣସି ପ୍ରକୃତ ଭାରତୀୟକୁ ପଚରାଯିବ "ତୋର ଗୋତ୍ର ପ୍ରବର କ'ଣ ? ସେ ଯୋର କରି କହିବ ଯେ, ମୁଁ ଅମୁକ ଋଷିର ବଂଶଧର ଓ ଅମୁକ ଋଷି ପ୍ରଭୃତିଙ୍କ ପ୍ରବର ପ୍ରଯୁକ୍ତ" ଏ କଥା ଭାରତୀୟ ବ୍ୟତୀତ କେହି କହିପାରିବେ ନାହିଁ. ଯେଉଁ ଲୋକ ଭାରତ ଜାତିର ସଂସ୍କୃତି ବିଷୟରେ ଅନଭିଜ୍ଞ ସେ ପୁଣି ଭାରତ ଭୂଖଣ୍ଡରେ ସ୍ୱୟଂ ପ୍ରକାଶିତ ତଥା ପ୍ରସ୍ଫୁଟିତ ପଦ୍ମ ପରି ଜାଜ୍ଜ୍ୱଲ୍ୟମାନ । ବୈଦିକ ସଂସ୍କୃତିରେ ଗଢ଼ି ଆସିଥିବା ଏବଂ ବଞ୍ଚି ବଢ଼ି ଆସିଥିବା ଆର୍ଯ୍ୟ ଅଧିବାସୀଙ୍କ ବିଷୟରେ ଇତିହାସ ଲେଖିବ, ଆଉ କହିବ, ଭାରତକୁ ଅନ୍ୟଆଡୁ ଆର୍ଯ୍ୟ ଆସିଥିଲେ । ଏହିଭଳି ଅନଭିଜ୍ଞ ଐତିହାସିକମାନଙ୍କୁ ପୁନରାୟ ଆହ୍ୱାନ ଦେଇ କୁହାଯିବା ଓ ପ୍ରଶ୍ନ ପଚରାଯିବା ଉଚିତ ଯେ "ହେ ଐତିହାସିକବର୍ଗ ! ତୁମେ ସେହି ବିଦେଶୀ କବଳିତ ଶାସନାଧୀନ କାଳରେ ଥିବା ଓ ଇତିହାସ ଲେଖାଇ ଆସିଥିବା ଶିଖି ମନାଇ ଐତିହାସିକମାନଙ୍କ ପଦକ୍ଷେପକୁ ଅନୁସରଣ କରି ଇତିହାସ ଲେଖି ନିଜର ଅସ୍ୱତାର ପରିଚୟକ ହୋଇଛ କି ? ନା, ନିଜର ସୁଚିନ୍ତିତ ଗବେଷଣାମୂଳକ ଯୁକ୍ତିକୁ ଆଶ୍ରୟ କରି ଇତିହାସ ଲେଖୁଛ ? ସେମାନେ ଯଦି ଗଡ୍ଡଳିକା ପ୍ରବାହରେ ଇତିହାସ ଲେଖି ଚାଲିଥାନ୍ତି ତାହା ବର୍ଣ୍ଣାର ବ୍ୟବସାୟ ଭଳି ହେବ ଓ ନିଜର ବୁଦ୍ଧି ପ୍ରତିଭାକୁ ବଳି ଦେଇ ଭାରତୀୟ ସଂସ୍କୃତିରେ ଥିବା ଶ୍ରୁତି, ସ୍ମୃତି ଓ ନୀତି ବାଣୀକୁ ଅନାଦର କରି ଭାରତର ପ୍ରକୃତ ସଂସ୍କୃତିର ନିଖୁଣ ଚିତ୍ରାଙ୍କନ ଦେବାରେ ଅପାରଗ । ଏହାକୁ ବର୍ତ୍ତମାନ ଓ ଅନାଗତ ସୁଚିନ୍ତିତ ଗବେଷକଙ୍କ

ଆଗରେ ନିନ୍ଦିତ ଓ ଭର୍ତ୍ସିତ ହେବାକୁ ପଡ଼ିବ, ଏ କଥା ନିଃସନ୍ଦେହ ଭାବେ କୁହାଯାଇପାରେ । କୌଣସି କଥା ଯଦି ଯୁକ୍ତିଯୁକ୍ତ ଭିତ୍ତି ଉପରେ ନରହେ ତାହା ମାନବ ସମାଜର ଘୋର କ୍ଷତି କରେ ଯାହାକି ବର୍ତ୍ତମାନ ଘଟୁଅଛି । ଉଦାହରଣ ସ୍ୱରୂପ ଯଥା–ଯୋଗାବଶିଷ୍ଠରେ ପ୍ରଭୁ ରାମଚନ୍ଦ୍ର କହୁଛନ୍ତି ଗୁରୁଦେବ ବଶିଷ୍ଠଙ୍କୁ, "ହେ ଗୁରୁଦେବ ! ଶ୍ରୁତିରେ କେଉଁ ନୀତି କେଉଁ ଭିତ୍ତିର ଯୁକ୍ତିରେ କାଟାଚିପାତ କରିଲେ ଧର୍ମ ଠିକ୍ ଭାବରେ ହିତ ସାଧନ କରିବ ?" ଉତ୍ତରରେ ବଶିଷ୍ଠ ମହର୍ଷି କହୁଛନ୍ତି, "କେବଳ ଶାସ୍ତ୍ରମାଶ୍ରିତ୍ୟଂ କର୍ତ୍ତବ୍ୟଂ ନ ବିନିର୍ଣ୍ଣୟଃ, ଯୁକ୍ତିହୀନ ବିଚାରେଣ ଧର୍ମହାନି ପ୍ରଜାୟତେ ।"(ଯୋଗାବଶିଷ୍ଠ) "କେବଳ ଶାସ୍ତ୍ରକୁ ଅନୁସରଣ କରିଲେ ଚଳିବନି ଯଦି ତାହା ଯୁକ୍ତିଯୁକ୍ତ ହୋଇ ନଥାଏ ତାହା ଲୋକ ଧର୍ମ ଚଳିଚଳନରେ ବିଶେଷ ଅନ୍ତରାୟ ହେବ ।" ଏଠାରେ ଶାସ୍ତ୍ରକୁ ଅପମର୍ଯ୍ୟାଦା କରାଯାଉ ନାହିଁ, ପରନ୍ତୁ ଯେଉଁମାନେ ଶାସ୍ତ୍ର ନାମରେ ଭଣ୍ଡାମୀ କରି, ଶାସ୍ତ୍ରରେ ଅଛି ବୋଲି କହି କେତେକ ଐତିହାସିକ, ଉପଦେଶକ, ସମାଜ ଶାସକ, ଜ୍ଞାନି ତଥା ନେତା ଅଶାସ୍ତ୍ରୀୟ ଯୁକ୍ତିହୀନ କଥା କହି ସମାଜକୁ ବିଭ୍ରାନ୍ତ କରୁଛନ୍ତି ସେହିମାନଙ୍କ ପାଇଁ ବଶିଷ୍ଠଙ୍କ ଉପରୋକ୍ତ ଉକ୍ତି ଗ୍ରହଣୀୟ ଓ ଯୁକ୍ତିଯୁକ୍ତ । ନଚେତ୍ ଭାରତୀୟ ବେଦ ବେଦାନ୍ତ, ଉପନିଷଦ, ଦର୍ଶନ, ରାମାୟଣ ଓ ମହାଭାରତର ଉକ୍ତି ଚିରନ୍ତନ ସତ୍ୟ ଉପରେ ପ୍ରତିଷ୍ଠିତ । ଏଥିରେ ଥିବା ଉପଦେଶ ଅତୀତରେ ଥିଲା, ବର୍ତ୍ତମାନ ଅଛି ଓ ଅନାଗତ ଭବିଷ୍ୟତରେ ମଧ୍ୟ ନୂତନ ଭାବେ ସବୁବେଳ ପାଇଁ ଗ୍ରହଣୀୟ । ଭାରତର ଆତ୍ମାକୁ ଚିହ୍ନିବାକୁ ହେଲେ ଏହାର ପବିତ୍ର ସଂସ୍କୃତି ସହିତ ସୁପରିଚିତ ହେବାକୁ ଗଲେ ଓ ଏହାର ଲୋକ ଚରିତ୍ରକୁ ଅନୁଧ୍ୟାନ କରିବାକୁ ହେଲେ ହେ ପାଠକବର୍ଗ ! ଶାସକବର୍ଗ ! ଗବେଷକଗଣ ! ସଂସ୍କୃତ ଭାଷାରେ ଲିପିବଦ୍ଧିତ ଉପରୋକ୍ତ ପୁସ୍ତକ ଅଧ୍ୟୟନ କରିବାକୁ ହେବ, ନଚେତ୍ ସବୁ ନିଷ୍ପ୍ରୟୋଜନ ବୋଲି ବୋଧ ହେବ । ଏହି ମନୁଷ୍ୟ ଜୀବନର ଯେଉଁ ମାଦକତା ତାହା ପାଇବା ଦୁଷ୍ପ୍ରାପ୍ୟ ହେବ । ମନୁଷ୍ୟ ଯେ ଭଗବାନଙ୍କର ଅପୂର୍ବ ସୃଷ୍ଟି ଏ ବିଷୟର ସାରସତା ଅନୁଭବ ନହେଲେ ଏ ମନୁଷ୍ୟ ଜୀବନ ପ୍ରାଣୀ ଜୀବନ ସଙ୍ଗେ ସମାନ ନୁହେଁ କି ? ନୀତି ଶାସ୍ତ୍ରରେ ଅଛି ଯଥା :–

ଆହାର, ନିଦ୍ରା, ଭୟ, ମୈଥୁନଞ୍ଚ
ସାମାନ୍ୟମେତତ୍ ପଶୁଭିର୍ନରାଣାଂ
ଧର୍ମୋହିତେଷାଂ ଅଧିକୋ ବିଶେଷଃ
ଧର୍ମେଣହୀନାଃ ପଶୁଭିଃ ସମାନାଃ ।
(ଭାରତୀୟ ନୀତିଶାସ୍ତ୍ର)

ଆହାର, ନିଦ୍ରା, ଭୟ, ମୈଥୁନ ଏହି ୪ଟି ଗୁଣ ମଧ୍ୟ ପଶୁଠାରେ ଅଛି । ମଣିଷଠାରେ ଅଧିକ ଭାବରେ ଧର୍ମ ଜ୍ଞାନ ଅଛି ବୋଲି ସେ ମନୁଷ୍ୟ ପଦବାଚ୍ୟ । ଯଦି ମନୁଷ୍ୟଠାରେ ସାହିତ୍ୟର ସମାବେଶ, ସଙ୍ଗୀତର ମୂର୍ଚ୍ଛନା, କଳା ଅର୍ଥାତ୍ ଜୀବନକୁ ପରିଚାଳନା କରିବାରେ ଜୀବନ କଳାର ପୂର୍ଣ୍ଣ ବିକାଶ ଓ ନିଜ ସଂସ୍କୃତିବୋଧର ଚେତନା ନାହିଁ ସେ ଜୀବନକୁ କ'ଣ ସଂସ୍କୃତ ଆର୍ଯ୍ୟ ଜୀବନ କୁହାଯିବ ? ଯେଉଁ ବ୍ୟକ୍ତି ନିଜର କ୍ଷିତି ବିଷୟରେ ସୁସଂସ୍କୃତିପୂର୍ଣ୍ଣ ଇତିହାସ ବିଷୟରେ ଅଭିଜ୍ଞାତ ନୁହଁ ସେ ନିଶ୍ଚିତ ଭାବେ ସକଳ ପ୍ରକାର ଦୁଃଖର ଶିକାର ହେବ । କାରଣ ଅଜ୍ଞାନତା ସକଳ ଦୁଃଖର ଜନନୀ । ଯିଏ ନିଜର ସଂସ୍କୃତିବୋଧରେ ଅଚେତନ ସେ ନିଶ୍ଚିତ ଭାବେ ଦୁର୍ବଳତା ଓ ଅଭାବର ଦାସ ହୋଇ ରହିବାକୁ ବାଧ୍ୟ । ଯେଉଁ ଜାତି ଯେତେ ପରିମାଣରେ ନିଜର ବାସ୍ତବ ସଂସ୍କୃତିମୂଳକ ଇତିହାସ ବିଷୟରେ ସଚେତନଶୀଳ ସେ ସେତିକି ପରିମାଣରେ ସତ୍ୟ, ସଞ୍ଜମୀ, ଶୃଙ୍ଖଳିତ, ଆର୍ଯ୍ୟ ଜୀବନରେ ପ୍ରତିଷ୍ଠିତ ବୋଲି ବୁଝିବାକୁ ହେବ । ଦେଶ ଥାଉଁ ଥାଉଁ ପ୍ରତ୍ୟେକ ଭାରତୀୟ ସଚେତ ଭାବେ ଜୀବନକୁ ପରିଚାଳନା କରିଲେ ସଂସ୍କୃତିବୋଧ ଆପେ ଆପେ ଆସିବ ଓ ଜୀବନ ଧନ୍ୟ ହେବ । ଆର୍ଯ୍ୟ ଭୂମି ଭାରତ ଧନ୍ୟ ହେବ । ଖାଲି ସେତିକି ନୁହଁ ଭାରତର ଗୌରବର ସୌରଭ ଜଗଦ୍‌ବାସୀଙ୍କୁ ଚମତ୍କାର କରାଇ କରି ଦେଇବ । ଯେଉଁଠାରେ ସଂସ୍କୃତିବୋଧ ବାସ୍ତବ ଇତିହାସ ଉପରେ ଆଧାରିତ ସେଠାରେ ସମାଜ ନୀତି ଓ ରାଜନୀତି ଶାନ୍ତି ଭାବରେ ପରିଚାଳିତ ହେବ । ସେହିଠାରେ ଅଧିବାସୀମାନେ ସୁଖରେ ସ୍ୱ ସ୍ୱ ଅଧିକାରକୁ ସାବ୍ୟସ୍ତ କରି ଆଦର୍ଶ ଗୃହସ୍ଥ ଭାବରେ ଜୀବନକୁ ଗଠନ କରି ସୁସ୍ଥ ସମାଜ ପ୍ରତିଷ୍ଠା କରି ପାରିବେ । ଏଣୁ ଭାରତର ପ୍ରକୃତ ବୈଦିକ ସଂସ୍କୃତି ଉପରେ ଗବେଷଣା କରି ଶ୍ରୁତି, ସ୍ମୃତି ଓ ନୀତିକୁ ସମ୍ମାନ ପ୍ରଦର୍ଶନ କର । ଆଉ ଭାରତ ଜାତୀୟ ଜୀବନ ଓ ଚେତନାର ପ୍ରକୃତ ଉନ୍ମେଷ କରିବା ପାଇଁ ପ୍ରତ୍ୟେକ ଆର୍ଯ୍ୟ ଚେତନାରେ ପ୍ରତିଷ୍ଠିତ ହେବା ପାଇଁ ଆଜି ସଙ୍କଳ୍ପବଦ୍ଧ ହୁଅନ୍ତୁ ।


ଏ: ଜି: କଲୋନି,
ୟୁନିଟ୍–୪, ଟାଇପ୍ ୨–୨୬୮,
ଭୁବନେଶ୍ୱର–୭୫୧ ୦୦୧




ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ପ୍ରଥମ ସାମ୍ବାଦିକ ସମ୍ମିଳନୀ

# କେନ୍ଦୁପତ୍ର ଜାତୀୟକରଣ

ଶ୍ରୀଗମ୍ବର ଚନ୍ଦ୍ର ମହାପାତ୍ର,

ଓଡ଼ିଶାର ଲଘୁ ବନଜାତ ଦ୍ରବ୍ୟମାନଙ୍କ ମଧ୍ୟରେ କେନ୍ଦୁପତ୍ର ଅନ୍ୟତମ । ଏହା ଓଡ଼ିଶା ରାଜକୋଷକୁ ଅଣଟିକସ ରାଜସ୍ୱ ହିସାବରେ କୋଟି କୋଟି ଟଙ୍କା ଉପାର୍ଜନ କରିଥାଏ । କେନ୍ଦୁପତ୍ର ସଂଗ୍ରହ ଓ ଏହାର ବିକ୍ରୀ ୧୯୭୩ ମସିହାଠାରୁ ଜାତୀୟକରଣ ହେଲା ପରେ ଓଡ଼ିଶା ସରକାରଙ୍କର ବନ ବିଭାଗ ପ୍ରତିବର୍ଷ କେନ୍ଦୁପତ୍ର ସଂଗ୍ରହ କରୁଛନ୍ତି ଏବଂ ଓଡ଼ିଶା ବନ ନିଗମ ଏହାର ବିକ୍ରୀ ଭାର ଗ୍ରହଣ କରିଛନ୍ତି ।

ଜାତୀୟକରଣ ପରଠାରୁ ଓଡ଼ିଶାରେ କେନ୍ଦୁପତ୍ର କାରବାର ବିଷୟରେ ବିଶେଷ ଆଲୋଚନା ପୂର୍ବରୁ ଏତିକି କହିଲେ ଯଥେଷ୍ଟ ହେବ ଯେ ପ୍ରତିବର୍ଷ ସୀମିତ ଖର୍ଚ୍ଚ ମଧ୍ୟରେ ଉତ୍ପାଦନ ବୃଦ୍ଧି ସଙ୍ଗେ ସଙ୍ଗେ ସରକାରଙ୍କର ରାଜସ୍ୱରେ ମଧ୍ୟ ଉନ୍ନତି ପରିଲକ୍ଷିତ ହୋଇଛି ।

ଓଡ଼ିଶା ସରକାର କ୍ରମାଗତ ଭାବେ ଅଧିକରୁ ଅଧିକ ରାଜସ୍ୱ ପାଇବା ସମ୍ଭବ ହୋଇଛି କେବଳ ଜାତୀୟକରଣ ହେତୁ । ମୋଟ ଉପରେ କହିଲେ ଜାତୀୟକରଣ ସରକାରୀ ରାଜକୋଷର ଶ୍ରୀବୃଦ୍ଧି କରିବା ସଙ୍ଗେ ସଙ୍ଗେ ଓଡ଼ିଶା ସରକାରଙ୍କ ଦୂରଦର୍ଶିତା ଯୋଜନାର ସଫଳ ରୂପାୟନ ଏବଂ କାର୍ଯ୍ୟ ଦକ୍ଷତାର ପରିଚାୟକ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ମାତ୍ର କେନ୍ଦୁପତ୍ର ଜାତୀୟକରଣର ଓଡ଼ିଶା ଜନସାଧାରଣଙ୍କ ଉପରେ କି ପ୍ରକାର ପ୍ରଭାବ ପକାଇ ପାରିଛି ? ଏହା ଏକ ଆଲୋଚ୍ୟର ବିଷୟ ।

ଯେ କୌଣସି ଏକ ଜନମଙ୍ଗଳ ରାଷ୍ଟ୍ରରେ ଯେତେବେଳେ ସରକାର କୌଣସି ପରିବର୍ତ୍ତନର ପ୍ରବର୍ତ୍ତନ କରନ୍ତି ତାର ସୁଫଳ କିମ୍ବା କୁଫଳର ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ବିଧେୟ । ବିଗତ ୧୫ ବର୍ଷ ଧରି କେନ୍ଦୁପତ୍ର ଜାତୀୟକରଣ ହୋଇଥିଲେ ମଧ୍ୟ ଏହାର ଜନସାଧାରଣଙ୍କ ଉପରେ ପ୍ରଭାବ, ପ୍ରକୃତ ଲାଭ କିମ୍ବା କ୍ଷୟକ୍ଷତି ଏବଂ ପ୍ରଚଳିତ ପ୍ରଥାର ପରିବର୍ତ୍ତନ କିମ୍ବା ପରିମାର୍ଜନ ବିଷୟରେ ସରକାର ସଚେତନ ଥିଲାପରି ଜଣାପଡ଼େ ନାହିଁ । ଫଳତଃ କେନ୍ଦୁପତ୍ର ଜାତୀୟକରଣର ଜନସାଧାରଣଙ୍କ ଉପରେ ପ୍ରଭାବର ପ୍ରକୃତ ସମୀକ୍ଷା କରିବା ସମ୍ଭବ ନୁହେଁ । ସେ ଯାହା ହେଉନା କାହିଁକି ପଶ୍ଚିମ ଓଡ଼ିଶା, ବିଶେଷ କରି ସମ୍ବଲପୁର, ବଲାଙ୍ଗୀର, ସୁନ୍ଦରଗଡ଼, କଳାହାଣ୍ଡି ଏବଂ ଫୁଲବାଣୀ ଜିଲ୍ଲାରେ ଜନସାଧାରଣ କେନ୍ଦୁପତ୍ର ଜାତୀୟକରଣ ଏବଂ ଏହାର ଫଳାଫଳ ଉପରେ ବିଶେଷ ଆଗ୍ରହୀ ଓ ସଚେତନ । ଏହି ଅଞ୍ଚଳର ଅଧିକାଂଶ ଲୋକଙ୍କର ଅନ୍ନ ସଂସ୍ଥାନରେ ପ୍ରଧାନ ପାଥେୟ ହେଉଛି କେନ୍ଦୁପତ୍ର ସଂଗ୍ରହ ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ । ନିଦାଘ ପ୍ରପୀଡ଼ିତ ଗ୍ରୀଷ୍ମ କାଳରେ ଏହି ଅଞ୍ଚଳର ଜନସାଧାରଣଙ୍କ ପାଇଁ ଜୀବିକାର୍ଜନର ଅନ୍ୟ କୌଣସି ପ୍ରକୃଷ୍ଟ ପନ୍ଥା ଅନୁମେୟ ନୁହେଁ । ଅବଶ୍ୟ କେନ୍ଦୁପତ୍ର ସଂଗ୍ରହ ସହିତ ଶାଳମଞ୍ଜି ସଂଗ୍ରହ, ମହୁଲ ଓ ଟୋଲ ସଂଗ୍ରହ ଏବଂ ଅନ୍ୟାନ୍ୟ ଜଙ୍ଗଲଭିତ୍ତିକ କାମରେ ଏହି ଅଞ୍ଚଳର ଜନସାଧାରଣ ନିଜ ନିଜର ଜୀବିକା ନିର୍ବାହ କରିଥାନ୍ତି ତେବେ ମୋଟ ଉପରେ କହିବାକୁ ଗଲେ ଶତକଡ଼ା ୮୦ ଭାଗ ଲୋକ ଗ୍ରୀଷ୍ମ କାଳରେ ଉପରୋକ୍ତ ଜିଲ୍ଲାମାନଙ୍କରେ କେନ୍ଦୁପତ୍ର ସଂଗ୍ରହ ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟରୁ ଭରଣ ପୋଷଣ କରିଥାନ୍ତି ।

କେନ୍ଦୁପତ୍ର ଜାତୀୟକରଣ ଏବଂ ଏହାର ଜନସାଧାରଣଙ୍କ ଉପରେ ପ୍ରଭାବ ବିଷୟରେ ଆଲୋଚନା କରିବା ପୂର୍ବରୁ କେନ୍ଦୁପତ୍ର ଜାତୀୟକରଣର ସାଧାରଣ ନୀତି ନିୟମ ଏବଂ କାର୍ଯ୍ୟକାରିତା ବିଷୟରେ ସାମାନ୍ୟ ଆଲୋକପାତ କରିବା ଉଚିତ ।

ଓଡ଼ିଶାରେ କେନ୍ଦୁପତ୍ର ଜାତୀୟକରଣ ଓଡ଼ିଶା ସରକାରଙ୍କର ଏକ **Net Nil Budget** ଅର୍ଥାତ୍ ଏଥିରେ ସରକାରୀ ରାଜକୋଷରୁ କୌଣସି ପୁଞ୍ଜି ନଖଟାଇ ସରକାର **Non-tax Revenue** ବାବଦରେ ରାଜସ୍ୱ ପାଉଥାଆନ୍ତି । ପ୍ରତିବର୍ଷ କେନ୍ଦୁପତ୍ର କାର୍ଯ୍ୟ ପ୍ରାରମ୍ଭରେ ଏକ ସମୀକ୍ଷା କରାଯାଇ ଓଡ଼ିଶା ବନ ନିଗମଠାରୁ କିସ୍ତି ସୂତ୍ରରେ ଅଗ୍ରୀମ ଟଙ୍କା ଆଣି ସରକାର କେନ୍ଦୁପତ୍ର ସଂଗ୍ରହ କରନ୍ତି । ସଂଗୃହୀତ କେନ୍ଦୁପତ୍ର ଓଡ଼ିଶା ବନ ନିଗମ ବିକ୍ରୀ କରି ବିକ୍ରୀଲବ୍ଧ ପୁଞ୍ଜିରୁ ନିଜର କମିଶନ ବାବଦରେ ଶତକଡ଼ା ୫ ଭାଗ ସହିତ ଅଗ୍ରୀମ ଦେଇଥିବା ପୁଞ୍ଜି ଭରଣା କରି ସାରିଲା ପରେ ଅବଶିଷ୍ଟ ଧନ ସରକାରଙ୍କୁ ରାଜସ୍ୱ ହିସାବରେ ଭରଣା କରିଥାଏ । ଅବଶ୍ୟ କ୍ଷେତ୍ରରେ ବିକ୍ରୀଲବ୍ଧ ଧନ ଯଦି ବେଶୀ ହୋଇଥାଏ ତେବେ ରାଜସ୍ୱ ଦୁଇ କିସ୍ତିରେ ଅର୍ଥାତ୍ **Royalty** ଏବଂ **Additional Royalty** ହିସାବରେ ବନ ନିଗମ ଓଡ଼ିଶା ସରକାରଙ୍କ ରାଜକୋଷରେ ପଇଠ କରେ ।

କେନ୍ଦୁପତ୍ର ଜାତୀୟକରଣରେ ଯଦିଓ ଓଡ଼ିଶା ବନ ନିଗମର ଦାୟିତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତଥାପି ଏହା କେବଳ ସମୟାନୁସାରେ ଟଙ୍କା ଯୋଗାଇବା ଏବଂ ବଜାରକୁ ଆଖିରେ ରଖି ଅଧିକ ଦରରେ କେନ୍ଦୁପତ୍ର ବିକ୍ରୟ କରିବା ପାଇଁ ସୀମିତ । ଠିକ୍ ସମୟରେ ଟଙ୍କା ଯୋଗାଇ ନପାରିଲେ କେନ୍ଦୁପତ୍ର ଆମଦାନୀରେ ଘୋର ବ୍ୟାଘାତର ସୂତ୍ରପାତ ହୁଏ

କାରଣ ଏହି କାର୍ଯ୍ୟ କେବଳ ୩ ରୁ ୪ ମାସ ମଧ୍ୟରେ କରାଯାଇଥାଏ। ସେହିପରି ଉଚିତ Market Study ଏବଂ ଦକ୍ଷତାର ସହିତ ସଂଗୃହୀତ କେନ୍ଦୁପତ୍ର ଠିକ୍ ସମୟରେ ବିକ୍ରୀ ହୋଇ ନପାରିଲେ ଏହାର ମୂଲ୍ୟ ହ୍ରାସ ହୁଏ ଏବଂ ବନ ନିଗମ ତଥା ସରକାରଙ୍କୁ ବିଶେଷ କ୍ଷୟକ୍ଷତିର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଓଡ଼ିଶାର କେନ୍ଦୁପତ୍ର ଜାତୀୟକରଣର ଅନ୍ୟାନ୍ୟ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ଭିତରେ ମଧ୍ୟପ୍ରଦେଶ, ବିହାର, ଆନ୍ଧ୍ର ଏବଂ ପଶ୍ଚିମବଙ୍ଗ ଅନ୍ୟତମ, କିନ୍ତୁ ଗତ ବିଶେଷରେ ଓଡ଼ିଶାକୁ ସଦାସର୍ବଦା ମଧ୍ୟପ୍ରଦେଶର ଆମଦାନୀ ଓ ବିକ୍ରୟ ପ୍ରତି ଧ୍ୟାନ ଦେବାକୁ ପଡ଼ିଥାଏ। ଜାତୀୟକରଣର ଦୀର୍ଘ ୨୫ ବର୍ଷ ବିତିଯାଇଥିଲେ ସୁଦ୍ଧା Market intelligence ଏବଂ Proper Marketing Procedure ଆଜି ପର୍ଯ୍ୟନ୍ତ ଉଚିତ ଭାବେ ପରୀକ୍ଷା ନିରୀକ୍ଷା କରାଯିବାର ଉପଲବ୍ଧି କରାଯାଇନି। ଫଳତଃ ଗତାନୁଗତିକ ଭାବେ ସଂଗୃହୀତ କେନ୍ଦୁପତ୍ର ଖାଉଦ୍ଦେଖାଗରେ ମଗି ମୁତାବକ ଓଡ଼ିଶା ବନ ନିଗମ ବିକ୍ରୀ କରିବାକୁ ବାଧ୍ୟ। ହୁଏତ ଉଚିତ Market Studv and Intelligence ସଂଗ୍ରହ କରାଯାଇ ପାରିଲେ ଓଡ଼ିଶାର କେନ୍ଦୁପତ୍ର ଆହୁରି ଅଧିକ ମୂଲ୍ୟରେ ବିକ୍ରୀ କରାଯାଇ ପାରନ୍ତା।

ବର୍ତ୍ତମାନ କେନ୍ଦୁପତ୍ର ଜାତୀୟକରଣରେ ଓଡ଼ିଶା ସରକାରଙ୍କ ବନ ବିଭାଗର ଦାୟିତ୍ୱ ଓ କାର୍ଯ୍ୟକ୍ରମ ବିଷୟରେ ସାମାନ୍ୟ ଆଲୋକପାତ କରାଯାଉ।

ପ୍ରତିବର୍ଷ ବସନ୍ତର ଆଗମନରେ ସମସ୍ତ କେନ୍ଦୁଗୋଛା କଟାଇ କାର୍ଯ୍ୟ ବନ ବିଭାଗ ଦ୍ୱାରା କରାଯାଇଥାଏ। ଏହାକୁ ଗୋଛା କଟାଇ ଅର୍ଥାତ୍ Bush Cutting କୁହାଯାଏ। ଗୋଛା କଟାଇ ଦ୍ୱାରା କେନ୍ଦୁବୁଦାରୁ ଅନେକ କୁଆଁ ବାହାରେ ଏବଂ ପ୍ରତି କୁଆଁରେ ନୂଆ ପତ୍ର ଧରେ ଯାହାକି ବିଡ଼ି ତିଆରି ପାଇଁ ପ୍ରକୃଷ୍ଟ। ଏହି ଗୋଛା କଟାଇ କାର୍ଯ୍ୟ ସାଧାରଣତଃ ଅନ୍ୟାନ୍ୟ ରାଜ୍ୟରେ ବିଶେଷ ପ୍ରଚଳନ ନାହିଁ। ଏହା କେବଳ Contractor (ଖରିଦ୍ଦାର)ମାନେ ନିଜ ନିଜର Lease Areaରେ ପ୍ରକୃଷ୍ଟ ଏବଂ ବହୁଳ ପତ୍ର ପାଇବା ପାଇଁ କରିଥାନ୍ତି। ଏହି କାର୍ଯ୍ୟକୁ ସାଧାରଣ ଭାବରେ ଏକ trade Secret କହିଲେ ଅତ୍ୟୁକ୍ତି ହେବ ନାହିଁ। ଯେତେ ଭଲ ଭାବରେ ବୈଜ୍ଞାନିକ ପଦ୍ଧତିରେ ଏବଂ ସମୟୋପଯୋଗୀ ଗୋଛା କଟାଇ କରାଯିବ ସେତିକି ବେଶୀ ମୂଲ୍ୟବାନ ଏବଂ Quality ପତ୍ର ପାଇବା ସମ୍ଭବ ହୋଇ ପାରିବ।

ଗୋଛା କଟାଇ (Bush Cutting) ଠିକ୍ ସମୟରେ, ସଠିକ୍ ତଦାରଖ ଏବଂ ଗ୍ରାମବାସୀଙ୍କ ସହଯୋଗ ବିନା କରାଯିବା ଉଚିତ ନୁହେଁ। ସମୟର ବ୍ୟତିକ୍ରମ, କର୍ତ୍ତବ୍ୟରେ ହେଳା ଏବଂ ଜନସାଧାରଣଙ୍କ ଅସହଯୋଗ ହେଲେ ଗୋଛା କଟେଇର କୁଫଳ ସ୍ୱରୂପ (କ) Grazing. (ଖ) Pox(ମାତା) disease (ଗ) କୁଆପଥର ଜନିତ କ୍ଷତି, (ଘ) ଦାବାଗ୍ନି ବା ଜଙ୍ଗଲ ନିଆଁ ତଥା (ଙ) ଛୋଟ ପତ୍ର ଓ ଖରାପ ପତ୍ର ପାଇବାର ସମ୍ଭାବନା ଅଧିକ ହୋଇଥାଏ।

ଗୋଛା କଟାଇର ପ୍ରାୟ ୪୫ ଦିନ ପରେ ନୂଆ କେନ୍ଦୁପତ୍ର ବିଡ଼ି ତିଆରି ଉପଯୋଗୀ ହୁଏ ଏବଂ ଏହାକୁ ୨ ରୁ ୩ ଦିନ ଭିତରେ ନ ତୋଳିଲେ ତାହା Over mature (ବୁଢ଼ା) ହୋଇଯାଇଥାଏ। ବୁଢ଼ା ତଥା ମୋଟା ପତ୍ର ବିଡ଼ି ତିଆରି ପାଇଁ ବଜାରରେ ଆଦୃତ ହୁଏ ନାହିଁ। ଏହି କାରଣରୁ ପ୍ରତ୍ୟେକ ଅଞ୍ଚଳରେ ଲୋକ ସଂଖ୍ୟା ଏବଂ ସେମାନଙ୍କ ତୋଳିବା capacityକୁ ଆଖି ଆଗରେ ରଖି Bush Cutting (ଗୋଛା କଟାଇ) ସଦାସର୍ବଦା Phasing mannerରେ କରାଯାଇଥାଏ। ଗୋଛା କଟାଇ ବିଷୟରେ ବିଶେଷ ଆଲୋଚନା ନକରି ଏତିକି କହିଲେ ଯଥେଷ୍ଟ ହେବ ଯେ (କ) ଉଚିତ ସମୟରେ, (ଖ) ଠିକ୍ ଭାବରେ, (ଗ) ଜଳବାୟୁର ତାରତମ୍ୟକୁ ଖାପ ଖୁଆଇ, (ଘ) ଜନସାଧାରଣଙ୍କ ସହଯୋଗରେ ଏବଂ (ଙ) Proper Phasing କରି ଗୋଛା କଟାଇ କରିବା ଉଚିତ।

ବିପୁଳ ପରିମାଣରେ ବିଭିନ୍ନ ଗ୍ରାମରେ କେନ୍ଦୁପତ୍ର କେରୀ ଆକାରରେ ଜନସାଧାରଣଙ୍କଠାରୁ ସରକାରଙ୍କ ବନ ବିଭାଗ କିଣିଥାଏ। ଜାତୀୟକରଣ କହିଲେ ସାଧାରଣ ଭାବରେ ବୁଝାଯାଏ ଯେ କେନ୍ଦୁପତ୍ର ସରକାରଙ୍କ ଛଡ଼ା ଅନ୍ୟ କୌଣସି ବ୍ୟକ୍ତିବିଶେଷ, ସମିତି କିମ୍ବା ସଙ୍ଗଠନ କିଣିପାରିବେ ନାହିଁ କିମ୍ବା ବ୍ୟବସାୟ କରିପାରିବେ ନାହିଁ। ଏହି କେନ୍ଦୁପତ୍ର କେରୀ ଯତ୍ନରେ ସାଇତି ରଖିବା ପାଇଁ ବିଭିନ୍ନ ଗ୍ରାମରେ ଗୋଦାମ ଘର ପ୍ରସ୍ତୁତି, ମରାମତି ଓ ତିଆରି ଅନ୍ୟ ଏକ ବ୍ୟୟସାପେକ୍ଷ କାର୍ଯ୍ୟ। ଗୋଦାମଗୁଡ଼ିକ ଧାଟିମାଟି, ନଡ଼ା କିମ୍ବା ଟାଇଲ ଛପର ଏବଂ ଅଧିକାଂଶ Temporary Type ହେତୁ ପ୍ରତିବର୍ଷ ଏହା କେନ୍ଦୁପତ୍ର ସଂଗ୍ରହ ପରେ ଜନସାଧାରଣଙ୍କର ଦାଉରେ ନଷ୍ଟ ହୋଇଯାଇଥାଏ। ସରକାରୀ ସମ୍ପତ୍ତି ପ୍ରତି ଆଜି ମଧ୍ୟ ଆମ ଦେଶରେ ଜନ ଚେତନାର ଅଭାବ। ବନ ବିଭାଗର ମୁଷ୍ଟିମେୟ ତଳିଆ କର୍ମଚାରୀଙ୍କ ଶତଚେଷ୍ଟା ସତ୍ତ୍ୱେ ଶତକଡ଼ା ୮୦ ଭାଗ ଗୋଦାମ ଘର ପୁନଃ ନିର୍ମାଣ, ବିଶେଷ ମରାମତି କିମ୍ବା ସାଧାରଣ ମରାମତି କରାଯାଇଥାଏ। ଏହି କାର୍ଯ୍ୟ ପାଇଁ କେବଳ ଯେ ଜନସାଧାରଣଙ୍କ ସାହାଯ୍ୟ ଓ ସହଯୋଗ ବାଞ୍ଛନୀୟ ତା ନୁହେଁ, ଓଡ଼ିଶା ସରକାରଙ୍କର ସାଧାରଣ ପ୍ରଶାସନ, ପୋଲିସ ତଥା ବନ ବିଭାଗର ସାହାଯ୍ୟ, ସହାନୁଭୂତି ଓ ସକ୍ରିୟତା ଏକାନ୍ତ ବାଞ୍ଛନୀୟ।

ଗୋଦାମ ତିଆରି, ମରାମତି ଓ ରକ୍ଷଣାବେକ୍ଷଣରେ ସରକାର ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ଏହାର ଏକ ସ୍ଥାୟୀ ପ୍ରତିକାର ବିଗତ ୨୫ ବର୍ଷ ହେଲା ହୋଇ ପାରିଲା ନାହିଁ। ଏଠାରେ କୁହାଯାଇ ପାରେ ଯେ ସାଧାରଣତଃ ଗୋଟିଏ ଗୋଟିଏ ପତ୍ର ଗୋଦାମରେ ପ୍ରାୟ ୧୦ ରୁ ୨୫ ହଜାର କିମ୍ବା ତାଠାରୁ ଅଧିକ ଟଙ୍କା ମୂଲ୍ୟର ପତ୍ର ରଖାଯାଇଥାଏ। ଏହି ଗୋଦାମ ମରାମତି, ଛପର ଓ ନୂଆ ତିଆରି କାର୍ଯ୍ୟ ସରକାରଙ୍କ ବନ ବିଭାଗର କେନ୍ଦୁପତ୍ର ଅନୁବିଭାଗ ତତ୍ତ୍ୱାବଧାନରେ ଜନସାଧାରଣଙ୍କ ଦ୍ୱାରା କରାଯାଇଥାଏ। ଅବଶ୍ୟ ନିଯୁକ୍ତିକାଳୀନ କର୍ମଚାରୀ (Seasonal Staff) ଏହି କାର୍ଯ୍ୟକୁ ଜନସାଧାରଣଙ୍କ ସହଯୋଗରେ ତ୍ୱରାନ୍ୱିତ କରିଥାଆନ୍ତି।

ଗୋଦାମ ଘରେ କେନ୍ଦୁପତ୍ର ସାଇତା ହେବା ପୂର୍ବରୁ ଯଥାଯଥ ଭାବେ ଖରାରେ ଶୁଖାଯାଇ ବିଡ଼ି ଉପଯୋଗୀ କରାଯାଇଥାଏ ଏବଂ ଅଧିକ ପତ୍ର ସୁରକ୍ଷିତ ରୂପେ ରଖିବା ନିମନ୍ତେ ଭାଡ଼ି, ପରଳ ଏବଂ ନଷ୍ଟ ନହେବା ପାଇଁ Packing. Insecticide ଇତ୍ୟାଦି ବ୍ୟବହୃତ ହୁଏ। କେନ୍ଦୁପତ୍ର କେରୀ ଶୁଖାଇବା, ସାଇତି ରଖିବା ଏବଂ ନଷ୍ଟ ନହେବା ପାଇଁ କୀଟ ପ୍ରତିଷେଧକ ବ୍ୟବସ୍ଥା ଯଦିଓ ବ୍ୟୟସାପେକ୍ଷ ତଥାପି ନିତାନ୍ତ ଜରୁରୀ ଏବଂ ଠିକ୍ ଭାବରେ ନକଲେ ଯଥେଷ୍ଟ କ୍ଷତିର ସମ୍ଭାବନା ଥାଏ। କେନ୍ଦୁପତ୍ର ଜାତୀୟକରଣରେ ଏହି ପ୍ରକ୍ରିୟାକୁ Drying and Storage ଅଥବା ଶୁଖାରଖା (ଓହେର ଥାପି) ବୋଲି କୁହାଯାଇ ଥାଏ।

ଜଣା ବିଡ଼ି ଉପଯୋଗୀ କେନ୍ଦୁପତ୍ରଗୁଡ଼ିକୁ କେରୀ ବାନ୍ଧି (୧୫/୨୦) ଗ୍ରାମବାସୀମାନେ ଗାଁ ବାହାରେ ଥିବା ଗୋଦାମ (ଫଡ଼ି ଘର)ରେ ବିକ୍ରି କରନ୍ତି। ଏଠାରେ ସେମାନଙ୍କ ଭିତରୁ ଜଣେ ମୁଖିଆ ଲୋକ ମୁନ୍‌ସୀ ରୂପେ ସରକାରଙ୍କ ପାଇଁ ପତ୍ର ଖରିଦ କରେ। ଉକ୍ତ ମୁନ୍‌ସୀ ସରକାରୀ ଗୁଡ଼ିକିଆ ନହେଲେ ସୁଦ୍ଧା ନିଯୁକ୍ତିକାଳୀନ (Seasonal Staff) ସରକାରୀ ଲୋକ ହିସାବରେ ଖରିଦର ସମସ୍ତ କାଗଜପତ୍ର ସଠିକ୍ ଭାବେ ତିଆରି କରେ। ଗ୍ରାମବାସୀମାନଙ୍କୁ ସେମାନଙ୍କ ପାଉଣା ଠିକ୍ ସମୟରେ ଦେଇ ଦକ୍ଷତାର ସହ, ପତ୍ର ଶୁଖାଇବା, ତୋଳିବା, ଓହେର ଥାପି କରିବା, Sealing and Packing ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ତୋଳେଇ କରି, କୁଲି ମଜୁରୀଆ ଲଗାଇ ସେମାନଙ୍କଠାରୁ କାମ ଆଦାୟ କରି ସେମାନଙ୍କୁ ଠିକ୍ ମଜୁରୀ ଦେବା ମୁନ୍‌ସୀର ମୁଖ୍ୟ କାର୍ଯ୍ୟ ଏବଂ ମୁନ୍‌ସୀ ପତ୍ର ଖରିଦ୍ ହେବାଠାରୁ ଫଡ଼ି ଘର ବନ୍ଦ ହେବା (Sealing

Packing) ପର୍ଯ୍ୟନ୍ତ ମୋଟାମୋଟି ଦୁଇ ମାସ ସୁଚାରୁ ରୂପେ ନିଜର କାର୍ଯ୍ୟ ସମ୍ପନ୍ନ କରି କାର୍ଯ୍ୟରୁ ଅବ୍ୟାହତି ନିଏ ।

କେନ୍ଦୁପତ୍ର ଜାତୀୟକରଣରେ ଏହି ମୁନ୍‌ସୀମାନଙ୍କ ଅବଦାନ ବଡ଼ ଜଟିଳ, କୁଟିଳ ଏବଂ ନାନା କୁଚକ୍ରାନ୍ତର ସୂତ୍ରଧାର । ମାତ୍ର ଦୁଇମାସ ପାଇଁ ଦୈନିକ ୧୦ ଟଙ୍କା ମଜୁରୀରେ କାମ କରୁଥିବା ଏହି ମୁନ୍‌ସି ହଜାର ହଜାର ଟଙ୍କାର ହିସାବ ନିକାଶ କରେ । ସରକାରୀ ଟଙ୍କା ବିନା ଦ୍ୱିଧାରେ, ଅସମୟରେ, ଅନିୟମିତ ଭାବେ ମୁନ୍‌ସୀ ପାଖରେ ପହଞ୍ଚାଇ ଦିଆଯାଏ । ରେଞ୍ଜର୍ କିମ୍ବା ଫରେଷ୍ଟରଙ୍କ ଜରିଆରେ ଗୋଟିଏ ଗୋଟିଏ ରେଞ୍ଜରେ ପ୍ରାୟ ୪୦ ରୁ ୫୦ ଗୋଟି ଗୋଦାମ ଘର ଏବଂ ପ୍ରତି ଗୋଦାମରେ ପ୍ରତ୍ୟହ କେନ୍ଦୁପତ୍ର ଖରିଦ ହୁଏ । ଗରିବ ଗ୍ରାମବାସୀମାନେ ନିୟମିତ ପଇସା ନପାଇଲେ ହାହତାସ ହୋଇ ପଡ଼ନ୍ତି । ସ୍ୱଳ୍ପ ସମୟ ଭିତରେ ଏତେଗୁଡ଼ିଏ ଫଡ଼ି ଘର ସରକାରୀ କର୍ମଚାରୀମାନେ ନିୟମିତ ତଦାରଖ କରିବା ସମ୍ଭବ ହୁଏନାହିଁ । ଫଳତଃ ଅଳ୍ପ ଦରମା ଅଥବା ଦୈନିକ ମଜୁରୀରେ ଲବ୍ଧ ପ୍ରତିଷ୍ଠ ଗ୍ରାମବାସୀ ମୁନ୍‌ସୀ ହେବା ପାଇଁ ଆଗେଇ ଆସନ୍ତି । କାରଣ ହୁଏତ (୧) ନିଜର ପୂର୍ବ ପ୍ରତିଷ୍ଠା ଗ୍ରାମବାସୀ, ଗ୍ରାମବାସୀମାନଙ୍କ ପାଖରେ ପ୍ରକାଶ ରଖିବା, (୨) ସରକାରୀ ପଇସା ହେଲେ ଓ ନିଜେ ଗରିବ, ଦୁଃଖୀମାନଙ୍କୁ ଦେବାର ଅଭିଳାଷ, (୩) ଗରିବ, ଦୁଃଖୀମାନଙ୍କୁ ନାନା ଆଳ ଦେଖାଇ କମ୍ ପଇସା ଦେଇ ନିଜର ସ୍ୱାର୍ଥ ସାଧନ କରିବା, (୪) ସରକାରୀ ପଇସାରେ ନିଜର ବ୍ୟବସାୟ ତଥା ଅସାମାଜିକ କାର୍ଯ୍ୟ ଏବଂ (୫) ଜଙ୍ଗଲ ବିଭାଗର ଜଣେ କର୍ମଚାରୀ ବୋଲି ଜନସାଧାରଣଙ୍କ ଭିତରେ ଏକ ମିଥ୍ୟା ଭୟର ସଞ୍ଚାର ଦ୍ୱାରା ଜଙ୍ଗଲଭିତ୍ତିକ ମୁଖ୍ୟ ସୁବିଧାର ସୁଯୋଗ । କହିଲେ ଅନେକ କଥା କହିହେବ କିନ୍ତୁ ପ୍ରମାଣ, ସାକ୍ଷୀ ତଥା କାଗଜକଲମ କରିବା କାଠିକର ପାଠ । ସମୟାନୁକ୍ରମେ ସରକାରୀ ସ୍ୱଳ୍ପ ବେତନଭୋଗୀ ଜଙ୍ଗଲ ବିଭାଗ କର୍ମଚାରୀମାନେ ମଧ୍ୟ ଏହି ନିୟତକାଳୀନ କର୍ମଚାରୀ ତଥା ମୁନ୍‌ସୀମାନଙ୍କର ହାତ ବାରିସୀ ହେବାକୁ ବାଧ୍ୟ ହୁଅନ୍ତି । ତଳିଆ କର୍ମଚାରୀମାନଙ୍କର କର୍ତ୍ତବ୍ୟନିଷ୍ଠା, କାର୍ଯ୍ୟ ଦକ୍ଷତା, ସମୟାନୁବର୍ତ୍ତୀ କାର୍ଯ୍ୟ ତଥା ସମସ୍ତ କଷ୍ଟସାଧ୍ୟ, କଠିନ ପରିଶ୍ରମ କସ୍ମିନ୍‌କାଳେ ସରକାରଙ୍କ ଦ୍ୱାରା ପ୍ରଶଂସିତ ହୁଏନାହିଁ ବରଂ ଏହି କର୍ମଚାରୀମାନେ ସର୍ବଦା ଲାଞ୍ଛିତ, ଅବହେଳିତ, ନାନା କୁଚକ୍ରର ଶିକାର ହୋଇ ପଦସ୍ଥ ଅଫିସର, ଲୋକ ପ୍ରତିନିଧି ତଥା ସ୍ଥାନୀୟ ନେତାମାନଙ୍କ ଦ୍ୱାରା ଅପମାନିତ ହୋଇଥାଆନ୍ତି, ଫଳତଃ "ନଷ୍ଟସ୍ୟ କାନ୍ୟା ଗତିଃ" ଭଳି ସେମାନେ କାଳକ୍ରମେ ନିୟତକାଳୀନ କର୍ମଚାରୀମାନଙ୍କ ସହିତ ହାତ ମିଳାଇବାର ନଜିର ଦେଖାଦିଏ । କୌଣସି ପ୍ରକାର ଶାରୀରିକ ଶାସ୍ତି ତ (Seasonal Staff) ନିୟତକାଳୀନ କର୍ମଚାରୀଙ୍କୁ ଦେବା ସମ୍ଭବ ନୁହେଁ । ଜଣେ କୌଣସି ପ୍ରକାର ଦାୟିତ୍ୱ ନଥାଇ ନିଜର ତଥା ନିଜ ପରିବାରର ମଙ୍ଗଳ ପାଇଁ କେନ୍ଦୁପତ୍ର ସଂସ୍ଥାର ତଳିଆ କର୍ମଚାରୀ ସଦାସର୍ବଦା ନିୟତକାଳୀନ କର୍ମଚାରୀଙ୍କ ଦ୍ୱାରାଶ୍ରିତ ହେବା ଫଳରେ ସେମାନଙ୍କର କର୍ତ୍ତବ୍ୟନିଷ୍ଠା ଓ କାର୍ଯ୍ୟଦକ୍ଷତା କ୍ରମଶଃ ହ୍ରାସ ପାଇଥାଏ ।

ଉପରୋକ୍ତ ଉକ୍ତିକୁ ପୁଙ୍ଖାନୁପୁଙ୍ଖ ରୂପେ ଅନୁଧ୍ୟାନ କଲେ କେନ୍ଦୁପତ୍ର ଜାତୀୟକରଣର ଜନସାଧାରଣଙ୍କ ଉପରେ କି ପ୍ରକାର ପ୍ରଭାବ ତାହା ସହଜରେ ଅନୁମେୟ । ବିକାଶଶୀଳ ଦେଶମାନଙ୍କରେ ପ୍ରଥମେ କୌଣସି ଏକ ବ୍ୟବସାୟକୁ ସରକାର ସ୍ୱଇଚ୍ଛ କରି, ଜାତୀୟକରଣ କିମ୍ବା ନିଗମ ସାହାଯ୍ୟରେ ନିଜ ଗୋଡ଼ରେ ଠିଆ କରାଇ ପୁଣି ବ୍ୟକ୍ତି ବିଶେଷଙ୍କୁ ଦେଇଥାଆନ୍ତି । ହୁଏତ ଆମ ଦେଶରେ ଏହା ସମ୍ଭବ ନୁହେଁ ହେଲେ ବର୍ତ୍ତମାନର ବ୍ୟବସ୍ଥା ଯଦି ବଦଳା ନଯାଏ ତେବେ ନିଶ୍ଚିତ ଭାବେ ଏହାର କୁପ୍ରଭାବ ଆହୁରି ନିବିଡ଼ ହେବା ସଙ୍ଗେ ସଙ୍ଗେ ଖାଲି ଯେ ସରକାରଙ୍କୁ କ୍ଷତି ସହିବାକୁ ହେବ ତା ନୁହେଁ ଏହାର କୁଫଳ ସ୍ୱରୂପ ଓଡ଼ିଶାର ପ୍ରସିଦ୍ଧ କେନ୍ଦୁପତ୍ରର ପୃଥିବୀ ବଜାରରେ ମୂଲ୍ୟ ହ୍ରାସ ହେବା ସଙ୍ଗେ ସଙ୍ଗେ Quality ଖରାପ ହେବ ଓ ଦୁଃଖୀ, ଗରିବ, ନିରକ୍ଷର ପ୍ରଜା ସମୂହ ଆହୁରି ନିର୍ଯ୍ୟାତିତ ହେବେ ।

କେନ୍ଦୁପତ୍ର ଜାତୀୟକରଣର ଜନସାଧାରଣଙ୍କ ଉପରେ ପ୍ରଭାବ କଥା ଅନୁଧ୍ୟାନ କଲାବେଳେ ପ୍ରୋସେସିଂ, ବାଇଣ୍ଡିଂ ଓ ବ୍ୟାଗେଜିଂ (PBB) ବିଷୟରେ ଜନସାଧାରଣଙ୍କ ଅବଗତି ନିମନ୍ତେ ସାମାନ୍ୟ ଆଲୋଚନା କରିବାର କଥା । କେନ୍ଦୁପତ୍ର କେରୀଗୁଡ଼ିକ ଯତ୍ନର ସହିତ ଶୁଖାଇ, ଫଡ଼ି ଘରେ ଗଦେଇ ଥାପିକରି ରଖାଯାଇଥାଏ । ଉଇ ନଲାଗିବା ପାଇଁ ତଥା ବର୍ଷା ଏବଂ Humidity ହାତରୁ ରକ୍ଷା କରିବାକୁ Side Screens, ମଞ୍ଚାନ, ପଲିଥିନ୍ ଇତ୍ୟାଦିରେ ବ୍ୟବସ୍ଥା କରାଯାଇଥାଏ । ଏହି ଫଡ଼ି (ଗୋଦାମ) ଘରେ ଥିବା ପତ୍ର କେରୀଗୁଡ଼ିକ ସଯତ୍ନରେ ବାନ୍ଧି, ବିଡ଼ା କରାଯାଏ ଏବଂ ଏହି ବିଡ଼ାଗୁଡ଼ିକ ଛୋଟ ବସ୍ତାରେ ଭର୍ତ୍ତିକରି ଓଡ଼ିଶା ବନ ନିଗମକୁ ହସ୍ତାନ୍ତର କରାଯାଏ ମୁଖ୍ୟ ଗୋଦାମମାନଙ୍କରୁ ।

ଫଡ଼ି (ଗୋଦାମ) ଘରମାନଙ୍କରେ ବନ୍ଧେଇ କାମ ଆରମ୍ଭ ହେଲେ ତାହା ବନ୍ଧେଇ ସେଣ୍ଟରର ନାମରେ ନାମିତ ହୁଏ । ଏଠାରେ Quality, Grading ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ତଦାରଖ ପାଇଁ ଜଣେ ନିୟତକାଳୀନ କର୍ମଚାରୀ (Seasonal Staff) ମୁତୟନ କରାଯାଇଥାଏ । ଏହାକୁ Binding Moharir କୁହାଯାଏ ଏବଂ ବନ୍ଧେଇ ସମୟରେ ସମସ୍ତ ଦାୟିତ୍ୱ ଏହି ମୋହରୀରଙ୍କ ଉପରେ ନ୍ୟସ୍ତ କରାଯାଇଥାଏ । ସମସ୍ତ ପ୍ରକାର Payment, କାଗଜପତ୍ର ତଦାରଖ, Production ଓ ପଡ଼ତା ତଥା Grading, Quality and Transport of Bags ବିଷୟରେ ସରକାରୀ କର୍ମଚାରୀମାନେ ନିୟମିତ ପଦକ୍ଷେପ ନେଇଥାଆନ୍ତି ।

ବନ୍ଧେଇ କୁଲିମାନଙ୍କର ସୁଖ, ସୁବିଧା, ସ୍ୱାସ୍ଥ୍ୟ, ନିୟମିତ ପାଉଣା ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ବିଷୟରେ ରୀତିମତ ବୁଝାମଣା କରିବା ପାଇଁ ସରକାରୀ କର୍ମଚାରୀମାନେ ଦାୟିତ୍ୱ ବହନ କରିଥାଆନ୍ତି । ଏହି ବନ୍ଧେଇ କାର୍ଯ୍ୟ ଅତି, ସାବଧାନତାର ସହିତ କୁଶଳୀ କାରୀଗରମାନଙ୍କ ଦ୍ୱାରା ସମ୍ପନ୍ନ ହୋଇଥାଏ । ଗଦେଇ ହୋଇ ଥାପି ହୋଇଥିବା ଶୁଖିଲା କେନ୍ଦୁପତ୍ର କେରୀଗୁଡ଼ିକୁ ପ୍ରଥମେ ପାଣି ଦେଇ ମୁଲାୟମ କରିବାକୁ ପଡ଼େ । ଏହି ପାଣିର ଭାଗମାପ ଏବଂ ଆର୍ଦ୍ରତା ତଥା ଶୁଷ୍କତା ପତ୍ରର ଭବିଷ୍ୟତ ମୂଲ୍ୟ ନିର୍ଦ୍ଧାରଣର ମାପକାଠି । ପତ୍ର ବାନ୍ଧିବା ସମୟରେ ଅତି ସତର୍କତାର ସହିତ ସାଇତି ରଖିବାକୁ ହୁଏ । ଏହି ବନ୍ଧେଇ ସମୟରେ ବାୟୁମଣ୍ଡଳର ଶୁଷ୍କତା କିମ୍ବା ଆର୍ଦ୍ରତା ପତ୍ରର Quality ଉପରେ ବହୁତ ପ୍ରଭାବ ପକାଇଥାଏ । ବିଡ଼ା ବାନ୍ଧିବା ପ୍ରଣାଳୀ, ସାଇତିବା ଢାଞ୍ଚା ଏବଂ ଛୋଟ ତିଆରି Special Quality ଅଖାର ମୁଣି ତିଆରି କରି ବିଡ଼ା ଭର୍ତ୍ତି କରିବା ପ୍ରତ୍ୟେକଟି କାର୍ଯ୍ୟ ଏକ କୁଶଳୀ କାରୀଗରର ନିପୁଣ ନମୁନା । ଏହା ସମସ୍ତଙ୍କ ହାତରେ ତ୍ରୁଟିପୂର୍ଣ୍ଣ ଭାବେ, ଦକ୍ଷତାର ସହିତ ସମ୍ପନ୍ନ ହେବା କଷ୍ଟକର । ପତ୍ରଗୁଡ଼ିକ ୫ କେ: ଜି: ଓଜନର ବିଡ଼ା ବନ୍ଧା ହେଲା ପରେ ୧୨ ବିଡ଼ାରେ ଗୋଟିଏ ଗୋଟିଏ ବସ୍ତା ତିଆରି କରାଯାଇଥାଏ । ବସ୍ତାରେ ପୁରାଇବା ଆଗରୁ କେନ୍ଦୁପତ୍ର ବିଡ଼ାଗୁଡ଼ିକୁ ଛାଞ୍ଚ ବିଶେଷରେ ପ୍ରେସିଂ, ବିଡ଼ା ମୁଲାୟମ, Re-binding ଇତ୍ୟାଦି କରିବାକୁ ପଡ଼ିଥାଏ ।

ଏହି ବସ୍ତାଗୁଡ଼ିକରେ ବନ୍ଧେଇ ସେଣ୍ଟରର ନାମ, ବସ୍ତାର ନମ୍ବର ଏବଂ ପତ୍ରର Quality ଲେଖାଯାଇ ପରମିଟ୍ ସାହାଯ୍ୟରେ ଏହା ମୁଖ୍ୟ ଗୋଦାମମାନଙ୍କୁ ସ୍ଥାନାନ୍ତରିତ ହୁଏ ଏବଂ ସେଠାରେ ବସ୍ତାଗୁଡ଼ିକର Delivery ଦିଆଯାଏ ଓଡ଼ିଶା ବନ ନିଗମକୁ । ବନ ନିଗମ ବସ୍ତାଗୁଡ଼ିକ ଚେକିଂ କରି Delivery ନେଲାପରେ ୧୦୦ ବସ୍ତାରେ ଗୋଟିଏ ଗୋଟିଏ Lot ତିଆରି କରି ପ୍ରତି ୪୫ ଦିନରେ ଥରେ ସାଧାରଣ ନିଲାମରେ ବ୍ୟବସାୟୀମାନଙ୍କୁ Processed ବସ୍ତାଗୁଡ଼ିକ ବିକ୍ରୀ କରିଥାଆନ୍ତି ।

ସାଧାରଣ ଭାବରେ କହିବାକୁ ଗଲେ କେନ୍ଦୁପତ୍ର ଜାତୀୟକରଣ ସରକାର ନୀତିଗତ ଭାବେ ବିଗତ ୧୫ ବର୍ଷ ହେଲା ସୁଚାରୁ ରୂପେ ଚଳାଇ ଆସିଛନ୍ତି । ଉପର ବର୍ଣ୍ଣିତ ବିଭିନ୍ନ କାର୍ଯ୍ୟ ଜାତୀୟକରଣ ଆଗରୁ

ଠିକାଦାରମାନେ କରୁଥିଲେ । ଏଥିରେ ବିଶେଷ କିଛି ବୈଷୟିକ ଜ୍ଞାନର ଦରକାର ନାହିଁ ଏବଂ ଯେ କୌଣସି ସଂସ୍ଥା କେନ୍ଦୁପତ୍ର ସଂଗ୍ରହ ହାତକୁ ନେଇଥିଲେ ଆଜିର ସଫଳତା ହୁଏତ ହାସଲ ହୋଇପାରିଥାନ୍ତା । କେତେକ ମତ ଦିଅନ୍ତି ଯେ ଏହାଠାରୁ ଆହୁରି ଉନ୍ନତ, ରାଜସ୍ୱରେ ବୃଦ୍ଧି, ଜନସାଧାରଣଙ୍କ ସମୂହ କଲ୍ୟାଣ ତଥା ଦେଶର ପ୍ରଗତି ଆହୁରି ବଡ଼ ଧରଣର ସମ୍ଭବ ହୋଇଥାନ୍ତା, ଯଦି ଏହା ଜଙ୍ଗଲ ବିଭାଗ ଛଡ଼ା ଅନ୍ୟ କୌଣସି ସଂସ୍ଥା ହାତକୁ ନେଇଥାଆନ୍ତେ । ବିଗତ ଦିନମାନଙ୍କରେ ଦୈନିକ ଖବରକାଗଜରେ ବିସ୍ତୃତ ଭାବରେ କେନ୍ଦୁପତ୍ର ଜାତୀୟକରଣର ନିନ୍ଦା କରାଯାଇଛି ତା ନୁହେଁ ରାଜ୍ୟର ବିଧାନ ସଭାରେ ତଥା ବିଭିନ୍ନ ସଭା ସମିତି ଏବଂ ସରକାରଙ୍କ ଅନ୍ୟାନ୍ୟ ବିଭାଗ ଦ୍ୱାରା ମଧ୍ୟ ଜଙ୍ଗଲ ବିଭାଗର କେନ୍ଦୁପତ୍ର ସଂସ୍ଥା ହୋଇଛି ଅବହେଳିତ, ଲାଞ୍ଛିତ ଓ ଅପମାନିତ । ବିଭିନ୍ନ ସମୟରେ, ଭିନ୍ନ ଭିନ୍ନ ସ୍ଥାନରେ ଲକ୍ଷ ଲକ୍ଷ ଟଙ୍କାର ପତ୍ର, ଗୋଦାମ ଘର ତଥା ସରକାରୀ ସମ୍ପତ୍ତି ଲୁଟ ହୋଇଯିବା, ପୋଡ଼ିଯିବା କିମ୍ବା ଖରାପ ହୋଇଯିବାର ଖବର ସରକାର ତଥା ସରକାରଙ୍କର ବିଭିନ୍ନ ବିଭାଗଗୁଡ଼ିକୁ ଅଣାଯାଉଥିଲେ ସୁଦ୍ଧା କୌଣସି ଆଖି ଦୃଶିଆ ସମାଧାନ ହେଉନାହିଁ ।

କେନ୍ଦୁପତ୍ର କାର୍ଯ୍ୟ ଏକ Time bound operation ହୋଇଥିବାରୁ ସାମାନ୍ୟ ବିଳମ୍ବ ହେଲେ କ୍ଷତିର ପରିମାଣ ଅସହ୍ୟ ହୋଇପଡ଼େ । ସମୟାନୁସାରେ Work advance ପଇସା ଯୋଗାଇ ନଦେଲେ, ବର୍ଷେଇ କାର୍ଯ୍ୟ ପାଇଁ ଛୋଟ ଅଖା, ତାର୍ପୋଲିନ୍ ତଥା ଆନୁଷଙ୍ଗିକ ପଦାର୍ଥ ନମିଳିଲେ, ନିୟତକାଳୀନ କର୍ମଚାରୀମାନେ ନିଜର କର୍ତ୍ତବ୍ୟବୋଧ ହରାଇ ବସିଲେ ସରକାରଙ୍କର ଖାଲି ଯେ ଅଜସ୍ର କ୍ଷତି ହୁଏ ତା ନୁହେଁ ଭବିଷ୍ୟତ ପାଇଁ କେନ୍ଦୁପତ୍ରର ବଜାର ମଧ୍ୟ ହରାଇବାକୁ ପଡ଼େ । ମଧ୍ୟପ୍ରଦେଶ, ବିହାର, ବଙ୍ଗଳା, ମହାରାଷ୍ଟ୍ର ତଥା ଆନ୍ଧ୍ରପ୍ରଦେଶ ସହିତ ବଳ କଷାକଷି ପାଇଁ ଆର୍ଥିକ ସ୍ୱଚ୍ଛଳତା, ସମୟାନୁବର୍ତ୍ତିତା, Financial independence ଏବଂ ସରକାରୀ କଳର ନାଲିଫିତା କାରବାରକୁ ଆଡ଼େଇ ଦେବା ନିତାନ୍ତ ଦରକାରୀ ।

ସରକାରଙ୍କ ଜିଲ୍ଲା ପ୍ରଶାସନ, ପୋଲିସ୍, ଶ୍ରମ ବିଭାଗ ତଥା ବ୍ଲକ୍ ଓ ପଞ୍ଚାୟତମାନଙ୍କର ସହାନୁଭୂତି ଏବଂ ସମୟୋପଯୋଗୀ ସାହାଯ୍ୟ କେନ୍ଦୁପତ୍ର ଜାତୀୟକରଣ ଉନ୍ନତିର ପ୍ରଧାନ ପରିଚାୟକ । ଯଥା ସମୟରେ ସାହାଯ୍ୟର ଅଭାବ, ସରକାରୀ କଳର ଗତାନୁଗତିକ ଉଦାସିନତା ଏବଂ କୁଶଳୀ, କାର୍ଯ୍ୟଦକ୍ଷ, Sincere ବନ ବିଭାଗର ଅଧସ୍ତନ କର୍ମଚାରୀଙ୍କୁ ପ୍ରୋତ୍ସାହନର ଅଭାବରୁ ଅନୁମାନ କରାଯାଏ ଯେ ବର୍ତ୍ତମାନର ପରିସ୍ଥିତିରେ ଯଦି ଆଖିଦୃଶିଆ ପରିବର୍ତ୍ତନ କରାନଯାଏ ତେବେ ମାସକ ଧରମ ଶୁଖୁଆ ପୋଡ଼ାରେ ଗଲାଭଳି ଏତେ ବର୍ଷର କଷ୍ଟଲବ୍ଧ କୀର୍ତ୍ତି, ଗରିମା, ରାଜସ୍ୱ ତଥା କେନ୍ଦୁପତ୍ର ଜାତୀୟକରଣର ଆଶାତୀତ ସଫଳତା ଅଚିରେ ଅତୀତର ଗର୍ଭରେ ବିଲୁପ୍ତ ହୋଇଯିବ ।

ବନ ସଂରକ୍ଷକ,

ସମ୍ବଲପୁର କେନ୍ଦୁପତ୍ର ବନ ମଣ୍ଡଳ ।



# ଶିକ୍ଷା ଓ ସେବା

ମୂଳ ରଚନା : ସତ୍ୟସାଇ ବାବା    ଅନୁବାଦ : ପ୍ରହରାଜ ସତ୍ୟନାରାୟଣ ନନ୍ଦ

ସଂପ୍ରତି ଈଶ୍ୱର ବିଶ୍ୱାସ ଲୁପ୍ତ ପ୍ରାୟ । ଶୃଙ୍ଖଳା ଓ ଧର୍ମାଚରଣ ମଧ୍ୟ ଲୁପ୍ତ ପ୍ରାୟ । ଈଶ୍ୱର-ବିଶ୍ୱାସର ଅଭାବ ଅର୍ଥାତ୍ ନିରୀଶ୍ୱରବାଦ ପ୍ରବଳ ପରିମାଣରେ ବୃଦ୍ଧି ପାଇଛି । ଭକ୍ତି ଏବଂ ଗୁରୁଙ୍କ ପ୍ରତି ଶ୍ରଦ୍ଧା ପରିଦୃଷ୍ଟ ହେଉନାହିଁ । ଈଶ୍ୱରଙ୍କ ପ୍ରତି ଭକ୍ତି ମଧ୍ୟ ନିଃଶେଷ ହୋଇଛି ଏବଂ ସେହି ପରିଚ୍ଛେଦରେ ପୂର୍ଣ୍ଣଚ୍ଛେଦ ପଡ଼ିଛି । ସଂହତି, ଚରିତ୍ର ତଥା ଅନୁରୂପ ଅନ୍ୟାନ୍ୟ ମୂଲ୍ୟବୋଧମାନ ଶିକ୍ଷା କ୍ଷେତ୍ରରେ ରସାତଳଗାମୀ ହୋଇଛି ।

ବାସ୍ତବ ଶିକ୍ଷାଠାରୁ ଆଉ କିଛି ମହନୀୟ ଏଇ ଜଗତରେ ତୁମେ ପାଇବ ନାହିଁ । କେବଳ ଶିକ୍ଷାରେ ହିଁ ତୁମେ ପ୍ରକୃତ ମାନବିକତା ଲକ୍ଷ୍ୟ କରିବା ସମ୍ଭବ । ଶିକ୍ଷା ଦ୍ୱାରା ଅତିମାନସ ସତ୍ୟ ସନ୍ଦର୍ଶନ ହୋଇପାରେ । ବିଶ୍ୱରେ ସୃଷ୍ଟି ଓ ଜୀବନକୁ ଏହା ତାତ୍ପର୍ଯ୍ୟପୂର୍ଣ୍ଣ କରିପାରେ । ଦିବ୍ୟତ୍ୱ ହୃଦୟଙ୍ଗମ କରିଥିବା ଜଣେ ବ୍ୟକ୍ତି ପକ୍ଷେ ବିଶ୍ୱ, ସମାଜ ତଥା ପାରିପାର୍ଶ୍ୱିକ ଜଗତର ଜୀବ ସମୂହଙ୍କୁ ବୁଝିବା ଓ ସେମାନଙ୍କ ସହିତ ସମନ୍ୱିତ ସମ୍ପର୍କ ପ୍ରତିଷ୍ଠା କରିବା ସମ୍ଭବ ହୋଇଥାଏ । ସୃଷ୍ଟିଠାରୁ ଆମେ କିପରି ନିଜକୁ ମୁକ୍ତ କରିବା ପ୍ରକୃତ ଶିକ୍ଷା ମାଧ୍ୟମରେ ଏଇ ସୂତ୍ର ଆମେ ଜୀବନରେ ପ୍ରତ୍ୟକ୍ଷ କରିବା ସମ୍ଭବ । ସେପରି ଏକ ମନରୁ ସଚ୍ଚିଦାନନ୍ଦ ଜନ୍ମ ନେଇପାରନ୍ତି । ଅଭ୍ରାନ୍ତ ଭାବରେ ଆସକ୍ତି ଜାଣିବା ଓ ବୁଝିବା ପାଇଁ ଶିକ୍ଷା ଆଜି ସକ୍ଷମ ନୁହେଁ । ପ୍ରକୃତ ଶିକ୍ଷା ଯାହାର ଆଲୋକରେ ସମଗ୍ର ସୃଷ୍ଟିକୁ ସନ୍ଦର୍ଶନ କରିବା ନିମନ୍ତେ ସାହାଯ୍ୟ କରିଥାଏ । ସମଗ୍ର ସୃଷ୍ଟି ଯେ ଦିବ୍ୟତ୍ୱ ସୂତ୍ରରେ ଆଧାରିତ ପ୍ରକୃତ ଶିକ୍ଷା ଏପରି ଅଭିଜ୍ଞତା ଉନ୍ମୋଚିତ କରେ । ବ୍ୟକ୍ତିମାନଙ୍କ ମାଧ୍ୟମରେ ସମାଜରେ ଥିବା ପ୍ରକୃତ ଦିବ୍ୟତ୍ୱ ପ୍ରକଟିତ କରିବା ସମ୍ଭବ । ବ୍ୟକ୍ତିଗତ ପ୍ରୟାସ ମାଧ୍ୟମରେ ହିଁ ଦିବ୍ୟତ୍ୱ ଓ ପବିତ୍ରତା ଲାଭ କରିବା ସମ୍ଭବ ।

କେବଳ ଉପାଧି ପ୍ରଦାନରେ ଆଜିର ଶିକ୍ଷା ସମାପ୍ତ ହେଉଛି । ପ୍ରକୃତ ଶିକ୍ଷା ଅର୍ଜିତ ଜ୍ଞାନକୁ ଆଚରଣରେ ପ୍ରତିଫଳିତ କରିବା ପାଇଁ ବ୍ୟକ୍ତିକୁ ସକ୍ଷମ କରିବା ଉଚିତ । ସମାଜ ଯେପରି ତା'ର ଜ୍ଞାନ ଦ୍ୱାରା ଉପକୃତ ହୋଇପାରେ ସେଥିପ୍ରତି ସେ ଦୃଷ୍ଟି ଦେବା ଉଚିତ । ସମାଜରେ ଆମର ଜନ୍ମ, ସମାଜରେ ଆମର ବୃଦ୍ଧି ଏବଂ ସମାଜରେ ଆମେ ଜୀବିକାର୍ଜନ କରିଥାଉ । ସେଥିପାଇଁ ଆମେ ଯାହା ଶିକ୍ଷା ଲାଭ କରିଛୁ ସେସବୁ ଯେପରି ସମାଜର କଲ୍ୟାଣ ଓ ସୁରକ୍ଷା ନିମନ୍ତେ ନିୟୋଜିତ ହୋଇପାରେ ସେ ଦିଗରେ ଆମେ ଯତ୍ନବାନ ହେବା ଉଚିତ । ମାତ୍ର ଆଜି ଆମେ ସେଭଳି କରୁନାହୁଁ । ଆଜିର ଶିକ୍ଷା ଜଣେ ବ୍ୟକ୍ତିର କ୍ଷମତା ଓ ପ୍ରଭୁତ୍ୱ ବୃଦ୍ଧି କରୁଛି ମାତ୍ର ତାର ପୁଣ୍ୟ ଓ ଉତ୍ତମ ଗୁଣାବଳୀ ବିକଶିତ କରୁନାହିଁ । ଥରେ ଜଣେ ବ୍ୟକ୍ତି ଯଦି ଆତ୍ମ ସ୍ୱାର୍ଥକୁ ପ୍ରଶ୍ରୟ ଦିଏ ସେ ସମାଜ ସେବା କରିପାରିବ ନାହିଁ । ମାତ୍ର ଶିକ୍ଷାନୁଷ୍ଠାନରେ ନିୟୋଜିତ ବ୍ୟକ୍ତି ନିଜର ଦିବ୍ୟତ୍ୱ ପ୍ରକଟିତ କରିବାକୁ ସମର୍ଥ ହୋଇଥାଏ । କାରଣ ପରିବେଶ ଏଥି ନିମନ୍ତେ ଅନୁକୂଳ ହୋଇଥାଏ । ପୂର୍ବ କାଳରେ ମହାନ ଉପଦେଷ୍ଟାଗଣ ସେମାନଙ୍କ ଶିଷ୍ୟମାନଙ୍କୁ ଅଧ୍ୟୟନ ଶେଷରେ ତଥା ସେମାନେ ପାରିବାରିକ ଜୀବନ ଆରମ୍ଭ କରିବା ପୂର୍ବରୁ ଏକାଠି କରି କିଛି ଉପଦେଶ ପ୍ରଦାନ କରୁଥିଲେ । ଏହାକୁ "ସମାବର୍ତ୍ତନ" ବୋଲି ଅଭିହିତ କରାଯାଉଥିଲା ।

ଶିକ୍ଷାର ଅର୍ଥ କେବଳ ଶବ୍ଦାର୍ଥ ପ୍ରଦାନ କରିବାରେ ସୀମିତ ନୁହେଁ । ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ଯାହା ଶିକ୍ଷା କରାଯାଏ ସେ ସବୁକୁ ବାସ୍ତବ ଜୀବନରେ ଅଭ୍ୟାସ କରିବାକୁ ତଥା ସମାଜର କଲ୍ୟାଣ ନିମନ୍ତେ ପ୍ରୟୋଗ କରିବାକୁ ହୋଇଥାଏ । ତାହା ହିଁ ପ୍ରକୃତ ଶିକ୍ଷା । ଶିକ୍ଷିତ ବ୍ୟକ୍ତିମାନେ ଯେଉଁ ସ୍ଥାନରେ ଏକତ୍ରିତ ହୁଅନ୍ତି ତାହା ଶାନ୍ତି ଓ ଆନନ୍ଦପ୍ରଦ ହେବା ଉଚିତ । ସମ୍ପ୍ରତି ଦେଖାଯାଉଛି ଶିକ୍ଷାର୍ଥୀମାନେ ଯେଉଁ ସ୍ଥାନରେ ଏକତ୍ରିତ ହେଉଛନ୍ତି ସେ ସ୍ଥାନ ହିଂସାରେ ପରିପୂର୍ଣ୍ଣ । ଶାନ୍ତି ଓ ସୁରକ୍ଷା ସେଠାରୁ ଅନ୍ତର୍ହିତ ହୋଇଛି । ଶିକ୍ଷିତର ହୃଦୟ କୋମଳ ଓ ଅନୁକମ୍ପାପୂର୍ଣ୍ଣ । ମାତ୍ର ଆଜି ଶିକ୍ଷାର୍ଥୀମାନଙ୍କ ହୃଦୟ ଶିଳା ପରି କଠିନ । ପ୍ରକୃତ ଶିକ୍ଷାର ବାସ୍ତବ ଲକ୍ଷଣ ହେଲା ନମ୍ରତା, ଅନୁକମ୍ପା, ପ୍ରେମ, ଧୈର୍ଯ୍ୟ, ଅଧ୍ୟବସାୟ ଓ ଇନ୍ଦ୍ରିୟନିଗ୍ରହ । ଯାନ୍ତ୍ରିକ ସଭ୍ୟତା ଆଜି ଦ୍ରୁତ ଗତିରେ ଅଗ୍ରସର ହେଉଛି ମାତ୍ର ଏହା ଭୁଲ ଦିଗରେ ଯାଉଛି । ମାନବିକତା ମନ୍ଥର ଛନ୍ଦରେ କ୍ଷୟିତ ହେଉଛି । ଛାତ୍ରମାନଙ୍କ ମଧ୍ୟରେ ଅନେକ ଶିକ୍ଷିତ ଓ ମହାନ ବୈଜ୍ଞାନିକ ଅଛନ୍ତି । ବିବେଚନା ଶକ୍ତିରେ ସମୃଦ୍ଧ ହେଲେ ମଣିଷ ବିଜ୍ଞାନର ସଦୁପଯୋଗ କରିପାରିବ । ବିବେଚନା ରହିତ ବିଜ୍ଞାନ ଏବଂ ସଂହତି ଓ ନୈତିକତାବିହୀନ ସମାଜ ସମୃଦ୍ଧି ଆଣି ପାରିବ ନାହିଁ । ସେଥିପାଇଁ ବିଜ୍ଞାନ ସହିତ ବିବେଚନାକୁ ସମନ୍ୱିତ କରିବାକୁ ହେବ । ବିଶ୍ଳେଷଣ ସହିତ ବିନୟ ସମନ୍ୱିତ ହେବା ବାଞ୍ଛନୀୟ । ପ୍ଲାଷ୍ଟିକ୍ ଓ କମ୍ପ୍ୟୁଟର ଯାନ୍ତ୍ରିକତାର ସମୃଦ୍ଧି ଦୃଷ୍ଟିରୁ ଆଜିର ବିଜ୍ଞାନ ଯଥେଷ୍ଟ ଉନ୍ନତ, ଯଥେଷ୍ଟ ଗୌରବର ଅଧିକାରୀ । ଆଣବିକ ବିଜ୍ଞାନ, ମହାକାଶ ବିଜ୍ଞାନ କ୍ଷେତ୍ରରେ ବୈଜ୍ଞାନିକମାନେ ସାରା ବିଶ୍ୱକୁ ଚମତ୍କୃତ

କରି ପାରିଛନ୍ତି । ଏ ସବୁ ପ୍ରତ୍ୟକ୍ଷ କଲେ ଆମର ହୃଦ୍‌ବୋଧ ହୁଏ ଯେ ବିଜ୍ଞାନ ଦ୍ରୁତ ଗତିରେ ଅଗ୍ରସର ହୋଇଛି । ମାତ୍ର ଧର୍ମ ତଥା ସମ୍ପ୍ରଦାୟ ଦୃଷ୍ଟିରୁ ବିଚାର କଲେ ଅନେକ ଭୁଲ ବୁଝାମଣା ରହିଥିବାର ହୃଦବୋଧ ହୁଏ ।

ସର୍ବତ୍ର ଦୁର୍ନୀତି । ଶିକ୍ଷାନୁଷ୍ଠାନଗୁଡ଼ିକ ବିଶୃଙ୍ଖଳାର ନଷ୍ଟ ଭୂମିରେ ପରିଣତ ହୋଇଛି । ପ୍ରତିଦିନ ସମାଜରେ ହିଂସା ବୃଦ୍ଧି ପାଉଛି । ଏଇ ସବୁ ଚପଳତା ଓ ଦ୍ୱନ୍ଦ୍ୱର କାରଣ କ'ଣ ? ଅନ୍ୟ ଦିଗରେ ଆମେ ବିଜ୍ଞାନରେ ପ୍ରଭୂତ ପ୍ରଗତି ହାସଲ କରିଛୁ । ବିଜ୍ଞାନର ପ୍ରଗତି ସହିତ ପ୍ରଜ୍ଞାନର ପ୍ରଗତି ପାଦ ମିଳାଇ ଚାଲିବା ଆବଶ୍ୟକ । ମାତ୍ର ଜ୍ଞାନର ସମୃଦ୍ଧି ଅଜ୍ଞାନର ଛାୟାକୁ ଦୀର୍ଘତର କରୁଛି । ମନୁଷ୍ୟର ଆଚରଣ ଏତେ ନିଷ୍ଠୁର, ଦୁର୍ବୋଧ ଏବଂ ହିଂସ୍ର ହେବାର କାରଣ କ'ଣ ? ମାନବ ଜାତି ଯେଉଁ କର୍ମରେ ଏବେ ଲିପ୍ତ ରହୁଛି ପ୍ରାଚୀନ କାଳ ତୁଳନାରେ ସେଗୁଡ଼ିକ ଭୁଲ ଦିଗରେ ପରିଚାଳିତ । ପ୍ରାଚୀନ କାଳ ତୁଳନାରେ ସମ୍ପ୍ରତି ମଣିଷ ଚରମ ନିଷ୍ଠୁରତା ପୋଷଣ କରୁଛି । ତୁମେ ଯଦି ଅନୁଧ୍ୟାନ କର ଏବଂ ଏହାର କାରଣ ଅନ୍ୱେଷଣ କର ତା'ହେଲେ ଜାଣି ପାରିବ ଯେ ମନୁଷ୍ୟର ପଶୁ ପ୍ରବୃତ୍ତି ଏ ସବୁ ସମସ୍ୟା ସୃଷ୍ଟି କରୁଛି । ନଚେତ୍ ୫,୦୦୦ ବର୍ଷରେ ୧୫,୦୦୦ଟି ଯୁଦ୍ଧ ସଂଘଟିତ ହେବାର କାରଣ କ'ଣ ଆଉ କିଛି ? ଆଜି ମଧ୍ୟ ଆମେ ସମର ଆଶଙ୍କାରୁ ମୁକ୍ତ ନୋହୁଁ । ଏଇ ଆଶଙ୍କା ଯୋଗୁ ଦିନକୁ ଦିନ ମଣିଷ ମାନସିକ ଶାନ୍ତି ହରାଉଛି । ଏଇ ଯୁଦ୍ଧ ଆଶଙ୍କା ଯୋଗୁ ମଣିଷର ସବୁ ଅଭିଳାଷ ଧୂଳିସାତ୍ ହେଉଛି ।

ଯୁଦ୍ଧ ଆଶଙ୍କା ଯୋଗୁ ମଣିଷ ମନରେ ବହୁଦିନ ବଞ୍ଚିବାର ଆଶା ମଉଳି ଯାଉଛି । ଆନ୍ତରୀକ ଓ ବାହ୍ୟିକ ଭାବରେ ମନୁଷ୍ୟ ଶଙ୍କାକୁଳ । ଦିନକୁ ଦିନ ସେ ଅତ୍ୟଧିକ ସ୍ୱାର୍ଥପର ହେଉଛି । ଯେତେଦିନ ତା' ମନରେ ସ୍ୱାର୍ଥପରତା ଓ ସ୍ୱସୁଖ ଲାଳସା ରହିଥିବ ଯେତେ ଦିନଯାଏ ସେ ସମାଜ ସେବା କରିପାରିବ ନାହିଁ । ଯୁଆଡ଼େ ଗଲେ ମଣିଷ ନିଜର ପ୍ରତିପତ୍ତି ଚାହେଁ । ସିନେମା ଘରେ ହେଉ, ଭ୍ରମଣ ସମୟରେ ହେଉ ସେ ନିଜ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଆଶା କରେ । ଏପରିକି ଗୋଟିଏ ଗ୍ରୁପ୍ ଫଟୋ ଦେଖୁବା ସମୟରେ ସେ ନିଜ ଛବିଟିକୁ ପ୍ରଥମେ ଖୋଜେ । ଅନେକ ସମୟରେ ସମ୍ବାଦପତ୍ରଗୁଡ଼ିକରେ ପ୍ରକାଶିତ ସଫଳ ପ୍ରାର୍ଥୀମାନଙ୍କ ମଧ୍ୟରୁ ସେ କେବଳ ନିଜ ନମ୍ବରଟି ଖୋଜିଥାଏ । ବହୁ ସଂଖ୍ୟକ ଶିକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି ଓ ସେମାନଙ୍କ ଠିକ ସଂଖ୍ୟା ପ୍ରକାଶିତ ହୋଇଛି ଦେଖୁ ସେ ଆନନ୍ଦିତ ହୁଏ ନାହିଁ । ଏହାଦ୍ୱାରା ସେ ନିଜର ସ୍ୱାର୍ଥପରତା ପ୍ରଦର୍ଶିତ କରିଥାଏ । ପ୍ରତ୍ୟେକ ମଣିଷ ମନରେ ଥିବା ଏଇ ସ୍ୱାର୍ଥପରତା ନଷ୍ଟ ହେବା ଉଚିତ । ଏଇ ବିପୁଳ ପୃଥ୍ୱୀରେ ତୁମର ହୃଦୟ ଓ ଭାବନା ପ୍ରଶସ୍ତ ହେବା ଉଚିତ । ମାତ୍ର ମଣିଷ ଅତ୍ୟଧିକ ପରିମାଣରେ ସଂକୀର୍ଣ୍ଣମନା ହେଉଛି । ଏହା ଶିକ୍ଷାର ପ୍ରକୃତ ଅଭିବ୍ୟକ୍ତି ନୁହେଁ । ଶିକ୍ଷାରେ ଥିବା ଦୋଷ ଦୁର୍ବଳତା ଏଥି ନିମନ୍ତେ ଦାୟୀ । ପ୍ରାଚୀନ କାଳରେ ଶିକ୍ଷାର୍ଥୀଙ୍କ ସଂଖ୍ୟା ସୀମିତ ଥିଲା ଏବଂ ସେମାନଙ୍କୁ ଉତ୍ତମ ଜ୍ଞାନ ପ୍ରଦାନ କରାଯାଉଥିଲା । ମାତ୍ର ବର୍ତ୍ତମାନ ସେମାନଙ୍କ ସଂଖ୍ୟା ଅତ୍ୟଧିକ ବୃଦ୍ଧି ପାଉଛି ଏବଂ ଶିକ୍ଷାର ଗୁଣାତ୍ମକ ମାନ ସ୍ୱଳ୍ପ । ପ୍ରତ୍ୟେକ କୌଣସି ନା କୌଣସି ଉପାୟରେ ଉପାଧି ନେବାକୁ ଚାହୁଁଛନ୍ତି । ପ୍ରତ୍ୟେକ ଉଚ୍ଚତର ଜ୍ଞାନର ଶିକ୍ଷାର୍ଥୀ ହେବାକୁ ଚାହୁଁଛନ୍ତି । ମାତ୍ର ଏଇ ପଦ୍ଧତିରେ କେବଳ ତାଙ୍କର ଅଭିଳାଷ ବୃଦ୍ଧି ପାଉଛି ।

ଆଜିର ଶିକ୍ଷା ସ୍ୱାଧୀନତାର ନିର୍ଭୁଲ ଧାରଣା ଦିଏ ନାହିଁ । ଏହା ମଧ୍ୟ ଅସ୍ଥିର ଚିତ୍ତ ମଣିଷ ସ୍ଥିରମନା ହେବା ପାଇଁ ସାହାଯ୍ୟ କରେ ନାହିଁ । ସରକାର ମଧ୍ୟ ତ୍ରୁଟିହୀନ ଶିକ୍ଷା ପ୍ରଚଳନ କରିବାକୁ ସକ୍ଷମ ନୁହନ୍ତି । କୌଣସି କଥା ବୁଝିବା ସମ୍ଭବ ନୁହେଁ । ଭାରତ ଯେତେବେଳେ ସ୍ୱାଧୀନ ହେଲା ସେତେବେଳେ ୩୦ କୋଟି ଭାରତୀୟ ଶିକ୍ଷା ଲାଭ କରିନଥିଲେ । ସେ ସମୟର ୩୦ କୋଟି ୧୯୮୦-୮୧ ରେ ୩୪ କୋଟିକୁ ବୃଦ୍ଧି ପାଇଲା । ଦିନକୁ ଦିନ ଅଶିକ୍ଷିତଙ୍କର ସଂଖ୍ୟା ବୃଦ୍ଧି ପାଉବାରେ ଲାଗିଛି । ଏଇ ହାରରେ ସଂଖ୍ୟା ଯଦି ବୃଦ୍ଧି ପାଏ, ୨୦୦୦ ଖ୍ରୀଷ୍ଟାବ୍ଦରେ ଅଶିକ୍ଷିତଙ୍କ ସଂଖ୍ୟା ୫୦ କୋଟିରେ ପହଞ୍ଚିବ ।

ଶିକ୍ଷାର୍ଥୀମାନଙ୍କର ସଂଖ୍ୟା ବୃଦ୍ଧି ପାଉଛି । ଶିକ୍ଷାନୁଷ୍ଠାନ ସଂଖ୍ୟା ବଢୁଛି । ଅଶିକ୍ଷିତମାନଙ୍କର ସଂଖ୍ୟା ମଧ୍ୟ ବଢୁଛି । କାରଣ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ପରେ ଅନେକ ପାଠ ପଢୁନାହାନ୍ତି । ସେମାନେ ଶିକ୍ଷାନୁଷ୍ଠାନ ପରିତ୍ୟାଗ କରୁଛନ୍ତି । ବିଦ୍ୟାଳୟମାନଙ୍କରେ ଶିକ୍ଷାର୍ଥୀ ଥିଲେ ଶିକ୍ଷକ ନାହାନ୍ତି । ଶିକ୍ଷକ ଥିଲେ ଶିକ୍ଷାର୍ଥୀ ନାହାନ୍ତି । ପଞ୍ଚ ବାର୍ଷିକ ଯୋଜନାରେ ଶିକ୍ଷା ପାଇଁ ୭% ବ୍ୟୟ ବରାଦ କରାଯାଇଛି । ଷଷ୍ଠ ଯୋଜନା କାର୍ଯ୍ୟକାରୀ ହେବା ବେଳକୁ ଏଇ ପରିମାଣ ମଧ୍ୟ ହ୍ରାସ ପାଇଛି । ଅନେକ ସ୍କୁଲରେ ଏବେ ବ୍ଲାକ୍‌ବୋର୍ଡ ନାହିଁ କି ଚକ୍‌ଖଡ଼ି ନାହିଁ ।

ବିଶ୍ୱବିଦ୍ୟାଳୟ କୁଳପତିମାନଙ୍କର ଅବସ୍ଥା ଆଦୌ ପରିବର୍ତ୍ତିତ ହେଉନାହିଁ । ବିଶ୍ୱବିଦ୍ୟାଳୟ ଅନୁଦାନ କମିଶନଙ୍କଠାରୁ ଅର୍ଥ ପାଇବାକୁ ଅକ୍ଷମ ହୋଇ କୁଳପତିମାନେ ବିବ୍ରତବୋଧ କରୁଛନ୍ତି । ଶିକ୍ଷକମାନଙ୍କୁ ବେତନ ଦେବା ପାଇଁ ସେମାନେ ସମର୍ଥ ହେଉନାହାନ୍ତି । ଶିକ୍ଷାୟତନରେ ଏଇ ବିଭ୍ରାନ୍ତି ବଢ଼ି ଚାଲିଛି । ସରକାରଙ୍କ ସହିତ କୌଣସି ସମ୍ପର୍କ ନରହିଲେ ଶିକ୍ଷାନୁଷ୍ଠାନଗୁଡ଼ିକ ଅଗ୍ରସର ହୋଇପାରିବେ । ପୂର୍ବକାଳରେ ବାଗ୍‌ଦେବୀ ସରକାରଙ୍କ ଦ୍ୱାରା ଶାସିତ ହେଉନଥିଲେ । ମାତ୍ର ଆଜି ଜ୍ଞାନ ଦେବୀ ମଧ୍ୟ ସରକାରଙ୍କ କବଳରେ ଅଛନ୍ତି । ସେ ନିଜର ଇଚ୍ଛାନୁଯାୟୀ କାର୍ଯ୍ୟ କରିବାକୁ ସକ୍ଷମ ନୁହନ୍ତି । ଆଜି ପ୍ରତ୍ୟେକ ଛାତ୍ର କହୁଛନ୍ତି—ମୁଁ ଜ୍ଞାନାର୍ଜନ କରୁଛି । ଆଜିର ଛାତ୍ରମାନେ ବାସ୍ତବ ପ୍ରକୃତି, ବିଜ୍ଞାନ ବା ଧର୍ମ କୌଣସି ଦିଗରୁ ବିଶ୍ଳେଷଣ କରିବା ଏବଂ ବୁଝିବା ପାଇଁ ସମର୍ଥ ନୁହନ୍ତି । ପ୍ରାଚୀନ କାଳର ମହର୍ଷିମାନେ କହୁଥିଲେ : "ସତ୍ୟଂ ବଦ, ଧର୍ମଂ ଚର ।" ମାତ୍ର ଆଜି କୁହାଯାଉଛି "ସତ୍ୟଂ ବଧ" (ହତ୍ୟା କର)....ସାଧାରଣ ମଣିଷ ଆଜି ଯେଉଁ ସବୁ ସମସ୍ୟାର ସମ୍ମୁଖୀନ ହେଉଛି ଏବଂ ଏ ସବୁ ସମସ୍ୟାର ସମ୍ମୁଖୀନ ହେବା ପାଇଁ ତା'ର ଯେଉଁ ଦକ୍ଷତା ରହିଛି ଆଜିର ଶିକ୍ଷା ସେଭଳି ସମସ୍ୟାର ସମାଧାନ କରିପାରୁ ନାହିଁ । ସେଥିପାଇଁ ଶିକ୍ଷା ଜଗତରେ ଅନେକ ଅବନତି ଲକ୍ଷିତ ହେଉଛି । ଏପରି ଅବସ୍ଥାରେ ଅଧଃପତନ ନିମନ୍ତେ ତୁମେ ଶିକ୍ଷାର୍ଥୀମାନଙ୍କୁ ଦୋଷ ଦେଇପାରିବ ନାହିଁ । ଶିକ୍ଷାର୍ଥୀମାନେ ସମାଜ ସେବାର ପବିତ୍ର ଭାବନା ହୃଦୟରେ ପୋଷଣ କରି ଜୀବନ କ୍ଷେତ୍ରରେ ପ୍ରବେଶ କରିବା ଉଚିତ । ଆଜି କିନ୍ତୁ ସେମାନଙ୍କର ପିତା ମାତାଙ୍କ ପ୍ରତି କୃତଜ୍ଞତା ନାହିଁ ଅଥଚ ପିତା ମାତା ହିଁ ସେମାନଙ୍କୁ ଶିକ୍ଷିତ କରିବା ନିମନ୍ତେ ଭୂରସୀ ତ୍ୟାଗ ସ୍ୱୀକାର କରିଛନ୍ତି । ଆଜି ଶିକ୍ଷାର୍ଥୀମାନେ ଉପାଧି ପ୍ରମାଣପତ୍ର ପାଇବା ପରେ ନିଜ ନିଯୁକ୍ତି ନିମନ୍ତେ ଅଫିସରୁ ଅଫିସକୁ ଦୌଡ଼ୁଛନ୍ତି । ସେମାନେ ନିଜ ଗୋଡ଼ରେ ଠିଆ ହେବା ପାଇଁ ସକ୍ଷମ ହେବା ଉଚିତ । ମୂଳତଃ ପ୍ରତ୍ୟେକ ଛାତ୍ର ସୁମଣିଷ ହେବା ଉଚିତ ।

ଆଜିର ବିଶ୍ୱବିଦ୍ୟାଳୟଗୁଡ଼ିକ ନିଜକୁ କାରଖାନାରେ ପରିଣତ କରିଛନ୍ତି, ଏଥିରୁ ସ୍ନାତକ 'ଉତ୍ପାଦିତ' ହେଉଛନ୍ତି । ଏହା ଶିକ୍ଷାର ପ୍ରକୃତ ଅଭିପ୍ରାୟ ହୋଇ ନପାରେ । ଉପାର୍ଜିତ ଶିକ୍ଷା ଯଦି ଜଣକୁ ବିଜ୍ଞ ବୁଦ୍ଧିସମ୍ପନ୍ନ ନକରେ ତା'ହେଲେ ଏହା ପ୍ରକୃତ ଶିକ୍ଷା ନୁହେଁ । ସମାଜ ସେବା କରିବା ପାଇଁ, ଜାତିର ସେବା କରିବା ପାଇଁ ଜଣେ ସମାଜର ଆଶ୍ରୟ ନେବା ଉଚିତ । ଜାତି ପ୍ରତି ଯଦି ଅନୁରାଗ ନଥାଏ ଏବଂ ଦେଶ ପ୍ରେମ ନଥାଏ ସେପରି ଜୀବନ ନିରର୍ଥକ । ଦେଶ ମାତୃକା ପାଇଁ ଏବଂ ମାତୃଭାଷା ପାଇଁ ଜଣଙ୍କ ଅନ୍ତରରେ ଯଦି ଅନୁରାଗ ନଥାଏ ସେ ଜୀବନ୍ମୃତ ଭଳି । ସେଥିପାଇଁ ପ୍ରତ୍ୟେକ ଦେଶପ୍ରେମରେ ଉଦ୍‌ବୁଦ୍ଧ ହେବା ଉଚିତ । ନିଜ ଜାତିକୁ ଭଲ ପାଇବା ପ୍ରତ୍ୟେକ ବ୍ୟକ୍ତିର ପ୍ରାଥମିକ କର୍ତ୍ତବ୍ୟ । ମଣିଷମାନଙ୍କର ଶାରୀରିକ, ମାନସିକ, ବୌଦ୍ଧିକ ଓ ଆଧ୍ୟାତ୍ମିକ ବିଭାବଗୁଡ଼ିକୁ ସପୁଷ୍ଟ କରିବା ଭଳି ଆମେ ଶିକ୍ଷାକୁ ଉଦ୍‌ଦିଷ୍ଟ କରିବା ଉଚିତ । ବିଭିନ୍ନତା ମଧ୍ୟରେ ଐକ୍ୟ ଉପଲବ୍ଧି କରିବା ପାଇଁ ଶିକ୍ଷାର୍ଥୀମାନେ ଉଦ୍ୟମ କରିବା ଉଚିତ ।

ଦିବ୍ୟାତ୍ମା ସ୍ୱରୂପ ଶିକ୍ଷାର୍ଥୀବୃନ୍ଦ ! କେବଳ ଉପାଧି ଲାଭ କଲେ ତୁମେ ଯଥେଷ୍ଟ ସିଦ୍ଧି ପାଇବ ନାହିଁ । ଉପାଧି ସହିତ ସାଧାରଣ ଜ୍ଞାନ ଓ ସାଧାରଣ ବୁଦ୍ଧି ବିକଶିତ ହେବା ଉଚିତ । ଶିକ୍ଷା ବିହୀନ ସଂସ୍କୃତି ଓ ସଂସ୍କୃତି ବିହୀନ ଶିକ୍ଷା ନିରର୍ଥକ । ଶିକ୍ଷା ଓ ସଂସ୍କୃତି ଗୋଟିଏ ବିଦ୍ୟୁତ୍ ତାରର ଧନାତ୍ମକ ଓ ଋଣାତ୍ମକ ପ୍ରାନ୍ତ ପରି । ଏଇ ଦୁଇ ପ୍ରାନ୍ତକୁ ସଂଯୁକ୍ତ କଲେ ତୁମେ ଦିବ୍ୟାତ୍ମର ବିଦ୍ୟୁତ୍‌ଶକ୍ତି ପାଇବ ।

ଉପନିଷଦର ଉପଦେଶ ତୁମକୁ ସ୍ମରଣ ରଖିବାକୁ ହେବ—ମାତୃ ଦେବୋ ଭବ, ପିତୃଦେବୋ ଭବ, ଆଚାର୍ଯ୍ୟ ଦେବୋ ଭବ, ଅତିଥି ଦେବୋ ଭବ । ପିତାମାତା ଓ ଶିକ୍ଷକଙ୍କ ପ୍ରତି ଆଜି ସମ୍ମାନ ନାହିଁ । ଏହା ଅତ୍ୟନ୍ତ ଘୋରତର ବିଷୟ । ଶିକ୍ଷାର୍ଥୀମାନଙ୍କର ଆତ୍ମବିଶ୍ୱାସ ନାହିଁ । ଯେଉଁ ବ୍ୟକ୍ତିର ଆତ୍ମବିଶ୍ୱାସ ନାହିଁ ସେ ଆତ୍ମତୃପ୍ତି ଲାଭ କରିବ କିପରି ? ଯାହାର ଆତ୍ମତୃପ୍ତି ନାହିଁ ସେ ଆତ୍ମତ୍ୟାଗ ହୃଦୟଙ୍ଗମ କରିବ କିପରି ? ଆମେ ଗୋଟିଏ ଘରେ ରହୁଛୁ ଯାହାର ଛାତ ନାହିଁ କି ଭିତ୍ତି ନାହିଁ । ମଣିଷ ଆଜି ଆତ୍ମବିଶ୍ୱାସ ହରାଉଛି । ପ୍ରତ୍ୟେକ ମୁହୂର୍ତ୍ତରେ ସେ ବିଭ୍ରାନ୍ତିର ଶିକାର ହେଉଛି । ଆତ୍ମପ୍ରତ୍ୟୟରେ ନିଜକୁ ପ୍ରତିଷ୍ଠିତ କର । ତୁମେ ଈଶ୍ୱର କୃପା ପାଇବା ପାଇଁ ଉପଯୁକ୍ତ ହେବ । ଏପରି ଅବିଚଳିତ ବିଶ୍ୱାସ ତୁମେ ଶିକ୍ଷା କରିବା ଓ ଅର୍ଜନ କରିବା ଉଚିତ । ଆଜିର ଶିକ୍ଷା ଜୀବିକାର୍ଜନ ନିମନ୍ତେ ସାହାଯ୍ୟ କରୁଛି । ତୁମେ ନିଜକୁ ରୂପାନ୍ତରିତ କରିବା ଉଚିତ, ଆଦର୍ଶ ମଣିଷ ହେବା ଉଚିତ ଏବଂ ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ହେବା ଉଚିତ । ଜୀବିକା ନିମନ୍ତେ ଜଣେ ଯେ କୌଣସି ବୃତ୍ତି ଗ୍ରହଣ କରିବା ଉଚିତ ନୁହେଁ ।

ଯେଉଁ ବ୍ୟକ୍ତି ଉନ୍ମୀଳନ ବିଦ୍ୟା ପ୍ରଦାନ କରନ୍ତି ସେ ହିଁ ପ୍ରକୃତ ଗୁରୁ । ସେ ପ୍ରେମର ମୂଲ୍ୟ ଶିକ୍ଷା ଦେବା ଉଚିତ, ଶାନ୍ତି ହୃଦୟଙ୍ଗମ କରାଇବା ଉଚିତ, ନମ୍ରତା ଶିକ୍ଷା ଦେବା ଉଚିତ । ସେ ହିଁ ହେଉଛନ୍ତି ପ୍ରକୃତ ଗୁରୁ । ଏପରି ଉତ୍ତମ ଗୁଣ ଶିକ୍ଷା ଦେଉଥିବା ଗୁରୁମାନେ ଆଜି ପରିଦୃଷ୍ଟ ହେଉନାହାନ୍ତି । ଜଣେ ନିଜ ଭାଇକୁ ସୁଖ ପାଇବା ପାଇଁ ପ୍ରସ୍ତୁତ ନୁହେଁ । ଜଣେ ବ୍ୟକ୍ତିଙ୍କୁ ଭାଇ ବୋଲି ସମ୍ବୋଧନ କରିବାର ପ୍ରକୃତ ଅର୍ଥ କ'ଣ ? ପ୍ରତ୍ୟେକ ବ୍ୟକ୍ତି ଆମର ଭାଇ । କାରଣ ପ୍ରତ୍ୟେକ ଈଶ୍ୱରଙ୍କର ସନ୍ତାନ । ଈଶ୍ୱରଙ୍କର ସମସ୍ତ ସନ୍ତାନ ସ୍ୱାଭାବିକ ଭାବେ ଭାଇ ଭଉଣୀ । ଏଇ ପରିପ୍ରେକ୍ଷୀରେ ଯୀଶୁ କହିଥିଲେ, "ସମସ୍ତେ ଏକ । ହେ ମୋର ପ୍ରିୟ ସନ୍ତାନ, ସମସ୍ତଙ୍କ ପ୍ରତି ସମଭାବାପନ୍ନ ହୁଅ ।"

ଏହା ବୁଝିବା ପାଇଁ ଆମେ କୌଣସି ଉଦ୍ୟମ କରୁନାହୁଁ । ଯଦି ଆମେ କରିବା ପାଇଁ ଚାହୁଁ, ଆମେ ଅନେକ କଥା କରିପାରିବୁ । ଆମେ ନିଜର ବିଚାର ଶକ୍ତି ଓ ତଦନୁରୂପ ପବିତ୍ର ଦକ୍ଷତା ବିକଶିତ କରିବା ଉଚିତ । ଗାନ୍ଧୀ କହିଥିଲେ, "ହେ ଈଶ୍ୱର, ସମସ୍ତଙ୍କୁ ସନ୍ମତି ଦିଅ, ସଦ୍‌ବୁଦ୍ଧି ଦିଅ ।" ଗୋଟିଏ ନୂଆ ଧର୍ମ ପ୍ରବର୍ତ୍ତନ କରିବାର ଆବଶ୍ୟକତା ନାହିଁ । ନୂଆ ଶିକ୍ଷା ପଦ୍ଧତି ପ୍ରବର୍ତ୍ତିତ କରିବାର ଆବଶ୍ୟକତା ନାହିଁ । ନୂଆ ସମାଜ-ସୃଷ୍ଟି କରିବାର ଆବଶ୍ୟକତା ନାହିଁ । ନାରୀ ଏବଂ ପୁରୁଷ ପବିତ୍ର ହୃଦୟ ବନ୍ଧନରେ ରହିବା ଉଚିତ । ଆଜିର ସମସ୍ୟା ସମାଧାନ ପାଇଁ ତୁମେ ଯେତେ ଉଦ୍ୟମ କଲେ ମଧ୍ୟ ସେ ସବୁକୁ ତୁମେ ସମାଧାନ କରିପାରିବ ନାହିଁ । ମନକୁ ପରିବର୍ତ୍ତିତ କରିବା ପାଇଁ ପଡ଼ିବ । ମନର ପରିବର୍ତ୍ତନ ବ୍ୟତୀତ ଶିକ୍ଷା ପଦ୍ଧତି ପରିବର୍ତ୍ତନ କରି କି ଲାଭ ? ବିଶେଷ ବଳବାନ ମନ ଉପରେ ତୁମକୁ ଯଥେଷ୍ଟ ନିୟନ୍ତ୍ରଣ ରଖିବା ପାଇଁ ହେବ । ମାନସିକ ଶକ୍ତିର ସୀମା ନାହିଁ । ଯେଉଁ ବ୍ୟକ୍ତି ସମ୍ପୂର୍ଣ୍ଣ ରୂପେ ମନର ଖିଆଲ ଖୁସିରେ ଚଳେ ଦିନେ ନା ଦିନେ ସେ ଦୁଃଖରେ ପଡ଼େ । ମନ ଯେତେବେଳେ କୌଣସି ବିଷୟରେ ପରାମର୍ଶ ଦିଏ ତୁମେ ତତ୍‌କ୍ଷଣାତ୍ ସେଭଳି କର୍ମ କରିବା ଠିକ୍ ନୁହେଁ; ତୁମେ ବିଚାର କରିବା ଉଚିତ ଏବଂ ତାହା ସମୀଚୀନ କି ଅସମୀଚୀନ ନିର୍ଣ୍ଣୟ କରିବା ବାଞ୍ଛନୀୟ । ତୁମେ ବିଚାର ଶକ୍ତି ପ୍ରୟୋଗ କରିବା ଉଚିତ । ଯଦି ବିଚାର ଶକ୍ତି ନଥାଏ ବୁଦ୍ଧି ଥାଇ କ'ଣ ହେବ ? ଏପରି ବୁଦ୍ଧି ନିରର୍ଥକ । ଯେଉଁ ବୁଦ୍ଧି ମଣିଷର ହିତ ପାଇଁ ପ୍ରଯୁକ୍ତ ହୋଇ ନପାରିବ ସେଭଳି ବୁଦ୍ଧି ଥାଇ କି ଲାଭ ?

ସମାଜର ପ୍ରତ୍ୟେକଙ୍କୁ ସମ୍ମାନ ଦିଅ । ବୟୋଜ୍ୟେଷ୍ଠମାନଙ୍କୁ ଭଲପାଅ । ତୁମ ଜୀବନକୁ ଆଦର୍ଶପୂର୍ଣ୍ଣ କର । ସ୍ୱାର୍ଥ ପଥରେ ପାଦ ଦିଅନାହିଁ । ସମାଜ ସୁଖୀ ହେଲେ ତୁମେ ମଧ୍ୟ ସୁଖୀ ହୋଇ ପାରିବ । ତୁମର ସମସ୍ତ ସୁଖ ଦୁଃଖ ସମାଜ ଉପରେ ନିର୍ଭର କରେ । ସମାଜ ଯଦି ସୁଖୀ ହୋଇ ନଥାଏ ବ୍ୟକ୍ତି ମଧ୍ୟ ସୁଖୀ ହୋଇ ପାରିବ ନାହିଁ । ସେଥିପାଇଁ ସର୍ବଦା ତୁମେ ସମାଜର କଲ୍ୟାଣ ଓ ସମୃଦ୍ଧି ନିମନ୍ତେ ଅଭିଳାଷ ପୋଷଣ କରିବା ଉଚିତ । ଏହା ହିଁ ବିଶାଳ ହୃଦୟର ପ୍ରକୃତ ଅର୍ଥ । ଏଇ ଦିଗରେ ତୁମେ ପବିତ୍ର ହୃଦୟକୁ ବିକଶିତ କରିବା ଉଚିତ । ଯେଉଁ ବ୍ୟକ୍ତିମାନେ ତୁମକୁ ସାହାଯ୍ୟ କରିଛନ୍ତି ସେମାନଙ୍କ ପ୍ରତି ତୁମେ କୃତଜ୍ଞ ହେବା ଉଚିତ । ଉତ୍ତମ କାର୍ଯ୍ୟରେ ନିଯୋଗ ହେଲା ଭଳି ବୁଦ୍ଧି ଯଦି ନଥାଏ, ଅଜ୍ଞ ରହିବା ଶ୍ରେୟସ୍କର । ଅମଣୁଆ ଘୋଡ଼ା ଉପରେ ସବାର ହେବାଠାରୁ ଗଧ ଉପରେ ସବାର ହେବା ନିରାପଦ । ଆଜିର ଶିକ୍ଷା ଯଦି ସମାଜ ପାଇଁ ସହାୟକ ନହୁଏ, ତା'ହେଲେ ଅଶିକ୍ଷିତ ହେବା ଶ୍ରେୟସ୍କର ।

ସବୁ ପ୍ରକାର ଶିକ୍ଷା ଲାଭ ପରେ ଜଣେ ଯଦି ନିଜକୁ ଜାଣି ନପାରେ ସେ ଅର୍ଜନ କରିଥିବା ସମସ୍ତ ଶିକ୍ଷା ନିରର୍ଥକ ହୁଏ । ପୁସ୍ତକ ବିଦ୍ୟା ଆହରଣ କରି ଜଣେ ଯୁକ୍ତି କରି ଶିଖେ ଏପରି ଜ୍ଞାନର ଆବଶ୍ୟକତା କେଉଁଠି ? ବି: ଏ:/ଏମ୍: ଏ: ଉପାଧି ପାଇଥିବା ଅନେକ ବ୍ୟକ୍ତି ଅଛନ୍ତି । ଉଚ୍ଚ ପଦବୀରେ ମଧ୍ୟ ଅନେକ ପ୍ରତିଷ୍ଠିତ ହୋଇଛନ୍ତି । ଦୀର୍ଘକାଳ ବଞ୍ଚିଥିବା ବ୍ୟକ୍ତି ମଧ୍ୟ ଅଛନ୍ତି । ସେମାନେ ଜପ, ତପ ଇତ୍ୟାଦିରେ ଜୀବନ ଅତିବାହିତ କରୁଛନ୍ତି । ଏମାନେ କସ୍ମିନ୍‌କାଳେ ଉତ୍ତମ ଗୁଣସମ୍ପନ୍ନ ଲୋକଙ୍କ ସହିତ ତୁଳନୀୟ ହୋଇପାରିବେ ନାହିଁ । ଉତ୍ତମ ଗୁଣ ଓ ଉତ୍ତମ ଆଚରଣ ଅଭ୍ୟାସ କର । ଆଜି ଆମେ କେବଳ ଉତ୍ତମ ବୃତ୍ତିରେ ମନୋନିବେଶ କରୁଛୁ । ମାତ୍ର ଉତ୍ତମ ଗୁଣ ଅଭ୍ୟାସ କରୁନାହୁଁ । ଯେଉଁ ଶରୀର ଶ୍ୱେତ ବସ୍ତ୍ର ପରିଧାନ କରେ ତା' ଅନ୍ତରାଳରେ ପବିତ୍ର ହୃଦୟଟିଏ ଥିବା ଉଚିତ । କାରଣ ନାରାୟଣ ଭିତରେ ଓ ବାହାରେ ଅଛନ୍ତି । ତୁମେ ଯଦି ପରିଚ୍ଛନ୍ନ ଓ ପବିତ୍ର ପୋଷାକ ପିନ୍ଧିଥାଅ ମାତ୍ର ତୁମର ହୃଦୟ ଅପବିତ୍ର ହୋଇଥାଏ, ତା'ହେଲେ ସେଥିରେ କି ଲାଭ ? ତୁମେ ଚେଷ୍ଟା କରି ପୁଣ୍ୟବନ୍ତ ଲୋକ ହେବା ଉଚିତ ।

ଆତ୍ମତୃପ୍ତି ପାଇବା ପାଇଁ ତୁମେ ସେବା କର୍ମରେ ଲିପ୍ତ ରୁହ । ସେବାଠାରୁ ବଳି ଆଉ କିଛି ନାହିଁ । ସମାଜରେ ରହି ସେବା କର୍ମ କର । ଏଇ କର୍ମ ଅବ୍ୟାହତ ରଖ । ପରୋପକାରମ୍ ଇଦଂ ଶରୀରମ୍ । ତୁମେ ଯେତେବେଳେ ଏଭଳି ପବିତ୍ର ସେବା କରିବ ତୁମର ଶିକ୍ଷା ପବିତ୍ର ହେବ । ଭଗବାନଙ୍କ ନାମ ସ୍ମରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଶିକ୍ଷାର୍ଥୀମାନଙ୍କୁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଷୟ ମନେ ରଖିବାକୁ ହେବ । ଗୋଟିଏ ବସ୍ତୁ ଅଛି କି ନାହିଁ ଜାଣିବା ପାଇଁ ବସ୍ତୁଟିର ଗୁଣ ତୁମକୁ ଖୋଜିବାକୁ ହେବ । ବସ୍ତୁଟି ଯେତେବେଳେ ଅବସ୍ଥାନ କରୁନାହିଁ ତା'ର ଅସ୍ତିତ୍ୱ ଅଛି ବୋଲି କହିବା ନିରର୍ଥକ । ସେହି ଭଳି ଅସ୍ତିତ୍ୱ ନଥିବା ବସ୍ତୁର ଅସ୍ତିତ୍ୱ ପ୍ରମାଣିତ କରିବା ନିରର୍ଥକ । ଏଠାରେ ଗୋଟିଏ ଗ୍ଲାସ ଅଛି । ତୁମେ ଯଦି କୁହ ଗ୍ଲାସଟି ନାହିଁ, ଏହା ସତ୍ୟ ନୁହେଁ । ଗ୍ଲାସଟି ଅଛି କି ନାହିଁ କହିବା ପାଇଁ ଗ୍ଲାସର ଗୁଣ ସମ୍ପର୍କରେ ତୁମକୁ ଅବହିତ ରହିବାକୁ ହେବ । ଈଶ୍ୱର କ'ଣ ତୁମେ ଯେତେବେଳେ ଜାଣିବ ଈଶ୍ୱର ଅଛନ୍ତି କି ନାହାନ୍ତି ତୁମେ କହି ପାରିବ । ଈଶ୍ୱର ନାହାନ୍ତି ବୋଲି ତୁମେ ଯଦି କହୁଥାଅ ଈଶ୍ୱରଙ୍କ ସମ୍ପର୍କରେ ତୁମେ ସମ୍ୟକ୍ ଅବହିତ ହେବା ଉଚିତ । ନହେଲେ ତୁମେ ତାଙ୍କ ବିଷୟରେ କିଛି କହିପାରିବ କେମିତି ? ଈଶ୍ୱର ଅଛନ୍ତି ମାତ୍ର ଏଠାରେ ନାହାନ୍ତି । ଆଧୁନିକ ଶୈଳୀରେ ଆମେ କହୁ: "There is no God." ବାକ୍ୟଟିର ପ୍ରଥମ ଅଂଶ "There is" ଏବଂ ଶେଷାଂଶ "No God." ଏହା ପ୍ରମାଣିତ କରୁଛି ଯେ ତୁମେ ଭଗବାନଙ୍କ ଅସ୍ତିତ୍ୱ ଅସ୍ୱୀକାର କରୁଛ । ବସ୍ତୁ ସମ୍ପର୍କରେ କୌଣସି ଧାରଣା ନଥିଲେ ତାହା ଅବସ୍ଥାନ କରୁଛି କି ନାହିଁ

ଜଣେ କହିପାରିବ ନାହିଁ । ତୁମେ ଯଦି ପବିତ୍ର ଦିବ୍ୟତ୍ୱ ଉପଲବ୍ଧି କରିବାକୁ ଆଗ୍ରହୀ ପ୍ରଥମେ ଦିବ୍ୟତ୍ୱ ଉନ୍ମୀଳିତ କର । କେବଳ ଆଧ୍ୟାତ୍ମିକତା ମାଧ୍ୟମରେ ତୁମେ ନୈତିକତା ଓ ସଂହତିକୁ ଦୃଢ଼ କରି ପାରିବ । ଏଥିପାଇଁ ଅନ୍ୟ କୌଣସି ଉପାୟ ନାହିଁ ।

ଆମର ଅଭିବୃତ୍ତି ଓ ଅନୁଭବ ପବିତ୍ର ଚିନ୍ତା ଉପରେ ନିର୍ଭର କରେ । ଈଶ୍ୱରଙ୍କ ଉପରେ ଦୃଷ୍ଟି ନିବଦ୍ଧ ରଖୁଥିବା ପଶୁଟିଏ ଶିବଙ୍କ ବାହନ ନନ୍ଦୀରେ ରୂପାନ୍ତରିତ ହୋଇଛି । ନିରନ୍ତର ରାମନାମ ସ୍ମରଣ ଦ୍ୱାରା ଗୋଟିଏ ବାନର ମୃତ୍ୟୁହୀନ ହନୁମାନରେ ନିଜକୁ ରୂପାନ୍ତରିତ କରିଥିଲେ । ପ୍ରହ୍ଲାଦ ରାକ୍ଷସ କୁଳରେ ଜନ୍ମ ହୋଇ ମଧ୍ୟ ସେ ଦିବ୍ୟତ୍ୱ ଲାଭ କରିଥିଲେ କାରଣ ସର୍ବଦା ସେ ଦିବ୍ୟ ଚିନ୍ତାରେ ମଗ୍ନ ରହୁଥିଲେ । ମନରେ ସହଜାତ କୁଟିଳ ଚିନ୍ତା ହିଁ ମଣିଷକୁ ଭଗବାନଙ୍କଠାରୁ ଦୂରେଇ ନେଇଥାଏ । ମଣିଷର ଭଲ ବା ମନ୍ଦ ନିମନ୍ତେ ତାର ମନ ହିଁ ଦାୟୀ । ଭଲ ଏବଂ ଖରାପ ତୁମର କିଭଳି ମନ ଅଛି ତା' ଉପରେ ନିର୍ଭର କରେ । ଦୁଇ ଜଣ ବ୍ୟକ୍ତିଙ୍କ ମଧ୍ୟରେ ବନ୍ଧୁତା ଥିଲେ ଯଦି କେତେବେଳେ ମନୋମାଳିନ୍ୟ ଦେଖାଦିଏ, ଜଣେ ଭଲ ହୋଇଥିଲେ ଭୁଲ ବୁଝାମଣା କୌଣସି ସମସ୍ୟା ସୃଷ୍ଟି କରିବ ନାହିଁ କିମ୍ବା କୌଣସି ଝାମେଲା ହେବ ନାହିଁ । ସେଥିପାଇଁ ଆମ ଭାବନା ସର୍ବଦା ପବିତ୍ର ରହିବା ଉଚିତ ।

ପ୍ରିୟ ବିଦ୍ୟାର୍ଥୀବୃନ୍ଦ ! ତୁମେ କେବଳ ପୁସ୍ତକ ଜ୍ଞାନ ଆହରଣ କଲେ ଚଳିବ ନାହିଁ । ତୁମେ ସମାଜରେ ଠିକ୍ ଭାବରେ ବାସ କରିବା ଉଚିତ ଏବଂ ସମାଜର କଲ୍ୟାଣ ନିମନ୍ତେ ଯଥାଯଥ ସେବା କରିବା ଉଚିତ । ତୁମେ ଜୀବନକୁ ପବିତ୍ର କରିବା ଉଚିତ, ଦୈନନ୍ଦିନ ଜୀବନକୁ ଆଦର୍ଶମୟ କରିବା ଉଚିତ; ପବିତ୍ର, ଦିବ୍ୟ ଓ ଉପାଦେୟ ଜୀବନ ଯାପନ କରିବା ଉଚିତ । ତୁମେ ଜୀବନକୁ ଆଦର୍ଶମୟ କରିବା ଉଚିତ ଏବଂ ସର୍ବଦା ସମାଜ ସେବାରେ କାଳ ଅତିବାହିତ କରିବା ଉଚିତ । ତୁମର ପିତା ମାତା ତୁମକୁ ଅନ୍ନ, ଶୋଣିତ ଓ ମସ୍ତିଷ୍କ ଦେଇଛନ୍ତି । ତୁମେ ସେମାନଙ୍କ ପ୍ରତି କୃତଜ୍ଞ ହେବା ଉଚିତ । ସେମାନଙ୍କର ସେବା କରିବା ଉଚିତ । ତୁମେ ଏଭଳି ପୁଣ୍ୟ କର୍ମରେ ବ୍ରତୀ ହୁଅ ।

My dear boys !
You are flowers in God's garden.
You are stars in God's sky.
You must love flowers and stars.
They are the wonderful creation of
God's world. You must possess the
head of Sankar. You must possess the
heart of Buddha. You must possess
the hands of Janaka Maharaja.
Thus you become perfect men.

ଟାଇପ୍ ଆଇ: ଡି: ୧୩, ୧/୧,
ୟୁନିଟ୍-୩, ଭୁବନେଶ୍ୱର-୭୫୧ ୦୦୧



ରାଜ୍ୟପାଳ ପ୍ରଫେସର୍ ସୟଦ୍ ନୁରୁଲ୍ ହାସାନ୍ ଜଗତପୁର ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଥମ ଶିକ୍ଷକ ଶ୍ରୀ ହରିଶ୍ଚନ୍ଦ୍ର ହୋଟରାୟଙ୍କୁ ରାଜ୍ୟସ୍ତରୀୟ ପୁରସ୍କାର ପ୍ରଦାନ କରୁଛନ୍ତି

# ଆଦିବାସୀ ଜୀବନଦର୍ଶନ ଓ ସଂସ୍କୃତି

ଡକ୍ଟର୍ ଅମୂଲ୍ୟ ମହାପାତ୍ର

ଆଦିବାସୀମାନେ ଆଦିମ ଅଧିବାସୀ । ଅତି ପ୍ରାଚୀନ ଯୁଗରୁ ଏହି ଆଦିବାସୀମାନେ ଭାରତୀୟ ସଂସ୍କୃତି, ସାମାଜିକ ସ୍ଥିତି ଓ ଭୌଗଳିକ ଅବସ୍ଥିତି ସମ୍ପର୍କରେ ସୂଚନା ଦେଇଥାନ୍ତି । ସେମାନଙ୍କର ସଂସ୍କୃତି ପ୍ରାକ୍ ଐତିହାସିକ ଯୁଗର ଋକ୍‌ବେଦଠାରୁ ଅତି ପ୍ରାଚୀନ । ଆର୍ଯ୍ୟ ଓ ଦ୍ରାବିଡ଼ ସଭ୍ୟତା ପୂର୍ବରୁ ଭାରତରେ ଆଦିବାସୀ ସଭ୍ୟତା ଓ ସଂସ୍କୃତି ବିଦ୍ୟମାନ ଥିଲା । ହରପ୍ପା ଓ ମହେଞ୍ଜୋଦାରୋରେ ଏହାର ପ୍ରମାଣ ମିଳେ । ଋକ୍‌ବେଦରେ ଅଣଆର୍ଯ୍ୟମାନେ ବିକଟ ରାଜ୍ୟରେ ବସତି ସ୍ଥାପନ କରୁଥିବାର ଉଲ୍ଲେଖ ଅଛି । ଜରାସନ୍ଧଙ୍କ ରାଜୁତି ସମୟରେ ଏହି ବିକଟ ରାଜ୍ୟର ଏକ ଅଂଶର ନାମ ମାଗଧ ରୂପେ ବିଦିତ ହୋଇଥିଲା ବୋଲି ଜଣାଯାଏ । ହୋ, ଶବର ଇତ୍ୟାଦି ସମ୍ପ୍ରଦାୟର ଅଧିବାସୀମାନେ "କିକଟ" ବା "କେକଟ" ରାଜ୍ୟରେ ରହୁଥିଲେ । ଐତରେୟ ବ୍ରାହ୍ମଣ ଶାସ୍ତ୍ରରେ "ନିତ୍ୟ" ଓ "ଅପାଚ୍ୟ" ନାମକ ନିମ୍ନ ଜାତିର ଲୋକ ବାସ କରୁଥିବାର ଉଲ୍ଲେଖ ଅଛି । ଏଥିରେ ପୁଣି ଉଲ୍ଲେଖ ଅଛି ଯେ ବିଶ୍ୱାମିତ୍ର ତାଙ୍କର ପ୍ରପୌତ୍ରମାନଙ୍କୁ ପିତାଙ୍କ ଆଦେଶ ଅବଜ୍ଞା କରିବା ହେତୁ ଅଭିଶାପ ଦେଇଥିଲେ । ଫଳରେ ଆନ୍ଧ୍ର, ପୁଣ୍ଡ୍ର, ଶବର, ପୁଳିନ୍ଦ ଓ ମୁଟିବ ଜାତିର ଜନ୍ମ । ବାଜସନେୟ ସଂହିତାରେ ନିଷାଦ, ମାଗିର, କିରାତ ଇତ୍ୟାଦି ସମ୍ପ୍ରଦାୟର ବିଶଦ ଉଲ୍ଲେଖ ଅଛି । ଭାଗବତ ପୁରାଣରେ ବର୍ଣ୍ଣନା ଅଛି ଯେ କଳିଯୁଗର ଆରମ୍ଭରେ ଅସୁରମାନଙ୍କୁ ନିଧନ କରିବା ପାଇଁ ଅଞ୍ଜନାଙ୍କ ପୁତ୍ର ବୃଷଭପୁତ୍ର ଦଶମ ପୁରୁଷ ବଂଶଧରଙ୍କ ସୃଷ୍ଟିକରି ଥିଲେ । ସେମାନେ ହେଲେ ପାଣ୍ଡ୍ୟ, କେରଳ, ଚୋଳ ଓ କୋଲ । ଏହି କୋଲଙ୍କ ଦାୟାଦମାନେ ହିଁ ହୋ । ବାୟୁ ପୁରାଣ (ଖ୍ରୀ: ପୂ: ୩୨୦–୩୫୦), ବ୍ରହ୍ମାନନ୍ଦ ପୁରାଣ, ଭାଗବତ ପୁରାଣ ଓ ବିଷ୍ଣୁ ପୁରାଣ ତଥା ମନୁସ୍ମୃତିରେ ନିଷାଦମାନଙ୍କ ବିଶଦ ଉଲ୍ଲେଖ ଅଛି । ବାଲ୍ମୀକି ରାମାୟଣରେ ନିଷାଦ ରାଜଗୁହ ଓ ରାମଭକ୍ତ ଶବରୀ କଥା ସର୍ବଜନ ବିଦିତ । ସାରଳା ଦାସ ମହାଭାରତରେ ମନୋହର ବନ, କନ୍ଦୁକ କାନନ, ଡିଙ୍କିଗିରି ଦେଶ, ମହେନ୍ଦ୍ରମାଳା ଓ କିରାତ ଦେଶର ବର୍ଣ୍ଣନା ଅଛି । ଏହି ମହାଭାରତରେ ଶବର ରାଜ ବିଶ୍ୱାବସୁ ଓ ଇନ୍ଦ୍ରଦ୍ୟୁମ୍ନଙ୍କ ଉପାଖ୍ୟାନ ବିଶଦ ଭାବରେ ବର୍ଣ୍ଣନା କରାଯାଇଛି । ସେହି ଶବରୀ ବଲ୍ଲଭ ନାରାୟଣ ହେଲେ ଶ୍ରୀ ଜଗନ୍ନାଥ । ଓଡ଼ିଶାର ଜଗନ୍ନାଥ ସଂସ୍କୃତି ଏହି ନିଷାଦ ବା ଆଦିବାସୀ ସଂସ୍କୃତିରୁ ଆସିଥିବାର ସୂଚନା ଏଥିରୁ ମିଳିଥାଏ ।

ଆଦିବାସୀମାନେ ସାଧାରଣତଃ ପ୍ରକୃତି କୋଳରେ ଜନ୍ମ ହୋଇ ସେହି ପ୍ରକୃତି ଉପରେ ଜୀବିକା ନିର୍ବାହ ପାଇଁ ନିର୍ଭର କରିଥାନ୍ତି । ସେମାନଙ୍କର ଜୀବନ ଦର୍ଶନ ରୀତି ନୀତି ଚଳିଚଳନ ପ୍ରକୃତିର ନିୟମ ମଧ୍ୟରେ ସୀମାବଦ୍ଧ । କୃତ୍ରିମତାକୁ ସେମାନେ ଭଲ ପାଆନ୍ତି ନାହିଁ । ପାହାଡ଼ର ତଳେ କୁଡ଼ିଆ କରି ପାହାଡ଼ର ଛାତିରେ କ୍ଷେତ ଫସଲ ଫଳାଇ ଝରଣାରୁ ପାଣି ପିଇ ଜଙ୍ଗଲରୁ ଶିକାର କରି ଓ ବଣର ଫୁଲ ଫଳ ଖାଇ ମନ ଖୁସିରେ ଦିନାତିପାତ କରନ୍ତି । ତାଙ୍କର ପର୍ବପର୍ବାଣୀ ଓ ଦିଅଁ ଦେବତା ପ୍ରକୃତିକୁ କେନ୍ଦ୍ର କରି ଗଢ଼ି ଉଠିଥାଏ । ଏହି ଆଦିବାସୀମାନେ ଚିର ହରିତ୍‌ବେଶୀ ପ୍ରକୃତି ଦେବୀର କୋଳରେ ଜନ୍ମ ହୋଇ ସୁଖ ଦୁଃଖ, ଜନିଯାତ୍ରା, ପର୍ବ, ବିବାହ ଉତ୍ସବ ପ୍ରଭୃତିକୁ କେନ୍ଦ୍ର କରି ଗୀତ ଓ ନୃତ୍ୟ ପରିବେଷଣ କରିଥାନ୍ତି । ଏହି ଗୀତ, ନୃତ୍ୟ ଓ ବାଦ୍ୟ ଆଦିବାସୀ ଜୀବନର ସୌଖୀନ ବିଳାସ ନୁହେଁ, ତାହା ସେମାନଙ୍କ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ । ଆଦିବାସୀ ହୃଦୟର ଚିନ୍ତା ଗୀତ ଓ ନୃତ୍ୟ ମାଧ୍ୟମରେ ରୂପାୟିତ ହୋଇଥିବାରୁ ତାହା ସ୍ୱାଭାବିକ ଓ ଅକୃତ୍ରିମ ହୋଇଥାଏ । ସେମାନଙ୍କ ଲୋକଗୀତଗୁଡ଼ିକୁ ସମବେତ ନରନାରୀମାନେ ଏକତ୍ର ମିଶି ଗାଇଥାନ୍ତି କିମ୍ବା ଦୁଇଦଳ ହୋଇ ପରସ୍ପର ପରସ୍ପରକୁ ସମ୍ବୋଧନ କରିଥାନ୍ତି । ଗୀତ ଓ ନାଚ ଉଭୟ ଛନ୍ଦମୟ । ପାଦ ପକାଇବାର ଶୃଙ୍ଖଳା, ଗୀତ ଗାଇବାର ସ୍ୱର ଓ ସେମାନଙ୍କର ପ୍ରକାଶ ଭଙ୍ଗୀ ଦର୍ଶକମାନଙ୍କୁ ବିସ୍ମିତ କରିଥାଏ । ଆଦିବାସୀମାନେ ତାଙ୍କର ପର୍ବଦିନମାନଙ୍କରେ ସଲପ ପିଇ ବା ମାଣ୍ଡିଆ ଖାଇ ଦୀର୍ଘ ସମୟ ଧରି ଢୋଲ, ମାଦଳ ବଜାଇ ଗୀତ ଗାଇ ନାଚିନାଚି ଆନନ୍ଦରେ ଆତ୍ମହରା ହୋଇଥାନ୍ତି । ମନେହୁଏ ଯେପରି ଆଦିବାସୀ ଜୀବନ ସେହି ଗୀତ ନୃତ୍ୟ ଓ ବାଦ୍ୟରେ ଗଢ଼ା । ଆଦିବାସୀମାନଙ୍କର ଯେଉଁ କେତେକ ନୃତ୍ୟ ସଙ୍ଗୀତ ବିଶେଷ ଲୋକପ୍ରିୟ ତାହା ହେଲା ଦଣ୍ଡନାଚ, ଡାଲଖାଇ, ରସରକେଲି, ଝୁମକୁମ୍ପା ଓ ଘୁମୁରା ନାଚ ପ୍ରଭୃତି ।

ଦଣ୍ଡନାଚ ବୌଦ୍ଧଧର୍ମ ତଥା ଶୈବଧର୍ମ ସମ୍ପ୍ରଦାୟରୁ ଉତ୍ପତ୍ତି ବୋଲି ମନେହୁଏ । ବୌଦ୍ଧ ରାଜ୍ୟରେ ବୌଦ୍ଧଧର୍ମାବଲମ୍ବୀମାନେ ଯେଉଁ ନାଚ ଗୀତ ଆଦି ପ୍ରବର୍ତ୍ତନ କରିଥିଲେ ତାହାକୁ ବିଲୁପ୍ତ କରିବା ଅଭିପ୍ରାୟରେ ସୋନପୁରର ସୋମଗୁପ୍ତ ବଂଶୀୟ ରାଜାମାନେ ଶିବଙ୍କର ପୂଜା ଓ ଉପାସନାର ପ୍ରଚାର ଲକ୍ଷ୍ୟରେ ଦଣ୍ଡନାଚ ଆରମ୍ଭ କରିଥିଲେ । ଏହି

ଦଣ୍ଡନାଚର ପ୍ରାରମ୍ଭରେ ଶିବଙ୍କର ତାଣ୍ଡବ ନୃତ୍ୟ ପରିବେଷଣ କରାଯାଏ ଓ ପାର୍ବତୀଙ୍କ ସହିତ ଉଦେଶ୍ଯ ନୃତ୍ୟ ଗୀତ ଓ ବାଦ୍ୟ ଜମି ଉଠେ । ଶିବ ପ୍ରଥମେ ଗୀତ ଛଳରେ କହନ୍ତି :—

ଶିବ କହନ୍ତି ଶୋ: ଶିବା
ଦଣ୍ଡଯାତ୍ରୀ ଡିଆଇବା......ଇତ୍ୟାଦି ।

ଆଦିବାସୀ ତରୁଣୀମାନେ ଡାଲଖାଇ ନାଚ ଆଶ୍ୱିନ ମାସର ପଞ୍ଚମୀଠାରୁ ଆରମ୍ଭ କରିଥାନ୍ତି । ଦୁର୍ଗା ଅଷ୍ଟମୀ ଦିନ ଝିଅମାନେ ଭାଇମାନଙ୍କର ଦୀର୍ଘ ଜୀବନ କାମନା କରି ଉପବାସ ବ୍ରତ କରି ଗ୍ରାମ ଦେବତୀଙ୍କର ପାଖରେ ଏହି ନୃତ୍ୟ ପରିବେଷଣ କରିଥାନ୍ତି । ପଶ୍ଚିମ ଓଡ଼ିଶାରେ ଏହାକୁ ଜୀଉଜିଆ ବା ଭାତୃ ଜୟନ୍ତୀ କହନ୍ତି ।

ତରୁଣୀ କନ୍ୟାମାନେ ଦଳଦଳ ଭାବରେ ହାତକୁ ହାତ ପରସ୍ପର ଅଣ୍ଟାରେ ଛନ୍ଦି ବିଚିତ୍ର ଭାବରେ ଓ ବିଚିତ୍ର ଭଙ୍ଗୀରେ ଆଗପଛ ହୋଇ ଗୀତ ଗାଇ ନୃତ୍ୟକରନ୍ତି । ଏତିକିବେଳେ ଯୁବକମାନେ ମାଦଳ ବଜାନ୍ତି । ଏହି ନୃତ୍ୟରେ ଡାଲଖାଇ ଗୀତ ପରିବେଷଣ କରାଯାଏ । ପ୍ରକୃତି ବର୍ଣ୍ଣନା, ରାଧାକୃଷ୍ଣ ପ୍ରେମମୂଳକ ବିଷୟ ଏହି ଗୀତର ବିଷୟବସ୍ତୁ ହୋଇଥାଏ ।

ରସରକେଲି ଗୀତ ରଶିକୁଲ୍ୟା ଧାରାରୁ ଉତ୍ପତ୍ତି ହୋଇଥିଲା ପରି ମନେହୁଏ । ଏହି ରସରକେଲି ଗୀତ ବେଶ୍ ସୁଶ୍ରାବ୍ୟ ଓ ପ୍ରାଣବନ୍ତ ।

ରସରକେଲି ରେ....ରସରକେଲି ରେ
ରସକୁ ରସିଆ ଝିରେ ଧାନଫୁଲ କସିଆ,
ମନ୍ କଲେ ଘେନିଦେମି ସୁନାର ଫାସିଆ ।
ସୁନାର ଫାସିଆ ନନୀ ହଜି ନସି ଯିବା,
ଅଣ୍ଟାକେ ଗୁନ୍ଥି ଦେଲେ ଛରଲୀ
ଯୁଗ ଯୁଗ ଯିବା ।
ରସ ଦେ ବହଲାଇ ରେ.....
ରସ ଦେ ବହଲାଇ ରେ.....ରସରକେଲି ରେ...

ଘୁମୁରା ନାଚ କଳାହାଣ୍ଡି ଜିଲ୍ଲାରେ ମୁଖ୍ୟତଃ ଦେଖାଯାଏ । ଏହି ନାଚରେ କେବଳ ପୁରୁଷମାନେ ଅଂଶ ଗ୍ରହଣ କରିଥାନ୍ତି । ସେମାନେ ଏକ ଧରଣର ପୋଷାକ ପରିଧାନ କରିଥାନ୍ତି । ଏହି ନାଚରେ ଘୁମୁରା ନାମକ ଏକ ସ୍ୱତନ୍ତ୍ର ବାଦ୍ୟ ବ୍ୟବହୃତ ହେଉଥିବାରୁ ଏହି ନୃତ୍ୟର ନାମ ଘୁମୁରା ନୃତ୍ୟ ବା ଘୁମୁରା ନାଚ । ଏହି ଘୁମୁରା ବାଦ୍ୟ ମାଟିରେ ତିଆରି ହୋଇଥାଏ । ନାଚ ଓ ବାଦ୍ୟ ଏକ ସଙ୍ଗରେ ଚାଲେ । ଏହି ଗୀତରେ ଦେବ ଦେବୀଙ୍କର ବନ୍ଦନା ଓ ଛାନ୍ଦ ଚଉପଦୀ ରହିଥାଏ । ଏହି ନୃତ୍ୟକୁ ଦେଶର ବିଭିନ୍ନ ଉତ୍ସବମାନଙ୍କରେ ପରିବେଷଣ କରାଯାଏ ।

ସେହିପରି ଆଦିବାସୀମାନଙ୍କର ଅନ୍ୟ ଏକ ନୃତ୍ୟ ଗୀତ ହେଲା ଝୁମକ୍ଝୁମା । ଏହା ବେଶ୍ ଉପଭୋଗ୍ୟ ହୋଇଥାଏ । ଏହି ଗୀତ ହେଲା :—

ଝୁମକ୍ଝୁମା ରେ ଟା ଝୁମକ୍ଝୁମା ରେ.....
ଇଆଡ଼େ ପର୍ବତ ଯେରେ ସିଆଡ଼େ ପର୍ବତ
ମଝିର ପର୍ବତ ଯେରେ ଭାଲୁନୀର ଘର
ଝୁମକ୍ଝୁମା ରେ ଟା ଝୁମକ୍ଝୁମା ରେ.....

ନାଚ ଓ ଗୀତ ବ୍ୟତୀତ ସେମାନଙ୍କର ପର୍ବପର୍ବାଣୀ ଆଦିବାସୀ ସଂସ୍କୃତିର ବିଶେଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । କୋରାପୁଟ ଜିଲ୍ଲାରେ ବାସ କରୁଥିବା ପରଜାମାନଙ୍କର ଶିକାର ପର୍ବ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । ଏହି ପର୍ବ ଦଶଦିନ ଧରି ଲାଗି ରହେ । ପର୍ବର ପ୍ରଥମ ଦିନ ପରଜାମାନେ ସକାଳେ ସ୍ନାନ କରି ଉପବାସ ରହି ଗ୍ରାମ୍ୟ ଦେବୀଙ୍କର ପୂଜା କରନ୍ତି । କୁକୁଡ଼ା ଓ ଛେଳିକୁ ଦେବୀଙ୍କପାଖରେ ବଳି ଦିଆଯାଏ । ଦ୍ୱିତୀୟ ଦିନ ବାଟ ଦେବତାର ପୂଜା କରନ୍ତି । ପରବର୍ତ୍ତୀ ଦିନମାନଙ୍କରେ ପରଜାମାନେ ଖାଇପିଇ ମଉଜ କରନ୍ତି ଓ ଶିକାର କରିବାକୁ ଯାଆନ୍ତି । ଶିକାର କରି ଫେରିଲା ପରେ ଗ୍ରାମର ସମସ୍ତ ପୁରୁଷ ଓ ସ୍ତ୍ରୀମାନେ ମିଶି ଢୋଲ ବାଜା ବଜାଇ ଧେମସା ନାଚ ନାଚି ଗ୍ରାମର ନାୟକ ପାଖକୁ ଯାଆନ୍ତି ଓ ସେଠାରେ ଶିକାର ସବୁ ଜମା କରିଦିଅନ୍ତି । ଗ୍ରାମର ନାୟକ ସେ ମାଂସଗୁଡ଼ିକୁ ଭାଗ କରି ପ୍ରତି ଘରକୁ ପଠାଇଥାଏ । ଏହିପରି ପରଜାମାନେ ନୃତ୍ୟ ଗୀତ ମଧ୍ୟରେ ମାଂସ ଖାଇ ଓ ମଦ ପିଇ ଏହି ପର୍ବ ପାଳନ କରିଥାନ୍ତି ।

ଆଦିବାସୀମାନଙ୍କର ଅନ୍ୟ ଏକ ବିଶିଷ୍ଟ ପର୍ବ ହେଲା ପୁଷପୁନୀ ବା ଛେର୍‌ଛେରା । ପୌଷମାସର ପୂର୍ଣ୍ଣମୀଠାରୁ ଏହି ପର୍ବ ପାଳିତ ହୁଏ । ଏହି ପର୍ବ ସାଧାରଣତଃ କୃଷି କାର୍ଯ୍ୟ ସମୟରେ ପଡ଼ିଥାଏ । ଗୀତ ବାଦ୍ୟ ସହିତ ଆଦିବାସୀ ଲୋକମାନେ ପ୍ରତ୍ୟେକ ଗୃହସ୍ଥଙ୍କ ଘରକୁ ଯାଇ ଛେର୍‌ଛେରା ମାଗନ୍ତି । ଲୋକମାନେ ସେମାନଙ୍କୁ ଖୁଚେ ପ୍ରକୃତି ଦେଇଥାନ୍ତି । ପୁଷପୁନିଁ ଦିନ କୋରାପୁଟର ଗଦବା ଯୁବକ ଓ ଯୁବତୀମାନେ ବିଭିନ୍ନ ବେଶ ସାଜି ନାଚି, ଗୀତ ଗାଇ ପଇସା ମାଗନ୍ତି ।

ଗଙ୍ଗାଧର ମେହେର ଛେର୍‌ଛେରା ଉତ୍ସବକୁ ଲକ୍ଷ୍ୟ କରି ଲେଖିଛନ୍ତି—

"ଦିନା କେତେ ଗଲେ ପୁଷପୁନି ହେବ
ସେଦିନ ଦେଖିବୁ ପ୍ରାତେ,
ଛେର୍‌ଛେରା କୁଟି ବୁଲିବେ ପିଲାଏ
ଥରିଥରି ଶୀତ ରାତେ ।
ଯେ ଯାଏଁ ପିଲାଙ୍କୁ ନଦେବ ଗୃହସ୍ଥ
ଗୁଡ଼ଇ ଅଥବା ଧାନ,
ବାଡ଼ି ଠୁକି ଠୁକି ଉ ଜ କରୁଥିବେ
ଛେର୍‌ଛେରା ଗୀତ ଗାନ ।


ଆଦିବାସୀମାନଙ୍କର ଧର୍ମ ବିଶ୍ୱାସ ଓ ଦେବଦେବୀ ପୂଜା ସେମାନଙ୍କ ଜୀବନର ଅନ୍ୟ ଏକ ସାଂସ୍କୃତିକ ପରମ୍ପରାର ଚିହ୍ନ ବହନ କରିଥାଏ । ସମସ୍ତ କିଛିର ଆଦି କାରଣ ଭଗବାନ ବୋଲି ତାଙ୍କର ଦୃଢ଼ ଧାରଣା । ସେମାନେ ବଣ ଦେବତା, ଝରଣା ଦେବତା, ପାହାଡ଼ ଦେବତା, ବାଟ ଦେବତା, ଚନ୍ଦ୍ର ଦେବତା ଓ ସୂର୍ଯ୍ୟ ଦେବତାଙ୍କୁ ପୂଜା କରନ୍ତି । କନ୍ଧମାନେ ସେମାନଙ୍କ ଭାଷାରେ ବଣ ଦେବତାଙ୍କୁ "ଖସ୍‌ଗା ପେନୁ", ଝରଣା ଦେବତାଙ୍କୁ "ଗୁଡ଼ା ପେନୁ", ପାହାଡ଼ ଦେବତାଙ୍କୁ "ସୋରୁ ପେନୁ", ଗ୍ରାମ ଦେବତାଙ୍କୁ "ନାଡ଼ୁ ପେନୁ", ଭୂମି ଦେବତାଙ୍କୁ "ଦେଲା ପେନୁ", ସୂର୍ଯ୍ୟ ଦେବତାଙ୍କୁ "ବେଲା ପେନୁ" ଓ ଚନ୍ଦ୍ର ଦେବତାଙ୍କୁ "ଦାଞ୍ଜୁ ପେନୁ" କହନ୍ତି ।

ଶବର ରାଜା ବିଶ୍ୱାବସୁ ନୀଳମାଧବ ଅର୍ଥାତ୍ ଜଗନ୍ନାଥଙ୍କୁ ପୂଜା କରୁଥିବା ବିଷୟ ଜଗନ୍ନାଥ ପୁରାଣରେ ବର୍ଣ୍ଣିତ ଅଛି । ଐତରେୟ ବ୍ରାହ୍ମଣ, ମହାଭାରତ, ରାମାୟଣ ଓ ପୁରାଣମାନଙ୍କରେ ଶବରଙ୍କ ନାମ ପ୍ରତିଷ୍ଠା ରହିଅଛି । ଓଡ଼ିଶାର ଦେବତା ଜଗନ୍ନାଥ ଏବେ ମଧ୍ୟ ଶବର ଦେବତା । କେତେକଙ୍କ ମତରେ ଶବରମାନେ ପୂଜା କରୁଥିବା "ଜନଙ୍ଗରେ" ମେହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଦି ବିଗ୍ରହ । କୋରାପୁଟ ଓ ଗଞ୍ଜାମ ଜିଲ୍ଲାର ଶବର ପଲ୍ଲୀମାନଙ୍କରେ କିତୁଙ୍ଗ ନାମକ ଠାକୁର ପୂଜା ହୋଇଥାନ୍ତି । କିତୁଙ୍ଗ ଅର୍ଥ ଜଗତର ନାଥ । ଏହି ମୂର୍ତ୍ତି କାଠରେ ତିଆରି ହୋଇ ନାଲି, ଧଳା ଓ ହଳଦିଆ ରଙ୍ଗରେ ଚିତ୍ରିତ ହୋଇଥାନ୍ତି । ଆଦିବାସୀମାନଙ୍କର ଆଦି ଭାଷାରେ "ଜନାଙ୍ଗେ" ବା "ଜନଙ୍ଗରେ" ଜଗନ୍ନାଥ ଧର୍ମ । ଜଗନ୍ନାଥ ଧର୍ମ ବା ସଂସ୍କୃତି । ସେହି ସଂସ୍କୃତି ପଶ୍ଚାତରେ ଜରା ଶବରର ଧନୁଶର ଶ୍ରୀ କୃଷ୍ଣଙ୍କ ପ୍ରତି ନିକ୍ଷେପ, ଜରାର ପୁନ ବିଶ୍ୱାବସୁ ନୀଳମାଧବଙ୍କୁ ପୂଜା ଓ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କର ନୀଳମାଧବ ଓ ଜଗନ୍ନାଥ ପ୍ରାପ୍ତି ବିଦ୍ୟମାନ ।

ଆଜି ସେହି ଚକାଡୋଳା ଜଗନ୍ନାଥ ସମସ୍ତଙ୍କର ଆରାଧ୍ୟ ଦେବତା । ସେ କେବଳ ଶବରର ଦେବତା ହୋଇ ରହି ନାହାନ୍ତି କିମ୍ବା ସେ ବ୍ରାହ୍ମଣ, ଜୈନ ବା ବୁଦ୍ଧ ସମ୍ପ୍ରଦାୟର ନୁହେଁ, ସେ ହେଉଛନ୍ତି ସମସ୍ତ ଜଗତର – ଜଗନ୍ନାଥ । ତେଣୁ ସେହି ପରିପ୍ରେକ୍ଷୀରେ ବିଚାର କଲେ ଜଣାଯାଏ ଯେ ଆଦୀମ ସଂସ୍କୃତି କିପରି ମାନବ ସମାଜର ଏକ ବହିଷ୍ଣ ଅଙ୍ଗ ଭାବରେ କାର୍ଯ୍ୟ କରି ଆସୁଅଛି ଓ ଏହାର ପ୍ରଭାବ କ୍ରମଶଃ ଦେଶ ବିଦେଶରେ ପ୍ରସାର ହେବାରେ ଲାଗିଛି । ଆମେ ଯଦି ସେହି ଆଦିବାସୀ ଦର୍ଶନ ଓ ସଂସ୍କୃତିକୁ ବିଶେଷ ଭାବରେ ଅନୁଧ୍ୟାନ କରିବୁ, ତାହାହେଲେ ଏହାର ସ୍ଥାନ ଯେ ଅତ୍ୟାଧୁନିକ ଯୁଗରେ ଅତି ଶ୍ରେଷ୍ଠ ସ୍ଥାନ ଅଧିକାର କରିବ, ଏଥିରେ ତିଳେ ହେଲେ ସନ୍ଦେହ ନାହିଁ ।

(ଆକାଶବାଣୀ ସୌଜନ୍ୟରୁ)

ଅଧ୍ୟାପକ,
ଡି: ଏ: ଭି: ମହାବିଦ୍ୟାଳୟ,
କୋରାପୁଟ–୭୬୪ ୦୨୦



ଢେଙ୍କାନାଳ ଜିଲ୍ଲା ଉତ୍ସବ ପ୍ରଦର୍ଶନୀର ଉଦ୍‌ଘାଟନ ଦିବସରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ଶ୍ରୀ ଅଜିତ କୁମାର ତ୍ରିପାଠୀଙ୍କ ଉଦ୍‌ବୋଧନ

# ବିଦ୍ରୋହୀ ରାଜା ସୋମନାଥ ସିଂହ

ଡକ୍ଟର ଜଗନ୍ନାଥ ମହାନ୍ତି

୧୮୦୩ ମସିହା । ଫିରିଙ୍ଗି ସରକାର ଓଡ଼ିଶାକୁ ଦଖଲ କରିନେଲେ । ହେଲେ, କେତେକ ସ୍ୱାଧୀନଚେତା ଓ ସ୍ୱଦେଶପ୍ରେମୀ ବୀର ଓଡ଼ିଆ ତାଙ୍କର ବଶ୍ୟତା ସ୍ୱୀକାର କଲେ ନାହିଁ । ସେମାନେ ଫିରିଙ୍ଗି ଫଉଜଙ୍କୁ ନାନାପ୍ରକାର ହଇରାଣ ହରକତ କରିଥିଲେ । ଫିରିଙ୍ଗି ସରକାର ମଧ୍ୟ ସେହି ବୀରମାନଙ୍କୁ ଚଳିତଲାଣ୍ଡ କରିବାକୁ ପଛାଇ ନଥିଲେ । ଏହି ମୁକ୍ତିପାଗଳ ଓ ସ୍ୱାଭିମାନୀ ବୀରମାନେ ନିଜ ଜୀବନକୁ ମାତୃଭୂମିର ମାନସମ୍ମାନ ପାଇଁ ପାଣି ଛଡ଼ାଇ ନଥିଲେ । କେତେକ ଫିରିଙ୍ଗି ଫଉଜଙ୍କ ଗୁଳିମାଡ଼ରେ କିମ୍ବା ଫିରିଙ୍ଗି ସରକାରଙ୍କ ଫାଶିଖୁଣ୍ଟରେ ଝୁଲି ପ୍ରାଣବଳି ଦେଇଥିଲେ । କେତେକ ମୃତ୍ୟୁ ପର୍ଯ୍ୟନ୍ତ ମୁଣ୍ଡିମୁଣ୍ଡି ଘୋର ଜଙ୍ଗଲରେ ବା କଏଦୀଖାନାରେ ସଂଗ୍ରାମୀ ସିଂହ ପରି ସମୟ କଟାଇଥିଲେ ।

ଅନୁଗୋଳର ରାଜା ସୋମନାଥ ସିଂହ ସତରେ ଥିଲେ ଏହିପରି ଏକ ସିଂହ । ଖୋର୍ଦ୍ଧାର ରାଜା ମୁକୁନ୍ଦଦେବଙ୍କ ପରେ ସେ ହେଉଛନ୍ତି ଦ୍ୱିତୀୟ ରାଜା ଯେ ଇଂରେଜ ସରକାରଙ୍କର ବିରୋଧ କରି ନିଜ ରାଜ୍ୟ, ନିଜ ଜୀବନ, ନିଜର ସୁଖ ଶାନ୍ତି ସବୁ କିଛି ତ୍ୟାଗ କରିଥିଲେ । ତାଙ୍କ ରାଜ୍ୟ ଅନୁଗୋଳକୁ ଇଂରେଜ ସରକାର ନିଜ ଅଧୀନକୁ ନେଇଗଲେ । ହେଲେ, ରାଜା ସୋମନାଥ ସିଂହ ବିଦେଶୀ ସରକାରର ଅଧୀନତା ସ୍ୱୀକାର କରି ନଥିଲେ ।

ସୋମନାଥ ସିଂହଙ୍କ ପିତାଙ୍କ ନାମ ଗୋପୀନାଥ ସିଂହ । ୧୮୦୩ରେ ପିତାଙ୍କର ମୃତ୍ୟୁ ବେଳକୁ ସୋମନାଥଙ୍କୁ ମାତ୍ର ତିନିବର୍ଷ । ତେଣୁ ଅନୁଗୋଳର ରାଜା କିଏ ହେବ, ସେଥିପାଇଁ ଏକ ଗଣ୍ଡଗୋଳିଆ ପରିସ୍ଥିତି ସୃଷ୍ଟି ହୋଇଥିଲା । ବଗତାକୁ ତ ଗୋଳିପାଣି ସୁହାଏ । ତେଣୁ ଫିରିଙ୍ଗି ସରକାର ଏଥିରୁ ଫାଇଦା ଉଠାଇବାକୁ ବସିଲେ । ସେ ବନ୍ଦୋବସ୍ତ କମିଶନର୍ ଜନ୍ ରିଚାର୍ଡସନ୍ ଓ କଟକର ମ୍ୟାଜିଷ୍ଟ୍ରେଟ୍ ଡବ୍ଲ୍ୟୁ: ସି: ଫ୍ରାଙ୍କଙ୍କୁ ଏହି ବିଷୟର ବିଚାର ପାଇଁ ଦାୟିତ୍ୱ ଦେଲେ । ସେମାନେ ଶେଷରେ ଗୋପୀନାଥଙ୍କୁ ଅନୁଗୋଳ ରାଜଗାଦିର ପ୍ରକୃତ ଉତ୍ତରାଧିକାରୀ ବୋଲି ସୁପାରିଶ କଲେ ।

ସୋମନାଥ ୧୮୧୪ ମସିହା ଅକ୍ଟୋବର ୩ ତାରିଖରେ ଅନୁଗୋଳର ରାଜା ହେଲେ । ସେତେବେଳକୁ ସେ ମଧ୍ୟ ନାବାଳକ । ବୟସ ମାତ୍ର ୧୪ ବର୍ଷ । ହେଲେ, ଜଣେ ମୁରବିଙ୍କ ପରାମର୍ଶକ୍ରମେ ସେ ରାଜ୍ୟ ଶାସନ କଲେ । ସେ ଖୁବ୍ ଭଲ ଲୋକ ଥିଲେ । ତେଣୁ ଲୋକମାନେ ସୁଖ ଶାନ୍ତିରେ ରହୁଥିଲେ । ତାଙ୍କ ଦରବାରରେ ମଧ୍ୟ ବହୁ ଗୁଣୀ, ମାନୀ ଓ ପଣ୍ଡିତ ଲୋକ ରହୁଥିଲେ । ୧୮୩୧ ମସିହା ବେଳକୁ ସୋମନାଥ ସିଂହ ଜଣେ ଯୁବକ ରାଜା । ରକ୍ତରେ ତାଙ୍କର ଖୁବ୍ ଉଷ୍ମତା, ଦେହରେ ଅସୁମାରୀ ବଳ ଆଉ ମନରେ ଉଚ୍ଚ ଆକାଂକ୍ଷା । ସେଥିରେ ଫିରିଙ୍ଗି ସରକାର ତାଙ୍କ ଶାସନରେ ଥରେ ଥରେ ହସ୍ତକ୍ଷେପ କଲେ । ଏହାକୁ ସେ ସହୁଛନ୍ତି କେତେବେଳେ ! ସେ ତେଣୁ ତାର ଘୋର ବିରୋଧ କଲେ । ଇଂରେଜ ସରକାର ଓ ଅନୁଗୋଳ ରାଜା ସୋମନାଥ ସିଂହଙ୍କ ମଧ୍ୟରେ ଶତ୍ରୁତା ବଢ଼ିଲା । ଦୁର୍ଭାଗ୍ୟକୁ ସେତେବେଳେ କେତେକ ଘଟଣା ଘଟିଲା ଯାହା ଏହି ଶତ୍ରୁତାର ନିଆଁରେ ଘିଅ ଢାଳିଲା ପରି ହେଲା ।

ଥରେ ଦଶପଲ୍ଲା ରାଜ୍ୟର କେତେକ ଗାଁରେ ଲୁଟପାଟ ହେଲା । ଅନୁଗୋଳର ଦଳେ ଲୋକ ଯାଇ ଏହା କରିଛନ୍ତି ବୋଲି ଅଭିଯୋଗ ହେଲା । ତେଣୁ ଇଂରେଜ ସରକାର ଏହାର କ୍ଷତିପୂରଣ ବାବଦକୁ ପ୍ରାପ୍ୟ ଦେଢ଼ହଜାର ଟଙ୍କା ଦେବା ପାଇଁ ଦାବୀ କଲେ । ସୋମନାଥ ସିଂହ କିନ୍ତୁ ଏଥିପାଇଁ କାହିଁକି ଦାୟିତ୍ୱ ନେବେ ? ଅନୁଗୋଳର ଲୋକ ଏହା କରିଛନ୍ତି ବୋଲି ତାଙ୍କ ପାଖରେ କିଛି ପ୍ରମାଣ ନଥିଲା । ତେଣୁ ସେ କ୍ଷତିପୂରଣ ଦେବାକୁ ଅସ୍ୱୀକାର କଲେ ।

ତାର ପାଞ୍ଚ ଛଅ ବର୍ଷ ପରେ ଗଞ୍ଜାମ-ଘୁମୁସର ଅଞ୍ଚଳରେ କନ୍ଧମାନଙ୍କର ଆନ୍ଦୋଳନ ହେଲା । ସେମାନଙ୍କର ନେତା ଥିଲେ ଦୋରା ବିଶୋଇ ଓ ଚକ୍ର ବିଶୋଇ । ସେମାନେ ଇଂରେଜ ସରକାରଙ୍କ ବିରୁଦ୍ଧରେ ଘୋର ଲଢ଼େଇ କରିଥିଲେ । ଫିରିଙ୍ଗି ଫଉଜଙ୍କୁ ମାରିବାଠାରୁ ଥାନା ଓ ଖଜଣାଖାନା ଲୁଟି କରିବା ଯାଏ ଅନେକ କାଣ୍ଡ କରିଥିଲେ । ସୋମନାଥ ସିଂହ ସେମାନଙ୍କୁ ଏହି ବିଦ୍ରୋହରେ ସାହାଯ୍ୟ କରୁଛନ୍ତି ବୋଲି ଇଂରେଜ ସରକାର ଅଭିଯୋଗ କଲେ । ଅନୁଗୋଳରେ ଦୋରା ଓ ଚକ୍ର ବିଶୋଇ ଆଶ୍ରୟ ନେଇଛନ୍ତି ଏବଂ ସେମାନଙ୍କୁ ଇଂରେଜ ସରକାରଙ୍କୁ ଫେରାଇ ଦେବାକୁ ସୋମନାଥଙ୍କୁ ହୁକୁମ ଦିଆଗଲା ।

ସେତେବେଳେ ଛଅଜଣ ଲୋକଙ୍କୁ ଭିଡ଼ ମାରିଦେଲା । ଏହି ହତ୍ୟାକାଣ୍ଡ ପାଇଁ ଇଂରେଜଙ୍କର ରାଜା ସୋମନାଥ ସିଂହଙ୍କୁ ଦାୟୀ କଲେ । ସୋମନାଥ ସିଂହ ଖୁବ୍ ଭଦ୍ର ଓ ଧର୍ମନିଷ୍ଠ ଥିଲେ । ଏହି ମିଥ୍ୟା ଅଭିଯୋଗରେ ସେ ଭାରି ବିରକ୍ତ ହେଲେ । ଫିରିଙ୍ଗି ସରକାରର ଏହା ଏକ ଷଡ଼ଯନ୍ତ୍ର ବୋଲି ସେ ବୁଝିଥିଲେ ।

ଇଂରେଜ କମିଶନର ହେନେରୀ ରିକେଟସ୍ ରାଜାଙ୍କୁ ଦେଖା କରି ହତ୍ୟାକାରୀଙ୍କୁ ତାଙ୍କୁ ହସ୍ତାନ୍ତର କରିବାକୁ ଦାବି କଲେ । ରାଜା ଏହାର ଘୋର ପ୍ରତିବାଦ କଲେ । ଇଂରେଜ ସରକାରର ଏହା ଏକ ହୀନ ଷଡଯନ୍ତ୍ର ବୋଲି କହିଲେ । କମିଶନର କିନ୍ତୁ ଏଥିପାଇଁ ବଳପ୍ରୟୋଗ କରିବେ ବୋଲି ତାଙ୍କୁ ଧମକ ଦେଲେ । ସୋମନାଥ ସିଂହ ମଧ୍ୟ ଏଥିରେ ଡରିଯିବାର ଲୋକ ନୁହନ୍ତି । ସେ ଏହାର ମୁକାବିଲା କରି ପାରିବେ ବୋଲି ଜଣାଇଦେଲେ ।

ଅବସ୍ଥା ଦିନକୁ ଦିନ ସଙ୍ଗୀନ୍ ହୋଇ ଉଠିଲା । ଇଂରେଜ ସରକାର ଓ ରାଜା ସୋମନାଥ ସିଂହଙ୍କ ମଧ୍ୟରେ ଯେ କୌଣସି ସମୟରେ ଲଢ଼େଇ ଲାଗିଯିବାର ପରିସ୍ଥିତି ହେଲା । ସୋମନାଥ ସିଂହ ନିଜର ସୈନ୍ୟବଳ ବଢ଼ାଇଲେ । ନିଜ ରାଜଧାନୀକୁ ଅନୁଗୋଳ ପାଖ ପୁରୁଣାଗଡ଼ଠାରୁ ବହୁଦୂର ଏକ ଘଞ୍ଚ ଅରଣ୍ୟ ମଧ୍ୟକୁ ନେଇଗଲେ । ସେଠାରେ କୃଷ୍ଣଗଡ଼ ବୋଲି ଏକ ମଜବୁତ୍ ଦୁର୍ଗ ତିଆରି କଲେ । ପାହାଡ଼ ସବୁ ପାଚିରୀ ପରି ଚଉଦିଗରେ ଘେରି ରହିଥିଲା । ଘନ ଜଙ୍ଗଲ, ଉଚ୍ଚ ପାହାଡ଼ ଓ ଗଭୀର ଗଡ଼ଖାଇ ମଧ୍ୟରେ କୃଷ୍ଣଗଡ଼ ଥିଲା ଖୁବ୍ ଦୁର୍ଭେଦ୍ୟ ଓ ଅଗମ୍ୟ ।

୧୮୪୭ ମସିହା । ରାଜା ସୋମନାଥ ସିଂହ ହିନ୍ଦୋଳ ରାଜ୍ୟର ଗୋଟିଏ ଗାଁ କୁରୁମିତାକୁ ଜବର ଦଖଲ କରିନେଲେ । ଏଥିରେ ମଧ୍ୟ ରାଜା ନିର୍ଦ୍ଦୋଷ ଥିଲେ । କାରଣ କେତେ ବର୍ଷ ତଳେ ହିନ୍ଦୋଳ ରାଜା ଈଶ୍ୱର ସିଂହ ଅଭାବ ଅସୁବିଧାରେ ପଡ଼ି ପ୍ରାୟ ଏକ ହଜାର ଟଙ୍କାର ସାହାଯ୍ୟ ନେଇଥିଲେ । ସେଥିପାଇଁ ସେ ଏଇ କୁରୁମିତା ଗାଁକୁ ବନ୍ଧା ଦେଇଥିଲେ । ଏଥିପାଇଁ ଏକ ଚୁକ୍ତିପତ୍ର ମଧ୍ୟ ହୋଇଥିଲା । ମାତ୍ର ହିନ୍ଦୋଳ ରାଜା ଟଙ୍କା ଶୁଝିଲେ ନାହିଁ । ସେହି ଚୁକ୍ତିପତ୍ରକୁ ମଧ୍ୟ ଅବମାନନା କଲେ । ତେଣୁ ସୋମନାଥ ସିଂହ ଗାଁଟିକୁ ଦଖଲ କରିନେଲେ ।

ଏଥିରେ ହିନ୍ଦୋଳ ରାଜା ଈଶ୍ୱର ସିଂହ କମିଶନର ମିଲ୍ସ ସାହେବଙ୍କୁ ଦରଖାସ୍ତ କଲେ । ସେଥିରେ ସେ ଜଣାଇଦେଲେ ଯେ ମାତ୍ର ଏକଶହ ପଞ୍ଚାବନ ଟଙ୍କା ପାଇ ବାଧ୍ୟରେ ଏକ ହଜାର ଟଙ୍କାର ଚୁକ୍ତିପତ୍ର କରି ଦେଇଛନ୍ତି । ଜଣେ ଜମାଦାରଙ୍କୁ କମିଶନର ସାହେବ ସୋମନାଥ ସିଂହଙ୍କ ପାଖକୁ ପଠାଇଲେ । ସେ ମଧ୍ୟ ହିନ୍ଦୋଳ ରାଜାଙ୍କ କଥାକୁ ସମର୍ଥନ କରି ରିପୋର୍ଟ ଦେଲେ । ତେଣୁ ସୋମନାଥ ସିଂହଙ୍କୁ ତିନି ହଜାର ଟଙ୍କା ଜରିମାନା କରାଗଲା । ଗୋଟିଏ ପରୱାନାରେ ଏହା ଲେଖାଗଲା ଏବଂ ଜଣେ ଜମାଦାର ଓ ଜଣେ ଚପରାସୀ ଏହାକୁ ନେଇ ରାଜାଙ୍କ ପାଖକୁ ଗଲେ ।

ରାଜା ଏ ଦୁହିଁଙ୍କୁ ଅଟକାଇ ରଖିଲେ ଏବଂ ପରୱାନାକୁ ଫେରସ୍ତ କରିଦେଲେ । ପୁଣି କହିଲେ ଯେ ହିନ୍ଦୋଳ ରାଜାଙ୍କଠାରୁ କମିଶନର ଲାଞ୍ଚ ଖାଇ ତାଙ୍କ ପ୍ରତି ଏମିତି ବ୍ୟବହାର କରିଛନ୍ତି । ସେ ମଧ୍ୟ ଦୃଢ଼ ଭାବରେ ଘୋଷଣା କଲେ ଯେ ଏପରି ଅନ୍ୟାୟ କାର୍ଯ୍ୟର ସେ ବିରୋଧ କରିବେ । ନିଜର ପ୍ରାଣବଳି ଦେଇ ଫିରିଙ୍ଗି ଶାସନର ମୁକାବିଲା କରିବେ ।

ଇଂରେଜ ସରକାର ବହୁ ସମୟ ଧରି କିଛି ପଦକ୍ଷେପ ନେଲେ ନାହିଁ । ହିନ୍ଦୋଳର କୁରୁମିତା ଗାଁକୁ ସୋମନାଥ ସିଂହ ଭୋଗ ଦଖଲ କଲେ । ସମ୍ଭବତଃ ସେତେବେଳେ ଚକ୍ର ବିଶୋଇ, ନବଘନ କୁଅଁର, ବୀର କୁଅଁର ଆଦି କନ୍ଧ ସର୍ଦ୍ଦାରମାନଙ୍କ ବିଦ୍ରୋହରେ ଫିରିଙ୍ଗି ସରକାର ଖୁବ୍ ଭୟଭୀତ ହୋଇଥିଲେ । ପୁଣି ସେତେବେଳେ ସେମାନେ ଅନୁଗୋଳ ରାଜ୍ୟରେ ଆଶ୍ରୟ ନେଇଛନ୍ତି ବୋଲି ସରକାରଙ୍କ ପାଖରେ ରିପୋର୍ଟ ହୋଇଥିଲା ।

ଏହି ସମୟରେ ଆଉ ଦୁଇଟି ଘଟଣା ଇଂରେଜ ସରକାରଙ୍କୁ ଅଧିକ ରଗାଇଥିଲା । ବିଦ୍ରୋହୀ ନବଘନ କୁଅଁର ମେରିଆ (ମେଣିଆ) ବଳି ଦମନ ଦାୟିତ୍ୱରେ ଥିବା ଅଧିକାରୀ ମାକ୍ ଫର୍ସନ୍ ସାହେବଙ୍କ ଉପରେ ଆକ୍ରମଣ କରିଥିଲେ । ଦଶପଲ୍ଲା ରାଜ୍ୟର ଦୁଇଟି କନ୍ଧ ଗାଁ କୁଚାରୀ ଓ ମର୍ଦ୍ଦ ଗାଁକୁ କେହି ଲୁଟତରାଜ କରି ନିଆଁ ଲଗାଇ ଦେଇଥିଲେ । ରାଜା ସୋମନାଥ ସିଂହଙ୍କୁ ଏଥିପାଇଁ ପରୋକ୍ଷରେ ଦାୟୀ କରାଗଲା ।

ଇଂରେଜ ସରକାରଙ୍କ ଦ୍ୱାରା ତାଙ୍କ ନିକଟକୁ ଏକ ପରୱାନା ପଠାଗଲା । କଟକରେ ଥିବା କମିଶନର ସାହେବଙ୍କ ଦପ୍ତରରେ ହାଜର ହୋଇ ସଫେଇ ଦେବାକୁ ସେଥିରେ କୁହାଗଲା । ମାତ୍ର ସୋମନାଥ ସିଂହ ଏହି ଅଭିଯୋଗର ଦୃଢ଼ ପ୍ରତିବାଦ କଲେ ଏବଂ ଅସୁସ୍ଥତା ଯୋଗୁଁ କଟକ ଯିବା ଅସମ୍ଭବ ବୋଲି ଜଣାଇଦେଲେ ।

ଫିରିଙ୍ଗି ସରକାର ଏହାକୁ ରାଜା ସୋମନାଥ ସିଂହଙ୍କର ଅବାଧ୍ୟତା ଓ ଅବମାନନା ବୋଲି ଧରିନେଲେ । ମାତ୍ର ପ୍ରକୃତରେ ରାଜା ସେତେବେଳେ ପୀଡ଼ିତ ଥିଲେ । କମିଶନର ମିଲସ ସାହେବ ନିଜେ ମଧ୍ୟ ସରକାରଙ୍କୁ ରିପୋର୍ଟ କଲେ ଯେ ଗଣ୍ଠି ବାତ ଯୋଗୁଁ ରାଜା ଚଲାଚଳ ହେବାକୁ ଅକ୍ଷମ । କିନ୍ତୁ ସର୍ବୋଚ୍ଚ ଶାସନକର୍ତ୍ତା ଲାଟ ସାହେବ ଏଥିରେ ରାଜାଙ୍କୁ କ୍ଷମା ଦେବାକୁ ପ୍ରସ୍ତୁତ ନଥିଲେ ।

୧୮୪୭ ମସିହା ଡିସେମ୍ବର ୧୮ ତାରିଖର ଘୋଷଣାନାମାରେ ଅନୁଗୋଳର ରାଜାଙ୍କୁ ବରଖାସ୍ତ କରାଗଲା । ଅନୁଗୋଳ ରାଜ୍ୟ ଇଂରେଜ ସରକାରଙ୍କ ଦ୍ୱାରା ବାଜ୍ୟାପ୍ତ ହେଲା । ଏହା ଯେ ଫିରିଙ୍ଗି ସରକାରଙ୍କର ଏକ ନିତାନ୍ତ ଅନ୍ୟାୟ କାର୍ଯ୍ୟ ଥିଲା, ଏଥିରେ ସନ୍ଦେହ ନାହିଁ ।

ଏହି ଦୁଃସମୟରେ ଦୁର୍ଭାଗ୍ୟବଶତଃ ରାଜାଙ୍କର ନିଜ ପୁଅ ଲୋକନାଥ ସିଂହ ମଧ୍ୟ ବାପାଙ୍କର ବିରୋଧୀ ହୋଇଥିଲେ । ଘର ଢ଼ିଙ୍କି କୁମ୍ଭୀର ହୋଇଥିଲା । କଟକ ଯାଇ ଲୋକନାଥ ସିଂହ କମିଶନର ସାହେବଙ୍କ ନିକଟରେ ନିଜର ଆନୁଗତ୍ୟ ସ୍ୱୀକାର କରିଥିଲେ । ଅନୁଗୋଳ ଶାସନର ଏକ ଗୁପ୍ତ କଥା ମଧ୍ୟ ତାଙ୍କ ପାଖରେ ପ୍ରକାଶ କରିଥିଲେ । ଏହାଦ୍ୱାରା ସେ ଅନୁଗୋଳର ରାଜା ହୋଇପାରିବେ ବୋଲି ଆଶା କରିଥିଲେ । ମାତ୍ର ଏହା ବିଫଳ ହେଲା ।

୧୮୪୮ ମସିହା ଜାନୁୟାରୀ ୧୫ ତାରିଖରେ ଇଂରେଜ ସେନାପତି କ୍ୟାମ୍ପବେଲ୍ ସାହେବ ବିରାଟ ଫଉଜ ନେଇ ଅନୁଗୋଳ ଦଖଲ କରିନେଲେ । ଏଥିରେ କୌଣସି ବିରୋଧ ବା ରକ୍ତପାତ ଘଟି ନଥିଲା । ରାଜା ସେତେବେଳେ ଦୁରାରୋଗ୍ୟରେ ଶଯ୍ୟାଶାୟୀ ହୋଇ ପଡ଼ିଥିଲେ ।

କେତେକଙ୍କ ମତରେ ଫିରିଙ୍ଗି ଫଉଜଙ୍କ ଶତଚେଷ୍ଟା ସତ୍ତ୍ୱେ ସୋମନାଥ ସିଂହଙ୍କ ନୂତନ ରାଜଧାନୀ କୃଷ୍ଣଚନ୍ଦ୍ର ଗଡ଼ରେ ପଶିପାରିଲେ ନାହିଁ । ତାର କାରଣ ହେଲା—ଗଡ଼ ଭିତରକୁ ଥିଲା ଗୋଟିଏ ମାତ୍ର ବାଟ । ସେଇ ବାଟର ନାଁ ଥିଲା ଚନ୍ଦ୍ରମା ଦୁଆର । ତାର ଦୁଇ ପାଖରେ ଖଞ୍ଜା ହୋଇଥିଲା ଦୁଇଟି କମାଣ । ତାର ନାଁ ବି ଥିଲା — ରାମ ଓ ଲକ୍ଷ୍ମଣ । ସେହି କମାଣକୁ ଦାଗିଦେଲା ମାତ୍ରେ ଝରିପଡୁଥିଲା ନିଆଁର ଝରଣା । ଶହ ଶହ ଲୋକ ଆଖି ପିଛୁଳାକେ ମରି ଶୋଉଥିଲେ । ସେଠାରେ ପାଚିରୀ ପରି ରହିଥିବା ଉଚ୍ଚ ପାହାଡ଼ ଶିଖରରେ ବଡ଼ବଡ଼ ପଥର ସିଆଳି ଦଉଡ଼ିରେ ବନ୍ଧା ହୋଇ ରହିଥିଲା । ଶତ୍ରୁକୁ ଦେଖିଲେ ତାକୁ ଫିଟାଇ ଦିଆଯାଉଥିଲା । ସେହି ପଥର ଗୁଡ଼ରେ ଶତ୍ରୁ ସୈନ୍ୟମାନେ ନିମିଷକେ ମରି ଶୋଉଥିଲେ ।

କେହି ଜଣେ ନିମକହାରାମ ଓ ଦେଶଦ୍ରୋହୀ ଏଇକଥା ଇଂରେଜ ସେନାପତିଙ୍କୁ ଜଣାଇ ଦେଇଥିଲା । ଲୁଚିଛପି ସେହି କମାଣ ଭିତରେ ପାଣି ପୁରାଇ ଦିଆଯାଇଥିଲା । ତା'ଫଳରେ ଅସଲ ଯୁଦ୍ଧ ବେଳେ ସେହି କମାଣ ଫୁଟି ନଥିଲା । ଅନୁଗୋଳର ବିଶ୍ୱସ୍ତ ବୀର ସେନାପତି ମଣି ସାମନ୍ତରାଙ୍କୁ ଇଂରେଜ ସୈନ୍ୟମାନେ ବନ୍ଦୀ କଲେ । ଅନୁଗୋଳର ଅନେକ ସାହସୀ ସୈନ୍ୟ ଲଢ଼େଇ କରି ପ୍ରାଣବଳି ଦେଲେ ।

ବାତ ରୋଗରେ ପଡ଼ି ପଡ଼ି ରାଜା ସୋମନାଥ ସିଂହ ସେତେବେଳେ ନିତାନ୍ତ ଅକର୍ମଣ୍ୟ । ବହୁ କଷ୍ଟରେ କେତେକ ବିଶ୍ୱସ୍ତ ସୈନ୍ୟ ଓ ନାରୀମାନଙ୍କ ସାହାଯ୍ୟରେ ସେ କୃଷ୍ଣଚନ୍ଦ୍ର ଦୁର୍ଗରୁ ବାହାରି ଯାଉଥିଲେ ।

ମାତ୍ର ସେ ଫିରିଙ୍ଗି ଫଉଜଙ୍କ ହାତରେ ଧରା ପଡ଼ିଥିଲେ। କଟକଠାରେ ତାଙ୍କୁ ନଜର ବନ୍ଦୀ ଭାବରେ ରଖାଯାଇଥିଲା। ତାପରେ ପୁଣି ତାଙ୍କୁ ହଜାରିବାଗ ଜେଲକୁ ପଠାଇ ଦିଆଯାଇଥିଲା।

ସେଠାରେ ସେ ପିଞ୍ଜରାବଦ୍ଧ ସିଂହ ପରି ପାଞ୍ଚବର୍ଷ କାଳ କଟାଇଥିଲେ। ୧୮୬୩ ମସିହାରେ ଜଣେ ନିଃସହାୟ ବନ୍ଦୀ ଭାବରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଏହି ସ୍ୱାଧୀନଚେତା ବୀର ସୋମନାଥ ସିଂହ ମାଟି ମାଆର ମୁକ୍ତି ପାଇଁ ନିଜର ଜୀବନକୁ ବଳି ଦେଇଥିଲେ।

ଫ୍ଲାଟର୍ସ ନଂ ୩୧/୨, ଭି-୮
ୟୁନିଟ୍ ୨, ଭୁବନେଶ୍ୱର-୭୫୧ ୦୦୯



କଟକ ନଗରୀର ସହସ୍ର-ବର୍ଷ ଉତ୍ସବ ପାଳନ ଉପଲକ୍ଷେ ଭାରତୀୟ ସେନା ଓ ବିମାନ ବାହିନୀର ଜାତୀୟ ପତା ଧାରିରେ
ଆକାଶ ଛତା ଖସା ଜବାନମାନଙ୍କର ଅବତରଣ



# ଶ୍ରୀ ହେମାନନ୍ଦ ବିଶ୍ୱାଳ

ପିତା – ଶ୍ରୀ ବାସୁଦେବ ବିଶ୍ୱାଳ, ଗ୍ରାମ – ଠାକୁରପଡା, ପୋ.ଅ. – ଭାଲୁପାଟନା, ଜିଲ୍ଲା – ସମ୍ବଲପୁର । ଜନ୍ମ – ଡିସେମ୍ବର ୧, ୧୯୩୯ । ପତ୍ନୀ – ଶ୍ରୀମତୀ ଉର୍ମିଳା ବିଶ୍ୱାଳ । ପାଞ୍ଚଟି କନ୍ୟା ଏବଂ ଗୋଟିଏ ପୁତ୍ରର ଜନକ । ଶିକ୍ଷାଗତ ଯୋଗ୍ୟତା – ଆଇ.ଏ. । ମାର୍ଚ୍ଚ, ୧୯୮୫ ମସିହାରେ ଲାଇକେରା ନିର୍ବାଚନ ମଣ୍ଡଳୀରୁ ଚଳିତ ବିଧାନସଭାକୁ ନିର୍ବାଚିତ । ପୂର୍ବ ବୃତ୍ତି – ୧୯୬୧ ଠାରୁ ୧୯୬୭ ପର୍ଯ୍ୟନ୍ତ ଶିକ୍ଷକତା । ଅବସର ସମୟର ପ୍ରିୟ କାର୍ଯ୍ୟ – ବଗିଚା କାମ ଏବଂ ଫଟୋଗ୍ରାଫି; ଭ୍ରମଣ ଏବଂ କ୍ରୀଡ଼ା । ବିଶେଷ ଆଗ୍ରହ – ରାଜନୈତିକ ପତ୍ରିକା, ବିଭିନ୍ନ ସାପ୍ତାହିକ ଓ ପାକ୍ଷିକ ପତ୍ରିକା ପଠନ ।

ସମାଜ ସେବା କାର୍ଯ୍ୟ – ଯୁବକ ସଂଘ ଏବଂ ଆଦିବାସୀ କଲ୍ୟାଣ ସଂଘ ଗଠନ । କ୍ରୀଡ଼ା ଏବଂ ନାଟ୍ୟ ସଂଘ ଓ ଶିକ୍ଷାନୁଷ୍ଠାନମାନଙ୍କର ଉନ୍ନୟନ କ୍ଷେତ୍ରରେ ସକ୍ରିୟ ଭୂମିକା । ସାହିତ୍ୟ ଅନୁରାଗ – ଛାତ୍ର ଜୀବନରେ କବିତା ଓ ନିବନ୍ଧ ଲେଖନ ।

ରାଜନୈତିକ ଜୀବନ – ୧୯୬୭ ଠାରୁ ୧୯୭୧ ମସିହା ପର୍ଯ୍ୟନ୍ତ କିରମିରା ପଞ୍ଚାୟତ ସମିତିର ଅଧ୍ୟକ୍ଷ । ୧୯୭୨ ମସିହାରେ କଂଗ୍ରେସ ଦଳରେ ଯୋଗଦାନ । କିରମିରା ବ୍ଲକ୍ ଯୁବ କଂଗ୍ରେସର ଆବାହକ । ୧୯୬୮ ଠାରୁ ୧୯୭୪ – ଝାରସୁଗୁଡା ଭୂ-ଉନ୍ନୟନ ବ୍ୟାଙ୍କର ଉପାଧ୍ୟକ୍ଷ । ଝାରସୁଗୁଡା ଏଲ୍.ଏନ୍. ମହାବିଦ୍ୟାଳୟ ଏବଂ କୁଚିଣ୍ଡା ମହାବିଦ୍ୟାଳୟର ପରିଚାଳନା କମିଟିର ସଭ୍ୟ । ୧୯୭୪ ଏବଂ ୧୯୮୦ ମସିହାରେ ଲାଇକେରା ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ଟିକଟରେ ନିର୍ବାଚିତ । ୧୯୮୧ ରୁ ୧୯୮୩ ପର୍ଯ୍ୟନ୍ତ ବିଧାନସଭା ପବ୍ଲିକ୍ ଅଣ୍ଡରଟେକିଙ୍ଗ୍ କମିଟିର ଅଧ୍ୟକ୍ଷ । ୧୯୮୪-୮୫ – ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟିର ସଭାପତି । ୧୨.୩.୧୯୮୫ ଠାରୁ ୧୯.୧୨.୧୯୮୬ ପର୍ଯ୍ୟନ୍ତ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର ମନ୍ତ୍ରିମଣ୍ଡଳରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ।

# ଓଡ଼ିଶା ମନ୍ତ୍ରିମଣ୍ଡଳ

## କ୍ୟାବିନେଟ

ଶ୍ରୀ ହେମାନନ୍ଦ ବିଶ୍ୱାଳ (ମୁଖ୍ୟମନ୍ତ୍ରୀ) – ସାଧାରଣ ପ୍ରଶାସନ, ଗୃହ, ଯୋଜନା ସମନ୍ୱୟ, ଶିଳ୍ପ, ବିଜ୍ଞାନ ଓ କାରିଗରି କୌଶଳ, ଗୋଷ୍ଠୀ ଉନ୍ନୟନ ଓ ଗ୍ରାମ୍ୟ ପୁନର୍ଗଠନ, ପୂର୍ତ୍ତ, ଗୃହନିର୍ମାଣ ଏବଂ ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ ନଥିବା ସମସ୍ତ ବିଭାଗ ।

ଶ୍ରୀ ଗଙ୍ଗାଧର ମହାପାତ୍ର – ଅର୍ଥ ଓ ଆଇନ

ଶ୍ରୀ ଭାଗବତ ପ୍ରସାଦ ମହାନ୍ତି – ରାଜସ୍ୱ ଓ ଅବକାରୀ

ଶ୍ରୀ ଡମ୍ବରୁ ମାଝୀ – ହରିଜନ ଓ ଆଦିବାସୀ ଉନ୍ନୟନ

ଶ୍ରୀ ରାସବିହାରୀ ବେହେରା – କୃଷି ଓ ସମବାୟ

ଶ୍ରୀ ମତଲୁବ ଅଲ୍ଲୀ – ଶିକ୍ଷା ଓ ଯୁବକଲ୍ୟାଣ

ଶ୍ରୀ ଅନୁପ ସିଂହଦେଓ – ବାଣିଜ୍ୟ ଓ ପରିବହନ

ଶ୍ରୀ ରାମଚନ୍ଦ୍ର ଉଲାକା – ବିଦ୍ୟୁତ ଓ ଜଳସେଚନ

## ରାଷ୍ଟ୍ରମନ୍ତ୍ରୀ

ଶ୍ରୀ ଭୂପିନ୍ଦର ସିଂହ – କ୍ରୀଡା (ସ୍ୱାଧୀନ) ଏବଂ କ୍ଷୁଦ୍ର ଜଳସେଚନ

ଶ୍ରୀ ମୋହନ ନାଗ – ମତ୍ସ୍ୟ ଓ ପଶୁପାଳନ (ସ୍ୱାଧୀନ)

ଫ୍ରୀଡା ଟପ୍ପୋ – ଶିକ୍ଷା ଓ ଯୁବକଲ୍ୟାଣ

ଶ୍ରୀମତୀ ସରସ୍ୱତୀ ହେମ୍ବ୍ରମ – ଗୋଷ୍ଠୀ ଉନ୍ନୟନ ଓ ଗ୍ରାମ ପୁନର୍ଗଠନ

ଶ୍ରୀ ଅମର ପ୍ରଧାନ – ସୂଚନା ଓ ଲୋକସମ୍ପର୍କ (ସ୍ୱାଧୀନ) ଏବଂ ଉଠା ଜଳସେଚନ

ଶ୍ରୀ ଦୋଳଗୋବିନ୍ଦ ପ୍ରଧାନ – ସହରାଞ୍ଚଳ ଉନ୍ନୟନ (ସ୍ୱାଧୀନ)

ଶ୍ରୀ ଜଗନ୍ନାଥ ରାଉତ – ଶିଳ୍ପ

ଶ୍ରୀ ନେତ୍ରାନନ୍ଦ ମଲ୍ଲିକ – ଜଙ୍ଗଲ ଓ ପରିବେଶ (ସ୍ୱାଧୀନ)

ଶ୍ରୀ ଜୟଦେବ ଜେନା – ଖଣି, ଭୂତତ୍ତ୍ୱ (ସ୍ୱାଧୀନ) ଏବଂ ବିଜ୍ଞାନ ଓ କାରିଗରି କୌଶଳ

ଶ୍ରୀ କାର୍ତ୍ତିକ ପ୍ରସାଦ ତରିଆ – କୃଷି ଓ ସମବାୟ

ଶ୍ରୀ ସୀତାକାନ୍ତ ମହାପାତ୍ର – ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ (ସ୍ୱାଧୀନ)

ଶ୍ରୀ ରାଘବ ପରିଡା – ଖାଦ୍ୟ ଓ ଯୋଗାଣ (ସ୍ୱାଧୀନ)

ଶ୍ରୀ ଗଜାଧର ମାଝୀ – ଶ୍ରମ ଓ ନିଯୁକ୍ତି (ସ୍ୱାଧୀନ) ଏବଂ ଗୃହନିର୍ମାଣ


ଶ୍ରୀ ପ୍ରକାଶ ଦେବତା – ପୂର୍ତ୍ତ

ଶ୍ରୀ ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜ – ସଂସ୍କୃତି ଓ ପର୍ଯ୍ୟଟନ (ସ୍ୱାଧୀନ) ଏବଂ ଯୋଜନା ଓ ସମନ୍ୱୟ

## ଉପମନ୍ତ୍ରୀ

ଶ୍ରୀମତୀ ପରମା ପୂଜାରୀ – ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ

ଶ୍ରୀ ଯୁଧିଷ୍ଠିର ଜେନା – ହରିଜନ ଓ ଆଦିବାସୀ କଲ୍ୟାଣ ଏବଂ ଶ୍ରମ ଓ ନିଯୁକ୍ତି




## ସୀମାଦ୍ରୀଙ୍କର ସାଇକଲ ଦୋକାନ

ପାରଳାଖେମୁଣ୍ଡି ସବ୍‌ଡିଭିଜନ ଅନ୍ତର୍ଗତ ନୂଆଗଡ ବ୍ଲକ୍‌ର ଖଜୁରୀପଡା ଗ୍ରାମରେ ଶ୍ରୀ ସୀମାଦ୍ରୀ ପ୍ରଧାନଙ୍କ ଘର । ବୟସ ପ୍ରାୟ ଚାଳିଶି ହେବ । ପରିବାର ସଂଖ୍ୟା ନଅ । ପିଲା ସଂଖ୍ୟା ପାଞ୍ଚ । ସେଥିରୁ ପୁଅ ତିନୋଟି ଏବଂ ଝିଅ ଦୁଇଟି । ପିଲାଗୁଡିକ ଛୋଟଛୋଟ । ରୋଜଗାର କରିବାକୁ ଜଣେ, ଖାଇବାକୁ ନଅ ପ୍ରାଣୀ କୁଟୁମ୍ବ । ନିଜର ଯାହା ଅଳ୍ପ ଜମି ଥିଲା ତାକୁ ଚାଷ କରି ପରିବାର ଚଳାଇବା ଅତି କଷ୍ଟକର ହେଉଥିଲା । ସମ୍ବଳ ଅଭାବରୁ ଅନେକ ସମୟରେ ଭୋକ ଉପାସରେ କଟୁଥିଲା । ପିଲାମାନଙ୍କର ପାଠପଢା କଥା ବୁଝୁଛି କିଏ । ସୀମାଦ୍ରୀ ସାଇକଲ ମରାମତି ଦୋକାନଟିଏ ପାଇଁ ଚିନ୍ତା କଲେ ।

ସେ ନୂଆଗଡ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଦରଖାସ୍ତ କଲେ । ସରକାରଙ୍କର ଇ.ଆର୍.ଆର୍.ପି ଯୋଜନାରେ ନୂଆଗଡ ବି.ଡି.ଓ. ତାଙ୍କୁ ସାମିଲ କଲେ ଏବଂ ଖଜୁରୀପଡା ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆରୁ ତାଙ୍କୁ ୩,୦୦୦ ଟଙ୍କା ଋଣ ମିଳିଲା । ସେ ବ୍ୟାଙ୍କରୁ ଋଣ ପାଇ ଗୋଟିଏ ସାଇକିଲ ମରାମତି ଦୋକାନ ଖୋଲିଲେ । ସେ ସାଇକଲ ମରାମତି କରି ଦିନକୁ ତିରିଶ ପଇଁତିରିଶ ଟଙ୍କା ରୋଜଗାର କରୁଛନ୍ତି । ସାଇକଲ ମରାମତି ସାଙ୍ଗକୁ ସାଇକଲ କିଣି ଭଡାକୁ ଲଗାଇଛନ୍ତି । ସେଥିରୁ ବି ଭଲ ଦିପଇସା ରୋଜଗାର କରୁଛନ୍ତି ।

ଋଣ ରିହାତି ପନ୍ଦରଶହ ଟଙ୍କା ପାଇଲେ ଅବଶିଷ୍ଟ ଋଣ ପରିଶୋଧ କରିଦେଲେ । ତାଙ୍କୁ ପୁଣି ଦ୍ୱିତୀୟ କିସ୍ତି ତିନି ହଜାର ଟଙ୍କା ଋଣ ଦିଆଗଲା । ସାଇକଲ ମରାମତି କରି ବର୍ତ୍ତମାନ ପିଲାମାନଙ୍କୁ ସ୍କୁଲରେ ପାଠ ପଢାଉଛନ୍ତି । ନିଜର ପିଲାମାନଙ୍କୁ ଭଲ ପୋଷାକ ଓ ପୁଷ୍ଟିକର ଖାଦ୍ୟ ଯୋଗାଇବା ପାଇଁ ସକ୍ଷମ ହୋଇ ପାରିଛନ୍ତି ଏବଂ ପରିବାର ସହିତ ସୁଖରେ ଦିନଗୁଡିକ କଟାଉଛନ୍ତି । ପୂର୍ବ ଅପେକ୍ଷା ତାଙ୍କର ଆର୍ଥିକ ଅବସ୍ଥାରେ ଯଥେଷ୍ଟ ପରିବର୍ତ୍ତନ ହୋଇଛି ।

ଶ୍ରୀ ପ୍ରଧାନଙ୍କ ମତରେ ଯେଉଁମାନେ ଋଣ ଅର୍ଥକୁ ଠିକ୍ ମାର୍ଗରେ ବିନିଯୋଗ କରନ୍ତି ଏବଂ କଠିନ ପରିଶ୍ରମ କରନ୍ତି । ନିଶ୍ଚୟ ସେମାନଙ୍କ ଆର୍ଥିକ ଅବସ୍ଥାରେ ପରିବର୍ତ୍ତନ ହେବ ।

ଶ୍ରୀ ଭୋଳାନାଥ ମୁର୍ମୁ
ଅନୁବିଭାଗୀୟ ସୂଚନା ଓ ଲୋକସମ୍ପର୍କ ଅଧିକାରୀ,
ପାରଳାଖେମୁଣ୍ଡି, ଗଞ୍ଜାମ

## ପରିକ୍ଷିତଙ୍କ ଅପାର ଆନନ୍ଦ

ଗଞ୍ଜାମ ଜିଲ୍ଲା ବୁଗୁଡା ବ୍ଲକ୍ ଅନ୍ତର୍ଗତ ପାଙ୍ଗିଡି ଗ୍ରାମଟି ଏକ ମନୋରମ ପରିବେଶ ମଧ୍ୟରେ ଅବସ୍ଥିତ ପାହାଡ ଏବଂ ବନାନୀ ଗ୍ରାମଟିର ଶୋଭାକୁ ଦ୍ୱିଗୁଣିତ କରିଥାଏ । ଏହି ଅଞ୍ଚଳରେ କୃଷ୍ଣସାର ମୃଗମାନେ ନିର୍ଭୟରେ-ବାସ କରିଛନ୍ତି । ଏମାନଙ୍କୁ ନମାରିବା ପାଇଁ ସରକାରଙ୍କ ପକ୍ଷରୁ ଦୃଢ ପଦକ୍ଷେପମାନ ଗ୍ରହଣ କରାଯାଇଛି ଓ ଏ ଅଞ୍ଚଳର ଲୋକମାନେ ଏମାନଙ୍କର ସୁରକ୍ଷା ପାଇଁ ବିଶେଷ ଯତ୍ନବାନ ।

ଏହି ପାଙ୍ଗିଡି ଗ୍ରାମର ତି. ପରିକ୍ଷିତ ରେଡି ନିଜର ପରିବାରକୁ କିପରି ପ୍ରତିପାଳ କରିବେ ଏହି ଚିନ୍ତାରେ ସଦାସର୍ବଦା ବ୍ୟସ୍ତ । ବାପାଙ୍କଠାରୁ ପାଇଥିବା ପାଞ୍ଚଭରଣ ଜମିରେ ନିଜେ, ସ୍ତ୍ରୀ ଏବଂ ପିଲାଦୁଇଟିଙ୍କୁ ନେଇ ଚଳିବା ଅତ୍ୟନ୍ତ

କଷ୍ଟକର ହେବାରୁ ବର୍ଷର ଅଧିକାଂଶ ଦିନ ଅନ୍ୟମାନଙ୍କର କାମ କରିବାକୁ ପଡିଥାଏ । ମଜୁରୀ କାମ କରି ଯାହା ରୋଜଗାର କରନ୍ତି ସେଥିରେ ତାଙ୍କର ପରିବାର ବହୁ କଷ୍ଟରେ ଚଳିବାକୁ ହୁଏ । ସରକାରଙ୍କ ତରଫରୁ ଗରିବ ଲୋକଙ୍କୁ ଦିଆଯାଉଥିବା ବିଭିନ୍ନ ପ୍ରକାର ସାହାଯ୍ୟ ବିଷୟରେ ପରିକ୍ଷିତ ଗ୍ରାମର ମୁଖିଆମାନଙ୍କଠାରୁ ଶୁଣି ଶଗଡ ବଳଦ କରିବା ପାଇଁ ସ୍ଥିର କଲା ଶଗଡ ବଳଦ କରିବା ପାଇଁ ଋଷିକୁଲ୍ୟା ଗ୍ରାମ୍ୟବ୍ୟାଙ୍କରୁ ତାଙ୍କୁ ୪,୧୦୦ ଟଙ୍କା ଋଣ ମିଳିଲା । ଏହି ଋଣ ଟଙ୍କାରୁ ୧,୬୦୦ ଟଙ୍କା ସବ୍‌ସିଡି ଆକାରରେ ଛାଡ କରାଯାଇଛି । ଅବଶିଷ୍ଟ ଟଙ୍କା ମଧ୍ୟରୁ ପରିକ୍ଷିତ ୧,୧୦୦ ଟଙ୍କା ବ୍ୟାଙ୍କ ଋଣ ପରିଶୋଧ କରି ସାରିଲେଣି ।

ପରିକ୍ଷିତ କହନ୍ତି, ଶଗଡ ବଳଦ କଲା ଦିନଠାରୁ ସେ ନିଜର ଭାଗ ପଡିଥିବା ୫ ଭରଣ ଜମି ସହିତ ଅନ୍ୟମାନଙ୍କର ୨୦ ଭରଣ ଜମି ଭାଗଚାଷକୁ ଧରିଛନ୍ତି । ଏହା ବ୍ୟତୀତ ଚାଷକାମ ନଥିବା ବେଳେ ଶଗଡରେ ଭଡା ବୋହି ଏବଂ ନିଜ ଜମିର ଚାଷକାମ ଶେଷ ହେବା ପରେ ଅନ୍ୟମାନଙ୍କର ଜମିକୁ ନିଜ ହଳ ଦ୍ୱାରା ଚାଷ କରି ବର୍ଷକୁ ପ୍ରାୟ ଦୁଇ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତି । ନିଜକୁ ଅସହାୟ ମନେ କରୁଥିବା ପରିକ୍ଷିତ ନିଜ ଜମି ଏବଂ ଭାଗ ଜମିରୁ ଯାହା ଫସଲ ପାଉଛନ୍ତି ଏବଂ ବର୍ଷ ମଧ୍ୟରେ ହଳ ଶଗଡ ଭଡା ବାବଦକୁ ଯାହା ରୋଜଗାର କରୁଛନ୍ତି, ସେଥିରେ ତାଙ୍କ ପରିବାର ଖୁସିରେ ଚଳି ପାରୁଛନ୍ତି । ଅଳ୍ପ ଦିନ ମଧ୍ୟରେ ସେ ତାଙ୍କର ବକେୟା ଋଣ ପରିଶୋଧ କରି ନିଜ ଘରର ଆର୍ଥିକ ଅବସ୍ଥା ଅଧିକ ସ୍ୱଚ୍ଛଳ କରିପାରିବେ ବୋଲି ପରିକ୍ଷିତ ଆନନ୍ଦ ମନରେ ପ୍ରକାଶ କରିଛନ୍ତି ।

ଶ୍ରୀ ଇନ୍ଦ୍ରମଣି ମହାନ୍ତିକ
ଅନୁବିଭାଗୀୟ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,
ଛତ୍ରପୁର, ଗଞ୍ଜାମ ।



# ସମ୍ବାଦ ପରିକ୍ରମା

## ବୈଜ୍ଞାନିକ ପଦ୍ଧତିରେ ମଧୁର ଜଳ ମତ୍ସ୍ୟଚାଷ ବିକାଶ

ଧଉଳିପାହାଡ ପାଦଦେଶରେ ଅବସ୍ଥିତ କୌଶଲ୍ୟାଗଙ୍ଗା କେନ୍ଦ୍ରୀୟ ମତ୍ସ୍ୟ ଗବେଷଣା କେନ୍ଦ୍ରଠାରେ ନିକଟରେ ଏକ ତିନିଦିନିଆ ଜାତୀୟ ଆଲୋଚନା ଚକ୍ର ଆରମ୍ଭ ହୋଇଥିଲା । ଭାରତର ବିଭିନ୍ନ ରାଜ୍ୟରୁ 150 ଜଣ ବୈଜ୍ଞାନିକ ଏବଂ ଚାଇନା, ଭିଏତନାମ୍ ଓ ଫିଲିପାଇନ୍‌ସର ପ୍ରଶିକ୍ଷାର୍ଥୀମାନେ ଏଥିରେ ଅଂଶ ଗ୍ରହଣ କରିଛନ୍ତି ।

ଭାରତୀୟ କୃଷି ଗବେଷଣା ପରିଷଦର ଡେପୁଟି ଡିରେକ୍ଟର୍ ଜେନେରାଲ୍ ଡକ୍ଟର୍ ପି.ଭି.ଦେହାଡ୍ରାଇ ଏଥିରେ ସଭାପତିତ୍ୱ କରି ବିଗତ 40 ବର୍ଷରେ ମଧୁର ଜଳ ମତ୍ସ୍ୟଚାଷ ଗବେଷଣା କାର୍ଯ୍ୟର ଅଗ୍ରଗତି ବିଷୟରେ ସୂଚନା ଦେଇ କୃଷି ଗବେଷଣା ପରିଷଦରେ 70 ଶତାଂଶ ବୈଜ୍ଞାନିକ ମତ୍ସ୍ୟଚାଷୀଙ୍କ ପାଖରେ ନୂତନ ମତ୍ସ୍ୟଚାଷ ପ୍ରଣାଳୀ ଓ ବୈଜ୍ଞାନିକ ପଦ୍ଧତି ଅବଲମ୍ବନ ବିଷୟରେ ନୂତନ ଜ୍ଞାନ ପହଞ୍ଚାଇବାର ଉଦ୍ୟମ କରିବେ ଏବଂ ବାକୀ 30 ଶତାଂଶ ବୈଜ୍ଞାନିକ ଗବେଷଣା ମାଧ୍ୟମରେ ନୂତନ ଯନ୍ତ୍ରପାତି ଉଦ୍ଭାବନ ଓ ଆଧୁନିକୀକରଣ କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ ବୋଲି କହିଥିଲେ । ବୈଜ୍ଞାନିକ ପଦ୍ଧତି ଦ୍ୱାରା ପୁଷ୍କରିଣୀମାନଙ୍କରେ ପ୍ରତି ହେକ୍ଟର୍ ପିଛା ମତ୍ସ୍ୟ ଉତ୍ପାଦନ କିପରି ମାତ୍ର 50 କି.ଗ୍ରା.ରୁ ବୃଦ୍ଧି ପାଇ 1,600 କି.ଗ୍ରା.ରେ ବର୍ତ୍ତମାନ ପହଞ୍ଚି ପାରିଛି, ତାହା ଶ୍ରୀ ଦେହାଡ୍ରାଇ ସୂଚନା ଦେଇଥିଲେ ।

ପ୍ରାରମ୍ଭରେ ରାଜ୍ୟ ଜଳସେଚନ ଓ ଶକ୍ତିମନ୍ତ୍ରୀ ଶ୍ରୀ ମଦନ୍ମୋହନ ଅଲ୍ଲୀ ଏହି ଆଲୋଚନା ଚକ୍ର ଉଦ୍‌ଘାଟନ କରିବା ସଙ୍ଗେସଙ୍ଗେ ଏକ ସ୍ମରଣିକା ମଧ୍ୟ ଉନ୍ମୋଚନ କରିଥିଲେ । ନିର୍ଦ୍ଦେଶକ ଡକ୍ଟର୍ ଏସ୍.ଡି. ତ୍ରିପାଠୀ ତାଙ୍କର ପ୍ରାରମ୍ଭିକ ଭାଷଣରେ କୌଶଲ୍ୟାଗଙ୍ଗା ଗବେଷଣା କେନ୍ଦ୍ର ଦ୍ୱାରା ମାଗୁର ଓ ଚିଙ୍ଗୁଡ଼ି ବିହନ ଉତ୍ପାଦନ, ସୁଲଭ ମୂଲ୍ୟରେ ମତ୍ସ୍ୟଖାଦ୍ୟ ଉତ୍ପାଦନ, ମତ୍ସ୍ୟଚାଷ କରାଯାଉଥିବା ପୋଖରୀରୁ ଦଳ ଓ ଅନ୍ୟାନ୍ୟ ଅନାବନା ଗଛ ବୃଦ୍ଧିର ନିୟନ୍ତ୍ରଣ ତଥା ବଂଶ ବୃଦ୍ଧି ଇତ୍ୟାଦି ବିଷୟରେ ଉଲ୍ଲେଖ କରିଥିଲେ ।

## ଅସହାୟ ପିଲାମାନଙ୍କ କଲ୍ୟାଣ ସଂକ୍ରାନ୍ତୀୟ କର୍ମଶାଳା

ଜାତୀୟ ପ୍ରଗତିର ମୁଖ୍ୟ ଅଂଶ ରୂପେ ବିବେଚିତ ମାନବ ସମ୍ବଳର ବିକାଶ ସାଧନ ପାଇଁ ଶିଶୁ ତଥା କିଶୋରଙ୍କ କଲ୍ୟାଣ କାର୍ଯ୍ୟକ୍ରମକୁ ସର୍ବାଧିକ ଗୁରୁତ୍ୱ ଆରୋପ କରାଯାଉଥିବା ବିଷୟରେ ଗୋଷ୍ଠୀ ଉନ୍ନୟନ ଓ ଗ୍ରାମ ପୁନର୍ଗଠନ ଶାସନ ସଚିବ ଶ୍ରୀ ନିହାର ରଞ୍ଜନ ହୋତା ପ୍ରକାଶ କରିଛନ୍ତି ।

ରାଜ୍ୟ ସମବାୟ ବ୍ୟାଙ୍କ୍ ପରିସରରେ ଅନୁଷ୍ଠିତ ସମାଜରେ ଅସହାୟ ଅବସ୍ଥାରେ ଥିବା ପିଲାମାନଙ୍କ କଲ୍ୟାଣ ସଂକ୍ରାନ୍ତୀୟ କର୍ମଶାଳାରେ ଅଧ୍ୟକ୍ଷତା କରି ଶ୍ରୀ ହୋତା ଶିଶୁ କଲ୍ୟାଣ କାର୍ଯ୍ୟକ୍ରମ ପାଇଁ ଅନୁସୃତ ଜାତୀୟ ନୀତିରେ ଏଭଳି ପିଲାମାନଙ୍କର ଆଶ୍ରୟ ବ୍ୟବସ୍ଥା କରାଯିବା ସହିତ ଶିକ୍ଷା ଓ ତାଲିମ ଜରିଆରେ ଥଇଥାନ ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟ ରଖାଯାଇଛି ବୋଲି କହିଥିଲେ । ସମାଜରେ ଅବହେଳିତ ଅବସ୍ଥାରେ ଥିବା 16 ବର୍ଷରୁ କମ୍ ବୟସ୍କ କିଶୋର ଓ 18 ରୁ କମ୍ ବୟସ୍କା କିଶୋରୀମାନଙ୍କୁ ବିଭିନ୍ନ ସମାଜ ସେବା ଓ ଶିଶୁ କଲ୍ୟାଣ ଅନୁଷ୍ଠାନ ମାଧ୍ୟମରେ ସୁନାଗରିକ କରି ଗଢ଼ି ତୋଳିବା ପାଇଁ ଉଦ୍ୟମ କରାଯିବା ସହିତ ବାଳ ଅପରାଧୀମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ 1986 ମସିହାରେ ବାଳ ଅପରାଧ ଆଇନ୍ ପ୍ରଣୟନ କରାଯାଇଥିବା ବିଷୟରେ ଶ୍ରୀ ହୋତା ତାଙ୍କର ଭାଷଣରେ ଉଲ୍ଲେଖ କରିଥିଲେ । ମିଳିତ ଜାତିସଂଘର ସନନ୍ଦରେ ଲିପିବଦ୍ଧ ହୋଇଥିବା ସମାଜର ସମସ୍ତ ଶ୍ରେଣୀର ଶିଶୁମାନଙ୍କ ଶାରୀରିକ, ମାନସିକ, ନୈତିକ, ଆଧ୍ୟାତ୍ମିକ ଓ ସାମାଜିକ ଉନ୍ନତି ଓ ବିକାଶ

ପାଇଁ ସମଗ୍ର ବିଶ୍ୱରେ ଅବହେଳିତ ଶିଶୁ ଓ କିଶୋର କିଶୋରୀମାନଙ୍କର କଲ୍ୟାଣ ସାଧନ ପାଇଁ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଥିବା ବିଷୟରେ ଶାସନ ସଚିବ ସୂଚନା ଦେଇଥିଲେ ଓ ସମ୍ପ୍ରତି ତାଙ୍କର ଜାପାନ ଗସ୍ତରେ ସେ ଦେଶର ଶିଶୁ କଲ୍ୟାଣ ଓ ଶିଶୁ ବିକାଶ କାର୍ଯ୍ୟକ୍ରମ ଅନୁଧ୍ୟାନ କରିଥିବା ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ । ଏହି କର୍ମଶାଳାରେ ବାଳ ଅପରାଧୀଙ୍କ ବିଚାର ପାଇଁ ପ୍ରଣୀତ ଆଇନର କାର୍ଯ୍ୟକାରିତା, ସେମାନଙ୍କୁ ସୁନାଗରିକ କରି ଗଢି ତୋଳିବା ଦିଗରେ ବିଭିନ୍ନ ସମାଜ ସେବା ଅନୁଷ୍ଠାନଗୁଡିକର ଦାୟିତ୍ୱ, ସ୍ୱତନ୍ତ୍ର ବାଳ ଅପରାଧ ବିଚାରାଳୟଗୁଡିକର କାର୍ଯ୍ୟ ଓ ଏ ଦିଗରେ ପୋଲିସ ସଂସ୍ଥାର ଦାୟିତ୍ୱ ଓ କର୍ତ୍ତବ୍ୟ, ଅକ୍ଷମ ଶିଶୁମାନଙ୍କର ଥଇଥାନ ବ୍ୟବସ୍ଥା ବିଷୟରେ ବିଶଦ ଆଲୋଚନା କରାଯାଇଥିଲା ।

ଭାରତ ସରକାରଙ୍କର କଲ୍ୟାଣ ବିଭାଗର ନିର୍ଦ୍ଦେଶକ ଡକ୍ଟର୍ ହୀରା ସିଂହ ସମାଜରେ ଦାରିଦ୍ର୍ୟ ତଥା ଅତ୍ୟନ୍ତ ଜଘନ୍ୟ ପରିସ୍ଥିତି ମଧ୍ୟରେ ଗତି କରି ଅଳ୍ପ ବୟସ୍କ ଯୁବକଯୁବତୀମାନଙ୍କର ଅପରାଧ ପ୍ରବଣତା ଦୂର କରିବା ସହିତ ସେମାନଙ୍କୁ ଉତ୍ତମ ନାଗରିକ ଭାବରେ ଗଢି ତୋଳିବା ଲକ୍ଷ୍ୟ ନେଇ ବାଳ ଅପରାଧ ବିଚାର ଆଇନ୍ ପ୍ରଣୟନ କରାଯାଇଛି ବୋଲି ବୁଝାଇଥିଲେ ଏବଂ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ୟୁନିସେଫ୍ ଅନୁଷ୍ଠାନ ସାହାଯ୍ୟ ପ୍ରଦାନ ସହିତ ସକ୍ରିୟ ଅଂଶ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ ।

ୟୁନିସେଫ୍ ଅନୁଷ୍ଠାନର ହାଇଦରାବାଦସ୍ଥିତ ଆଞ୍ଚଳିକ ପ୍ରତିନିଧି ଶ୍ରୀ ଡି. ଡି. ଚୋପ୍ରା ଏଥିରେ ଉଦ୍‌ବୋଧନ ଦେଇ କଲିକତା, ବମ୍ବେ ଓ ମାଡ୍ରାସ୍ ପ୍ରଭୃତି ବଡବଡ ସହରମାନଙ୍କରେ ଯୁବ ଅପରାଧୀଙ୍କ ସଂଖ୍ୟା ବୃଦ୍ଧି ପାଉଛି ବହୁ ଯୁବକ ଯୁବତୀ ମଧ୍ୟ ଅବହେଳିତ ଓ ଅସହାୟ ଅବସ୍ଥାରେ ଅଛନ୍ତି ବୋଲି ପ୍ରକାଶ କରି ଅଳ୍ପ ବୟସ୍କ ପିଲାମାନଙ୍କୁ ମାନବିକ ସମ୍ବେଦନଶୀଳତା ପ୍ରଦର୍ଶନ କରିବା ସହିତ ସମାଜରେ ସଂସ୍କାର ଆଣିବା ଦିଗରେ ପରାମର୍ଶ ଦେଇଥିଲେ ।

ଅବସରପ୍ରାପ୍ତ ବିଚାରପତି ଶ୍ରୀ କିଶୋରୀ ମୋହନ ମିଶ୍ର ଅବହେଳିତ ଏବଂ ବିଭିନ୍ନ ଅପରାଧରେ ଜଡିତ ହେଉଥିବା ଅଳ୍ପ ବୟସ୍କ ଯୁବକ ଯୁବତୀଙ୍କ କଲ୍ୟାଣ ପାଇଁ ବାଳ ଅପରାଧ ବିଚାରାଳୟ ଗଠନ କରାଯାଇଥିବା ବିଷୟରେ ବୁଝାଇଥିଲେ ଓ ଏହାର ଦାୟିତ୍ୱରେ ଥିବା ବିଚାରପତିମାନେ ଏଭଳି ସମସ୍ୟାକୁ ଗଭୀର ଭାବରେ ଅନୁଧ୍ୟାନ କରିବାକୁ ପରାମର୍ଶ ଦେଇଥିଲେ ।

ଭୁବନେଶ୍ୱର ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ବୃନ୍ଦାବନ ପଣ୍ଡା ବାଳ ଅପରାଧୀମାନଙ୍କ ପାଇଁ ସ୍ୱତନ୍ତ୍ର ବନ୍ଦୀଶାଳା ସ୍ଥାପନ କରିବା, ସ୍ୱଳ୍ପ ସମୟ ମଧ୍ୟରେ ବିଚାର ଶେଷ କରିବା ଓ ଚରିତ୍ର ସଂଶୋଧନ ପାଇଁ ଉଦ୍ଦିଷ୍ଟ ସଂସାର କେନ୍ଦ୍ରକୁ ପଠାଯିବା ଓ ସେମାନଙ୍କ ପାଇଁ ତାଲିମ ଏବଂ ଥଇଥାନ ବ୍ୟବସ୍ଥା ବିଷୟରେ ଆଲୋଚନା କରିଥିଲେ । କର୍ମଶାଳାରେ ପୋଲିସ ପ୍ରଶାସନ ଅଫିସର, ଜିଲ୍ଲା ନ୍ୟାୟ ପାଳିକା ମାଜିଷ୍ଟ୍ରେଟ୍, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଓ ବିଭିନ୍ନ ସମାଜ ସେବା ଅନୁଷ୍ଠାନର ପ୍ରତିନିଧିମାନେ ଅଂଶ ଗ୍ରହଣ କରିଥିଲେ । ସମାଜ କଲ୍ୟାଣ ନିର୍ଦ୍ଦେଶକ ଶ୍ରୀ ରାଧାଚରଣ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜଭବନଠାରେ ଚିତ୍ରାଙ୍କନ ପ୍ରତିଯୋଗିତା, ହସ୍ତକଳା ପ୍ରଦର୍ଶନୀ ଓ ନବନିର୍ମିତ ଅଭ୍ୟର୍ଥନା ପ୍ରକୋଷ୍ଠ ଉଦ୍‌ଘାଟିତ

ସ୍ୱର୍ଗୀୟା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କର ସ୍ମୃତି ଉଦ୍ଦେଶ୍ୟରେ ରାଜଭବନଠାରେ ଏକ ମନୋଜ୍ଞ ପରିବେଶ ମଧ୍ୟରେ ଶିଶୁମାନଙ୍କ ଦ୍ୱାରା ଚିତ୍ରାଙ୍କନ ପ୍ରତିଯୋଗିତା (Painting Competition) ହସ୍ତକଳା ପ୍ରଦର୍ଶନୀ ଓ ନବନିର୍ମିତ ଅଭ୍ୟର୍ଥନା ପ୍ରକୋଷ୍ଠ ଓଡିଶାର ରାଜ୍ୟପାଳ ପ୍ରଫେସର୍ ସୟଦ ନୁରୁଲ୍ ହସାନ୍ ଉଦ୍‌ଘାଟନ କରିଛନ୍ତି । ରାଜ୍ୟ ଶିଶୁ ମଙ୍ଗଳ ପରିଷଦ, ଓଡିଶା ରାଜ୍ୟ ଭାରତ ସ୍କାଉଟ୍ ଓ ଗାଇଡ୍ ଅନୁଷ୍ଠାନ ଏବଂ ଓଡିଶା ଲଳିତକଳା ଏକାଡେମୀର ମିଳିତ ପ୍ରଚେଷ୍ଟାରେ ଏହି ଚିତ୍ରାଙ୍କନ ପ୍ରତିଯୋଗିତା ଓ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ଓ ସ୍କାଉଟ୍ ଏବଂ ଗାଇଡ୍ ମିଶି 500 ଜଣ ପିଲା ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ ।

ଓଡିଶାର ରାଜ୍ୟପାଳ ପ୍ରଫେସର୍ ନୁରୁଲ୍ ହାସାନ୍, ତାଙ୍କର ଭାର୍ଯ୍ୟା ବେଗମ୍ ଶିଡିଅନୁଲ୍ ହାସାନ୍ ଓ ପଦ୍ମଶ୍ରୀ ବିନୋଦ କାନୁନଗୋ ପ୍ରତିଯୋଗିତା ଓ ପ୍ରଦର୍ଶନୀ ବୁଲି ଦେଖିଥିଲେ । ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା 30 ଜଣ ଛାତ୍ରଛାତ୍ରୀଙ୍କ ପୁରସ୍କାର ବିତରଣ କରି ରାଜ୍ୟପାଳ ଉଦ୍‌ବୋଧନ ଦେଇ କହିଥିଲେ ଯେ ଇନ୍ଦିରା ଗାନ୍ଧୀଙ୍କର ଅଚିର ଏହି ପୁଣ୍ୟ ଜନ୍ମବାସରେ ଇନ୍ଦିରାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆସନ୍ତାକାଲିର ନାଗରିକ ରୂପେ ସେମାନେ ଦେଶର ଏକତା ଓ ଅଖଣ୍ଡତା ରକ୍ଷା କରିବା ସଂଗେ ସଂଗେ ଭାରତକୁ ଏକ ପ୍ରଗତିଶୀଳ ରାଷ୍ଟ୍ରରେ ପରିଣତ କରିବାକୁ ଆଜିଠାରୁ ନିଜକୁ ତିଆରି କରନ୍ତୁ । ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀ ସର୍ବଦା ପିଲାମାନଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ କରି ସେମାନଙ୍କର ଶାରୀରିକ, ମାନସିକ, ଚାରିତ୍ରିକ ଓ ନୈତିକ ମୂଲ୍ୟବୋଧର ଉନ୍ନତି ଉପରେ ଗୁରୁତ୍ୱ ଆରୋପ କରି ଆସିଥିଲେ । ତେଣୁ ପିଲା ବେଳୁ ଅନ୍ୟ ପ୍ରତି ଘୃଣା ଓ ବିଦ୍ୱେଷ ଭାବ ପରିତ୍ୟାଗ କରି ସହନଶୀଳତା, ସଦ୍‌ଭାବନା ଓ ମୈତ୍ରୀଭାବ ପ୍ରତି ଆଗ୍ରହ ପ୍ରକାଶ କରିବା ପାଇଁ ପ୍ରଫେସର୍ ହାସାନ୍ ପରାମର୍ଶ ଦେଇଥିଲେ ।

ଏହି ଉତ୍ସବରେ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇ ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋ ଛାତ୍ରଛାତ୍ରୀମାନଙ୍କୁ ମହାତ୍ମା ଗାନ୍ଧୀ, ଜବାହରଲାଲ୍, ଇନ୍ଦିରାଗାନ୍ଧୀଙ୍କର ତ୍ୟାଗ, ନିଷ୍ଠା ଓ ଦେଶଭକ୍ତି ସମ୍ବନ୍ଧରେ ବୁଝାଇ କହିଥିଲେ । ସେମାନଙ୍କ ମଧ୍ୟରୁ ଅନେକ ନନ୍ଦଲାଲ୍ ବୋଷ, ଇନ୍ଦିରା ଗାନ୍ଧୀ, ଜବାହରଲାଲ, ବାଲ୍ ଗଙ୍ଗାଧର ତିଳକଙ୍କ ପରି ମହାନ୍ ଜନସେବକ ଭବିଷ୍ୟତରେ ବାହାରିବେ ବୋଲି ଆଶାପୋଷଣ କରିଥିଲେ । ଅପରା ହୋଲି ଶ୍ରୀ କାନୁନଗୋ ଚିତ୍ରାଙ୍କନ ମାଧ୍ୟମରେ ଭୁବନେଶ୍ୱରକୁ ପରିଚିତ କରାଇବା ପାଇଁ ଉଦ୍ୟମ ହେଲେ ସେ 1,000 ଟଙ୍କା ପୁରସ୍କାର ଦେବା ପାଇଁ ଘୋଷଣା କରିଥିଲେ ।

ଏହି ପ୍ରତିଯୋଗିତାରେ ନିମ୍ନଲିଖିତ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ୫ମ ଠାରୁ 10ମ ଶ୍ରେଣୀ ବିଭାଗରୁ ଅନିରୁଦ୍ଧ ଦାସ, ଅର୍ଣ୍ଣବ ସେନଗୁପ୍ତ, ଚିନ୍ମୟୀ ରାଉ 1 ମରୁ ଓ 7ମ ଶ୍ରେଣୀ

ବିଭାଗରୁ କୁମାରୀ ସୋନାଲୀ ମହାନ୍ତି, ସରିତା ମହାପାତ୍ର, ସୌରଶ୍ରୀ ଭୂଜ ମିଶ୍ର ଏବଂ 1ମ ରୁ 5ମ ଶ୍ରେଣୀ ବିଭାଗରେ କୌଶିକ ମଣ୍ଡଳ, ସୋହନ ସାହୁ, ଅମ୍ରିତା ଦାସ ଯଥାକ୍ରମେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି । ଏହାଛଡା ପ୍ରତି ବିଭାଗରେ 7ଟି ଲେଖାଏଁ ବିଶେଷ ପୁରସ୍କାର ମଧ୍ୟ ଦିଆଯାଇଥିଲା । ଇନ୍ଦିରା ବିକାଶ ପତ୍ର ଜରିଆରେ ପୁରସ୍କାରଗୁଡିକ ଦିଆଯାଇଥିଲା ।

ରାଜ୍ୟପାଳଙ୍କ ସେକ୍ରେଟାରୀ ଶ୍ରୀ ଅଭୟାନନ୍ଦ ରଥ ରାଜଭବନର ପରିସର ମଧ୍ୟରେ ଶିଶୁମାନଙ୍କ ନିମନ୍ତେ ଏ ପ୍ରକାର ପ୍ରତିଯୋଗିତା ପ୍ରତିବର୍ଷ ଏହି ନଭେମ୍ବର 19 ତାରିଖ ଦିନ ନିୟମିତ ଭାବେ ଅନୁଷ୍ଠିତ ହେବ ବୋଲି ପ୍ରକାଶ କରିଥିଲେ । ସ୍କୁଲ୍ ଛାତ୍ରଛାତ୍ରୀଗଣ ରାଜଭବନକୁ ଛୁଟି ଦିନମାନଙ୍କରେ ବୁଲି ଦେଖିବାର ବ୍ୟବସ୍ଥା ଆସନ୍ତା ଡିସେମ୍ବର 25 ତାରିଖ ଠାରୁ ଫେବ୍ରୁଆରୀ ମାସ ଶେଷ ଯାଏ କରାଯିବ ବୋଲି ସେ ପ୍ରକାଶ କରିଥିଲେ ।

ଲଳିତକଳା ଏକାଡେମୀ ସେକ୍ରେଟାରୀ ଜଗଦୀଶ କାନୁନଗୋ ଏହି ପ୍ରତିଯୋଗିତାକୁ ପ୍ରୋତ୍ସାହନ ଦିଆଯିବ ଓ ନିୟମିତ ଭାବେ ପ୍ରତିବର୍ଷ ଆୟୋଜନ କରାଯିବ ବୋଲି ତାଙ୍କର ଧନ୍ୟବାଦ ଅର୍ପଣ ଭାଷଣରେ ପ୍ରକାଶ କରିଥିଲେ । ଶେଷରେ ଉପସ୍ଥିତ ସ୍କାଉଟ୍ ଓ ଗାଇଡ୍ ଓ ସ୍କୁଲ୍ ପିଲାମାନଙ୍କ ତରଫରୁ ଏକ ଚିତ୍ତାକର୍ଷକ ନୃତ୍ୟ ବିଚିତ୍ରା ପରିବେଷଣ କରାଯାଇଥିଲା ।

ପ୍ରାରମ୍ଭରେ ରାଜଭବନକୁ ଆସୁଥିବା ଆଗନ୍ତୁକମାନଙ୍କ ପାଇଁ ଏକ ନବନିର୍ମିତ ଅଭ୍ୟର୍ଥନା ବିଶ୍ରାମ ପ୍ରକୋଷ୍ଠ ରାଜ୍ୟପାଳ ଉଦ୍‌ଘାଟନ କରିଥିଲେ ।

## ରେଡକ୍ରସ୍ ଆମ୍ବୁଲାନ୍ସ ସେବା ରାଜ୍ୟପାଳଙ୍କ ଦ୍ୱାରା ଉଦ୍‌ଘାଟିତ

ଓଡିଶାର ରାଜ୍ୟପାଳ ପ୍ରଫେସର୍ ଏସ୍. ନୁରୁଲ୍ ହାସାନ୍ ଓଡିଶା ରାଜ୍ୟ ରେଡକ୍ରସ୍ ସଂସ୍ଥାର ଆମ୍ବୁଲାନ୍ସ ସେବା ଏବଂ ନିରାଶ୍ରୟା ତାଲିମ କେନ୍ଦ୍ର ସ୍ଥାନୀୟ ରେଡକ୍ରସ ଭବନଠାରେ ଉଦ୍‌ଘାଟନ କରିଛନ୍ତି । ତାଙ୍କର ଉଦ୍‌ଘାଟନୀ ଭାଷଣରେ ସେ କହିଛନ୍ତି ଯେ ଏହି ସଂସ୍ଥା ପ୍ରକୃତ ଆଦର୍ଶ ହେଲା ମାନବ ସେବା । ସଭ୍ୟତାର ବିକାଶ ସହିତ ବିଭିନ୍ନ ମାନବୀୟ ସମସ୍ୟାର ମଧ୍ୟ ବୃଦ୍ଧି ପାଇଛି । ଏହିସବୁ ସମସ୍ୟାର ମୁକାବିଲା କରିବା ପାଇଁ ରେଡକ୍ରସ ତରଫରୁ ବହୁବିଧ ଉଦ୍ୟମ ଚାଲୁ ରହିଛି । ରେଡକ୍ରସ ତରଫରୁ ଅସହାୟମାନଙ୍କ ନିମନ୍ତେ ତାଲିମ ଶିବିରର ଖୋଲା ଯାଇଥିବା ଉଦ୍ୟମକୁ ପ୍ରଶଂସା କରି ରାଜ୍ୟପାଳ କହିଲେ ଯେ, ନିରାଶ୍ରୟା ମହିଳାମାନେ ସମାଜର ସବୁଠୁ ନିଷ୍ପେସିତ ଏବଂ ଦୁର୍ବଳ ଶ୍ରେଣୀର । ଉଭୟ ସରକାର ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କର ମିଳିତ ଉଦ୍ୟମ ଫଳରେ ଏଭଳି ଅସହାୟା ଏବଂ ଶୋଷିତା ମହିଳାମାନେ ଏକ ସୁସ୍ଥ ଏବଂ ସମ୍ଭ୍ରାନ୍ତ ଜୀବନଯାପନ କରି ପାରିବା ଭଳି ବାତାବରଣ ସୃଷ୍ଟି ହୋଇପାରିବ । ଏମାନଙ୍କ ବ୍ୟତୀତ ଅସମର୍ଥ ଓ ବିକଳାଙ୍ଗମାନଙ୍କର ମଧ୍ୟ ଅନେକ କିଛି କରିବାର ଅଛି । ମାତ୍ର ରେଡକ୍ରସ ସଂସ୍ଥା ହାତରେ ଏବେ ଯେତିକି ମାନବ ସମ୍ବଳ ତଥା ଅର୍ଥ ଅଛି ତାହା ଦ୍ୱାରା ଏମାନଙ୍କ ଲାଗି ନୂଆ କିଛି ଯୋଜନା ହାତକୁ ନେବା ସମ୍ଭବ ନୁହେଁ । ତେବେ ରାଜ୍ୟ ସରକାର ଏହି ସଂସ୍ଥା ସହ ମିଳିତ ଭାବରେ ନିରାଶ୍ରୟ ତଥା ବିକଳାଙ୍ଗମାନଙ୍କ ଲାଗି କିଛି ଯୋଜନା ହାତକୁ ନେଲେ ଅନେକ ସୁଫଳ ମିଳିବ । ରାଜ୍ୟପାଳ ରେଡକ୍ରସର ସଭ୍ୟ ସଂଖ୍ୟା ବୃଦ୍ଧି ତଥା ଅଧିକ ସଂଖ୍ୟକ ମହିଳା ସଭ୍ୟଙ୍କୁ ସଂସ୍ଥା ସହ ସାମିଲ୍ କରାଇବା ଉପରେ ଗୁରୁତ୍ୱ ଦେଇଥିଲେ । ରେଡକ୍ରସର ବର୍ଦ୍ଧିତ କାର୍ଯ୍ୟପନ୍ଥା ନେଇ ରାଜ୍ୟପାଳ ସନ୍ତୋଷ ପ୍ରକାଶ କରିଥିଲେ ।

ପ୍ରାରମ୍ଭରେ ଓଡିଶାର ଶିକ୍ଷା ଓ ଯୁବ କଲ୍ୟାଣ ମନ୍ତ୍ରୀ ରାଜ୍ୟପାଳଙ୍କୁ ସ୍ୱାଗତ କରିବା ସଙ୍ଗେସଙ୍ଗେ ରେଡକ୍ରସ୍ ଅନୁଷ୍ଠାନର କାର୍ଯ୍ୟାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ । ପରିଶେଷରେ ରେଡକ୍ରସ୍ ରାଜ୍ୟ ସଂସ୍ଥାର ସମ୍ପାଦିକା ଡ: ଶ୍ରୀମତୀ ରାନୁ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଦିବାସୀ ମହିଳାମାନଙ୍କ ପାଇଁ ଖଲି ସିଲେଇ ତାଲିମ ଶିବିର

ଫୁଲବାଣୀ ଜିଲ୍ଲାର ଗରିବ ଆଦିବାସୀ ମହିଳାଙ୍କୁ ଖଲିପତ୍ର ସିଲେଇ ଧନ୍ଦା ଜରିଆରେ ଅଧିକ ରୋଜଗାରକ୍ଷମ କରିବା ଉଦ୍ଦେଶ୍ୟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ଓଡିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥାର ମିଳିତ ଉଦ୍ୟମରେ କେ. ନୂଆଗାଁ ବ୍ଲକ୍‌ରେ ଏକ 21 ଦିନିଆ ତାଲିମ ଶିବିର ଚଳିତ ଅକ୍ଟୋବର 25 ତାରିଖରୁ ଆରମ୍ଭ ହୋଇଥିଲା । ଏହି ଶିବିରରେ 11ଟି ମହିଳା ସମିତିର 20 ଜଣ ଆଦିବାସୀ ମହିଳାଙ୍କୁ ଖଲି ସିଲେଇ ଯନ୍ତ୍ର ସାହାଯ୍ୟରେ 21 ଦିନ ପର୍ଯ୍ୟନ୍ତ ତାଲିମ ଦେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ଫୁଲବାଣୀ ଜିଲ୍ଲାର ବହୁ ଆଦିବାସୀ ମହିଳା ଯଦିଓ ଖଲି ସିଲେଇ କାର୍ଯ୍ୟରେ ନିୟୋଜିତ ଅଛନ୍ତି, ତଥାପି ସେମାନେ ଏ ପର୍ଯ୍ୟନ୍ତ ହାତରେ ଖଲିପତ୍ର ସିଲେଇ କରୁଥିବାରୁ ପରିଶ୍ରମ ତୁଳନାରେ ବିଶେଷ ଲାଭବାନ ହୋଇପାରୁ ନାହାନ୍ତି । ସାଧାରଣତଃ ଆଦିବାସୀ ମହିଳାମାନେ ହାତରେ ଖଲି ସିଲେଇ କରି ବର୍ତ୍ତମାନ ଘଣ୍ଟାକୁ ହାରାହାରି 40 ରୁ 60 ଟି ଖଲି ପ୍ରସ୍ତୁତ କରିପାରୁଥିବା ସ୍ଥଳେ ଏହି ଯନ୍ତ୍ର ବ୍ୟବହାର କଲେ ଘଣ୍ଟାକୁ 100 ରୁ 120ଟି ଖଲି ତିଆରି କରିପାରିବେ । ସେହିପରି ଖଲି ପ୍ଲେଟ୍ ବା ଦନା ତିଆରି ଯନ୍ତ୍ର ଦ୍ୱାରା ଘଣ୍ଟାକୁ 800 ଖଲି ବା 1,200 ଦନା ମଧ୍ୟ ତିଆରି କରିପାରିବେ । ଏହି ଶିବିରରେ ମହିଳାମାନଙ୍କୁ ଖଲି ସିଲେଇ ସମ୍ପର୍କରେ ତାଲିମ ଦିଆଯିବା ସଙ୍ଗେସଙ୍ଗେ ମେସିନର ରକ୍ଷଣାବେକ୍ଷଣ ଓ ମରାମତି ସମ୍ପର୍କୀୟ ତାଲିମ ମଧ୍ୟ ଦିଆଯିବ । ଏହି ଯନ୍ତ୍ରର ବ୍ୟବହାର ଫଳରେ ଗରିବ ଆଦିବାସୀ ମହିଳାମାନେ ପୂର୍ବାପେକ୍ଷା ଅଧିକ ରୋଜଗାର କରିପାରିବେ ।

ଫୁଲବାଣୀ ଜିଲ୍ଲାପାଳ ଶ୍ରୀ ଉମେଶ ଚନ୍ଦ୍ର ଜେନା ଏହି ତାଲିମ ଶିବିର ଉଦ୍‌ଘାଟନ କରିବା ସଙ୍ଗେସଙ୍ଗେ ଜିଲ୍ଲାର ଅନ୍ୟାନ୍ୟ ବ୍ଲକ୍‌କୁ ଏହି ତାଲିମ କାର୍ଯ୍ୟକ୍ରମ ସମ୍ପ୍ରସାରିତ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ଖଲିପତ୍ର ବ୍ୟବସାୟ ନିମନ୍ତେ ମହିଳାମାନଙ୍କୁ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା ସମେତ ଅନ୍ୟାନ୍ୟ ପରିକଳ୍ପନା ଜରିଆରେ ଆବଶ୍ୟକୀୟ ବ୍ୟାଙ୍କ୍ ଋଣ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ କହିଥିଲେ ।

ଗଲି ସିଲେଇ ଦିଗରେ ଆଦିବାସୀ ମହିଳାଙ୍କୁ ଉତ୍ସାହିତ କରିବା ପାଇଁ ପ୍ରଥମ କରି ତାଲିମ ପାଉଥିବା ଏହି 20 ଜଣ ମହିଳାଙ୍କୁ ସ୍ୱାଧୀନତାର 40 ବର୍ଷ ପୂର୍ତ୍ତି ଏବଂ ପଣ୍ଡିତ ନେହେରୁ ଜନ୍ମ ଶତବାର୍ଷିକୀ ରାଜ୍ୟସ୍ତରୀୟ କମିଟି ପକ୍ଷରୁ ଗୋଟିଏ ଲେଖାଏଁ ଗଲି ସିଲେଇ ମେସିନ୍ ଯୋଗାଇ ଦିଆଯିବ ।

ଏହି ଶିବିର ଉଦ୍‌ଘାଟନ ଉତ୍ସବରେ ଫୁଲବାଣୀ ଜିଲ୍ଲା ଉନ୍ନୟନ ସଂସ୍ଥାର ପ୍ରକଳ୍ପ ଅଧିକାରୀଙ୍କ ସମେତ ବହୁ ଜିଲ୍ଲାସ୍ତରୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥାର ନିର୍ବାହୀ ଯନ୍ତ୍ରୀ ଶ୍ରୀ ପ୍ରଶାନ୍ତ କୁମାର ଦାସ ଏହି ଯନ୍ତ୍ରର ଉପକାରିତା ସମ୍ପର୍କରେ ଶିକ୍ଷାର୍ଥିନୀମାନଙ୍କୁ ବୁଝାଇବା ସଙ୍ଗେସଙ୍ଗେ ଆଦିବାସୀବହୁଳ ଫୁଲବାଣୀ ଜିଲ୍ଲାରେ ଏହି ଯନ୍ତ୍ରର ବ୍ୟାପକ ପ୍ରସାର ଦ୍ୱାରା ଗରିବ ଆଦିବାସୀ · ମହିଳା ଅଧିକ ରୋଜଗାରକ୍ଷମ ହୋଇପାରିବେ ବୋଲି କହିଥିଲେ ।

## ଓଡ଼ିଶା ରାଜ୍ୟ ଶିଶୁ ବିକାଶ ପରିଷଦକୁ ଆର୍ଥିକ ସାହାଯ୍ୟ ଦେବାକୁ ରାଜ୍ୟପାଳଙ୍କ ନିବେଦନ

ଓଡ଼ିଶାର ରାଜ୍ୟପାଳ ତଥା ରାଜ୍ୟ ଶିଶୁ ବିକାଶ ପରିଷଦର ସଭାପତି ପ୍ରଫେସର୍ ସୟଦ୍ ନୁରୁଲ୍ ହାସାନ୍ ଶିଶୁମାନଙ୍କର ବିଭିନ୍ନ ସହାୟକ ତଥା ବିକାଶମୂଳକ କାର୍ଯ୍ୟକ୍ରମ ନିମନ୍ତେ ରାଜ୍ୟ ଶିଶୁ ବିକାଶ ପରିଷଦ ପାଣ୍ଠିକୁ ଅର୍ଥ ସାହାଯ୍ୟ କରିବାକୁ ଜନସାଧାରଣରେ ନିବେଦନ କରିଛନ୍ତି । ରାଜ୍ୟ ଶିଶୁ ବିକାଶ ପରିଷଦର ନିଜସ୍ୱ ସ୍ୱତନ୍ତ୍ର ପାଣ୍ଠି ନାହିଁ । କିନ୍ତୁ ଏହା ବହୁ ବଦାନ୍ୟ ବ୍ୟକ୍ତି ଅନୁଷ୍ଠାନ ତଥା ଭାରତୀୟ ଶିଶୁ ବିକାଶ ପରିଷଦରୁ ମିଳୁଥିବା ଆର୍ଥିକ ଅନୁଦାନ ଉପରେ ନିର୍ଭର କରି କାର୍ଯ୍ୟ କରିଥାଏ । ରାଜ୍ୟର ତେରଟି ଜିଲ୍ଲାରେ ଏହାର ଶାଖା କେନ୍ଦ୍ରମାନ ଅଛି । ବର୍ତ୍ତମାନ ପୁରୀଠାରେ ଏକ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ର, ଚାର ଙ୍ଗଠାରେ ବିକଳାଙ୍ଗ ଶିଶୁମାନଙ୍କ ଲାଗି ଏକ ଧନ୍ଦାମୂଳକ ଶିକ୍ଷା କେନ୍ଦ୍ର, ସାରା ରାଜ୍ୟରେ 57ଟି ବାଳାଶ୍ରମ, ଭୁବନେଶ୍ୱର, କୋର ାପୁଟ, ଅମ୍ବାଗୁଡ଼ା ତଥା ବାରିପଦାଠାରେ ଚାରିଗୋଟି ଅଙ୍ଗନବାଡ଼ି ପ୍ରଶିକ୍ଷଣ କେନ୍ଦ୍ର ପରିଚାଳିତ ହେଉଛି । ଏହାଛଡ଼ା ଭୁବନେଶ୍ୱର ଠାରେ ଏକ ବାଳଭବନ, ବଲାଙ୍ଗୀର ଓ ଟିଟିଲାଗଡ଼ଠାରେ ଅନାଥାଶ୍ରମ, ଖଣ୍ଡଗିରିଠାରେ ଶିଶୁ କୁଷ୍ଠ ଶିବିର ଇତ୍ୟାଦି ପ୍ରତିଷ୍ଠା କରିବାର ଯୋଜନା ଏହି ପରିଷଦ ତରଫରୁ ପ୍ରସ୍ତୁତ କରାଯାଇଛି ।

ଏଥି ସକାଶେ ମୁକ୍ତ ହସ୍ତରେ କ୍ରସ୍‌ଡ଼ ଚେକ୍ କିମ୍ବା ବ୍ୟାଙ୍କ୍ ଡ୍ରାଫ୍ଟ ଜରିଆରେ ଓ ବୈତନିକ ସମ୍ପାଦକ, ଓଡ଼ିଶା ରାଜ୍ୟ ଶିଶୁ ବିକାଶ ପରିଷଦ, ରାଜଭବନ, ଭୁବନେଶ୍ୱର–6 ଠିକଣାରେ ଅର୍ଥଦାନ ଦେବାକୁ ଓଡ଼ିଶାର ରାଜ୍ୟପାଳ ତଥା ରାଜ୍ୟ ଶିଶୁ ବିକାଶ ପରିଷଦର ସଭାପତି ପ୍ରଫେସର୍ ସୟଦ୍ ନୁରୁଲ୍ ହାସାନ୍ ନିବେଦନ କରିଛନ୍ତି ।

## ଓଡ଼ିଶାରୁ ୨ଜଣ ଜାତୀୟ ସାହସିକତା ପୁରସ୍କାର ପାଇଲେ

ଏବର୍ଷ ଲାଗି ଓଡ଼ିଶାର 2ଜଣ ବାଳକ ବାଳିକା ଜାତୀୟ ସାହସିକତା ପୁରସ୍କାର ପାଇବା ଲାଗି ଯୋଗ୍ୟ ବିବେଚିତ ହେବା ଓଡ଼ିଶା ଲାଗି ଗର୍ବର ବିଷୟ । ସେମାନେ ଆସନ୍ତା ଜାନୁଆରୀ ମାସ 26 ତାରିଖ ଦିନ ପ୍ରଧାନମନ୍ତ୍ରୀଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିବେ ।

13 ବର୍ଷ ବୟସ୍କ ରଣଜିତ କୁମାର ଦାସ ସମ୍ବଲପୁରଠାରେ ଅବସ୍ଥାପିତ ଜାତୀୟ ରାଜପଥର ସହକାରୀ ଯନ୍ତ୍ରୀ ଶ୍ରୀ ରତ୍ନାକର ଦାସଙ୍କ ପୁତ୍ର । ରଣଜିତ ଏପ୍ରିଲ୍ 11 ତାରିଖ ଦିନ ତା' ଘର ଲୋକଙ୍କ ସାଥିରେ ମହାନଦୀ କୂଳରେ ଥିବା ଦେବ ମନ୍ଦିର ଦେଖିବାକୁ ଯାଇଥିଲା । ହଠାତ ସେ ଦେଖିଲା ଯେ 5 ବର୍ଷ ବୟସର ପିଲାଟି 'ପଲଟୁ' ପଥର ଉପରୁ ଗଭୀର ପାଣିକୁ ଖସିପଡ଼ୁଛି । ପଲଟୁ ପଥର ଉପରେ ଠିଆହୋଇ ପହଁରୁଥିବା ରଙ୍ଗବିରଙ୍ଗ ମାଛମାନଙ୍କୁ ଦେଖୁଥିଲା । ରଣଜିତ୍ ସେଠି ଏକୁଟିଆ ଥିଲା । ନିଜ ଜୀବନକୁ ଖାତିର ନକରି ରଣଜିତ ପଲଟୁକୁ ବଞ୍ଚାଇବାକୁ ପାଣିକୁ ଡେଇଁ ପଡ଼ିଲା । ସେ ପଲଟୁକୁ ପାଣି ଭିତରେ ଜାବୁଡ଼ି ଧରି ସାହାଯ୍ୟ ଲାଗି ଚିତ୍କାର କରିଥିଲା । ଉଭୟ ପିଲା ବୁଡ଼ି ଯାଉଥିବା ବେଳେ ନିକଟରେ ଯାଉଥିବା ଲୋକମାନଙ୍କର ଦୃଷ୍ଟି ପଡ଼ିଲା ଓ ଉଭୟଙ୍କ ଜୀବନ ରକ୍ଷା ହେଲା । ଅନ୍ୟ ଜଣେ ପୁରସ୍କାର ବିଜୟିନୀ ହେଲେ କୁମାରୀ ମନସ୍ୱିନୀ ମାନସିଂ । ସେ ଦିଗପହଣ୍ଡିର ଅକ୍ସିଜେନ ସଂସ୍ଥା ଅଫିସର୍ ଶ୍ରୀ କେଳୁ ଚରଣ ମାନସିଂଙ୍କର ଏଗାର ବୟସର କନ୍ୟା । ମନସ୍ୱିନୀ ତାଙ୍କ ସାନଭଉଣୀ ସହ ତହସିଲ୍ ପୋଖରୀକୁ ଗାଧୋଇବାକୁ ଯାଇଥିଲା ବେଳେ ରଜନୀ ବୋଲି ଛୋଟ ଝିଅଟିଏ ଗଭୀର ପାଣିକୁ ଖସିଗଲା । ବୁଡ଼ି ଯାଉଥିଲା ବେଳେ ସେ ଅନୀତା ବୋଲି ଆଉ ଗୋଟିଏ ଝିଅକୁ ଧରି ପକାଇଲା । ଫଳରେ ଉଭୟେ ଗଭୀର ପାଣିକୁ ଚାଲିଗଲେ । ଏହା ଦେଖି ମନସ୍ୱିନୀ ପାଣି ଭିତରକୁ ଡେଇଁ ପଡ଼ି ଉଭୟ ଝିଅଙ୍କୁ ଉଦ୍ଧାର କରିଥିଲେ । ରାଜ୍ୟ ଶିଶୁ ବିକାଶ ପରିଷଦ ଏହି ଦୁଇ ଶିଶୁଙ୍କୁ ସାହସିକ ପୁରସ୍କାର ନିମନ୍ତେ ମନୋନୀତ କରିଥିଲେ ।

ଓଡ଼ିଶାର ରାଜ୍ୟପାଳ ତଥ ଓଡ଼ିଶା ରାଜ୍ୟ ଶିଶୁ ବିକାଶ ପରିଷଦର ସଭାପତି ପ୍ରଫେସର୍ ସୟଦ ନୁରୁଲ୍ ହାସାନ୍ ପୁରସ୍କାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସଙ୍ଗେସଙ୍ଗେ ଏହିପରି ରାଜ୍ୟର ଅନେକ ସାହସୀ ଶିଶୁ ବିପଦ ବେଳେ ଅନ୍ୟମାନଙ୍କୁ ସାହାଯ୍ୟ କରନ୍ତୁ ବୋଲି ଆଶା ପ୍ରକାଶ କରିଛନ୍ତି ।

# ଉପାନ୍ତ ଅଞ୍ଚଳର ଲୋକଗୀତ "ଲରିଆ"

ଶ୍ରୀ ଅଭିମନ୍ୟୁ ପ୍ରଧାନ

"ଲରିଆ" ଓଡ଼ିଶାର ପଶ୍ଚିମ ଉପାନ୍ତ ଅଞ୍ଚଳର ଏକ ଉପଭାଷା ବା ବୋଲି ମାତ୍ର। ଏହା ଉପରେ ଅଦ୍ୟାବଧି ବିଶେଷ କିଛି ଉଲ୍ଲେଖଯୋଗ୍ୟ ଆଲୋଚନା ହୋଇନାହିଁ। ଆମ ରାଜ୍ୟର ପଶ୍ଚିମାଞ୍ଚଳ ସୀମାବର୍ତ୍ତୀ ମଧ୍ୟପ୍ରଦେଶୀୟ ଫୁଲଝର, କଉଡ଼ିଆ, ଖୁଲ୍ଲା, ରାୟଗଡ଼ ଓ ସାରଙ୍ଗଗଡ଼ର ଗ୍ରାମାଞ୍ଚଳର କଲାର, କଲଙ୍ଗା, ଲବାନ୍, ସଉଁରା–ବିଞ୍ଝାଲ, ଗଣ୍ଡ–କନ୍ଧ, ଗଣ୍ଡା–ଘାସି, ସତ୍‌ନାମୀ(ଚମାର), ମହାଲ(ମୋଳୀ) ଓ ଅଘରିଆ ଆଦି ଜାତିର ଲୋକେ ଏହି ବୋଲିକୁ ତାଙ୍କର ଘରୋଇ "କଥିତ" ଭାଷା ରୂପେ ବ୍ୟବହାର କରି ଆସୁଛନ୍ତି। (ଯେପରି କି : ସମ୍ବଲପୁର ଜିଲ୍ଲାର ବରଗଡ଼, ବରପାଲି, ବିଜେପୁର, ଲାଉମୁଣ୍ଡା, ରାମପୁର, ବଲାଙ୍ଗିର ଜିଲ୍ଲାର ସୋନପୁର, ରାମପୁର(ବିନ୍‌କା), ଆଗଲପୁର, ପାଟଣାଗଡ଼ ଇତ୍ୟାଦି ସ୍ଥାନରେ ଭୁଲିଆ ଜାତିର ଲୋକେ ଘରୋଇ ଭାଷା (ବୋଲି)ର ରହିଛି; ଏପରି ଏକ ସ୍ୱାତନ୍ତ୍ୟ ଯାହାକି ଜଣେ ଖାଣ୍ଟି ଓଡ଼ିଆ ପକ୍ଷରେ ବୁଝିବାପାଇଁ ସହଜସାଧ୍ୟ ନୁହେଁ। ଠିକ୍ ସେହିପରି "ଲରିଆ ବୋଲି" ମଧ୍ୟ ଓଡ଼ିଆ କିମ୍ବା ମଧ୍ୟପ୍ରଦେଶୀୟ ଶୁଦ୍ଧ ହିନ୍ଦୀ ସାହିତ୍ୟିକ ପକ୍ଷରେ ବୁଝିବା କଷ୍ଟକର ବ୍ୟାପାର।

ପୂର୍ବ ବର୍ଣ୍ଣିତ ଗ୍ରାମାଞ୍ଚଳର ଲୋକେ ପାର୍ବତ୍ୟ ବନ ଭୂମିରେ ନିର୍ମିତ କୁଟୀରକୁ "ଲାରୀ" ବା "ଲାଏର" ବୋଲି କହନ୍ତି। ଏହି ଲାଏର ବା ଲାରୀରେ ବସବାସ କରୁଥିବା "ପଲ୍ଲୀବାସୀ (ଜଙ୍ଗଲି ଲୋକ) କାଳକ୍ରମେ ଲରିଆ ବୋଲି ସର୍ବତ୍ର ପରିଚିତ ହେଲେ। ଏହି ଲରିଆମାନଙ୍କ କଥିତ ଘରୋଇ ଭାଷା ହିଁ "ଲରିଆ ବୋଲି" ଅଟେ। ଯୁଗେ ଯୁଗେ ସହରାଞ୍ଚଳର ଭାଷା ଓ ବେଶ ମଫସଲର ଚଳିଚଳନ ଓ ଅନ୍ୟାନ୍ୟ କଥାଭାଷାଠାରୁ ଅନେକ ପରିମାଣରେ ପୃଥକ୍ ରହି ଆସୁଅଛି। ତାଙ୍କର ପର୍ବପର୍ବାଣୀ, ସାମାଜିକତା ଓ ସାଂସ୍କୃତିକ ରୀତିନୀତି ସ୍ୱାଭାବିକ ରୂପେ ତତ୍‌ସ୍ଥ ପରିବେଷ୍ଟନୀ ଉପରେ ନିର୍ଭର କରୁଥିବାରୁ ସେମାନଙ୍କ ଚିନ୍ତା ତଥା ଭାବନାରୂପ ଏକ ସ୍ୱତନ୍ତ୍ର "ବୋଲି"ର ଆବିର୍ଭାବ ଘଟିଛି କହିଲେ ଚଳେ। ଏଥିରେ ଅନେକାଂଶ ଛତିଶଗଡ଼ୀର ଆଂଶିକ ପ୍ରଭାବ ଅନୁପ୍ରବେଶ କରିଛି ବୋଲି ସ୍ୱୀକାର କରାଯାଇପାରେ।

"ଯେଉଁ ଦେଶରେ କରିବ ଘର,
ଅଧେ ଆପଣା ଅଧେ ପର।"

ଅତଏବ, ସମ୍ବଲପୁରୀ ଓ ଛତିଶଗଡ଼ୀ ସମ୍ମିଶ୍ରଣରେ ଗଠିତ କଥିତ ପଶ୍ଚିମାଞ୍ଚଳୀୟ ଉପଭାଷା ହିଁ "ଲରିଆ" ରୂପେ ପରିଚିତ।

ଏକ ଭାଷା ଓ ଏକ ବେଶ [illegible] ଏ ଦେଶକୁ ସାଜି ସଜେଇବାରେ ଆମ ଜନପ୍ରିୟ ସର୍କାର ଯେତେ ବ୍ୟସ୍ତ; ତା ତୁଳନାରେ ହୁଏତ ଆମେ ସାଧାରଣ ଦେଶବାସୀ ଆଦୌ ପ୍ରସ୍ତୁତ ହୋଇ ପାରୁନା। କାରଣ ଆମ ଭିତରେ ପୂରି ରହିଥିବା ଅଜ୍ଞତା, ଅଦୂରଦର୍ଶିତା ଓ ହାର୍ଦ୍ଦିକ ସଂକୀର୍ଣ୍ଣତା ହେଉଛି ପ୍ରଧାନ ଅନ୍ତରାୟ। ପୃଥିବୀରେ ରଟି–ଟାଟି– ଖଟି ଖାଇବାର ସମୟ ଆସିଛି। ଆଉ ପରସ୍ପରକୁ ଠେଲାପେଲା କରି ଜଣେ ଆସ ବଡ଼ିମା ଦେଖାଇବାର ଯୁଗ ନାହିଁ। କେହି କାହାକୁ ସ୍ୱାଗତ ଜଣାଇବାକୁ ଲାଳାୟିତ ନୁହେଁ।

କଥାରେ ଅଛି : ଦେଶ୍‌କେ ଫାଙ୍କ୍, ନଈକେ ବାଙ୍କ୍।" ବାସ୍ତବିକ ଏହି ବିରାଟ ବିଶ୍ୱରେ ଭୂ–ପ୍ରକୃତି ପ୍ରାୟ ସର୍ବତ୍ର ସମାନ ନୁହେଁ। ସବୁଠି ଦିନ ରାତି ଯେ ସମାନ ନୁହେଁ, ଏହା ଆଗରୁ ପ୍ରମାଣିତ ହୋଇ ସାରିଛି। ଜଳବାୟୁ, ଭୌଗୋଳିକ, ରାଜନୈତିକ ପରିସ୍ଥିତିର ଆବେଷ୍ଟନୀରେ ପଡ଼ି ଦେଶ, ମହାଦେଶ ଓ ଖଣ୍ଡମଣ୍ଡଳ — ନଦ ନଦୀର ସୃଷ୍ଟି। ଦେଖିବାକୁ ମିଳେ ଯେ — ଗୋଟିଏ ପାହାଡ଼ ବା ନଈର ସୀମାବର୍ତ୍ତୀ ତଥା ନିକଟବର୍ତ୍ତୀ ଅନ୍ୟ ଏକ ପାର୍ଶ୍ୱରେ ଚଳିଚଳନ, କଥାଭାଷା ଓ ପ୍ରଶାସନିକ ବ୍ୟବସ୍ଥାର ଏତେ ପାର୍ଥକ୍ୟ ପରିଲକ୍ଷିତ ହୁଏ ଯେ, ସେମାନଙ୍କ ଭିତରେ ସୌସାଦୃଶ୍ୟ ଆଣିବା ବୃଥା ଚେଷ୍ଟା ମାତ୍ର। ତଥାପି ମଣିଷ ମଣିଷ ଭିତରେ ଗୋପନ ବାଣୀ ଓ ଗୁହାଣୀକୁ ସବୁବେଳେ ବୁଝିବାକୁ, ବୁଝାଇବାକୁ ଚେଷ୍ଟାକରି ଆସିଛି ଓ ଆସୁଛି। ଅତଏବ, ଦେଶରେ ଶାଶ୍ୱତ ଶାନ୍ତି, ମୈତ୍ରୀ, ଐକ୍ୟ ସ୍ଥାପନ କରିବାକୁ ହେଲେ ଆମକୁ ସବୁବେଳେ ନିଜ ପଡ଼ୋଶୀର ଭାଷା ଓ ବେଶ ସହିତ ଘନିଷ୍ଠ ସମ୍ପର୍କ ସ୍ଥାପନ ଓ ଭାବ ବିନିମୟ କରିବା ଏକାନ୍ତ କାମ୍ୟ। ଏହା ମାଧ୍ୟମରେ ସୁନ୍ଦର ମୈତ୍ରୀ, ପ୍ରୀତି ପ୍ରତିଷ୍ଠିତ ହୋଇ ପାରିବ। ଧରନ୍ତୁ, ଓଡ଼ିଆ ଓ ଲରିଆ ଦୁଇଜଣ ବ୍ୟକ୍ତି ହାଟ କରି ଗଲେ। ସେମାନେ କିଏ କ'ଣ କିଣିବେ ତାକ ବିସ୍ତର କଲେ। "ଓଡ଼ିଆ କହି କହି ମଲା, ଲରିଆ ମୁଢ଼ ହଲେଇ ନେଲେ ଗଲା।" ଜଣେ ଲୁଗା କିଣିବାକୁ ମନ କଲେ, ଅନ୍ୟ ଜଣକ "ଛିଟା", ଜଣେ ଥାଳୀ ପରିବର୍ତ୍ତେ ମାଳୀ, "ଛୁରୀ"କୁ "ବଟ୍‌କୀ", "ଧୋତି"ବଦଳରେ "କଟିଆ", "ଭାଙ୍ଗ" ଜାଗାରେ "ମାଣ୍ଡୁଆ", "ଦାଆ" ବୋଇଲେ "ହଁସିଆ" ଓ "କୁଳା" କିଣିବା ବେଳେ "ସୁପା" ବୋଲି ଦୋକାନୀକୁ ଉଚ୍ଚରେ ଡାକିଲା। ସେମାନଙ୍କ ଭିତରେ କଥା କଥାକେ ମନ ବିଗିଡ଼ି ଏକ ସଙ୍ଗରେ ଆସିଲେ ନାହିଁ।

ଆରେ ଚଷା—ତମ ଆଡ଼େ ଯାହାକୁ କହ ଖୁରି ଗିନା
ଆମ ଆଡ଼େ ତାହାକୁ କହୁ କଂସା,
ଆରେ ଚଷା—ଆମ ଆଡ଼େ ଯାହାକୁ କହୁଁ ଗାଈ ଗୋରୁ
ତମ ଆଡ଼େ ତାହାକୁ କୁହ କଂସା ।

ଏହି ସବୁ ଦୃଷ୍ଟିରୁ ଆମକୁ ଆମ ଆଖପାଖର ପାଇ ପଡ଼ିଶାର ସହିତ ଭାବ ବିନିମୟ କରି ସହାବସ୍ଥାନ କରିବା ହେଲା ବିଧେୟ । ଖାଦ୍ୟ ପେୟ, ଭାଷା ଭେଷର ଅଳୀକ ବିଚ୍ଛେଦ ବା ସଂକୀର୍ଣ୍ଣତା ରହିବା ଆଦୌ ଶୁଭଙ୍କର ନୁହେଁ । ଦେଖୁ ଆମର ଉପାନ୍ତ ଅଞ୍ଚଳର ଲୋକେ କିପରି ଭାବରେ ସୁଖ ଦୁଃଖରେ ରହନ୍ତି; ତାହା ସହୃଦୟତାର ସହିତ ବିଚିହିବାକୁ ହେଲେ ଶ୍ରେଷ୍ଠ ହେଉ, ନିକୃଷ୍ଟ ହେଉ, ଯଥା ସମ୍ଭବ ତାଙ୍କ ଭିତରେ ଗଢ଼ି ଉଠିଥିବା ଗୋଟିଏ ସଂସ୍କୃତି ଗଢ଼ି ଆସିଅଛି — ଏ କଥାକୁ ଆମକୁ ଅବଶ୍ୟ ସ୍ୱୀକାର କରିବାକୁ ପଡ଼ିବ । ଯେଉଁ ସଂସ୍କୃତି କି ସେମାନଙ୍କୁ ଯୁଗ ଯୁଗ ଧରି ଆଶ୍ରୟ ଦେଇ ଆସିଛି । ଆଦିମ ପାର୍ବତ୍ୟ ଜନ ସମାଜର ପ୍ରାକୃତିକ ପରିବେଶ କେତେ ମହାନ୍ ଓ ମହନୀୟ, କେତେ ରୁକ୍ଷ ଓ ରୁଦ୍ର, କେତେ ଶାନ୍ତ ଓ ସାବଲୀଳ ତାହା ନିମ୍ନୋକ୍ତ ପଦାବଳୀରେ ନିଶ୍ଚୟ ଉପଲବ୍ଧି ହୋଇ ପାରିବ ।

ବର୍ତ୍ତମାନ ସୁଦ୍ଧା ଓଡ଼ିଶାର ଚତୁଃସୀମାରେ ଅନେକ ଓଡ଼ିଆ ଭାଷାଭାଷୀ ଲୋକେ ରହି ଆସିଛନ୍ତି । ସେମାନେ ରାଜନୈତିକ ବ୍ୟବଚ୍ଛେଦ ହେତୁ ରାଜ୍ୟ ବାହାରେ ଥିଲେହେଁ ସମ୍ପୂର୍ଣ୍ଣ ଭାବରେ ଓଡ଼ିଆ ସଂସ୍କୃତିକୁ ଜଳାଞ୍ଜଳି ଦେଇପାରି ନାହାନ୍ତି । ଏପରି ପର୍ଯ୍ୟାୟରେ ଯାଉଥିବା ମଧ୍ୟପ୍ରଦେଶୀୟ ଫୁଲ୍‌ଝର ଅଞ୍ଚଳର କଥା ଏଠାରେ ଧରି ନିଆଯାଉ । ସେହି ଲୋକଙ୍କ ମୁଖରେ ସମ୍ବଲପୁର, କଳାହାଣ୍ଡିର ସୀମାନ୍ତରେ ହିନ୍ଦୀ–ଓଡ଼ିଆ ସମ୍ମିଶ୍ରଣରେ "ଲରିଆ ବୋଲି" (ଉପ ଭାଷା)ର ଉତ୍ପତ୍ତି । ଏହି ବୋଲି–ସାହିତ୍ୟର କେତୋଟି ସୁଶ୍ରାବ୍ୟ, ମନୋଜ୍ଞ ତଥା ପଲ୍ଲୀ ଜୀବନର ପ୍ରତୀକଧର୍ମୀ ଗୀତ ସବୁ ଉଦ୍ଧାର କରିବା, ଏହି ବୋଲିର ସ୍ୱରୂପ ପ୍ରଦର୍ଶନ କରିବା ହେଲା ଏ ନିବନ୍ଧର ପ୍ରଧାନ ଲକ୍ଷ୍ୟ ।

ଯେପରି "କ୍ଷୀର ଓ ନୀର" ମିଳେଇ ଦେଲେ ଯେଉଁ ମଧୁର ସରପଣା ତିଆରି ହୁଏ, ତାହା ପାନୀୟ ରୂପେ ହୁଏ ଅତି ରୁଚିକର; ଠିକ୍ ସେହିପରି ଓଡ଼ିଆ+ହିନ୍ଦୀ=ଲରିଆ ବୋଲିର ପ୍ରଚଳିତ ଭାବ ପଲ୍ଲୀ ନର–ନାରୀ ଭିତରେ ଅପୂର୍ବ ପ୍ରୀତି ସଞ୍ଚାର କରୁଛି । ଗୋଟିଏ ବଡ଼ ଝୁମେର୍ ଝୁମର ଲୋକଗୀତରେ ଦେଖନ୍ତୁ :—

ଉଡ଼ଲ୍ ଧୁତି ପିଙ୍ଗଲ୍‌ପାଟ୍
ଝୁମେରୀ କଦମ୍ ଫୁଲ୍,
କାହାଁକେ ଆସେ ସୁତା ପାଟ୍ । ହୋ
ଝୁମେରୀ କଦମ୍ ଫୁଲ୍ । (ଘୋଷା)
କାହାଲେଁ ଆସେ ବଏଲା,
କାହାଲେଁ ଯାବେ ବଏଲା,
ରଜାର୍ ବେଟୀ ଅଇଁଲା
ଝୁମେରୀ କଦମ୍ ଫୁଲ୍
ରଜାର୍ ଖୁର୍ଲି ଅଛେ ସେନା ଆଟ ହୋ ।୧।
କାହାଲେଁ ଯାବେ ବୈଲା,
ଫୁଲେ ଫୁଲେ ବୁଲେ ଭେଉଁରା,
କୁଇଁ କୁଇଁ ବାଏ କେଞ୍ଚୁରା,
ମନ ଭେଉଁରା ଯାବେନାରେ କଲି କାଏଁ ହାଟ ? ।୨।

× × × ×

ଝୁଡ଼ାପଦର ଅଞ୍ଚଳରେ ଅବସ୍ଥିତ ଗନ୍ଧମାର୍ଦ୍ଦନର ନିବିଡ଼ ଅରଣ୍ୟ ପ୍ରଦେଶରେ ଝୁସ୍ମେରଗଡ଼ ଏକ ସୁପ୍ରସିଦ୍ଧ ଐତିହାସିକ ଦୁର୍ଗ । ଏଠାରେ ମଏନପୁରୀ ଚୌହାଣ ବୀର ଦେଶପ୍ରେମୀ ସ୍ୱର୍ଗୀୟ ହଟାପର ଦେବଙ୍କ ଦ୍ୱାରା ଅବସ୍ଥାପିତ ହୋଇଥିଲା । ତ୍ରୟୋଦଶ ଶତାବ୍ଦୀରେ ଦିଲ୍ଲୀଶ୍ୱର ଆଲାଉଦ୍ଦିନ୍ ଖିଲିଜିଙ୍କ ସହିତ ଏହାଙ୍କର ଗୋଦାବରୀ ନଦୀ କୂଳରେ ଏକ ଭୟଙ୍କ ସଂଗ୍ରାମ ହୋଇଥିଲା । ଏହି ଯୁଦ୍ଧରେ ହଟାପର ଦେବ ନିହତ ହେଲେ । ତାଙ୍କ ବିୟୋଗରେ ତାଙ୍କର ଏକମାତ୍ର ବିଧବା ପତ୍ନୀ ଆଶାବତୀ(ମେଘୀ) ଓ କନ୍ୟା ଅଇଁଲାବତୀର ଶୋକ ବିଗଳିତ ଦୁର୍ଦ୍ଦଶା ଲୋକଗୀତରେ ପରିଣତ ହୋଇଯାଇଛି । ଏହି ଗୀତଟି ଭାଦ୍ରବ ଶୁକ୍ଳପକ୍ଷର ବିଶିଷ୍ଟ ପର୍ବ "କର୍ମା ସ୍ୱାମୀ ପୂଜା" (କର୍ମା ନାଚ)ରେ ଗୀତିନୃତ୍ୟ କଲେ ଲୋକ ବୋଲନ୍ତି ।

ହାତୀ ଶାଳେଁ ହାତୀ ନାଇଁ ଘୁଡ଼ା ଶାଳେଁ ଘୁଡ଼ା ନାଇଁ
କାନ୍ଦେ ରାନୀ ମହଲ ଭିତରେଁ–ରେ–ହୁମରେ ଗଡ଼େଁ ।
ଝଲିଆ ମୟୁର ନାଚେ ଭାଳେଁ ।।ଘୋଷା।।
ଏଇ ବାଟେ ଗଲେ ରଜା ଉଡ଼ାଇ ସମର ଧଜା
ମୁଣ୍ଡରେ କଲସି–ସଜା,
ସେଇ କଥା ଝୁଲେ ମୋର୍ ନୟନେ–ରେ–ନିତି ସପନେ ।
ଏବେ ମୁଇଁ ବୁଲୁଛେଁ ଅରନ୍ୟେ ।।୧।।
କହୁଁ କହୁଁ ଖରିମାସ ନିଶ୍ୱାସ ପଡ଼େ ଉଦାସ,
କେତେ ରହିବି ଉପାସ,
ରାତିରେ ମୋର ନି ମାଡ଼େ ଝୁମୁରାରେ ପାହାତି ତରା,
ମନ ମୋର ହେଉଛି ପାଗଲା ।।୨।।

× × × ×

ଉପରୋକ୍ତ କବିତା ଦୁଇଟିର ଆକୃତି, ଓଡ଼ିଆ ଛନ୍ଦ ସାହିତ୍ୟର ଆକୃତିଠାରୁ ସ୍ୱତନ୍ତ୍ର ଓ ସମ୍ପୂର୍ଣ୍ଣ ପୃଥକ । ଏହାକୁ ଆଦିମ ଜନ–ଜାତିର ଲୋକେ, ଝୁମେର୍ ଓ ବଡ଼ ଝୁମେର୍ ବୋଲି ନାମିତ କରି ଅଛନ୍ତି । ଓଡ଼ିଆ ଓ ଲରିଆ ମଧ୍ୟରେ ଯେଉଁ ତାରତମ୍ୟ ରହିଛି, ତାହା ନିମ୍ନୋକ୍ତ କେତୋଟି "ଲରିଆ ବୋଲି"ର "ଦାଦେରିଆ" ଗୀତରୁ ସହଜରେ ବୁଝିପାରିବେ । ଉଦାହରଣ ସ୍ୱରୂପ ଯଥା ସମ୍ଭବ ଓଡ଼ିଆ ମୁକ୍ତାନୁବାଦ କରି ପ୍ରସ୍ତୁତ କରାଗଲା।।

## ଲରିଆ ଗୀତ

ପୁ —"ମାରେ ଲେଦାନାରେ ସିରାକେ ଗଜା ବେଲ୍,
ଘୁଙ୍ଗରାଲୁ ହେ ତୋର୍ ଚୁନ୍ଦୀ
ଲଟେଁକେ ନରିଆତେଲ୍ ।।୧।।
ସ୍ତ୍ରୀ —ଡଙ୍ଗର୍‌ରେ ଯାଉଁ ଗାଉଁ ଅଁରିଆ
ତୋର୍ ଦିଦିଲା କର ଦେବେ ଛୋକରା
ଖୋଲିହିଁ ଭଇଁରା ।।୨।।
ପୁ —ପାନି ବର୍ଷେ ଓରି ଖୋରିକେ,
ତୋଲା ଖୋଜେବର୍ ଯାଉଁରେ ଛୋକରୀ
ଛତୁରୀ ଓଡ଼ିକେ ।।୩।।
ସ୍ତ୍ରୀ —ପଘରୀ ହେ ଭିଙ୍ଗ୍‌ଭିଙ୍ଗ୍‌ରେ ପାନିହେ ଫଟିଙ୍ଗ୍,
ପାନି ପଟାକେ ବୋଲି ରେ ଛୋକରା,
ମୋରେ ଲାଗ୍‌ଥେ କଠିନ୍ ।।୪।।
ପୁ —ପିପର୍ କେ ପାନା ଗୁଡ୍ଡାଲେ ଡୋଲା,
ତୋଲା ମୋଲା ଆପ୍‌ଦାନା ମନ୍‌ଖେ କେ ଖେଲା ।।୫।।
ସ୍ତ୍ରୀ —ଖାଏ ପାନା ପୁଙ୍ଗି ଦାରେ,
ମାୟା ପରିଚି ଲଗାକେ ପୁଛିଦାରେ ।।୬।।
ପୁ —ଆମଫରେ ଲୁଦ୍‌ଲୁଦରେ...ସୁପାରି ଫରେ ଫୁଲ୍,
ତୋର୍ ବର ଭିଙ୍ଗୁ ଲୁଗୁଲା....
ଅଢ଼େର କୋରୀ ଫୁଲ୍ ।।୭।।

## ଓଡ଼ିଆ ଗୀତ (ମୁକ୍ତାନୁବାଦ)

ପୁ —ଲେଦାମାରି ଖାରି ଜଣା ବେଲ (ଖାସ ବେଲ ବେଲ)
କୁଞ୍ଚିତ କେଶରେ ତୋର ମାଖ ନଡ଼ିଆ ତେଲ ।୧।
ସ୍ତ୍ରୀ —"ଅଇଁଲା ଖାଇ ମୁଁ ଯାଇ ପର୍ବତେ,
କହିବୁ ତୋହର ନାମ ସଙ୍ଗତେରେ ନାଗର,
ଭେଉଁରା ଖେଳିବୁ ଲୁଚିକେଇ ବନସ୍ତରେ ।୨।

ପୁ —ଝରି ବର୍ଷା କରେ ଝଲି ଝଲି,
ତତେ ଖୁଜି ଯଉଛେ ଛଇଲି, ଓଡିଛି ଛତୁରୀ,
(ଦେଖା ଦିଅ ଲୁକ୍ ନି ଚତୁରୀ) ॥୩॥
ସ୍ତ୍ରୀ —ଚିଙ୍ଗି ଚିଙ୍ଗି ମୋ ମୁରା ଗରିଆ,
(ଡାରିମଳ–ଜଳ–ଏ ଦରିଆ)
ପାଣି ଘାଟ ଗୋପନ ବାରତା,
ଏ ପରାଣେ ଦିଏ କେତେ ବ୍ୟଥା ॥୪॥
ପୁ —ପୀପ୍‌ପଳ ପତରେ ଚିଆର ଦନା,
ଅପବାଦ ହେଲେ ନାହିଁ ଶୋଚନା,
ତୋର୍ ମୋର ନାମ ଧରି ଲୋ......
ଯିବୁ ଯଦି ଇଚ୍ଛା ଅଛି ସଙ୍ଗେ ଆସ......
ଗୁଲି ଯିମୀ ବାଟ ଧରି ଲୋ ॥୫॥
ସ୍ତ୍ରୀ —ପାନ ଖାଇ ପୁରୁଛିଲ,
ଅଢେର ଦିନିଆଁ ପୀରତି କଇ ଯେ,
(ଆହା) ଭାଲା ତ ମୁରୁଛି ଦେଇ ନାଗର ହୋ ॥୬॥
ପୁ —ଆମ୍ ଫଳେ କେରା କେରା,
ଖଜୁରି ଫଳେ ସୁପାଲି,
ଘିନି ନେଇଛେ ଚନ୍ଦନ କୁରା,
ଫୁଲ୍ ଫୁଟିଛେ ଛକୋରୀ ॥୭॥

## ସୁଆନା ଗୀତ :

ଆଇସନ୍ ମନ୍ ଲଗଥେ, ଢ଼କେଲା ଗାଡ଼ି ଚଢ୍‌ତେ, ମୋର ସୁଆନା
ଚଲିଯାତେ ଶକତି ବାଜାର୍ — ରେ ସୁଆନା, (ଘୋଷା)
ଶକତି ବାଜାର୍‌କେ ଲାଡୁରେ ମୋର୍....ସୁଆନା,
ଖାଏବର୍ ଲାଗେ ମଜାଦାର୍ ।
ମଇକେ ଘର୍‌କେ ବାଟ୍‌ରେ ମୋର — ସୁଆନା
ସ୍ୱାଦ୍ ଲଗେ ମୋର ବାର୍‌ବାର୍ ॥୧॥
ଘର୍‌କେ ସିଆନା ମୋରେ ବଡ଼େ ଦଗାଦାର ରେ ସୁଆନା
ତାଗିଦା ଲଗାଏ ହଜାର୍ ।
ତିରିକେ ଜନମ ମୋର୍ ବଡ଼େ ହୀନିମାନ୍‌ରେ ସୁଆନା,
ମଝା ନଦିଆଁ ମା ବହାଥେ ମଝାଧାର — ରେ
ସୁଆନା ।

କାର୍ତ୍ତିକ ମାସରେ "ସୁଆ ନାଚ ଗୀତ" ଲରିଆ ପଲ୍ଲୀବାସିନୀମାନେ ଗାଇ ଗାଇ ଗ୍ରାମାଞ୍ଚଳ ମାତନ୍ତି । ଫସଲ କଟା ଶୀତୁଆ ସକାଳରେ ଦେହକୁ ତାଜା ରଖିବା ଲାଗି ସେମାନେ ତତ୍ପର । ଏହା ଏକ ସମବେତ ଗୀତି ନୃତ୍ୟ (Folk Dance) । ଏହି ପ୍ରଦତ୍ତ ସୁଆ ଗୀତଟିର ମର୍ମାନୁବାଦ ହେଲା ଯେ — "ମୋର ମନ ହେଉଛି ଯେ, ଏହି ବଳଦ ଗାଡ଼ିରେ ଏକାକି ଚଢ଼ି ଶକ୍ତି ବଜାର ମାଆ ଘରକୁ ଯାଆନ୍ତି । ଶକ୍ତି ବଜାରର ଲଡୁ(ମିଠେଇ) ଅତି ଚମତ୍କାର । ଖାଇବାକୁ ଭାରୀ ମଜା ଲାଗେ । ମୋର ଗୁହଇ ବଡ଼ ଦଗାବାଜ ବ୍ୟକ୍ତି ଅଟନ୍ତି । ସେ ମୋ ପ୍ରତି ବାର ପ୍ରକାର ବାର କଥା କହନ୍ତି । ମୋର ଏ ନାରୀ ଜନ୍ମଟି ବୃଥା । ମିଛ ମାୟାରେ ପଡ଼ି ମୁଁ ନଈ ଧାରରେ ଭାସି ଯାଉଛି । କେତେ ହୀନ କପାଳୀ ଅଟେ ।

## ଲରିଆ କର୍ମା ଗୀତ :

ଟେହ୍‌ରୀ ହେ ବପୁର୍ ସପୁର୍ କାଁଟା,
ରୋଟୀ ମଢ଼ାଲେ ଜହରିଆ ଦୋନୋ ହେ ବାଁଟା ॥
ଲେକା ଲାଜି ଦେ ଜହରିଆ ଯୋଡ଼ିକେ ମିଳନ୍‌ରେ ॥୧॥

ଆମାକେ ଡ଼ାହୀ ବସେଲେ ଲିଟିଆଁ,
ଗାଡ଼ି ଭାଜ୍‌ଥେ ଟେଶନେ ଲିଖାଲେ ଟିକିଆ ।
ଲେକା ଲାଜି ଦେ ଜହରିଆ ଯୋଡ଼ିକେ ମିଳନ୍‌ରେ ॥୨॥

ଡ଼ାହାରେଁ ରେଙ୍ଗେ ହଲାଏ ବେଁଧାଁ
ଖାଡ଼େ ରହବେ — ଛୋକରା ।
(ଗୁଲ୍ ଗୁଲ୍ ଛୋକରୀ)
ପୀପ୍‌ପଲ କେ ଛଇଁଆ ॥୩॥
ଧନରେ ଲୁଏ ହଲାଏ କୁହୁନୀ,
ଡୋଲା ଲାଗିଯାଏ ରେ ଛୋକରା,
ଡିଠୁଆ କେ ମହନୀ,
କରିଆ ବେଲା ମାଥେ ମେ ଟିକ୍‌ଲା,
ଖୋଲି ବୁଲେ ରେ ଛୋକରା ମାଢ଼ୀ ମେଁ ଡିଖଲା ॥୪॥
ତରିଆ କେ ପାନି ଗରମ କରିଲେ,
ମୋର ଦୁଃଖ୍ କେ ସୁନେସ୍ୱା ଧରମ କରିଲେ ॥୫॥

× × × ×

## କର୍ମା ଗୀତ—'ଦଣ୍ଡନାଚ'ର ବୃତ୍ତ ବିଶେଷ :

ହାତୀ ଲାଲ ଘୁଡ଼ାଲାଲ୍, ଛକୋର ସିପାହୀଲାଲ୍
ସଡ଼କେ ଲମିଲେ ଜମିଦାର । ମଝାଦାଦରେଁ....
ସଙ୍ଗେ ସଙ୍ଗେ ଅଛେ ଜଫିଦାର । ମଝାଦାଦରେଁ....
ଡୋଲା–ମୋଲା ଆଛା ଲଗେ ନନୀ ଗାଁ,
ମଲଲୀ ଝିଟାନେ ଯାବେ ସଙ୍ଗେ — ଆବେ ନନୀଗା ।

× × × ×

(ସୁଆନା ବୃତ୍ତ)

ସ୍ତ୍ରୀ —କାହାଁ ରଥେ ମୁଗୁରୀ ମଛଳିଆଁ, କାହାଁ ରଥେ ଦୁଧାନାଁଗ୍ ।
ପୁ —ଦହାମେଁ ରଥେ ମୁଗୁରୀ ମଛଳିଆଁ, ଭୀମୋରା ମେ ରଥେ ଦୁଧାନାଗ ।
ସ୍ତ୍ରୀ —କା ସୁରା ଖାଏ ତୋରା ମୁଗରୀ ମଛଳିଆଁ, ଦୁଧ ପିଏ ଦୁଧାନାଁଗ୍ ।
ପୁ —କୋନ୍ ଖୁଲିଯାଏ ମୁଗୁରୀ ମଛଳିଆଁ, ରଜା ଖୁଲିଥଛେ ଦୁଧାନାଁଗ୍ ।
ସ୍ତ୍ରୀ —କିତିନା ରୁପିଆ ତୋର ମୁଗୁରୀ ମଛଳିଆଁ, ଦଶ ରୁପିଆ ଦୁଧାନାଁଗ୍ ।
ପାଞ୍ଚ ରୁପିଆଁ ତୋର ମୁଗୁରୀ ମଛଳିଆଁ, ଦଶ ରୁପିଆ ଦୁଧାନାଁଗ୍ ।

## ଲରିଆ ରାମଲୀଳା ନୃତ୍ୟ :

ରତନା କେ ନୈନା ବାଁକେ,
ମୁନୀ ସଙ୍ଗ ବାଲକ୍ ଦୋ କୀନ୍ କରେ ? (ଘୋଷା)
ରବି ଚବି କୋଟ୍ ବଦନରେ ଶୋଭାରେ,
ଶାମ–ଗଉର୍ ତନ ଆଁକେ,
ରତନା କେ ନୈନା ବାଁକେ ॥୧॥
ଗୌତମ ମୁନୀ କେ ରାନୀ ଅହଲ୍ୟା,
ଉସ୍‌ମେଁ ଚରନ୍ ଛୁଆ କୋ....ରନ୍ଥା କୋ ॥୨॥
ରାଜା ଜନକ ଘର ଜନମ୍ ଜାନ୍‌କୀ,
ସୀତାରାମ କେ ରାହୀ,
ଶିରି ଗଯାନ୍ କୋ ଗୋବର ମଙ୍ଗାଏ,
ଲିଗେ ଧନୁସ୍ ଉଠାଇ ॥୩॥
ଲିଖ୍ ଲିଖ୍ ଚିଠି ଭିଜୋ ଜନକ୍ ଜୀ,
ସବ୍ ରାଜା କେ ପାଶେ,
ଲଙ୍କାକେ ରାବନ୍ ଢେହି ବିଁଆସେ,
ଶୁନେ୍ୟ ରଥ୍ ଉଡ଼ାକେ,
ରନ୍ଥାକେ ନୈନା ବାଙ୍କେ ॥୪॥

× × × ×

ଉପର୍ଯ୍ୟୁକ୍ତ "ଲରିଆ ଗୀତ" ସମୂହ ଅନୁଧ୍ୟାନ କଲେ ସ୍ପଷ୍ଟ ଅନୁମିତ ହୁଏ ଯେ – ସମ୍ବଲପୁର ଜିଲ୍ଲା ଲୋକଗୀତ ସହ ମଧ୍ୟପ୍ରଦେଶୀୟ ଛତିଶଗଡ଼ୀ ବୋଲି ଅନେକ ପରିମାଣରେ ଅପମିଶ୍ରିତ ହୋଇ "ଲରିଆ" ନାମରେ ଏକ ବୋଲିର ଉତ୍ପତ୍ତି ହୋଇଛି । ପ୍ରୋକ୍ତ ଉପାନ୍ତ ଅଞ୍ଚଳର ଅଧିବାସୀମାନେ ସ୍ୱଚ୍ଛ ବିହାର କରିବାକୁ ଭାରି ଭଲ ପାଆନ୍ତି । ପରଦା ପ୍ରଥା ଏହି ସମାଜରେ କୁଆପି ଦେଖାଯାଏ ନାହିଁ । ବିବାହ, ମେଳା ମଉଚ୍ଛବରେ ଆବାଳ ବୃଦ୍ଧ ବନୀତା ନାନାବିଧ ବାଦ୍ୟଯନ୍ତ୍ର ସଙ୍ଗରେ ଗୀତ ନାଚର ମସ୍ଗୁଲରେ ନିଜକୁ ହଜାଇ ଦେଇଥାନ୍ତି । ଏହି ଲରିଆ ଗୀତରେ ଯେଉଁପରି ଇଙ୍ଗିତ ଧର୍ମୀ ଶବ୍ଦ ଯୋଜନା ଓ ଭାବ ବ୍ୟଞ୍ଜକ ରସୋଦ୍ରେକ ଶ୍ଳେଷ ରହିଛି; ତାହା ଯେ କୌଣସି କାବ୍ୟ ରସିକ, ଭାବୁକ ପ୍ରାଣକୁ ଭାବ ବିହ୍ୱଳ କରିଦେବ, ଏଥିରେ ସନ୍ଦେହର ଅବକାଶ ନାହିଁ । ପରିଶେଷରେ କହିବା ବାହୁଲ୍ୟ ଯେ, ଏ "ଲରିଆ–ବୋଲି"ର ଅନ୍ୟାନ୍ୟ ଉପାଙ୍ଗ ଲୋକଗୀତ, ଲୋକନୃତ୍ୟ, ଲୋକ ପ୍ରବାଦ (Pro-verb) ସଂଗ୍ରହ କରି ପରବର୍ତ୍ତୀ ନିବନ୍ଧରେ ଉଲ୍ଲେଖ କରାଯିବ । ଏ ଦିଗରେ ସୁଧୀ ସାହିତ୍ୟିକ ବନ୍ଧୁମାନେ ଯତ୍ ସାମାନ୍ୟ ଆଗ୍ରହ ପ୍ରକାଶ କରିବେ ବୋଲି ଆଶା କରି ରହିଲି ।

ସଭାପତି,
ସମ୍ବଲପୁରୀ କଳା ବିକାଶ କେନ୍ଦ୍ର,
ସଂବଲପୁରୀ, ପୋ: ଅ: ଲଖମରା,
ଜି: ସମ୍ବଲପୁର, ଓଡ଼ିଶା ।



# ଗ୍ରାମେ ଗ୍ରାମେ ପରିବେଷ୍ଟା

ଡକ୍ଟର ନାରାୟଣ ହଜାରୀ  ଡକ୍ଟର ସୁବାସ ଚନ୍ଦ୍ର ହଜାରୀ

ପୁରୀ ଜିଲ୍ଲାର ନୟାଗଡ଼ ସବ୍‌ଡିଭିଜନ୍ ଅନ୍ତର୍ଗତ ଦୁଦ୍ଧ ଗ୍ରାମ (କେଶରପୁର)ଠାରେ ଅବସ୍ଥିତ ସ୍ୱେଚ୍ଛାସେବୀ ସଂସ୍ଥା "ବୃକ୍ଷ ଓ ଜୀବର ବନ୍ଧୁ" ଓଡ଼ିଶା ସରକାରଙ୍କର 'ପ୍ରକୃତି ମିତ୍ର', ଭାରତ ସରକାରଙ୍କର 'ବୃକ୍ଷ ମିତ୍ର' ଓ ଜାତିସଂଘର 'ପରିବେଶୀୟ ଗ୍ଲୋବାଲ୍–୫୦୦' ପୁରସ୍କାର ପାଇଛି । ଏହି ଅନୁଷ୍ଠାନ ପକ୍ଷରୁ ଜୁନ ୮, ୯, ୧୦ – ୩ ଦିନ ଓଡ଼ଗାଁ ବ୍ଲକ୍‌ର ୧୭ଟି ଗ୍ରାମରେ ଜଙ୍ଗଲ ସୁରକ୍ଷା ଓ ବୃକ୍ଷ ରୋପଣ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପଦଯାତ୍ରା କରାଯାଇଥିଲା । ଗ୍ରାମଗୁଡ଼ିକ ହେଲା–ଅଖାରିଆ, ଚମ୍ପାପାଞ୍ଚି, ବନ୍ଧସାହି, ଧବଳେଇ, କୁରାଡ଼ିପଙ୍କା, ଟିକରପଲ୍ଲି, ଗଉଡ଼ପୁଟ, ନୂଆବନ୍ଧସାହି, ଗୋଠବଣ, ବୁଢ଼ାବୁଢ଼ିଆଣୀ, ଓଡ଼ଗାଁ, ଲାଣ୍ଡିଗିରି, ନୂଆସାହି, ପୋଡ଼ାସାହି, ଓଣ୍ଡିଆ, ବାଣ୍ଟପୁର ଓ ବେମେଡ଼ି । ଏ ଅଞ୍ଚଳରେ ଧାନବୁଣା ଜୋରସୋରରେ ଲାଗିଥିବାରୁ ଦିନ ୧୧ଟାରୁ ୩ଟା ଓ ୭ଟାରୁ ୧୦ଟା ମଧ୍ୟରେ ସଭାଗୁଡ଼ିକରେ ଲୋକମାନେ ଯୋଗଦେଇ ପାରୁଥିଲେ । ୮ ଜଣ ପଦଯାତ୍ରୀ ସକାଳ ୬ ଘଣ୍ଟା ୩୦ ମିନିଟରୁ ରାତି ୧୧ ଘଣ୍ଟା ଯାଏ ଖରାରେ ଅବିଶ୍ରାନ୍ତ ଝାଳନାଳ ହୋଇ ପଦଯାତ୍ରା କରୁଥିଲେ । ୧୩ ବର୍ଷର ଜଣେ ବାଳକ ଏହି ପଦଯାତ୍ରାରେ ଯୋଗଦେଇ ପଦଯାତ୍ରୀମାନଙ୍କର ଉତ୍ସାହ ବର୍ଦ୍ଧନ କରିଥିଲା ।

ଏ ଅଞ୍ଚଳରେ ଗତ ୨ ବର୍ଷ ହେଲା ମରୁଡ଼ି ପଡ଼ିଛି । ଲୋକମାନେ ବୁଝିଥିଲେ ଯେ ବ୍ୟାପକ ଜଙ୍ଗଲ କ୍ଷୟ ଯୋଗୁଁ ଅନାବୃଷ୍ଟି ଘଟୁଛି । ପଦଯାତ୍ରୀବୃନ୍ଦ ବୁଝାଉଥିଲେ ଯେ ଜଙ୍ଗଲ ଆମର ମା' ।

ପଦଯାତ୍ରୀ ଦଳ ଗ୍ରାମମାନଙ୍କରେ ନିମ୍ନଲିଖିତ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ :

ବୃକ୍ଷ ଆମର ଜୀବନ ଧନ,
ଯୋଗାଏ ମାଟି, ପାଣି, ପବନ ।
ବୃକ୍ଷ ବିନା ବଞ୍ଚିବା ନାହିଁ,
ବୃକ୍ଷ ଆମର ଜୀବନ ଭାଇ ।
ଜଙ୍ଗଲ ଆମର ଧନ ସମ୍ପଦ,
ତାକୁ ଧ୍ୱଂସ କଲେ ଆସେ ବିପଦ ।
ଜଙ୍ଗଲ ହୋଇଗଲେ ଶେଷ,
ହୋଇବ ନାହିଁ ଆଉ ବୃଷ୍ଟି ।
ବଣ ପଶୁପକ୍ଷୀ ଆମର ସାଥି,
ତାଙ୍କ ସୁରକ୍ଷାରେ ଯିବାରେ ମାତି ।

ସ୍ଲୋଗାନ ଦ୍ୱାରା ଲୋକମାନେ ଆକର୍ଷିତ ହେଉଥିଲେ ।

ପଦଯାତ୍ରୀ ଦଳ ଲୋକମାନଙ୍କୁ ନିମ୍ନଲିଖିତମତେ ବୁଝାଉଥିଲେ । ଗଛ ପବନ, ପାଣି ଓ ମାଟି ଦିଏ । ତା'ଛଡ଼ା ଖାଦ୍ୟ, ବସ୍ତ୍ର, ବାସଗୃହ ଉପକରଣ, ଗୋ ଖାଦ୍ୟ, ଔଷଧ, ଛାଇ ଦିଏ । ଅମ୍ଳଜାନ ଦିଏ । ଗଛ ବର୍ଷା କରାଏ । ମେଘର ଜଳୀୟ ବାଷ୍ପ ଜଙ୍ଗଲ ଉପର ଦେଇ ଗଲାବେଳେ ଗଛମାନଙ୍କର ଶୀତଳତା ପାଇ ଘନୀଭୂତ ହୋଇ ବର୍ଷା କରାଏ । ଗଛମାନଙ୍କରୁ ମଧ୍ୟ ଜଳୀୟ ବାଷ୍ପ ନିର୍ଗତ ହୋଇ ବର୍ଷା ହୁଏ । ପାହାଡ଼ରେ ଗଛ ଥିଲେ ତା' ଉପରେ ପତ୍ରର ଶଯ୍ୟା ବିଛାଇ ହୋଇଥାଏ । ବର୍ଷା ହେଲେ ପାଣି ପତ୍ର ଶଯ୍ୟା ଉପରେ ରହି କ୍ରମେ ମାଟିରେ ଭେଦେ । ଏହି ପାଣି ବର୍ଷସାରା ନିର୍ଗତ ହୁଏ । ବର୍ଷା ଜଳ ଗଛ ଆହରଣ କରି ବର୍ଷସାରା ପର୍ଯ୍ୟାପ୍ତ କ୍ରମେ ଏହି ଜଳକୁ ଛାଡ଼େ । ଏଥିରୁ ଝରଣା ଓ ଚିରସ୍ରୋତା ନଦୀର ସୃଷ୍ଟି ।

ପାହାଡ଼ରେ ଗଛ ଥିଲେ ବର୍ଷା ପାଣି ପତ୍ର ଶଯ୍ୟା ଓ ଗଛମାନଙ୍କ ଉପରେ ପଡ଼େ । ତା' ଫଳରେ ମାଟି ଧୋଇ ହୁଏ ନାହିଁ । ପାହାଡ଼ରେ ଗଛ ନଥିଲେ, ବର୍ଷାରେ ମାଟି ଧୋଇ ହୋଇ ନଦୀର ଶଯ୍ୟାର ପତନ ଉପରକୁ ଉଠି ଆସେ ଓ ବଢ଼ି ସୃଷ୍ଟି ହୁଏ । ଜଳ ବିଦ୍ୟୁତ୍ ପ୍ରକଳ୍ପର ଜଳ ଭଣ୍ଡାର ପୋତି ହୋଇ ପଡ଼େ, ଜଳ ଭଣ୍ଡାରରୁ ପାଣି କମିଯାଏ । ଏହା ଫଳରେ ବିଜୁଳି ଉତ୍ପାଦନ କମିଯାଏ । ବର୍ତ୍ତମାନ ହୀରାକୁଦ, ମାଛକୁଣ୍ଡ ଓ ବାଲିମେଳାଠାରେ ଏହା ହୋଇଛି । ତେଣୁ ବିଜୁଳିକାଟ ହେଉଛି । ବିଜୁଳିକାଟ ଯୋଗୁ ଶିଳ୍ପଗୁଡ଼ିକ ଅସନ୍ତୋଷ ଓ ପ୍ରତିବାଦ ହେଉଛି । କିନ୍ତୁ ପାହାଡ଼ ଓ ଜଙ୍ଗଲରେ ଗଛକଟା ଯୋଗୁ ଯେ ବିଜୁଳି ଉତ୍ପାଦନ ହ୍ରାସ ପାଉଛି ଏ କଥା ଖୁବ୍ କମ୍ ଲୋକ ବୁଝୁଛନ୍ତି ।

ଅନେକ ଜାଗାରେ ଦେଖାଯାଉଛି ଯେ ଜଳର ସ୍ତର କ୍ରମେ ତଳକୁ ଖସି ଯାଉଛି । ଯାହା ଫଳରେ ନଳ କୂଅରେ ପାଣି ଆସୁ ନାହିଁ । ଓଣ୍ଡିଆ ଗ୍ରାମରେ ଏହା ଦେଖିଲୁ । କୂଅରେ ପାଣି ରହୁ ନାହିଁ । ପୋଖରୀରେ ପାଣି ଶୁଖି ଯାଉଛି । ଜଳର ସ୍ତର ଉପରକୁ ଉଠାଇବାକୁ ମାତ୍ର ଗୋଟିଏ ବାଟ ରହିଛି । ତାହା ହେଉଛି–ବୃକ୍ଷ ରୋପଣ ଓ ତାର ସଂରକ୍ଷଣ । ଗଛ ନିଜେ ବଞ୍ଚିବା ପାଇଁ ତାର ମୂଳ ପର୍ଯ୍ୟନ୍ତ ପାଣି ଆଣି ସଞ୍ଚି ରଖେ ।

ଜଳର ସ୍ତର ଉପରକୁ ଉଠାଇବା ପାଇଁ ଜଙ୍ଗଲ ସଂରକ୍ଷଣ ଓ ବୃକ୍ଷ ସଂରକ୍ଷଣ ଅପରିହାର୍ଯ୍ୟ ।

ଓଡ଼ିଶାରେ ୧୯୦୦ରୁ ୧୯୫୦ ମସିହା ପର୍ଯ୍ୟନ୍ତ ହାରାହାରି ବୃଷ୍ଟିପାତ ଥିଲା ୬୦ ଇଞ୍ଚ; କିନ୍ତୁ ୧୯୫୦ରୁ ୧୯୮୮ ମଧ୍ୟରେ ହାରାହାରି ବୃଷ୍ଟିପାତ ୫୦ ଇଞ୍ଚକୁ ଖସି ଆସିଲାଣି । କ୍ରମେ ଏହା ଆହୁରି କମିଯିବ ଓ ଧାନ ଚାଷ ହୋଇପାରିବ ନାହିଁ ବୋଲି ବୈଜ୍ଞାନିକମାନେ ସତର୍କ ଘଣ୍ଟି ବଜାଇଲେଣି ।

ଗନ୍ଧମାର୍ଦ୍ଦନ ପର୍ବତର ପାଦ ଦେଶରେ ଓ ମଧ୍ୟରେ ଥିବା ଗ୍ରାମ ସବୁ ପଦଯାତ୍ରାର ଅନ୍ତର୍ଭୁକ୍ତ ହୋଇଥିଲା । କେତେକ ଜାଗାରେ ଦେଖା ଯାଇଥିଲା ଯେ ପାହାଡ଼ରୁ ମୂଳ ଉପୁଡ଼ା ହୋଇ ଖୋଲି ଯାଉଛି । ଥରେ ମୂଳ ଖୋଲିଗଲେ, ପାହାଡ଼ରେ କେବଳ ମାଟି ଓ ପଥର ରହିବ । ବର୍ଷାରେ ଉପର ମାଟି ଧୋଇ ହୋଇଯିବ । ଉପର ମାଟିକୁ ସରମାଟି କୁହାଯାଏ । ୧ ଇଞ୍ଚ ବହଳର ମାଟି ସୃଷ୍ଟି ହେବାକୁ ୬୦୦ ବର୍ଷ ଲାଗେ । ଜମିର ଉପର ୨୦ ଇଞ୍ଚ ସରମାଟିରେ ହିଁ ଧାନ, ଗହମ, ମୁଗ ଆଦି ଫସଲ ହୁଏ । ଏହିସବୁ ମାଟି ପଥରୁ ସୃଷ୍ଟି । ସରମାଟି ଖୋଲିଗଲେ ଗଛ ଲଗାଇଲେ ତାହା ବଞ୍ଚିବା ସମ୍ଭବ ନୁହେଁ । ଜାପାନରେ ଲଙ୍ଗଳା ପାହାଡ଼ମାନଙ୍କରେ ଗଛ ଲଗାଯାଉଛି । ସରମାଟି ଖୋଲିଯାଇଥିବାରୁ ତଳୁ ମାଟି ନେଇ ପାହାଡ଼ ଉପରେ ପକା ଯାଉଛି । ତଳୁ ପାହାଡ଼ ଉପରକୁ ପାଇପ୍ ସାହାଯ୍ୟରେ ପାଣି ନିଆଯାଇ ଗଛ ବଞ୍ଚା ଯାଉଛି । ଏହା ଏତେ ବ୍ୟୟ ବହୁଳ ଯେ ଭାରତ ପରି ଗରିବ ଦେଶରେ କରିବା ଅସମ୍ଭବ । ତେଣୁ ପଦଯାତ୍ରୀ ଦଳ ବାରମ୍ବାର ଗୋଟିଏ କଥା ଉପରେ ଗୁରୁତ୍ୱ ଦେଉଥିଲେ । ମୂଳ ଥାଉଥାଉ ଜଙ୍ଗଲ ସଂରକ୍ଷଣ କର ।

ଜୁନ୍ ୮ ତାରିଖ ଅପରାହ୍ନରେ ପଦଯାତ୍ରା ଆରମ୍ଭ ହୋଇଥିଲା । ୨୯ଟି ପରିବାର ବିଶିଷ୍ଟ ଅଖାଡିଆ ଗ୍ରାମ ପଦଯାତ୍ରାର ପ୍ରଥମ ଗ୍ରାମ ଥିଲା । ସଭାରେ ପ୍ରାୟ ୪୦ ଜଣ ଲୋକ ଯୋଗ ଦେଇଥିଲେ । ଗ୍ରାମ ନିକଟରେ ଥିବା ଦୁଆଙ୍କ ନଦୀର ଉଭୟ ପାର୍ଶ୍ୱରେ, ପୋଖରୀ ହୁଡ଼ାରେ, ପଡ଼ିଆରେ ବୃକ୍ଷ ରୋପଣ କରି ତାର ସଂରକ୍ଷଣ କରିବାକୁ ପଦଯାତ୍ରୀବୃନ୍ଦ ଗ୍ରାମବାସୀଙ୍କୁ ଆହ୍ୱାନ ଦେଇଥିଲେ । ୩୦ଟି ଘର ବିଶିଷ୍ଟ ଚମ୍ପାପାଲି ଗ୍ରାମରେ ସେ ଦିନ ରାତି ୯ଟାରେ ସଭା ହୋଇଥିଲା । ପ୍ରାୟ ୩୦ ଜଣ ବ୍ୟକ୍ତି ସଭାରେ ଯୋଗ ଦେଇଥିଲେ ।

ଜୁନ୍ ୯ ତାରିଖରେ ପଦଯାତ୍ରୀ ଦଳ ୨୦ କି. ମି. ପଦଯାତ୍ରା କରିଥିଲେ । ବନ୍ଧସାହି ଗ୍ରାମ ଦେଇ ଯାଉଥିବା ବେଳେ ଧାନ ବୁଣୁଥିବା ଜଣେ ଚାଷୀ ଆମକୁ ପଚାରିଲେ : "ଆପଣମାନେ କଂଗ୍ରେସ ନା ଜନତା ଦଳର ପ୍ରଚାର କରୁଛନ୍ତି ?" ଏଥିରେ ଆମ୍ଭେ ବିସ୍ମିତ ହୋଇଯାଇଥିଲୁ । ସବୁ କଥା ଯେ ସ୍ୱାର୍ଥ ପାଇଁ ଓ ରାଜନୀତି ପାଇଁ ହେଉଛି ତାହା ଲୋକମାନେ ଭାବୁଥିବା କଥା ଏଥିରୁ ସୂଚିତ ହେଉଥିଲା ।

୨୧ଟି ଘର ବିଶିଷ୍ଟ ଧବଲେଇ ଗ୍ରାମରେ ପୂର୍ବାହ୍ନ ୯ଟାରେ ସଭା ବସିଥିଲା । ଲୋକମାନେ ଧାନ ବୁଣାରେ ଲାଗିଥିବା ଯୋଗୁ ମାତ୍ର ୮ ଜଣ ସଭାରେ ଯୋଗ ଦେଇଥିଲେ । ତାପରେ ୨୨ଟି ପରିବାର ବିଶିଷ୍ଟ କୁରାଡ଼ିଘଷା ଗ୍ରାମରେ ଦିନ ୧୧ଟାରେ ସଭା ହୋଇଥିଲା । ପାର୍ଶ୍ୱବର୍ତ୍ତୀ ଜଙ୍ଗଲର ସଂରକ୍ଷଣ କରିବାକୁ ଗ୍ରାମବାସୀ ନିଷ୍ପତ୍ତି ନେଇଥିଲେ । ରଣପୁରରୁ ପଦ୍ମଗିରି ପର୍ଯ୍ୟନ୍ତ ବିସ୍ତୃତ ଗନ୍ଧମାଳା ପର୍ବତର ଉତ୍ତର ଓ ଦକ୍ଷିଣରେ ଯଥାକ୍ରମେ ନୟାଗଡ଼ ଓ ବାଣପୁର ଅଞ୍ଚଳ ଅବସ୍ଥିତ । ଶହଶହ ଗ୍ରାମ ଏହି ପର୍ବତର ପାଦ ଦେଶରେ ଅବସ୍ଥିତ । ପଦଯାତ୍ରୀ ଦଳ ବୁଝାଇଥିଲେ ଯେ, ଯଦି ଶହଶହ ଗ୍ରାମ ସଙ୍ଗଠିତ ହୋଇ ଜଙ୍ଗଲ ସୁରକ୍ଷା କରିପାରୁ ନାହାନ୍ତି ତେବେ ୨୦ ବା ୨୫ଟି ଗ୍ରାମ ସଂଘବଦ୍ଧ ହୋଇ ଜଙ୍ଗଲ ସୁରକ୍ଷା କରିବା ଉଚିତ । ଏହି ଗ୍ରାମଠାରୁ ୧୫ କି. ମି. ଦୂରରେ ଥିବା ବୁଢ଼ାଗିରି ପାହାଡ଼ କିପରି ୨୨ଟି ଗ୍ରାମ ଦ୍ୱାରା ସୁରକ୍ଷିତ ହୋଇଛି, ତାହା ଗ୍ରାମବାସୀଙ୍କ ଆଗରେ ଉପସ୍ଥାପିତ କରାଯାଇଥିଲା । ଏହା ଯଦି ସମ୍ଭବ ନହୁଏ, ଚାରି ବା ପାଞ୍ଚଟି ଗ୍ରାମ ସମ୍ମିଳିତ ହୋଇ ଜଙ୍ଗଲ ସୁରକ୍ଷା କରି ପାରିବେ । ନୟାଗଡ଼ ସବ୍‌ଡିଭିଜନ୍‌ର ୪ଟି ଗ୍ରାମ ଖଡିଆ, ମହୁଲିଆ, ବେଗୁନିଆପାଟଣା ଓ ରୋଡ଼ିମଦ୍ରା କିପରି ୮୦୦ ଏକର ଶାଳ ଜଙ୍ଗଲ ରକ୍ଷା କରିଛନ୍ତି, ତାହା ମଧ୍ୟ ଗ୍ରାମବାସୀଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଇଥିଲା । ଏହା ଯଦି ସମ୍ଭବ ନହୁଏ, ମାତ୍ର ଗୋଟିଏ ଗ୍ରାମ କିପରି ଜଙ୍ଗଲ ସୁରକ୍ଷା କରିପାରୁଛି ତାହା ଉପସ୍ଥାପିତ ହୋଇଥିଲା । ଅନତି ଦୂରରେ ଥିବା ଜମସାହି ଗ୍ରାମବାସୀ କିପରି ଏକାକୀ ୨,୦୦୦ ଏକର ଶାଳ ଜଙ୍ଗଲ ଓ ୧୦ ହଜାର ଏକର ବଣଜା ଜଙ୍ଗଲ ସୁରକ୍ଷା କରିଛନ୍ତି ତାର ଦୃଷ୍ଟାନ୍ତ ଲୋକମାନଙ୍କ ଆଗରେ ଉପସ୍ଥାପନ କରାଯାଇଥିଲା । ତଲାଗିଡଡ଼ ଓ ସାନକୁହୁଣୀ ଗ୍ରାମବାସୀ ପ୍ରତ୍ୟେକେ କିପରି ଜଙ୍ଗଲ ସୁରକ୍ଷା କରିଛନ୍ତି ତାହା ମଧ୍ୟ ଲୋକମାନଙ୍କୁ ବୁଝାଇ ଦିଆଯାଇଥିଲା ।

ବୁଢ଼ ଗ୍ରାମରେ ଠେଙ୍ଗା ପାଳି କରି କିପରି ଜଙ୍ଗଲ ସଂରକ୍ଷଣ ହୋଇ ପାରିଛି ତାହା ବୁଝାଇ ଦିଆଯାଇଥିଲା । ପ୍ରତି ସନ୍ଧ୍ୟାରେ ଦୁଇଟି ପରିବାରର ବାରଣ୍ଡାରେ ଠେଙ୍ଗା ଆଣଯାଇ ରଖାଯାଏ । ତା' ପରଦିନ ସେ ଦୁଇଟି ପରିବାରରୁ ୨ ଜଣ ଯାଇ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଜଙ୍ଗଲରେ ବୁଲି ଜଙ୍ଗଲ ସୁରକ୍ଷା କରନ୍ତି ।

ଜଙ୍ଗଲର ସୁରକ୍ଷା କରୁଥିବା ବେଳେ ଅନ୍ୟ ଗ୍ରାମର ଲୋକମାନେ ଆସି ଗଛ କାଟିଲେ କି ଉପାୟରେ ଏ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଗ୍ରାମବାସୀ ପ୍ରଶ୍ନ କରିଥିଲେ । 'ବୁଢ଼ ଗ୍ରାମ ପରିବେଶ ଆନ୍ଦୋଳନ'ର କେତେକ ଅନୁସୃତ ପନ୍ଥା ସମ୍ପର୍କରେ ପଦଯାତ୍ରୀବୃନ୍ଦ ସୂଚନା ଦେଇଥିଲେ । ଗୋଟିଏ ପନ୍ଥା ହେଲା, ଯେଉଁ ଗ୍ରାମରେ ଲୋକମାନେ ଗଛ କାଟିବେ ସେ ଗ୍ରାମକୁ ବହୁ ସଂଖ୍ୟାରେ ଯାଇ ଗ୍ରାମବାସୀଙ୍କୁ ବୁଝାଇବା, ସେ ଗ୍ରାମ ଦାଣ୍ଡରେ ଶୋଇ ରହିବା, ଅନଶନ କରିବା ଇତ୍ୟାଦି । 'ଚିପ୍‌କୋ ଆନ୍ଦୋଳନ'ର ପନ୍ଥା ସମ୍ପର୍କରେ ମଧ୍ୟ ଲୋକମାନଙ୍କୁ ଅବହିତ କରାଯାଇଥିଲା । ଗଛ କାଟିବାକୁ ଆସିଲେ, ଗଛକୁ କୁଣ୍ଢାଇ ଧରିବା ଓ କହିବା "ଆମକୁ କାଟିଲେ ଯାଇ ଗଛକୁ କାଟିବ ।"

ତା'ପରେ ୧୩୦ ଘର ବିଶିଷ୍ଟ ହରିଜନ ଗ୍ରାମ ଟିକରପଲ୍ଲୀରେ ଦିବା ୧୨ ଘଣ୍ଟା ୩୦ ମିନିଟରେ ସଭା ହୋଇଥିଲା । ସ୍ରୋତାମାନଙ୍କ ଭିତରେ ଗୁଡ଼ିଏ ଆବାଳ ବୃଦ୍ଧବନିତା ଗ୍ରାମର ଉଭୟ ସାହିର ବରଗଛ ତଳେ ଜମା ହୋଇଯାଇଥିଲେ । ଗ୍ରାମ ସଭାରେ ମହିଳାମାନଙ୍କର ଯୋଗଦାନ ପଦଯାତ୍ରୀମାନଙ୍କ ପାଇଁ ଉତ୍ସାହବର୍ଦ୍ଧନକାରୀ ଥିଲା । ପଦଯାତ୍ରାରେ ଦେଖାଯାଇଥିଲା ଯେ ହରିଜନ ଓ ଆଦିବାସୀ ଗ୍ରାମମାନଙ୍କରେ ମହିଳାମାନେ ସଭାରେ ଯୋଗ ଦେଉଥିଲେ । ସବର୍ଣ୍ଣ ଗ୍ରାମମାନଙ୍କରେ ଏହା ଦେଖାଯାଉନଥିଲା । ଏ ଦିଗରୁ ହରିଜନ ଓ ଆଦିବାସୀ ମହିଳାମାନେ ସବର୍ଣ୍ଣ ଗ୍ରାମମାନଙ୍କର ମହିଳାମାନଙ୍କଠାରୁ ଆଗୁଆ ଥିଲେ ।

ଏହି ଗ୍ରାମର ଲୋକମାନେ ଅଭିଯୋଗ କରିଥିଲେ ଯେ ପାର୍ଶ୍ୱବର୍ତ୍ତୀ ପୋଗରି ମୁଣ୍ଡିଆ ଓ କୁମ୍ଭାରପଲ୍ଲୀ ପାହାଡ଼ରେ ସରକାର ଶାଳ ଓ ଖଇରୀ ଗଛ କାଟି କାଜୁ ଲଗାଉଛନ୍ତି । ଚେମେଣ୍ଡି ଗ୍ରାମରୁ ନଡ଼ିପୋର ଗ୍ରାମକୁ ଫେରିଲା ବେଳକୁ ଦେଖିଲୁ ଯେ ବିସ୍ତୀର୍ଣ୍ଣ ଅଞ୍ଚଳରେ ଯେଉଁଠି ଶାଳ ଗଛ କଟାହୋଇ ଯାଇଛି ସେଠାରେ ସରକାରଙ୍କ ତରଫରୁ କାଜୁ ଲଗାଯାଉଛି । ପିଲ କଟା ହୋଇଥିବା ଶାଳ ଗଛଗୁଡ଼ିକର ମୂଳ ଏପର୍ଯ୍ୟନ୍ତ ରହିଛି । ପିଲ ଶାଳ ଗଛକୁ ବନମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ସ୍ଥାନ ଦିଆଯାଇଛି । ଶାଳ ଗଛକୁ ବନମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ସ୍ଥାନ ଦିଆଯାଏ । ଶାଳର ପତ୍ରରେ ଖଲି କରି ଲୋକମାନେ ବଞ୍ଚନ୍ତି । ୧ କି. ଗ୍ରା. ଶାଳ ମଞ୍ଜିକୁ ୧ ଟଙ୍କା ୨୫ ପଇସାରେ ଲାଙ୍ଗିଗିରି ଗ୍ରାମର ଲୋକମାନେ ସରକାରଙ୍କୁ ବିକୁଥିବାର ଦେଖିଲୁ । ଜଣେ ଲୋକ ୫ ଦିନରେ ମାତ୍ର ୧୨ରୁ ୧୫ କେ. ଜି. ଶାଳ ମଞ୍ଜି ଗୋଟାଇବା ସମ୍ଭବ ବୋଲି ଲୋକମାନଙ୍କଠାରୁ ଜାଣିଲୁ । ମହୁଲ ମଞ୍ଜି, କୁସୁମ ମଞ୍ଜି, କରଞ୍ଜ ମଞ୍ଜି କେ. ଜି. ଏକ ଟଙ୍କାରେ ବିକ୍ରି ହେଉଥିବାର ଜାଣିଲୁ । ଶାଳ ମଞ୍ଜିକୁ ତେଲ ବାହାରେ । ଶାଳ ଗଛରୁ ଝୁଣା ବାହାରେ ଯାହାର କେ. ଜି. ୫୦ ଟଙ୍କାରୁ ୬୦ ଟଙ୍କାରେ ବିକ୍ରି ହେଉଥିବାର ଜାଣିଲୁ । ଶାଳ ଗଛ ସହିତ କାଜୁ

ବାଦାମ ଗଛ କୌଣସି ଗୁଣରେ ତୁଳନୀୟ ନୁହେଁ । ତେବେ ସୁଦ୍ଧା ସରକାର ଏହାକୁ କାହିଁକି ଉତ୍ସାହିତ କରୁଛନ୍ତି, ତାର କୌଣସି ଯୁକ୍ତିଯୁକ୍ତ କାରଣ ଆମେ ପାଇଲୁ ନାହିଁ । ଏ ଅଞ୍ଚଳର ଜଣେ ଜଙ୍ଗଲ ବିଭାଗ କର୍ମଚାରୀଙ୍କଠାରୁ ଜାଣିବାକୁ ପାଇଲୁ ଯେ, ଲୋକମାନେ ଶାଳ ଗଛ କାଟି ନେଉଥିବାରୁ ଓ ଶାଳ ଜଙ୍ଗଲ ରହିବାର ସମ୍ଭାବନା ନଥିବାରୁ, ସରକାର ସେ ଜାଗାରେ କାଜୁ ଲଗାଉଛନ୍ତି ।

ଏହି ଗ୍ରାମର ଲୋକମାନେ ଖଜୁରି ପତ୍ରରେ ଘର ଛପର କରିଥିବାର ଦେଖିଲୁ । ଲୋକମାନେ କହିଲେ ଯେ ସରକାର ଖଜୁରି ଗଛ କାଟି କାଜୁ ଲଗାଉଛନ୍ତି; ଆମେ ଆଉ କେଉଁଥିରେ ଘର ଛପର କରିବୁ ? ଖଜୁରି କୋଳି ବିକି ଆମେ ବଞ୍ଚୁଥିଲୁ । ଆମ ଜୀବିକା ଗଲା !

ଦିନ ୨ଟାରେ ୧୨୫ ଘର ବିଶିଷ୍ଟ ଗଡ଼ଡ୍‌ପୁଟ ଗ୍ରାମରେ ସଭା ହୋଇଥିଲା । ପ୍ରାୟ ୧୦୦ ଲୋକ ସଭାରେ ଯୋଗ ଦେଇଥିଲେ । ଏହି ଗ୍ରାମରେ ଜଣେ ଯୁବକ ପ୍ରଶ୍ନ କରିଥିଲେ ଯେ ଗରିବ ଲୋକମାନେ ଜଙ୍ଗଲରୁ କାଠ କାଟି ବିକି କରି ବଞ୍ଚୁଛନ୍ତି । ଜଙ୍ଗଲରେ କାଠ କଟା ବନ୍ଦ ହେଲେ ସେମାନେ କିପରି ବଞ୍ଚିବେ ? ପଦଯାତ୍ରୀ ଦଳ କହିଥିଲେ ଯେ ଯେତେବେଳେ ଜଙ୍ଗଲରୁ ଗଛ ଶେଷ ହୋଇ କେବଳ ମାଟି ଓ ପଥର ରହିବ ସେତେବେଳେ ଗରିବ ଲୋକମାନେ କିପରି ବଞ୍ଚିବେ ? ଆଉ ମଧ୍ୟ କହିଥିଲେ ଯେ ସ୍ୱାଧୀନତା ପୂର୍ବରୁ ଯେଉଁ ୨୨ କାଠ (ଶାଳ, ପିଆଶାଳ, ଶିଶୁ, କେନ୍ଦୁ ଆଦି) ମନା ଥିଲା ତାହା ନକାଟି ଅନ୍ୟ ଗଛ କାଟି ଗୁଜୁରାଣ ମେଣ୍ଟାଇବା ଉଚିତ ।

ସନ୍ଧ୍ୟାରୁ ରାତି ୧୦ଟା ପର୍ଯ୍ୟନ୍ତ ନୂଆବନ୍ଧସାହି ଓ ଗୋଠବଣରେ ସଭା ହୋଇଥିଲା ।

ଜୁନ ୧୦ ତାରିଖ ଦିନ ପଦଯାତ୍ରୀ ଦଳ ୩୦ କି: ମି: ପଦଯାତ୍ରା କରିଥିଲେ । ୨୫ ଘର ବିଶିଷ୍ଟ ଆଦିବାସୀ ଗ୍ରାମ ବୁଢ଼ାବୁଢ଼ିଆଣୀଠାରେ ଦିନ ୧୦ଟାରେ ସଭା ହୋଇଥିଲା । ପ୍ରାୟ ୨୦ ଜଣ ସଭାରେ ଯୋଗ ଦେଇଥିଲେ ।

ଦିନ ୧୨ଟାରେ ଆଦିବାସୀ ଗ୍ରାମ ଗଡ଼ଗାଁରେ ପହଞ୍ଚିଥିଲୁ । ୧୬ ଘର ବିଶିଷ୍ଟ ଏହି ଗ୍ରାମରେ ପ୍ରାୟ ୧୫ ଜଣ ନରନାରୀ ସଭାରେ ଯୋଗ ଦେଇଥିଲେ । ବାଟରେ କେତେକ ପ୍ରକାଣ୍ଡ ଶାଳ ଗଛ କଟା ହୋଇ ପଡ଼ିଥିବାର ଦେଖିଲୁ । ରାତିରେ ପେଟ୍ରୋମାକ୍ସ ଲାଇଟ୍ ଧରି ସଙ୍ଘବଦ୍ଧ ଭାବେ ଗଛ କଟାଯାଉଥିବାରୁ ଗ୍ରାମବାସୀମାନେ ପ୍ରତିରୋଧ କରିବାକୁ ସାହସ କରିପାରୁ ନଥିବାର ଜାଣିଲୁ । ବିରାଟ ଶାଳ ଗଛ ଆଉ କ୍ୱଚିତ୍ ଦେଖାଯାଉଛି । ସେ ସବୁ କଟା ସରିଲାଣି । ପିଆଶାଳ, ଶିଶୁ, ବାଇଶ, ମହୁଲ, କେନ୍ଦୁ, ଫାଶି, ସିମିଳି, ଖଇର, ଅସନ, ହରିଡ଼ା, ବାହାଡ଼ା, ଜାମୁକୋଳି, ବେଲ, ଆମ୍ବ, ପଣସ, ବାଉଁଶ, ବର, ଅଶ୍ୱତ୍ଥ ଆଦି ଗଛ ଦେଖିଲୁ । ଗଡ଼ଗାଁରେ କନ୍ଧମାନେ ବାସ କରୁଛନ୍ତି । ସେମାନଙ୍କ ଭାଷା 'ଜାନି' । ଘୋର ଦାରିଦ୍ର୍ୟରେ ସେମାନେ କାଳାତିପାତ କରୁଛନ୍ତି । କେତେକ କୁଡ଼ିଆରେ ଭଙ୍ଗା ଟାଟି କବାଟ ଲାଗିଥିବାର ଦେଖିଲୁ । ଏହି ପାହାଡ଼ ପର୍ବତ ଘେରା ଛୋଟ ଗ୍ରାମଟିରେ ଗିରିଡ଼ି ଆମ୍ବ ପଣ(୮୦)କୁ ୧ଟଙ୍କା ୫୦ ପଇସାରେ ବିକି ହେଉଥିବାର ଦେଖିଲୁ । ଏଥିରୁ ଏମାନଙ୍କର ଶୋଚନୀୟ ଆର୍ଥିକ ପରିସ୍ଥିତି ସହଜରେ ଅନୁମେୟ ।

ତାପରେ ୧୫ଟି ପରିବାର ବିଶିଷ୍ଟ କନ୍ଧ ଗ୍ରାମ ଲାଞ୍ଜିଗିରିରେ ପହଞ୍ଚିଲୁ ଦିନ ୨ଟାରେ । ସଭାରେ ପ୍ରାୟ ୪୫ ଜଣ ପୁରୁଷ ଓ ସ୍ତ୍ରୀ ଯୋଗ ଦେଇଥିଲେ । ଜଣେ ୧୪ ବର୍ଷ ଝିଅଠାରୁ ଜାଣିଲୁ ଯେ ସେ ୧୫ ଦିନ ହେଲା ଭାତ ଖାଇନାହିଁ । ଗ୍ରାମବାସୀମାନେ କହିଲେ ଯେ ସେମାନେ ବର୍ଷରେ ମାତ୍ର ୩ ମାସ ଭାତ ଖାଆନ୍ତି । କାରଣ ଜଙ୍ଗଲର ଉପତ୍ୟକାରେ ଧାନ ଜମି ଅତ୍ୟନ୍ତ କମ୍ । କର୍ମ ନିଯୁକ୍ତିର କୌଣସି ସୁଯୋଗ ନଥିବାରୁ ଚାଉଳ କିଣିବାକୁ ସେମାନଙ୍କ ହାତରେ ପଇସା ନାହିଁ । ୨୧ଟି ବାଉଁଶ ହାଣିଲେ ସେମାନଙ୍କୁ ୨ଟଙ୍କା ମଜୁରୀ ମିଳେ । ସେମାନେ ଟୁଙ୍ଗୀ, କରଡ଼ା, ପିଠଳ, ସେତେରଙ୍ଗା, କଷାଆଳୁ, କଣ୍ଟାଆଳୁ, ପିତା ମସୀହା, ଓଲୁଅ, ସଳପ କାଠ, ଅରଗୁଣା ଫଳ, ବାଉଁଶ କରଡ଼ି, କର୍ଣ୍ଣ ମଞ୍ଜି, ଆମ୍ବ କୋଇଲି, ଡିମିରି ଫଳ, ସିଆଳି ଫଳ, ସାରଣି ଫଳ, କଣ୍ଟାଟୋଲ, ଅଁଷାଳୁଆ, କେନ୍ଦୁ, ଜାମୁକୋଳି, ଆମ୍ବ, ପଣସ ଖାଇ ବଞ୍ଚୁଥିବାର ଜାଣିଲୁ । ଜଣେ ୨୪ ବର୍ଷ ବୟସ୍କ ରୁଗ୍ଣ ଯୁବକକୁ ମୃତ୍ୟୁ ଅପେକ୍ଷାରେ ରହିଥିବାର ଦେଖିଲୁ । ଓଡ଼ଗାଁ ଡାକ୍ତରଖାନା ଏଠାରୁ ୧୪ କି: ମି: ଦୂର । ଗ୍ରାମବାସୀମାନେ ପଇସା ଅଭାବରୁ କଣ୍ଟ୍ରୋଲ ଗହମ କିଣିପାରନ୍ତି ନାହିଁ । ଚିନି କେବେ ଆସୁଛି ଜାଣିପାରନ୍ତି ନାହିଁ । ଅଧ ଲିଟର କିରୋସିନି ଆଲୁଅ ଜାଳିବା ପାଇଁ ଆଣନ୍ତି । କଣ୍ଟ୍ରୋଲ ଦୋକାନ ଗ୍ରାମଠାରୁ ୧୦ କି: ମି: ଦୂର ।

ତାପରେ ପଦଯାତ୍ରୀ ଦଳ ଏକ ଉଚ୍ଚ ପର୍ବତର ଶିଖର ଦେଶରୁ ପାଦ ଦେଶରେ ଥିବା ଉପତ୍ୟକାକୁ ଓହ୍ଲାଇଥିଲେ । ବାଟରେ ଗଛରୁ ଜାମୁକୋଳି ଖାଇ କ୍ଷୁଧା ନିବାରଣ କରିଥିଲେ ।

ଅପରାହ୍ନ ୪ଟା ବେଳେ ୧୩ ଘର ବିଶିଷ୍ଟ କନ୍ଧ ଗ୍ରାମ ନୂଆସାହିରେ ସଭା ହୋଇଥିଲା । ପ୍ରାୟ ୨୦ ଜଣ ଯୋଗ ଦେଇଥିଲେ । ସେଥିରୁ ପିଲା ଥିଲେ ୧୨ ଜଣ । ସେମାନଙ୍କ ମଧ୍ୟରୁ ୮ ଜଣ ଲଙ୍ଗଳା ଥିଲେ ।

୧୦ ଘର ବିଶିଷ୍ଟ ଆଦିବାସୀ ଗ୍ରାମ ପୋଡ଼ାସାହିରେ ସଭା ସାଙ୍ଗ କରି ଓଣ୍ଡିଆ (୧୫ ଘର)ରେ ସଭା ହୋଇଥିଲା । ଶେଷୋକ୍ତ ଗ୍ରାମରେ ଅପରାହ୍ନ ୬ଟାରେ ମଧ୍ୟାହ୍ନ ଭୋଜନ ହୋଇଥିଲା ।

ତାପରେ ଗୋଡ଼ ଚଳୁ ନଥିଲେ ମଧ୍ୟ, ଅନ୍ଧାର ହୋଇଗଲେ ଜଙ୍ଗଲ ରାସ୍ତାରେ ବାଟ ଜଣା ନପଡ଼ିବା ଆଶଙ୍କାରେ ୬ କି: ମି: ଦୂରରେ ଥିବା ବାଲିପୁର ଗ୍ରାମ (୧୨୦ ଘର) ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲୁ । ରାତି ୮ଟାରେ ଶତାଧିକ ଲୋକ ଏହି ଗ୍ରାମ ସଭାରେ ଯୋଗ ଦେଇଥିଲେ । ପରିବେଶର ଦ୍ରୁତ ଅବକ୍ଷୟ ସମ୍ପର୍କରେ ଲୋକମାନଙ୍କ ମଧ୍ୟରେ କେତେକ ପରିମାଣରେ ସଚେତନତା ଥିଲେ ମଧ୍ୟ, ସେମାନଙ୍କୁ ସଙ୍ଗଠିତ କରି ପରିବେଶର ସୁରକ୍ଷା ପାଇଁ ସାମୂହିକ ପଦକ୍ଷେପ ନେବା ପାଇଁ ନେତୃତ୍ୱର ଅଭାବ ମର୍ମେ ମର୍ମେ ସମସ୍ତେ ଅନୁଭବ କରୁଥିବା ଜଣାପଡ଼ିଲା । ଏହି ଗ୍ରାମକୁ ଦୁଇଟି ରାଜନୈତିକ ଦଳ ଦୁଇଟି ଯୁଦ୍ଧଖୋର ଶିବିରରେ ପରିଣତ କରିଛନ୍ତି । ଗ୍ରାମରେ ଏକତା ନଥିଲେ କୌଣସି ଉନ୍ନତିମୂଳକ କାର୍ଯ୍ୟ କରିବା ସମ୍ଭବ ନୁହେଁ ।

ରାତି ୯ଟା ୩୦ ମିନିଟରେ ଏହି ଗ୍ରାମରେ ସଭା ସାଙ୍ଗ କରି ୪ କି: ମି: ଦୂରରେ ଥିବା କେମେଡ଼ି ଗ୍ରାମ (୯୦ଘର) ଅଭିମୁଖେ ପଦଯାତ୍ରୀ ଦଳ ଯାତ୍ରା ଆରମ୍ଭ କରିଥିଲେ । ୧୦ ଘଣ୍ଟା ୩୦ ମିନିଟରେ ଗ୍ରାମରେ ପହଞ୍ଚି ସଭା କରିଥିଲେ । ପ୍ରାୟ ୨୦ ଜଣ ବ୍ୟକ୍ତି ଯୋଗ ଦେଇଥିଲେ ।

ଏହି ପଦଯାତ୍ରାରୁ ଅନୁଭୂତ ହେଲା ଯେ ପରିବେଶର ସଂରକ୍ଷଣ ପାଇଁ ନିମ୍ନଲିଖିତ ୩ଟି ପଦକ୍ଷେପ ଅପରିହାର୍ଯ୍ୟ ।

(୧) ଲୋକମାନଙ୍କ ମଧ୍ୟରେ ପରିବେଶ ସଂରକ୍ଷଣ ପାଇଁ ଚେତନା ସୃଷ୍ଟି କରିବା ।

(୨) ଲୋକମାନଙ୍କୁ ସଂଗଠିତ କରିବା ।

(୩) ଲୋକମାନଙ୍କ ସାହାଯ୍ୟରେ ପରିବେଶ ସଂରକ୍ଷଣ କରିବା ଓ ବୃକ୍ଷ ରୋପଣ କରିବା ।

---

ରାଜନୀତି ବିଜ୍ଞାନ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ ।

# ଓଡ଼ିଶାର ମତ୍ସ୍ୟ ବଂଶ

ଡକ୍ଟର ସତ୍ୟନାରାୟଣ ରାଜଗୁରୁ

କୋରାପୁଟ ଜିଲାରେ ମାଛକୁଣ୍ଡ—ଜଳପ୍ରପାତକୁ ଘେରି ଖ୍ରୀ: ୧୨ଶ—୧୩ଶ ଶତାବ୍ଦୀରେ ଉତ୍କଳର ଏକ ଶକ୍ତିଶାଳୀ ସାମନ୍ତ ରାଜ୍ୟ ଗଠିତ ହୋଇଥିଲା । ସେଠା ରାଜାମାନେ 'ମତ୍ସ୍ୟବଂଶୀୟ' ନାମରେ ପରିଚିତ ହେଉଥିଲେ । ଉତ୍କଳର ପ୍ରାଚୀନ ଗଙ୍ଗ ରାଜାମାନଙ୍କ ସଙ୍ଗେ ମଧ୍ୟ ତାଙ୍କର ବୈବାହିକ ସମ୍ବନ୍ଧ ସ୍ଥାପିତ ହୋଇଥିଲା ।

ସେହି ରାଜ୍ୟର ନାମ ଥିଲା, 'ଓଡ୍ଡବାଡି' । କାଳକ୍ରମେ ତାହା ଓଡ୍‌ଡାଡି' ନାମରେ ପରିଚିତ ହେଲା । ସେଠା ରାଜ ବଂଶର ଉତ୍ପତ୍ତି ସମ୍ବନ୍ଧରେ ରାଜା ଅର୍ଜୁନ ଦେବଙ୍କର ଏକ ତାମ୍ର ଶାସନରେ ଯାହା ଲେଖା ଅଛି, ତାହା ନିମ୍ନରେ ବିବୃତ ହେଲା —

ପୂର୍ବେ ଅତ୍ରି ପୁତ୍ର କଣ୍ୟପଙ୍କଠାରୁ ନାରଙ୍ଗ ମୁନି ଜନ୍ମଲାଭ କରିଥିଲେ । ସେ 'ମତ୍ସ୍ୟ ନାମକ ମହାନଦୀ ନିକଟସ୍ଥ ମହାବନରେ ତପସ୍ୟା କରିବାକୁ ଗଲେ । ସେହି ସ୍ୱଚ୍ଛ ସଲିଳା ନଦୀ 'ମୁକୁନ୍ଦ ଗିରି' ନାମକ ପର୍ବତରୁ ବହି ଆସୁଥିଲା ଓ ମତ୍ସ୍ୟ ନାମରେ ପରିଚିତ ଥିଲା । ନାରଙ୍ଗ ମୁନି ସେହି ନଦୀ ତଟସ୍ଥ ଆଶ୍ରମରେ ଘୋର ତପସ୍ୟା ଆରମ୍ଭ କଲେ । ଏହା ଜାଣିପାରି ଦେବରାଜ ଇନ୍ଦ୍ରଙ୍କ ମନରେ ଭୟ ସଞ୍ଚାର ହେଲା — କାଳେ ସେ ତାଙ୍କଠାରୁ ଇନ୍ଦ୍ର—ପଦବୀ ଛଡାଇ ନେଇ ପାରନ୍ତି । ତେଣୁ ସେ ମୁନିଙ୍କ ତପସ୍ୟା ଭଙ୍ଗ କରିବା ନିମନ୍ତେ ନୃତ୍ୟ ପରାୟଣା ସୁନ୍ଦରୀ ସ୍ୱର୍ଗ ଅପସରୀ ମଞ୍ଜୁଘୋଷଙ୍କୁ ପଠାଇଲେ । କାମମୋହିନୀଙ୍କ ନୃତ୍ୟ—ଗୀତରେ ବିମୋହିତ ନାରଙ୍ଗ ମୁନିଙ୍କ ମତିଭ୍ରମ ହେଲା । ତାଙ୍କର ବୀର୍ଯ୍ୟ ସ୍ଖଳିତ ହେବାରୁ ତାହା ସେ ନଦୀ ଗର୍ଭରେ ନିକ୍ଷେପ କଲେ । ତାଙ୍କର ତପସ୍ୟା ଭଙ୍ଗ କରିଥିବାରୁ ମୁନି କ୍ରୋଧରେ ଅପସରାଙ୍କୁ ଶାପ ଦେଲେ "ମତ୍ସ୍ୟ ହୋଇ ରହ" । ଦେବାଙ୍ଗନା ମଞ୍ଜୁଘୋଷା ମତ୍ସ୍ୟ ରୂପରେ ନଦୀରେ ରହି ଋଷିଙ୍କ ଅମୋଘ ବୀର୍ଯ୍ୟ ପାନ କରି ସଙ୍ଗେ ସଙ୍ଗେ ଏକ ପୁତ୍ର ପ୍ରସବ କଲେ । ଯେଉଁ ସ୍ଥାନରେ ନାରଙ୍ଗ ମୁନି ତପସ୍ୟା କରୁଥିଲେ ତାହା ଅଦ୍ୟାପି 'ମତ୍ସ୍ୟକୁଣ୍ଡ' ନାମରେ ବିଦିତ ହୁଏ ।

ଅପସରାଙ୍କ ଗର୍ଭରୁ ଯେଉଁ ତେଜସ୍ୱୀ ପୁତ୍ର ଜାତ ହେଲେ ତାଙ୍କ ନାମ ହେଲା 'ସତ୍ୟମାର୍ତ୍ତଣ୍ଡ' । ମତ୍ସ୍ୟ ରାଜବଂଶର ସେ ଆଦି ପୁରୁଷ । ସେ ଥିଲେ ତ୍ରିକାଳଜ୍ଞ ଏବଂ ଅତୁଳ ବିକ୍ରମଶାଳୀ । ତାଙ୍କର ବଂଶ ପ୍ରତିଷ୍ଠା ଓ ବଳ—ବିକ୍ରମ ସମ୍ବାଦ ପାଇ ତତ୍କାଳୀନ ଉତ୍କଳର ମହାରାଜା (ଜୟସେନ) ସ୍ୱୀୟ କୁମାରୀ ପ୍ରଭାବତୀଙ୍କ ସଙ୍ଗେ ସତ୍ୟମାର୍ତ୍ତଣ୍ଡଙ୍କ ବିବାହ ସମ୍ପନ୍ନ କଲେ । ଏହାପରେ ସେ (ସତ୍ୟମାର୍ତ୍ତଣ୍ଡ)ଙ୍କ ରାଜ୍ୟାଭିଷେକ ଓଡ୍‌ଡାଡିରେ ଅନୁଷ୍ଠିତ ହେଲା ।

ମତ୍ସ୍ୟବଂଶର ବହୁ ନୃପତି ଉତ୍କଳର ସାମନ୍ତ ରାଜ୍ୟର ଶାସକ ରୂପେ ଓଡ୍‌ଡାଡ଼ିରେ ରାଜତ୍ୱ କରୁଥିଲେ । ସେ ବଂଶର ଏକ ଦୀର୍ଘ ତାଲିକା ଉପରୋକ୍ତ ତାମ୍ର ଶାସନରେ ଖୋଦିତ ହୋଇଅଛି, ଯଥା—

୧. ସତ୍ୟମାର୍ତ୍ତଣ୍ଡ
୨. ଭୀମ (୧ମ)
୩. ଗଙ୍ଗ
୪. ବତ୍ସ
୫. ପୃଥ୍ୱୀମଲ୍ଲ
୬. ଗୋଜଙ୍କ (୧ମ)
୭. ଭାମ୍
୮. ଶେଷଟେ (୧ମ)
୯. କୋକ୍କିଳ
୧୦. ବୃତ୍ତ (୧ମ)
୧୧. ଅଦିତ୍ୟ
୧୨. ଭଞ୍ଜି
୧୩. ଭୀମ (୨ୟ)

୧୪. ରେବତୀ (୨ୟ)

୧୫. ଗୋକର୍ଣ୍ଣ (୨ୟ) ୧୬. ଶୁଭ୍ରତ (୨ୟ)

୧୭. କଣ୍ଠି (୨ୟ)

୧୮. ଅର୍ଯ୍ୟ

୧୯. ପରଗଣ୍ଡ

୨୦. ଶୁଭ୍ରତ (୩ୟ) ୨୧. ଭୀମ (୩ୟ)

୨୨. ନୃସିଂହ ଭୀମ

୨୩. ମର୍କାଦିତ୍ୟ

୨୪. ଭୀମ (୪ର୍ଥ)

୨୫. ଜୟନ୍ତ = ତିଙ୍ଗମ୍ମା (ମହିଷୀ)

୨୬. ଅର୍ଜୁନ

(ଶକାବ୍ଦ ୧୧୯୧ = ଖ୍ରୀ: ୧୨୨୯)

ଶେଷୋକ୍ତ ରାଜା ଅର୍ଜୁନଙ୍କ ତାମ୍ର ଶାସନରେ ତାଙ୍କର ରାଜତ୍ୱ କାଳ ନିମ୍ନୋକ୍ତ ଶ୍ଳୋକରୁ ଜଣାପାଏ–

ଶାକାବ୍ଦେ ଚନ୍ଦ୍ର–ରନ୍ଧ୍ର–କ୍ଷିତି–ଶଶି

ଗଣିତେ ପାକ୍ଷୟାୟାଂ ତୃତୀୟା


ବୈଶାଖେ ମାସି ତସ୍ୟାଂ ରବି ସୁତ

ଦିବସେ ମତ୍ସ୍ୟବଂଶାର୍ଜୁନେଶଃ ।

ଅର୍ଥାତ୍ ୧୧୯୧ ଶକାବ୍ଦ ବୈଶାଖ ମାସ ଅକ୍ଷୟ ତୃତୀୟା ଶନିବାର ଦିନ ଦାନ କ୍ରିୟା ପାଇଁ ବେଦାଧ୍ୟାୟୀ ବ୍ରାହ୍ମଣ ପଣ୍ଡିତଙ୍କୁ ବିଭିନ୍ନଅଞ୍ଚଳରୁ ଅଣାଇ ସେ 'ଜୟନ୍ତ ନାରାୟଣ' ନାମରେ ଏକ ବ୍ରାହ୍ମଣ ଶାସନ ଦାନ କରିଥିଲେ । ସେହି ଦାନଟି 'ଅକ୍ଷୟ ତୃତୀୟା' ପୁଣ୍ୟ ତିଥିରେ ପ୍ରଦତ୍ତ ହୋଇଥିଲା । ବୈଶାଖ ଶୁକ୍ଳ ତୃତୀୟା ଦିନ ଓଡିଶାରେ ଶ୍ରୀ ଜଗନ୍ନାଥଙ୍କ ନନ୍ଦିଘୋଷ ରଥରେ ଅଖ ଲାଗେ । ବୋଧହୁଏ, ଓଡ୍‌ଡବାଡିରେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଆଡମ୍ବର ସହକାରେ ପାଳିତ ହେଉଥିଲା । ତେଣୁ ରାଜା ଅର୍ଜୁନ ଦେବ ବେଦାଧ୍ୟାୟୀ ବ୍ରାହ୍ମଣମାନଙ୍କୁ ଅଣାଇ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ଆରମ୍ଭ କାଳରେ ଦାନ ଦେଇଥିଲେ । ଆଜି ସେହି ରାଜବଂଶର ଚିହ୍ନ ନାହିଁ । ତଥାପି ମାଛକୁଣ୍ଡ ଜଳପ୍ରପାତ ଉତ୍କଳରେ ମତ୍ସ୍ୟ ରାଜବଂଶର ସ୍ମୃତି ବହନ କରି ଦକ୍ଷିଣ ଓଡିଶାକୁ ବିଦ୍ୟୁତାଲୋକ ଦାନ କରୁଛି ।

ଓଡିଶାର ସେହି ମତ୍ସ୍ୟବଂଶୀୟ ରାଜାମାନେ ସିଂହାଚଳ ମନ୍ଦିରରେ ପ୍ରଚୁର ଦାନ କରିଥିବା ଶିଳାଲିପିମାନଙ୍କରୁ ପ୍ରକଟିତ ହୁଏ । ପୁରୀର ଶ୍ରୀଜଗନ୍ନାଥ ମନ୍ଦିରରେ ମଧ୍ୟ ସେହି ରାଜବଂଶର ଜୟନ୍ତ ନାମକ ଜଣେ ରାଜା ମହାଦୀପ ଶ୍ରୀ ମନ୍ଦିରରେ ଦାନ କରିଥିବା ପ୍ରସଙ୍ଗ ସେଠାରେ ପାତାଳେଶ୍ୱରଙ୍କ ମନ୍ଦିରର ଭିତିଗାତ୍ରରେ ଗୋଟିଏ ଶିଳାଲେଖ ଖୋଦିତ ହୋଇଅଛି । ସେହି ଲିପିର ଉର୍ଦ୍ଧ୍ୱଦେଶରେ ଦୁଇଟି ମତ୍ସ୍ୟ ଅତି ସୁନ୍ଦର ଭାବେ ଖୋଦିତ ହୋଇଅଛି । ଅଦ୍ୟାବଧି ସେ ଲିପିଟି କେହି ପାଠ କରିପାରି ନଥିବା ଜଣାପାଏ । କାରଣ ତାହା ଦକ୍ଷିଣ ଭାରତୀୟ ଲିପିରେ ଖୋଦିତ ହୋଇଅଛି । ପାତାଳେଶ୍ୱର ମନ୍ଦିରର ଅନ୍ଧାରିଆ କାନ୍ଥରେ ଏ ଲିପିଟି ଅଳ୍ପ ଉଚ୍ଚରେ ଥିବାରୁ ଏ ଲେଖକ କେତେବର୍ଷ ପୂର୍ବେ ସେଥିର ଅଳ୍ପ କେତେକ ଅଂଶ ମାତ୍ର ପାଠ କରିବାକୁ ସମର୍ଥ ହୋଇଥିଲା । ସେଥିରେ ମତ୍ସ୍ୟବଂଶୀୟ ରାଜା ଜୟନ୍ତରାଜଙ୍କ ନାମ ଏବଂ କଦମ୍ବଗିରି ଉଲ୍ଲେଖ ଥିବା ସେହି ଆଂଶିକ ପାଠରୁ ପ୍ରକଟିତ ହୋଇଥିଲା । ଜୟନ୍ତରାଜ ଅର୍ଜୁନ ଦେବଙ୍କ ପିତା ପ୍ରାୟ ଖ୍ରୀ: ୧୨୦୦ ରେ ଜୀବିତ ଥିଲେ ।

ପୁରୀ ମନ୍ଦିରର ଚତୁର୍ଦ୍ଦିଗରେ ଯେଉଁ ମନ୍ଦିର ଗୁଡିକ ଅଛି, ସେଥିରେ ବହୁ ସଂଖ୍ୟାରେ ଶିଳାଲେଖମାନ ଥିବା ଜଣାପଡୁଛି । କିନ୍ତୁ ସେହି ଲିପିଗୁଡିକର ଶୁଦ୍ଧପାଠ ନ ହେବା ପାଇଁ ଓଡିଶାର ଏକ ସୁବର୍ଣ୍ଣ–ଯୁଗ–ଇତିହାସ ଲୁକ୍କାୟିତ ହୋଇ ରହିଥିବ । ଶ୍ରୀମନ୍ଦିରର ପ୍ରତ୍ନସମ୍ପଦ ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ଥିବାରୁ ଓଡିଶାର ସାଧାରଣ ପଣ୍ଡିତମାନେ ତାହା ପାଠ କରି ପ୍ରକାଶ କରିବା ସମ୍ଭବ ହେଉନାହିଁ ।



# ସର୍ବନିମ୍ନ ମଜୁରୀ ଆଇନ : ପ୍ରୟୋଜନ ଓ ପରିପାଳନ

ଶ୍ରୀ ମୁରାରି ଜେନା

## (୧) ସର୍ବନିମ୍ନ ମଜୁରୀ କାହିଁକି ?

ପ୍ରାୟ ଦେଢ଼ଶହ ବର୍ଷ ଧରି ଆମ ଦେଶ ବ୍ରିଟିଶ୍ ଶାସନାଧୀନ ହେବା ଫଳରେ ଆମ ଦେଶର ନିଯୋଜକମାନେ ଭିନ୍ନ ମନୋବୃତ୍ତି ପୋଷଣ କରି ଆସିଥିଲେ । ଏଣୁ ଏହା ଫଳରେ ସାଧାରଣତଃ ଶ୍ରମିକମାନଙ୍କୁ ବେଠି ଖଟାଇବା, ଅଳ୍ପ ମଜୁରୀ ଦେବା କିମ୍ବା ସାମାନ୍ୟ ଖାଦ୍ୟ ବଦଳରେ ତାଙ୍କର ଶିଳ୍ପସଂସ୍ଥାମାନଙ୍କରେ କାମ କରାଇବାର ପ୍ରବୃତ୍ତିକୁ ଜାହିର୍ ରଖିଥିଲେ । ଏଠାରେ ଏହା ପୁଣି ଉଲ୍ଲେଖଯୋଗ୍ୟ ଯେ ସେତେବେଳେ ଆମ ଦେଶ ଶିଳ୍ପ ସମୃଦ୍ଧ ନଥିଲା ଏବଂ କ୍ଷୁଦ୍ର ବା ଅତି କ୍ଷୁଦ୍ର ସଂସ୍ଥା ବା କୁଟୀର ଶିଳ୍ପମାନଙ୍କରେ ଶ୍ରମିକମାନେ କାମ କରୁଥିଲେ । ସେମାନଙ୍କ ମଧ୍ୟରେ ସେତେବେଳେ ସଙ୍ଗଠନ ନଥିଲା କି ସେମାନଙ୍କର ମଜୁରୀ ନିର୍ଦ୍ଧାରଣ ପାଇଁ ମାଲିକଙ୍କ ସହିତ ଦର କଷାକଷିର ଶକ୍ତି/ସାମର୍ଥ୍ୟ ବା ସାହସ ନଥିଲା । ଏଭଳି ଅସଙ୍ଗଠିତ ଶ୍ରମିକଙ୍କୁ ଅନ୍ତତଃପକ୍ଷେ ଜୀବନ ଧାରଣ ପାଇଁ ସର୍ବନିମ୍ନ ମଜୁରୀ କିପରି ପ୍ରଦାନ କରାଯାଇ ପାରିବ, ସେଥିଯୋଗୁଁ ସର୍ବନିମ୍ନ ମଜୁରୀ ଆଇନ୍‌ର ଦରକାର ପଡ଼ିଲା ଓ ସ୍ୱାଧୀନତା ପ୍ରାପ୍ତିର ବର୍ଷକ ପରେ ସର୍ବନିମ୍ନ ମଜୁରୀ ଆଇନ୍ ୧୯୪୮ରେ ପ୍ରଣୀତ ହେଲା ଓ ସର୍ବ ପ୍ରଥମେ ୧୨ଟି ତଫସିଲଭୁକ୍ତ ଶିଳ୍ପରେ ଏହି ଆଇନ୍ ଲାଗୁ କରାଗଲା ଏବଂ ସମ୍ପୃକ୍ତ ସରକାରଙ୍କୁ ଅନ୍ୟାନ୍ୟ ନିଯୁକ୍ତିକୁ ତଫସିଲଭୁକ୍ତ କରିବାକୁ କ୍ଷମତା ଦିଆଗଲା; ଯାହାଫଳରେ ବର୍ତ୍ତମାନ ଆମ ଓଡ଼ିଶାରେ ୭୯ (ଅଣାଅଶୀ) ବିଭିନ୍ନ ନିଯୁକ୍ତିକୁ ତଫସିଲଭୁକ୍ତ କରାଯାଇ, ସର୍ବନିମ୍ନ ମଜୁରୀ ଧାର୍ଯ୍ୟ କରାଯାଉଛି । ପ୍ରକାଶ ଥାଉକି କୌଣସି ତଫସିଲଭୁକ୍ତ ଶିଳ୍ପରେ ସମଗ୍ର ରାଜ୍ୟରେ ଅନ୍ତତଃ ଏକହଜାର ଶ୍ରମିକ ନିଯୁକ୍ତ ଥିଲେ । ସେଇ କ୍ଷେତ୍ରରେ ସେଇ ସଂସ୍ଥାକୁ ତଫସିଲଭୁକ୍ତ ଘୋଷଣା କରାଯାଇ, ସେଠାରେ ସର୍ବନିମ୍ନ ମଜୁରୀ ଧାର୍ଯ୍ୟ କରାଯାଇଥାଏ ।

ମୋଟାମୋଟି ଭାବେ କୁହାଯିବ ଯେ, ଯେଉଁ ଶିଳ୍ପାନୁଷ୍ଠାନମାନଙ୍କରେ ମଜୁରୀ ନିମନ୍ତେ କମ୍ ଏବଂ ଯେଉଁଠାରେ ଝାଳବୁହା ଶ୍ରମ ପ୍ରଚଳିତ, ଶ୍ରମିକ ସଙ୍ଗଠନ ଅନୁନ୍ନତ କିମ୍ବା ମୋଟେ ନାହିଁ ଏବଂ ଅପର ପକ୍ଷରେ ଯୌଥ ଚୁକ୍ତି ଦୁର୍ବଳ, ସେପରି ସ୍ଥଳେ ସର୍ବନିମ୍ନ ମଜୁରୀର ଆଇନଗତ ପ୍ରଚଳନ ବିଶେଷ ଭାବେ ଅନୁଭୂତ ହୋଇ ୧୯୪୮ ମସିହାରେ ସର୍ବନିମ୍ନ ମଜୁରୀ ଆଇନର ପ୍ରଚଳନ କରାଗଲା ।

## (୨) ଆଇନ୍‌ର ଲକ୍ଷ୍ୟ ଓ ବୈଧତା

(କ) ସାଧାରଣତଃ କୁହାଯାଇଥାଏ ଯେ, ସରକାରଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ସର୍ବନିମ୍ନ ମଜୁରୀ ହିଁ ଯଥେଷ୍ଟ । କିନ୍ତୁ ବାସ୍ତବରେ ଆଇନ୍‌ର ଉଦ୍ଦେଶ୍ୟ ତାହା ନୁହେଁ । କିନ୍ତୁ ପ୍ରକୃତ ଉଦ୍ଦେଶ୍ୟ ହେଉଛି ଯେ ଧାର୍ଯ୍ୟ ହୋଇଥିବା ସର୍ବନିମ୍ନ ମଜୁରୀଠାରୁ କେହି କମ୍ ଦେଇପାରିବେ ନାହିଁ । ତାଙ୍କର ମଜୁରୀ ଦେବାର ଶକ୍ତି ବା ସାମର୍ଥ୍ୟ ଥାଉ ବା ନଥାଉ, ସେ ସର୍ବନିମ୍ନ ମଜୁରୀ ଦେବାକୁ ବାଧ ।

(ଖ) "ସାମାନ୍ୟ ବେତନରେ ଶ୍ରମିକ ଖଟାଇବା ତଥା ଶ୍ରମିକ ଶୋଷଣ ବନ୍ଦ କରିବା" – ଏ ସମ୍ପର୍କରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ମନ୍ତବ୍ୟ ପ୍ରଦାନ କରି କହିଛନ୍ତି ଯେ ଶ୍ରମିକ ଶୋଷଣର ସମ୍ଭାବନା ଦୂର କରିବା ପାଇଁ ନିମ୍ନତମ ବେତନ ନିର୍ଦ୍ଧାରଣ କରିବା ହିଁ ଏହି ଆଇନ୍‌ର ମୋଟାମୋଟି ଲକ୍ଷ୍ୟ ଏବଂ ପୁନଶ୍ଚ ଯେଉଁ ଶିଳ୍ପାନୁଷ୍ଠାନ ସର୍ବନିମ୍ନ ମଜୁରୀ ଦେବାକୁ ଅକ୍ଷମ, ସେମାନଙ୍କର ପ୍ରତିଷ୍ଠାନ ଚଳାଇବାର ଅଧିକାର ନାହିଁ ।

(ଗ) ପୁନଶ୍ଚ ଏହି ଆଇନ୍‌ର ବୈଧତା ସମ୍ପର୍କରେ ସର୍ବୋଚ୍ଚ ନ୍ୟାୟାଳୟ ପୁଣି କହିଛନ୍ତି ଯେ – "ଶ୍ରମିକମାନଙ୍କର ନିମ୍ନତମ ବେତନ ସୁରକ୍ଷା କରିବା ପାଇଁ ସେମାନଙ୍କର ଚୁକ୍ତି କରିବା ସ୍ୱାଧୀନତା ନିୟନ୍ତ୍ରଣ ଆରୋପ, ଏକାନ୍ତ ପ୍ରୟୋଜନ । ଏଭଳି ନିୟନ୍ତ୍ରଣକୁ ମଧ୍ୟ ଅଯୌକ୍ତିକ କରାଯାଇ ପାରିବ ନାହିଁ । ଏଠାରେ ଏହା ମଧ୍ୟ ଉଲ୍ଲେଖଯୋଗ୍ୟ ଯେ, ମାଲିକ ଓ ଶ୍ରମିକମାନଙ୍କ ମଧ୍ୟରେ ଏପରି କୌଣସି ଚୁକ୍ତି ହେବ ନାହିଁ, ଯଦ୍ୱାରା ସେମାନେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ସର୍ବନିମ୍ନ ମଜୁରୀଠାରୁ କମ୍ ବେତନରେ କାର୍ଯ୍ୟ କରିବା ପାଇଁ ରାଜି ହେଲେ ମଧ୍ୟ, ଯଦି ମାଲିକମାନଙ୍କୁ ନିର୍ଦ୍ଧାରିତ ବେତନ ଦେବା ପାଇଁ ବାଧ କରାଯାଏ, ତେବେ ସେ ସମ୍ପର୍କରେ ମାଲିକମାନଙ୍କର ଅଭିଯୋଗ ଗ୍ରହଣ ହେବ ନାହିଁ ।

## (୩) ଆଇନ୍‌ର ପ୍ରୟୋଗୀକରଣ

(୧) କେବଳ ତଫସିଲଭୁକ୍ତ ନିଯୁକ୍ତି କ୍ଷେତ୍ରରେ ଯେଉଁଥିପାଇଁ ସର୍ବନିମ୍ନ ମଜୁରୀ ଧାର୍ଯ୍ୟ ହୋଇଛି, କେବଳ ସେଇ ସେଇ ନିଯୁକ୍ତିମାନଙ୍କରେ ସର୍ବନିମ୍ନ ମଜୁରୀ ଲାଗୁହେବ ।

(୨) ଆଇନ୍‌ରେ ସ୍ଥିରୀକୃତ ହୋଇଥିବା ସର୍ବନିମ୍ନ ମଜୁରୀଠାରୁ କମ୍ ପ୍ରଦାନ କରାଯିବ ନାହିଁ ।

(୩) ମଜୁରୀ କାଳର ନିର୍ଦ୍ଧାରଣ ଏକ ମାସରୁ ଅଧିକ ହେବ ନାହିଁ ।

(୪) ଯେଉଁ ଯେଉଁ ଶିଳ୍ପାନୁଷ୍ଠାନମାନଙ୍କରେ ହଜାରେ ବ୍ୟକ୍ତି ନିଯୁକ୍ତି ହୋଇଛନ୍ତି, ସେଠାରେ ମଜୁରୀ କାଳ ଶେଷ ହେବାର ଦଶ ଦିନ ମଧ୍ୟରେ ଏବଂ ଯେଉଁଠାରେ ଏକ ହଜାରରୁ କମ୍ ଶ୍ରମିକ ନିଯୁକ୍ତ ହୋଇଛନ୍ତି, ସେଠାରେ ମଜୁରୀ କାଳ ଶେଷ ହେବାର ସାତଦିନ ମଧ୍ୟରେ ମଜୁରୀ ପ୍ରଦାନ କରାଯିବ । ଜଣେ ଶ୍ରମିକ ଦୈନିକ ୯ ଘଣ୍ଟାରୁ କିମ୍ବା ସପ୍ତାହରେ ୪୮ ଘଣ୍ଟାରୁ ଅଧିକ କାମ କଲେ, ସାଧାରଣ ମଜୁରୀ ହାରଠାରୁ ଦୁଇଗୁଣ ହାରରେ ଅଧିକ ମଜୁରୀ ପାଇବେ ।

(୫) କୌଣସି ଶିଶୁ ଶ୍ରମିକ ଅଧିକା ସମୟ ଖଟିବେ ନାହିଁ । ସେମାନଙ୍କର କାର୍ଯ୍ୟକାଳର ସମୟ ସାଢ଼େ ଚାରି ଘଣ୍ଟା ଧାର୍ଯ୍ୟ କରାଯାଇଛି ।

## (୪) କାର୍ଯ୍ୟକାଳର ବିସ୍ତୃତି

କୌଣସି କାର୍ଯ୍ୟକାଳର ସମୟ ବିଶ୍ରାମ ସମୟ ତଥା ଅଧିକା ସମୟ (Overtime)କୁ ମିଶାଇ ୧୨ ଘଣ୍ଟାରୁ ଅଧିକ ହେବ ନାହିଁ, ମାତ୍ର ଏହା କୃଷି କ୍ଷେତ୍ରରେ ରିହାତି ଦିଆଯିବ; ଯାହାକି ସରକାର ବିଜ୍ଞପ୍ତି ଜରିଆରେ ଏହାର କାର୍ଯ୍ୟକାଳ ସମୟ ପରିବର୍ତ୍ତନ କରିପାରନ୍ତି ।

## (୫) ସମୁଚିତ ସରକାର

କେନ୍ଦ୍ର ସରକାରଙ୍କ ଦାୟିତ୍ୱରେ କିମ୍ବା ଅଧୀନରେ ପରିଚାଳିତ ହେଉଥିବା ଯେ କୌଣସି ତଫସିଲଭୁକ୍ତ ନିଯୁକ୍ତି କିମ୍ବା ରେଲୱେ ପରିଚାଳନା କିମ୍ବା ଖଣି, ତେଲ ଖଣି କିମ୍ବା ବଡ଼ ବନ୍ଦର କିମ୍ବା କେନ୍ଦ୍ର ଆଇନାନୁଯାୟୀ ପ୍ରତିଷ୍ଠିତ କୌଣସି ପୌର ପ୍ରତିଷ୍ଠାନମାନଙ୍କରେ କେନ୍ଦ୍ର ସରକାର ହିଁ ସମୁଚିତ ସରକାର ଭାବେ ବିବେଚିତ ହେବେ ଏବଂ ଏହାଛଡ଼ା ଅନ୍ୟାନ୍ୟ ତଫସିଲଭୁକ୍ତ ନିଯୁକ୍ତିମାନଙ୍କରେ ରାଜ୍ୟ ସରକାର ସମୁଚିତ ସରକାର ରୂପେ ବିବେଚିତ ହେବେ ।

## (୬) ମଜୁରୀ ପ୍ରଦାନର ପ୍ରଣାଳୀ

ନଗଦ ଆକାରରେ ମଜୁରୀ ପ୍ରଦାନ କରାଯିବ । ଯେଉଁ କ୍ଷେତ୍ରରେ ପରମ୍ପରା ଓ ପ୍ରଚଳନ ଥିବ ସେଇ ସେଇ କ୍ଷେତ୍ରରେ ଶ୍ରମିକମାନେ ଟଙ୍କା ଆକାରରେ, ନଗଦ ମଜୁରୀ ବଦଳରେ ଧାନ/ଚାଉଳ/ମାଣ୍ଡିଆ ଆଦି ଆଣିପାରିବେ କିନ୍ତୁ ସେଇ ବାବଦକୁ ମଜୁରୀ କରାଯାଉଥିବା ହାର ସମ୍ପୃକ୍ତ ଅଞ୍ଚଳରେ ସରକାରୀ ନିର୍ଦ୍ଧାରିତ ସୁଲଭ ହାରଠାରୁ ଅଧିକା ହେବ ନାହିଁ ।

## (୭) ସର୍ବନିମ୍ନ ମଜୁରୀ କିପରି ନିର୍ଦ୍ଧାରଣ କରାଯାଏ ?

ମଜୁରୀ ନିର୍ଦ୍ଧାରଣ କରିବାର ଦୁଇଟି ପନ୍ଥା । ଗୋଟିଏ ପନ୍ଥା ହେଲା ସରକାର ଶ୍ରମିକ ଓ ମାଲିକ ପକ୍ଷର ପ୍ରତିନିଧିମାନଙ୍କୁ ନେଇ ଏକ କମିଟି ଗଠନ କରି, ସେଇ କମିଟିର ସୁପାରିଶ୍‌କ୍ରମେ ବିଜ୍ଞପ୍ତି ଜରିଆରେ ସର୍ବନିମ୍ନ ମଜୁରୀ ଧାର୍ଯ୍ୟ କରିଥାନ୍ତି ଓ ଅନ୍ୟ ପନ୍ଥାଟି ହେଲା – ପ୍ରସ୍ତାବିତ ସର୍ବନିମ୍ନ ମଜୁରୀ ହାର ବିଜ୍ଞପ୍ତି ଜରିଆରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରି ବିଜ୍ଞପ୍ତି ପ୍ରକାଶ ପାଇବାର ଅନ୍ୟୁନ ଦୁଇମାସ ପରେ ଯଦି କିଛି ଆପତ୍ତି ଅଭିଯୋଗ ଥାଏ, ତାହାକୁ ବିବେଚନା କରି ଓ ସର୍ବନିମ୍ନ ମଜୁରୀ ପରାମର୍ଶଦାତା କମିଟି ବୈଠକରେ ସେମାନଙ୍କର ସୁପାରିଶ୍‌କ୍ରମେ ସର୍ବନିମ୍ନ ମଜୁରୀ ଅନ୍ୟ ଏକ ବିଜ୍ଞପ୍ତି ଜରିଆରେ ଧାର୍ଯ୍ୟ କରିଥାନ୍ତି ।

## (୮) ଖାତାପତ୍ର

ନିର୍ଦ୍ଧାରିତ ହୋଇଥିବା ଖାତାପତ୍ର ଅନୁଯାୟୀ ପ୍ରତ୍ୟେକ ମାଲିକ ଯେଉଁ ଶ୍ରମିକମାନଙ୍କୁ ନିଯୁକ୍ତି ଦେବେ ସେ ସମ୍ପର୍କୀୟ ବିବରଣୀ ସେଥିରେ ଉଲ୍ଲେଖ କରିବେ । ନିମ୍ନଲିଖିତ ପ୍ରକାରେ କେତେଗୁଡ଼ିଏ ନିର୍ଦ୍ଧାରିତ ଖାତାପତ୍ର ଆଇନ୍‌ଗତ ଭାବେ ପ୍ରତ୍ୟେକ ମାଲିକ ରଖିବାର ନିର୍ଦ୍ଦେଶ ରହିଛି ।

(୧) ହାଜିରା ଖାତା, (୨) ମଜୁରୀ ଖାତା, (୩) ଅଧିକା କାଳର ମଜୁରୀ ଖାତା, (୪) ଭଙ୍ଗାରୁଜା ଏବଂ କ୍ଷତି ଖେସରା ପାଇଁ ମଜୁରୀ କର୍ତ୍ତନ ଖାତା, (୫) ଜୋରିମାନା ଖାତା, (୬) ଅଗ୍ରୀମ ଖାତା । କାର୍ଯ୍ୟ ସ୍ଥଳରେ ଏଇ ସବୁ ଖାତାଗୁଡ଼ିକ ରଖାଯିବା ସଙ୍ଗେ ସଙ୍ଗେ ସେଇ ସେଇ ଖାତାଗୁଡ଼ିକରେ ଶେଷ ବିବରଣୀ ଉଲ୍ଲେଖ ହେବା ଦିନଠାରୁ ତିନିବର୍ଷ ପର୍ଯ୍ୟନ୍ତ ସାଇତା ରଖାଯିବ । ଉପର୍ଯ୍ୟୁକ୍ତମତେ ଖାତାପତ୍ର ରଖିବା ସାଙ୍ଗକୁ ମାଲିକ କେତେଗୁଡ଼ିଏ ନୋଟିସ୍ ପ୍ରଦର୍ଶନ କରିବେ, ତାହା ହେଲା–

(୧) ବିଭିନ୍ନ ଶ୍ରେଣୀଭୁକ୍ତ ଶ୍ରମିକମାନଙ୍କ ପାଇଁ ଧାର୍ଯ୍ୟ ହୋଇଥିବା ମଜୁରୀ ହାର ।

(୨) ପରିଦର୍ଶକଙ୍କ ନାମ ଓ ଠିକଣା ।

(୩) କାର୍ଯ୍ୟକାଳ ନୋଟିସ୍ ଓ ଛୁଟି ନୋଟିସ୍ ।

(୪) ସର୍ବନିମ୍ନ ମଜୁରୀ ଆଇନ୍‌ର ସଂକ୍ଷେପୀକରଣ ଓ ଅଧିକାଂଶ ଶ୍ରମିକ ବୁଝିପାରୁଥିବା ଭାଷାରେ ଏବଂ ଇଂରାଜୀରେ ଏହାର ଏକ ନକଲ ପ୍ରଦର୍ଶନ ।

ଉପରଲିଖିତ ଏଇ ସମସ୍ତ ସଂକ୍ରାନ୍ତୀୟ ନୋଟିସ୍ ସହଜରେ ସମସ୍ତଙ୍କର ଗୋଚର ହୋଇପାରୁଥିବା ସ୍ଥାନରେ ପ୍ରଦର୍ଶିତ ହେବ ।

## (୯) ମଜୁରୀ କାର୍ଡ଼

ମଜୁରୀ ପ୍ରଦାନର ଦିନକ ପୂର୍ବରୁ ନିର୍ଦ୍ଧାରିତ ଫାର୍ମରେ ଶ୍ରମିକଙ୍କୁ ମଜୁରୀ ଚିଠା ଦେବେ, ଯେଉଁଥିରେ କି ଶ୍ରମିକର ମୋଟ ଉପସ୍ଥିତି, ମଜୁରୀ ହାର, ଅଧିକ କାର୍ଯ୍ୟକାଳ ହାର, ମଜୁରୀ କର୍ତ୍ତନର ପରିମାଣ, କେତେ ପ୍ରକୃତ ମଜୁରୀ ପ୍ରାପ୍ୟ, ଏ ସମସ୍ତର ବିଶଦ ବିବରଣୀ ଉଲ୍ଲେଖ ରହିବା ସଙ୍ଗେ ସଙ୍ଗେ ସେଥିରେ ମାଲିକ ଓ ଶ୍ରମିକର ଦସ୍ତଖତ ରହିବ କାରଣ ଏଇ ମଜୁରୀ କାର୍ଡ଼ ଦେବା ଦ୍ୱାରା ଶ୍ରମିକ ଶୋଷଣର ସମ୍ଭାବନା ହ୍ରାସ ପାଇଥାଏ ।

## (୧୦) ବାର୍ଷିକ ବିବରଣୀ

ଏଇ ଆଇନାନୁଯାୟୀ ପ୍ରତ୍ୟେକ ମାଲିକ ଗଣନା ବର୍ଷ ନିମନ୍ତେ ନିର୍ଦ୍ଦିଷ୍ଟ ଫାର୍ମରେ ବାର୍ଷିକ ବିବରଣୀ ପରବର୍ତ୍ତୀ ବର୍ଷର ପ୍ରଥମ ଫେବ୍ରୁଆରୀ ସୁଦ୍ଧା ସ୍ଥାନୀୟ ପରିଦର୍ଶକଙ୍କ ନିକଟରେ ଦାଖଲ କରିବେ ।

## (୧୧) ରାଜ୍ୟ ସ୍ତରରେ ପରିଦର୍ଶକ

ଆଇନ୍‌ର ୧୯ ଧାରା ଅନୁଯାୟୀ ରାଜ୍ୟ ସରକାର ସେମାନଙ୍କ ଅଧିକାରୀମାନଙ୍କୁ ଏଇ ଆଇନ୍‌ର ପରିଦର୍ଶକ ଭାବେ ନିଯୁକ୍ତି କରିଛନ୍ତି । ସେମାନେ ହେଲେ–ଶ୍ରମ କମିଶନର, ଉପ–ଶ୍ରମ କମିଶନର, ସହକାରୀ ଶ୍ରମ କମିଶନର, ଜିଲ୍ଲା ଶ୍ରମ ଅଧିକାରୀ, ସହକାରୀ ଶ୍ରମ ଅଧିକାରୀ, ଗ୍ରାମୀଣ ଶ୍ରମ ନିରୀକ୍ଷକ । ପୁନଶ୍ଚ ଏଇ ସବୁ ପରିଦର୍ଶକମାନଙ୍କର ସମ୍ପୃକ୍ତ ଇଲାକା ମଧ୍ୟ ଧାର୍ଯ୍ୟ କରି ଦିଆଯାଇଛି ।

## (୧୨) ଦାବୀ ଏବଂ କର୍ତ୍ତୃପକ୍ଷ

ସର୍ବନିମ୍ନ ମଜୁରୀଠାରୁ କମ୍ ଦେଲେ, ସାପ୍ତାହିକ ଛୁଟି ଦିନରେ ମଜୁରୀ ନଦେଲେ ଅଥବା ଅଧିକ କାର୍ଯ୍ୟ କାଳର ଦ୍ୱିଗୁଣ ହାରରେ ମଜୁରୀ ଦିଆ ନଗଲେ, ଏହା ଆଦାୟ କରିବା ପାଇଁ ଦାବୀପତ୍ର ଉପସ୍ଥାପନ ଓ ଏହା ବିଚାର କରି ନିର୍ଦ୍ଦେଶ ଦେବାକୁ କର୍ତ୍ତୃପକ୍ଷ ନିଯୁକ୍ତିର ବ୍ୟବସ୍ଥା ରହିଛି ।

ଶ୍ରମିକ ନିଜେ, କୌଣସି ଆଇନ୍‌ଜୀବୀ, ରେଜିଷ୍ଟ୍ରିଭୁକ୍ତ କୌଣସି ଶ୍ରମ ସଙ୍ଗଠନର କର୍ମକର୍ତ୍ତା, କୌଣସି ପରିଦର୍ଶକ କିମ୍ବା କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ଅଧିକାରୀ କର୍ତ୍ତୃପକ୍ଷଙ୍କ ନିକଟରେ ଉପସ୍ଥାପିତ କରିପାରିବେ । କିନ୍ତୁ ଏଇ ସମସ୍ତ ଦାବୀ ପ୍ରାପ୍ୟ ଦିନଠାରୁ ଛଅମାସ ମଧ୍ୟରେ ଉପସ୍ଥାପିତ ହେବା ଉଚିତ । ଏଥିରେ ବିଳମ୍ବ ହେଲେ ସମୁଚିତ କାରଣ ଦର୍ଶାଇ କର୍ତ୍ତୃପକ୍ଷଙ୍କୁ ସନ୍ତୁଷ୍ଟ କରିପାରିଲେ, ସେ ଛଅମାସ ପରେ ମଧ ଦାବୀ ଦରଖାସ୍ତକୁ ବିଚାର ପାଇଁ ଗ୍ରହଣ କରିପାରିବେ ।

## (୨୩) ଜୋରିମାନା ଆଦାୟ

ଉପର୍ଯ୍ୟୁକ୍ତ କର୍ତ୍ତୃପକ୍ଷ ଦାବୀ ଦରଖାସ୍ତ ଉପରେ ବିଚାର କରି କମ୍ ଦେଇଥିବା ମୋଟ ମଜୁରୀର ପରିମାଣ ନିର୍ଦ୍ଧାରଣ କରି, ତାହା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବେ ଏବଂ ସେ ଦେଇଥିବା ମଜୁରୀ ପରିମାଣର ଦଶଗୁଣ ପର୍ଯ୍ୟନ୍ତ ଜୋରିମାନା ଭାବରେ ଦେବାକୁ ନିର୍ଦ୍ଦେଶ ଦେଇ ପାରିବେ ଏବଂ ଜୋରିମାନା ଆଦାୟ ପାଇଁ ଯେଉଁ ବ୍ୟବସ୍ଥା ଅଛି; ସେଇ ବ୍ୟବସ୍ଥା ଅନୁସାରେ ଶ୍ରମିକର ପ୍ରାପ୍ୟ ଟଙ୍କା ମଧ ଆଦାୟ କରିବେ ।

## (୨୪) ଆଇନ୍ ଖିଲାପ ଯୋଗୁ ଦଣ୍ଡ ବ୍ୟବସ୍ଥା

(୧) ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ମଜୁରୀଠାରୁ କମ୍ ଦେଲେ, ଏହା ଏକ ଦଣ୍ଡନୀୟ ଅପରାଧ ରୂପେ ବିବେଚିତ ହେବ ଏବଂ ଏପରି ନିଯୁକ୍ତିକର୍ତ୍ତା ଦୋଷୀ ସାବ୍ୟସ୍ତ ହେଲେ ତାଙ୍କୁ ୬ ମାସ ପର୍ଯ୍ୟନ୍ତ ଜେଲ୍ ବା ୫୦୦ ଟଙ୍କା ପର୍ଯ୍ୟନ୍ତ ଜୋରିମାନା କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ କରାଯାଇ ପାରିବ ।

(୨) ନିର୍ଦ୍ଧାରିତ ଖାତାପତ୍ର ନରଖିବା, ବାର୍ଷିକ ବିବରଣୀ ଦାଖଲ ନକରିବା କିମ୍ବା ସର୍ବନିମ୍ନ ମଜୁରୀ ଆଇନ୍ ଓ ତତ୍‌ସଂକ୍ରାନ୍ତୀୟ ନିୟମାବଳୀର କୌଣସି ଧାରା ଭଙ୍ଗ କଲେ ୫୦୦ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଦଣ୍ଡରେ ଦଣ୍ଡିତ ହେବେ । ଆଇନ୍ ଭଙ୍ଗ ସମ୍ପର୍କରେ ମୋକଦ୍ଦମା କେବଳ ପରିଦର୍ଶକ କିମ୍ବା ପରିଦର୍ଶକଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ଯେ କୌଣସି ବ୍ୟକ୍ତି ଅଦାଲତରେ ଦାଖଲ କରିପାରିବେ । ପ୍ରକାଶ ଥାଉକି ସର୍ବନିମ୍ନ ମଜୁରୀଠାରୁ କମ୍ ଦେବା ସମ୍ପର୍କରେ ଫୌଜଦାରୀ ମୋକଦ୍ଦମା ସରକାରଙ୍କଠାରୁ ଅନୁମତି ନେଇ ଦାଖଲ କରାଯାଇ ପାରିବ ।

## (୨୫) ପରିଦର୍ଶକଙ୍କ କ୍ଷମତା

ଭାରତୀୟ ପିଙ୍ଗଳ କୋର୍ଡ଼ ଅନୁଯାୟୀ ନିଯୁକ୍ତ ହୋଇଥିବା ପରିଦର୍ଶକମାନେ ସାଧାରଣ ସେବକ ଏବଂ ସେମାନେ ଯେ କୌଣସି ଶ୍ରମିକ ନିଯୁକ୍ତି ପ୍ରତିଷ୍ଠାନକୁ ସେମାନଙ୍କ ସହକାରୀଙ୍କ ସହିତ ପ୍ରବେଶ କରିପାରିବେ । ସେମାନଙ୍କୁ ଖାତାପତ୍ର ଯୋଗାଇବା ପାଇଁ, ନୋଟିସ୍ ପ୍ରଦର୍ଶନ ପାଇଁ ଦାବୀ କରିପାରିବେ ଏବଂ ସେଇ ପ୍ରତିଷ୍ଠାନର ଯେ କୌଣସି ଶ୍ରମିକକୁ ପରୀକ୍ଷା କରିପାରିବେ । ଯଦି କୌଣସି ଖାତାପତ୍ର/କାଗଜପତ୍ରକୁ ଦରକାର ମନେ କରିବେ, ତାହାର ନକଲ ଆଣିପାରିବେ କିମ୍ବା ସେ ସବୁକୁ ଜବତ୍ କରିପାରିବେ । ଯେ କୌଣସି ବ୍ୟକ୍ତିଙ୍କର ଖାତାପତ୍ର ଦାଖଲ କରିବାରେ ବା ସମ୍ବାଦ ପରିବେଷଣ କରିବାରେ ଆଇନଗତ ଭାବେ ସବୁ କରିବା ପାଇଁ ବାଧ୍ୟ ହେବେ ।

# ଶ୍ରମିକ ସଙ୍ଗଠନ ଓ ସାମାଜିକ ସଚେତନତା

ଆଧୁନିକ ଶିଳ୍ପ ସମାଜରେ ଆଜିକାଲି ଶ୍ରମିକସଂସ୍ଥା ବା ସଂଗଠନ ଏକ ଗୁରୁତ୍ୱପୂର୍ଣ୍ଣ ଆସନ ଅଧିକାର କରିଛି । ସେମାନଙ୍କର କାର୍ଯ୍ୟକଳାପ ସମାଜ ଗଠନର ବିଭିନ୍ନ ଦିଗ ସହିତ ସମ୍ପୃକ୍ତ । ବାସ୍ତବରେ ଆଧୁନିକ ଶିଳ୍ପ ସମାଜରେ ଶ୍ରମିକ ଶ୍ରେଣୀ ଅର୍ଥନୈତିକ/ସାମାଜିକ ଏବଂ ସାଂସ୍କୃତିକ ଜୀବନରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି ।

ସାମାଜିକ ଉତ୍ପାଦନକୁ ସେମାନଙ୍କ ଦାନ ନିର୍ବିଶେଷରେ ଜନମଙ୍ଗଳ ରାଷ୍ଟ୍ରର ପ୍ରଧାନ କାର୍ଯ୍ୟ ହେଲା – ତା'ର ନାଗରିକଙ୍କୁ ସର୍ବନିମ୍ନ ଜୀବନର ମାନ ଯୋଗାଇବା ଓ ସମାଜବାଦୀ ଢାଞ୍ଚାରେ ସମାଜ ପ୍ରତିଷ୍ଠା । ପୁଣି ରୋଜଗାର ଏବଂ ଧନ ମଧ୍ୟରେ ଥିବା ଉତ୍କଟ ଅସମତା ଦୂରୀକରଣ ପାଇଁ ଆହ୍ୱାନ ।

ଏଣୁ ଶ୍ରମିକ ସଂସ୍ଥାଗୁଡ଼ିକର ଦାୟିତ୍ୱକୁ ସାଧାରଣ ଭାବେ ଶ୍ରମିକ ପ୍ରତି ସେମାନଙ୍କର ମନୋବୃତ୍ତି ଏବଂ ନିର୍ଦ୍ଦିଷ୍ଟ ଭାବେ ଶ୍ରମିକ ଆୟୋଜନ ପରିପ୍ରେକ୍ଷୀରେ ବିଚାର କରିବାକୁ ପଡ଼ିବ । ଜନବର୍ଣ୍ଣିଷ୍ଟ ଶ୍ରମ ଆଇନ୍ ଶ୍ରମିକ ସମାଜର ଉନ୍ନତି ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ଆଗ୍ରହ ବିଷୟରେ ସ୍ପଷ୍ଟ ସୂଚନା ଦିଏ । ଅଧିକନ୍ତୁ ସ୍ୱାଧୀନତା ପରେ ହୋଇଥିବା ପ୍ରାୟ ପ୍ରତ୍ୟେକ ଶ୍ରମିକ ଆଇନଗୁଡ଼ିକରେ ସାମାଜିକ ନ୍ୟାୟର ଅଭିବୃଦ୍ଧି ଏବଂ ଅର୍ଥନୈତିକ ତଥା ସମାଜ ମଙ୍ଗଳ ଉପରେ ଗୁରୁତ୍ୱ ଆରୋପ କରାଯାଇଛି ।

ଯା'ହେଉ ଶ୍ରମିକ ପ୍ରତି ମାଲିକର ମନୋବୃତ୍ତି ଆହୁରି କୋହଳ ହେବା ଆବଶ୍ୟକ । ମାଲିକମାନେ ଶ୍ରମିକ ସଙ୍ଗଠନକୁ ସନ୍ଦେହପୂର୍ଣ୍ଣ ଦୃଷ୍ଟିରେ ଦେଖୁଥାନ୍ତି ଏବଂ ଶ୍ରମିକ ସଂସ୍ଥା ପ୍ରତି ସେମାନଙ୍କର ମନୋବୃତ୍ତି ମଧ ବେଳେବେଳେ ଆକ୍ରୋଶମୂଳକ ଓ କ୍ଷୁଦ୍ରକ୍ଷେତ୍ରରେ ଏହା ଜଟିଳ ଓ ପ୍ରତିକୂଳ । ଅନ୍ୟ ପକ୍ଷରେ ଶ୍ରମିକମାନଙ୍କ ଏକତାରେ ବିଭେଦର ଦୃଷ୍ଟାନ୍ତ ବିରଳ ନୁହେଁ । ମାଲିକମାନେ ଶ୍ରମିକମାନଙ୍କର ଏଇ ଏକତାକୁ ଦୁର୍ବଳ କରିବାକୁ ଏବଂ ଏମାନଙ୍କର ଅଜ୍ଞାନ ତଥା ଅଶିକ୍ଷାର ସୁଯୋଗ ନେଇ ବିରୋଧ ସଂସ୍ଥା ମଧ ଗଠନ କରିଥାନ୍ତି ।

ଭାରତରେ ଶିଳ୍ପ ବିବର୍ତ୍ତନର ପ୍ରାକ୍‌କାଳରେ ଗ୍ରାମାଞ୍ଚଳରୁ ପ୍ରଲୁବ୍ଧ ହୋଇ ଆସିଥିବା ଶ୍ରମିକ ସମାଜ ସହରୀ ଜୀବନରେ ନିଜକୁ ଖାପ୍ ଖୁଆଇ ପାରୁନଥିଲେ । ଅବସ୍ଥାର ଅସହଣୀରେ ସେମାନେ କାର୍ଯ୍ୟକ୍ଷେତ୍ର ଛାଡୁଥିଲେ । ପର୍ବ ପର୍ବାଣୀ, ଆତ୍ମୀୟମାନଙ୍କର ଜନ୍ମ/ମୃତ୍ୟୁ ବା ବିବାହ ଇତ୍ୟାଦି କିଛି ସୁବିଧା ଆସିଲେ, ସେମାନେ ଗାଁକୁ ଫେରୁଥିଲେ । ବାସ ଗୃହର ଅଭାବ ଏବଂ ସହରୀ ଜୀବନର ଅନିଶ୍ଚିତତା ପାଇଁ ଶିଳ୍ପ ନିଯୋଗରେ ନିଜକୁ ଖାପ୍ ଖୋଇବା ପାଇଁ ବାହାରୁ ଆସୁଥିବା ଏଇ ଶ୍ରମିକ ସମାଜକୁ ଦୀର୍ଘ ସମୟ ଲାଗୁଥିଲା । ଯାହାହେଉ ପ୍ରଥମ ବିଶ୍ୱଯୁଦ୍ଧ ପର୍ଯ୍ୟନ୍ତ ଭାରତରେ ଶ୍ରମିକ ସଂସ୍ଥାର ସ୍ଥିତି ନଥିଲା । ଭାରତରେ ଶ୍ରମିକ ଆନ୍ଦୋଳନର ଇତିହାସ ଘାତ ପ୍ରତିଘାତର ଇତିହାସ, ଯେହେତୁ ଭାରତ ସ୍ୱାଧୀନତା ଆନ୍ଦୋଳନରେ ଏହା ଏକ ଅଂଶ ବିଶେଷ ।

ଯେ ପର୍ଯ୍ୟନ୍ତ ଶ୍ରମିକ ପରିଚାଳନା କର୍ତ୍ତୃପକ୍ଷ ପରସ୍ପର ଗୋଷ୍ଠୀ ଭିତରେ ଉତ୍ତମ ବୁଝାମଣା ଏବଂ ସହଯୋଗ ପ୍ରତିଷ୍ଠା ନହୋଇ ପାରିଛି, ସେ ପର୍ଯ୍ୟନ୍ତ ଶିଳ୍ପ କ୍ଷେତ୍ରରେ ଶାନ୍ତି ପ୍ରତିଷ୍ଠା କଷ୍ଟକର ଓ ଆୟାସସାଧ୍ୟ । ଶିଳ୍ପ କ୍ଷେତ୍ରରେ ଶୃଙ୍ଖଳା ବିଧି (Code of discipline)କୁ କାର୍ଯ୍ୟକାରୀ କରିବା ପାଇଁ ଶ୍ରମିକ ସଂସ୍ଥାଗୁଡ଼ିକ କଠିନ ପରିଶ୍ରମ କରିବା ଉଚିତ । କାରଣ ଗୋଟିଏ ସୁ-ଶିଳ୍ପ ସମ୍ପର୍କର ବିକାଶ ପାଇଁ ଆଚରଣ ବିଧି (Code of conduct) ଏବଂ ଦକ୍ଷତା ବିଧି (Code of efficiency) ପ୍ରଭାବ ଗୁରୁତ୍ୱପୂର୍ଣ୍ଣ । ଯେ ପର୍ଯ୍ୟନ୍ତ ଶ୍ରମିକ ସଂସ୍ଥାଗୁଡ଼ିକ ଯୌଥ ଚୁକ୍ତିରେ ସମ୍ପୂର୍ଣ୍ଣ ଭାଗ ନ ନେଉଛନ୍ତି, ସେ ପର୍ଯ୍ୟନ୍ତ ଶିଳ୍ପ ସୌହାର୍ଦ୍ଦ୍ୟର ପ୍ରତିଷ୍ଠା ଏକ ମୃଗ ତୃଷ୍ଣା ମାତ୍ର । ବିଶେଷ କରି ଗୋଟିଏ ଯୋଜନାବଦ୍ଧ ଅର୍ଥନୀତିରେ ଯୁଦ୍ଧ ସମୟ ପରି ଶାନ୍ତି ସମୟରେ ବି ଶିଳ୍ପ ସୌହାର୍ଦ୍ଦ୍ୟ ଅନୁରୂପ ଭାବେ ଏକାନ୍ତ ଆବଶ୍ୟକ । ସେହି କାରଣରୁ ଗୋଟିଏ ଶାନ୍ତିପୂର୍ଣ୍ଣ ଶିଳ୍ପ ସମ୍ପର୍କ ପ୍ରତିଷ୍ଠାର ଆବଶ୍ୟକତା ଅନୁଭବ କରାଯାଉଛି – ଯାହା ବ୍ୟତୀତ ଉନ୍ନୟନ ଯୋଜନା ଫଳକାରୀ ହୋଇପାରିବ ନାହିଁ । ଏଥିପାଇଁ ଶିଳ୍ପ ଶାନ୍ତି ପ୍ରତିଷ୍ଠା ଏବଂ ଏହାର ସୁରକ୍ଷା ପାଇଁ ଶ୍ରମିକ ସଂସ୍ଥାର ସହଯୋଗ ଅପରିହାର୍ଯ୍ୟ ।

ଏହା ପ୍ରକୃତ କଥା ଯେ, ଶ୍ରମିକ ସଙ୍ଗଠନଗୁଡ଼ିକ ସେମାନଙ୍କ ସଭ୍ୟମାନଙ୍କର ସ୍ୱାର୍ଥରକ୍ଷା ପାଇଁ କାମ କରିବେ, କିନ୍ତୁ ଗୋଟିଏ ଦଳର ସ୍ୱାର୍ଥ ପାଇଁ ସମାଜର ସ୍ୱାର୍ଥକୁ ପୁରାପୁରି ଭାବେ ହେଳା କରାଯାଇ ପାରିବ ନାହିଁ । ଯନଯନ ପ୍ରଚ୍ଛୋଗ କରାଗଲେ ଧର୍ମଘଟ ଅସ୍ତ୍ରରେ କଳଙ୍କି ଧରିଯିବ – ଏ ଯେଉଁ ଧାରଣା, ଏହା ଗୋଟିଏ ସମାଜବାଦୀ ଜନମଙ୍ଗଳ

ରାଷ୍ଟ୍ରରେ ସମ୍ପୂର୍ଣ୍ଣ ଭ୍ରମାତ୍ମକ ବାଣୀ । ପରନ୍ତୁ ଗୋଟିଏ ଜନମଙ୍ଗଳ ରାଷ୍ଟ୍ରରେ ଶିଳ୍ପାନୁଷ୍ଠାନ ଚିର ବଳିଷ୍ଠ ଓ ଅଗ୍ରଗାମୀ ଶ୍ରମିକ ଓ ଶ୍ରମିକ ସଂସ୍ଥାକୁ ହଇରାଣ କରିବାର ପ୍ରଶ୍ନ ନାହିଁ ।

ଯେ ପର୍ଯ୍ୟନ୍ତ ମାଲିକ ଏବଂ ଶ୍ରମିକ ପରସ୍ପର ପ୍ରତି ଏବଂ ସମାଜ ପ୍ରତି ଏକ ସାମାଜିକ ଦାୟିତ୍ୱବୋଧ ନେଇ କାର୍ଯ୍ୟ ନକରନ୍ତି, ସେ ପର୍ଯ୍ୟନ୍ତ ଶିଳ୍ପ ଅଶାନ୍ତି ଏବଂ ସାମାଜିକ ଅସ୍ଥିରତା ଦୂର କରିବା କଷ୍ଟସାଧ୍ୟ । ଏକ ସମାଜବାଦୀ ଅର୍ଥନୀତିରେ "ଧର୍ମଘଟ ଏବଂ ତାଲାବନ୍ଦୀ" ଶ୍ରମିକ ଓ ମାଲିକ ସଂସ୍ଥାଗୁଡ଼ିକର ମୁଖ୍ୟ ସମସ୍ୟା ହେବା ଉଚିତ ନୁହେଁ ।

ପୁନଶ୍ଚ ଉତ୍ପାଦନ ବାଣ୍ଟର ପ୍ରସାର ଏବଂ ଏହାର କ୍ରିୟାତ୍ମକତା ପାଇଁ ଶ୍ରମିକମାନଙ୍କର ସହଯୋଗ ଦିଗରେ ଶ୍ରମିକ–ସଂସ୍ଥାର ଭୂମିକା ମଧ୍ୟ ଅତି ଗୁରୁତ୍ୱପୂର୍ଣ୍ଣ । ଯାନ୍ତ୍ରିକ ଏବଂ ଆଧୁନିକତାର ପ୍ରଚଳନ ପ୍ରତି ସେମାନଙ୍କର ଏକ ଗଠନମୂଳକ ଦୃଷ୍ଟିଭଙ୍ଗୀର ବିକାଶ କରିବାକୁ ପଡ଼ିବ ।ଶ୍ରମିକ ତଥା ମାଲିକ ସଙ୍ଗଠନଗୁଡ଼ିକ ଆନ୍ତରିକତା ସହ କଲ୍ୟାଣକାରୀ କାର୍ଯ୍ୟରେ ବ୍ରତୀ ହେବା ଏକାନ୍ତ ବିଧେୟ । ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଗୃହ ଯୋଗାଣ ଏବଂ ସାମାଜିକ ସୁରକ୍ଷା ବ୍ୟବସ୍ଥାର ଶ୍ରମ ମଙ୍ଗଳ ଉପରେ ଭଲ ପ୍ରଭାବ ପକାଇବ ଏବଂ ତାହା ଶିଳ୍ପ–ଶାନ୍ତିର ମୂଳଦୁଆକୁ ଆହୁରି ସୁଦୃଢ଼ କରିବ । ପୁନଶ୍ଚ ଶ୍ରମିକ ସଂସ୍ଥାଗୁଡ଼ିକୁ ବିଭିନ୍ନ ପ୍ରକାର ସାମାଜିକ ଏବଂ ଜନହିତକର କାର୍ଯ୍ୟକ୍ରମ ବ୍ୟାପକ ଭାବେ ହାତକୁ ନେବା ପାଇଁ ପଡ଼ିବ, ଯାହାର କି ଶ୍ରମିକ ଶ୍ରେଣୀ ପ୍ରତି ଏକ ସୁସ୍ଥ ପ୍ରଭାବ ପଡ଼ିବ । ପରିବର୍ତ୍ତିତ ସମାଜର ଯୋଜନା କାର୍ଯ୍ୟକ୍ରମରେ ଶ୍ରମିକ ସଂସ୍ଥାଗୁଡ଼ିକ ଶ୍ରମ ମଙ୍ଗଳ ଏବଂ ସାମାଜିକ ନ୍ୟାୟ ପ୍ରତିଷ୍ଠାରେ ନିଜକୁ ନିୟୋଜିତ କରିବା ଉଚିତ । ଯଦି ଶ୍ରମିକ ସଙ୍ଗଠନ ଓ ପରିଚାଳନା କର୍ତ୍ତୃପକ୍ଷ କଲ୍ୟାଣକାରୀ କାର୍ଯ୍ୟକ୍ରମ କରିବାକୁ ଅକ୍ଷମ ହୁଅନ୍ତି ।ତେବେ ଆମର ଶିଳ୍ପ ବିକାଶ ଆଦୌ ବିକଶିତ ହୋଇପାରିବ ନାହିଁ ।

## ଔଦ୍ୟୋଗିକ ଅନୁପସ୍ଥିତି

### (୧) ଅନୁପସ୍ଥିତିର ସଂଜ୍ଞା

ଶିଳ୍ପାନୁଷ୍ଠାନମାନଙ୍କରେ "ଅନୁପସ୍ଥିତି" ଏକ ସର୍ବବ୍ୟାପୀ ସମସ୍ୟା ରୂପେ ଆଜି ଆମ ଆଗରେ ଦେଖା ଦେଇଛି । ତେଣୁ ବର୍ତ୍ତମାନ ଏହି ଅନୁପସ୍ଥିତିର କାରଣ/ପରିମାଣ ଏବଂ ପ୍ରତିକାର ସମ୍ବନ୍ଧରେ ଆଲୋଚନା କଲେ, ଶିଳ୍ପାନୁଷ୍ଠାନ ଉପରେ ଏହାର ପ୍ରଭାବ କି ପ୍ରକାର ତାହା ସ୍ପଷ୍ଟ ଭାବେ ଜାଣିହେବ । ଅନୁପସ୍ଥିତିର ସଂଜ୍ଞା ହେଉଛି – "ସମୁଦାୟ ଶ୍ରମିକଙ୍କର ଅନୁପସ୍ଥିତି ଶତକଡ଼ା ହିସାବରେ ସମୁଦାୟ ଶ୍ରମିକଙ୍କର ଉପସ୍ଥିତିର ପ୍ରକାଶ ଅଟେ ।" (Total number of 1workers absent as expressed in the percentage of the total number workers present). ଆମ ଅନୁସନ୍ଧାନ କମିଟିର ରିପୋର୍ଟ ଅନୁଯାୟୀ "ଯେତେବେଳେ ଗୋଟିଏ ଶ୍ରମିକ କିମ୍ବା କେତେଗୁଡ଼ିଏ ଶ୍ରମିକ ଏକାଧିକକ୍ରମେ ବହୁ ସମୟ ଏବଂ ଅଳ୍ପ ସମୟ ପର୍ଯ୍ୟନ୍ତ (Continuously for long period repeatedly for short period) ଅନୁପସ୍ଥିତ ରହେ, ତାହାକୁ ଅନୁପସ୍ଥିତି (Absentism) ବୋଲି ବୁଝାଯାଇଥାଏ । ଏଥିରେ ମଧ୍ୟବିନାନୁମତିରେ ଅନୁପସ୍ଥିତ ଥିବା ଶ୍ରମିକ ଅନ୍ତର୍ଭୁକ୍ତ ।"

### (୨) ଅନୁପସ୍ଥିତିର କାରଣ

ଭାରତୀୟ ଶ୍ରମ ଦପ୍ତର (Labour Bureau) ଦ୍ୱାରା ସଂଗୃହିତ ହିସାବ ଅନୁସାରେ ଅନୁପସ୍ଥିତିର କାରଣମାନ ଯଥାକ୍ରମେ ହେଉଛି – ବେମାରୀ, ଦୁର୍ଘଟଣା, ନିର୍ଦ୍ଧାରିତ ଛୁଟି ଛଡ଼ା ଅଧିକା ଛୁଟି ଏବଂ ସାମାଜିକ ଓ ଧର୍ମ ସମ୍ବନ୍ଧୀୟ କାରଣ । ଉପର୍ଯ୍ୟୁକ୍ତ କାରଣମାନଙ୍କ ଛଡ଼ା ଆହୁରି ମଧ୍ୟ କେତେକ କାରଣ ଅଛି । ସେଗୁଡ଼ିକ ହେଲା–

(୧) ଯଦି ଗୋଟିଏ ଦକ୍ଷ ଶ୍ରମିକ ତାହାର କୃତିତ୍ୱ ଦେଖାଇବାର ସୁବିଧା ପାଏ ନାହିଁ, ତେବେ ସେ ଛୁଟି ନିଏ ।

(୨) ଅଳ୍ପ ମଜୁରୀଜନିତ ଅସନ୍ତୋଷ ।

(୩) ଆଳସ୍ୟ କିମ୍ବା ବିଳାସ ପ୍ରିୟତା ।

(୪) ପାରିବାରିକ କାରଣଜନିତ ବ୍ୟକ୍ତିଗତ ଅସୁବିଧା ଓ ଦାୟିତ୍ୱ ।

(୫) ଶରୀରର ଅସୁସ୍ଥତା କିମ୍ବା ବୃତ୍ତିଜନିତ ରୋଗ ଯୋଗୁଁ ଶାରୀରିକ ଅକ୍ଷମତା ।

(୬) ଅଧିକ ସମୟ କାର୍ଯ୍ୟ ଯେତେବେଳେ ଅତ୍ୟଧିକ ହୁଏ ।

(୭) ଶ୍ରମିକମାନେ ସାଧାରଣତଃ ରାତି ପାଳି (Night shift)ରେ ଅନୁପସ୍ଥିତ ରହନ୍ତି ।

(୮) ଶ୍ରମିକମାନେ ସାଧାରଣତଃ ମଜୁରୀ ଦିବସ (Pay day) ପରଦିନ ଅନୁପସ୍ଥିତ ରହନ୍ତି । ନିଜକୁ କିଛି ସମୟ ପାଇଁ ମଉଜମଜଲିସ୍‌ରେ ହଜେଇ ଦେବା ପାଇଁ । ଶିଳ୍ପ ମନସ୍ତତ୍ତ୍ୱବିଦ୍‌ମାନଙ୍କ ମତରେ ଏହାର କାରଣ ହେଉଛି ଯେ ଶ୍ରମିକମାନେ ବାହାରେ ଆମୋଦ ପ୍ରମୋଦ କରିବାକୁ ଭଲପାଆନ୍ତି ଏବଂ କାରଖାନାମାନଙ୍କରେ ଏ ସବୁ ଜିନିଷ ନିଜ ମନମୁତାବକ ପାଇ ପାରନ୍ତି ନାହିଁ ।

(୯) ରୋଗଜନିତ ଅନୁପସ୍ଥିତିର ହିସାବରେ ମଧ୍ୟ ନକଲି ଏବଂ ମିଛ ଅସୁସ୍ଥତା ନିହିତ ଖବର ଜଣାଯାଏ । ପ୍ରକୃତ ଏବଂ କଥିତ ଅସୁସ୍ଥତା ମଧ୍ୟରେ ପ୍ରଭେଦ ହେଉଛି ଯେ, ଏହା କେବଳ ପ୍ରତିବେଦିତ ମାମଲା । ସ୍ୱାସ୍ଥ୍ୟ ସମ୍ପର୍କୀୟ ଅନୁସନ୍ଧାନ ଅଧିକାଂଶ ଦୃଷ୍ଟି କାରବାର ଅନୁଷ୍ଠାନ ଦ୍ୱାରା ଗ୍ରହଣ କରାହେଉ ନାହିଁ । ବରଂ ଶ୍ରମିକମାନେ ଏଇପରି ମିଥ୍ୟା ବିବରଣୀ ଦେବା ଦ୍ୱାରା, ଯଦି କିଛି ସୁବିଧା ହାସଲ କରନ୍ତି । ତା'ହେଲେ ସେମାନେ ସେପରି କରିବାକୁ କୁଣ୍ଠାବୋଧ କରନ୍ତି ନାହିଁ । ଆଉ ମଧ୍ୟ ଶ୍ରମିକମାନେ ଯେତେବେଳେ ଅନୁପସ୍ଥିତ ରହିବାର କୌଣସି ଯୁକ୍ତିଯୁକ୍ତ ସୁବିଧା ନପାଆନ୍ତି, ସେମାନେ ବେମାରୀ ଛୁଟି ମାଗନ୍ତି । ଶ୍ରମିକମାନେ ଯେତେବେଳେ ଜାଣିକରି ଅନ୍ୟାନ୍ୟ କାରଣରେ ଏବଂ ବିନା ଦରମାରେ ଅନୁପସ୍ଥିତ ରହନ୍ତି ସେତେବେଳେ ଜଣାପଡ଼େ ଯେ ସେମାନେ କାରଖାନାର ଅସମ୍ମତିମୂଳକ ଏବଂ ଅସୁବିଧାଜନକ କାର୍ଯ୍ୟ ଏବଂ କାର୍ଯ୍ୟ ବାୟୁମଣ୍ଡଳରୁ ଅବ୍ୟାହତି ପାଇବାକୁ ଚାହାନ୍ତି । ଆହୁରି ମଧ୍ୟ ଏହାଦ୍ୱାରା ଜଣାପଡ଼େ ଯେ ଶ୍ରମିକମାନେ ତାଙ୍କର ଚାକିରି ବାବଦରେ ନିହାତି ଅସନ୍ତୁଷ୍ଟ ଥାଇପାରନ୍ତି ।

### (୩) ଅନୁପସ୍ଥିତିର ହ୍ରାସ ଓ ନିୟନ୍ତ୍ରଣ କରିବାର କେତୋଟି ଉପାୟ ।

(୧) ଆର୍ଥିକ ଓ ସ୍ୱାଧୀକାର ଦଣ୍ଡ ।

(୨) ମଜୁରୀ କାଟ ।

(୩) ପଦୋନ୍ନତି ଓ ଚାକିରିରେ ତଳକୁ ଖସାଇଦେବା ।

(୪) ଚାକିରି ବହିରେ ପ୍ରତିକୂଳ ମନ୍ତବ୍ୟ ପ୍ରକାଶ ।

(୫) ଆର୍ଥିକ ସାହାଯ୍ୟ ।

(୬) ଶ୍ରମିକଙ୍କର ଉପସ୍ଥିତ ରହିବାକୁ ପ୍ରେରଣା ଓ ଉତ୍ସାହ ଦ୍ୱାରା ଏବଂ ପୁରସ୍କାର ଦ୍ୱାରା ସୃଷ୍ଟି କରାଯାଇ ପାରିବ ।

(୭) ଉତ୍ତମ କାର୍ଯ୍ୟାବସ୍ଥାର ସୁବ୍ୟବସ୍ଥା ।

(୮) ଶିଳ୍ପାନୁଷ୍ଠାନରେ ମାନବିକ କୌଶଳପୂର୍ଣ୍ଣ ନିୟୋଜନ ଦ୍ୱାରା ଅନୁପସ୍ଥିତି ନିୟନ୍ତ୍ରଣ କରାଯାଇ ପାରିବ ।

(୯) ଉପଯୁକ୍ତ କେତେକ ସୁବ୍ୟବସ୍ଥା, ଯଥା–(କ) ବସବାସ ପାଇଁ ଉତ୍ତମ ଗୃହ ଯୋଗାଣ, (ଖ) ଶିଶୁ ସଦନ ପ୍ରତିଷ୍ଠା, (ଗ) ଆମୋଦ ପ୍ରମୋଦ ସୁବିଧା (Recreational facilities) ପ୍ରଭୃତି ଯୋଗାଣରେ ଅନୁପସ୍ଥିତି କିଛିକାଂଶରେ କମାଇ ଦିଆଯାଇ ପାରିବ ।

(୧୦) ପରିଶେଷରେ ଶିଳ୍ପାନୁଷ୍ଠାନମାନଙ୍କରେ ଶ୍ରମିକମାନଙ୍କର ଗଣତାନ୍ତ୍ରିକ ସହଯୋଗ, ଶିଳ୍ପାନୁପସ୍ଥିତି (Industrial absentism) କମାଇବାରେ ସାହାଯ୍ୟ କରେ ।



PRINTED AT ORISSA GOVERNMENT PRESS, CUTTACK-10






ଜିରିଦିପୁରଠାରେ ବାଳକୃଷ୍ଣ କରଙ୍କର ଶ୍ରାଦ୍ଧ ଉତ୍ସବ

Vol. XLV No.5 UTKAL PRASANGA Regd. No. O-05/89
Licence No. C.R.N.P. 5-Licenced to post without Pre-Payment





" ଫୁଲ ଚାହେଁ ନାହିଁ ଫସଲ ଆଡି ମୁଁ ଚାହେଁ "